# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୧୮/୨୦୨୩ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 18/2023 Page 20 ₹ 7.00

୪୯ଶ ଭାଗ ୩୫୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 352 ମୂଲ୍ୟ₹୭/-






KP GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Saffron Blended
KP GROUP
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: f YouTube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୧୮/୨୦୨୩ Bhubaneswar, Saturday, November 18/2023




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତିରିଲା ବୁଦ୍ଧିରେ
ମହାପ୍ରଭୁ ଖଣ୍ଡିଆ।**

ମହାରାଣୀ ଗୁଣ୍ଡିଚାଙ୍କ ପରାମର୍ଶ ଅନୁଯାୟୀ ରୁଦ୍ଧ ମନ୍ଦିରର ଦ୍ୱାର ଖୋଲାଯିବା ଯୋଗୁ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ଅଧାଗଢ଼ା ମୂର୍ତ୍ତି ହୋଇଥିବା କିମ୍ବଦନ୍ତୀରୁ ଜଣାଯାଏ। ଏହି ଅର୍ଥରେ ଏଠାରେ ସ୍ତ୍ରୀଲୋକର ବୁଦ୍ଧି ବା ପରାମର୍ଶ ପ୍ରତି ସନ୍ଦେହ ପ୍ରକାଶ କରିବା ସହ ସମାଲୋଚନା କରାଯାଇଛି।

**ତତା ଖଡିକା, ଦେ ଚିଆଁ;
ଏଥିପାଇଁ ହାଟ ବସିଛି କିଆଁ।**

ଦୁଷ୍ଟ ବା ଖଳ ପ୍ରକୃତିର ବ୍ୟକ୍ତି ସହଜରେ ସିଧା ବାଟକୁ ଆସି ନ ଥାନ୍ତି। ଭୁଲ୍ ରାସ୍ତାରୁ ଠିକ ବାଟକୁ ଆଣିବା ପାଇଁ ତାଙ୍କ ପକ୍ଷେ ଶାରୀରିକ ଦଣ୍ଡ ଏକାନ୍ତ କାମ୍ୟ ବା ଅମୋଘ ଅସ୍ତ୍ର ହୋଇଥାଏ। ଆଗକାଳରେ ଦୋଷୀ ମୁହଁରୁ ସତ କଥା ଜାଣିବା ପାଇଁ ଲୁହାଖଡ଼ିକାକୁ ନିଆଁରେ ତତାଇ ଦୋଷୀ ବ୍ୟକ୍ତିଙ୍କୁ ଚିଆଁ ବା ଚେଙ୍କ ଦିଆଯାଉଥିଲା। ଫଳସ୍ୱରୂପ ଦୋଷୀ ନିଜ ଦୋଷ ସ୍ୱୀକାର କରିନେବା ସହ ପୁନରାୟ ସେଭଳି ଭୁଲ୍ କରିବାକୁ ସାହସ କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ସୁନ୍ଦରଗଡ଼ରେ ହେବ ୨ ନଦୀଗର୍ଭ ଜଳାଶୟ

ଭୁବନେଶ୍ୱର,୧୭।୧୧
(ଅନିଲ ଦାସ)

**ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ**

- ୩୮୬.୨୫ କୋଟି ଟଙ୍କା ମଞ୍ଜୁର
- ଇବ୍ ନଦୀରେ ଭଷ୍ମା ପ୍ରକଳ୍ପ ପାଇଁ ୨୬୨.୫୦ କୋଟି
- ସପେଇ ନଦୀରେ ଫୁଲବାରି ପ୍ରକଳ୍ପ ପାଇଁ ୧୨୩.୭୫ କୋଟି
- ୫ ବ୍ଲକର ଜନସାଧାରଣ ଉପକୃତ ହେବେ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ଜିଲା ପାଇଁ ୨ଟି ନଦୀଗର୍ଭ ଜଳାଶୟ ପ୍ରକଳ୍ପ(ଇନ୍‌ଷ୍ଟ୍ରିମ ଷ୍ଟୋରେଜ ପ୍ରୋଜେକ୍ଟ ଷ୍ଟ୍ରକ୍ଚର)କୁ ଅନୁମୋଦନ କରିଛନ୍ତି। ଏହି ୨ଟି ପ୍ରକଳ୍ପ ପାଇଁ ସେ ୩୮୬.୨୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଦୁଇଟି ପ୍ରକଳ୍ପ ହେଲା ଇବ୍ ନଦୀରେ ଭଷ୍ମା ନଦୀଗର୍ଭ ଜଳାଶୟ ପ୍ରକଳ୍ପ ଓ ସପେଇ ନଦୀରେ ଫୁଲବାରି ନଦୀଗର୍ଭ ଜଳାଶୟ ପ୍ରକଳ୍ପ। ଭଷ୍ମା ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୨୬୨.୫୦ କୋଟି ଏବଂ ଫୁଲବାରି ପ୍ରକଳ୍ପ ପାଇଁ ୧୨୩.୭୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ସୁନ୍ଦରଗଡ଼ ଜିଲା ଗସ୍ତ କରିଥିଲେ ଏବଂ ଜନସାଧାରଣଙ୍କଠାରୁ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ଲୋକଙ୍କ ପ୍ରସ୍ତାବ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏହି ୨ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ୫ଟି ବ୍ଲକର ଲୋକ ଉପକୃତ ହେବେ। ଭୂତଳ ଜଳ ସ୍ତର ବୃଦ୍ଧି ହେବା ସହିତ ପାନୀୟ ଜଳ ପ୍ରକଳ୍ପ, ମାଛ ଚାଷ, ପଶୁପାଳନ ଆଦି କ୍ଷେତ୍ରରେ ବିଶେଷ ସହାୟକ ହେବ। ଭଷ୍ମା ପ୍ରକଳ୍ପ ଦ୍ୱାରା ଟାଙ୍ଗରାପଲି, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ବ୍ଲକ ଜନସାଧାରଣ ଉପକୃତ ହେବାକୁଥିବାବେଳେ ଫୁଲବାରି ପ୍ରକଳ୍ପ ଦ୍ୱାରା ବଡ଼ଗାଁ ଓ ବାମରା ବ୍ଲକ ଜନସାଧାରଣ ଉପକାର ପାଇବେ।

# ୮ ରୂପାନ୍ତରଣକାରୀ ପ୍ରକଳ୍ପକୁ ଅନୁମୋଦନ




**ଏସ୍ଏଲ୍ଏସ୍‌ଡବ୍ଲ୍ୟୁସିଏ ବୈଠକ**

ଭୁବନେଶ୍ୱର, ୧୭।୧୧(ସୁନିତ୍ ମିଶ୍ର)

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ୧୨୪ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍ଏଲ୍ଏସ୍‌ଡବ୍ଲ୍ୟୁସିଏ) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩୯୭.୧୮ କୋଟି ଟଙ୍କାର ୮ଟି ରୂପାନ୍ତରଣକାରୀ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ୬ ଜିଲାରେ ଏହିସବୁ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ପ୍ଲାଷ୍ଟିକ୍ କ୍ଷେତ୍ରରେ ସିଣ୍ଟେକ୍ସ ବିଏପିଏଲ୍ ଲିମିଟେଡ୍ ସିପିଭିସି, ୟୁପିଭିସି, ଏସ୍‌ଡବ୍ଲ୍ୟୁଆର୍,ଏଗ୍ରି ପାଇପ୍, ପିଭିସି ଫିଟିଂ ଏବଂ ପ୍ଲାଷ୍ଟିକ୍ ଟାଙ୍କିର ବାର୍ଷିକ ୩୭,୫୨୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ନିମନ୍ତେ ୪୭୯.୪୭ କୋଟି ଟଙ୍କା ବିନିଯୋଗ କରିବ। ଏହାଦ୍ୱାରା ସମ୍ବଲପୁରରେ ୧୦୦୦ ଜଣଙ୍କୁ ନିଯୁକ୍ତି ମିଳିବ। ଏହାସହ ପିଭିସି ଓ ସିପିଭିସି ପାଇପ୍ ଉତ୍ପାଦନ ୟୁନିଟ୍ ସ୍ଥାପନ ପାଇଁ ଏଚ୍ଆଇଏଲ୍ ଇଣ୍ଡିଆ ୨୫୦ କୋଟି ଟଙ୍କା ବିନିଯୋଗ କରିବ। ଏହାଦ୍ୱାରା ୨୭୫ ଲୋକଙ୍କ ପାଇଁ ନିଯୁକ୍ତି ସୁବିଧା ସୃଷ୍ଟି ହେବ। ସେହିପରି ମେଗା ଫ୍ଲେକ୍ସ ପ୍ଲାଷ୍ଟିକ୍ ଲିମିଟେଡ୍ ପ୍ଲାଷ୍ଟିକ୍ କଣ୍ଟେନର, ଲେନୋ ବ୍ୟାଗ୍, ପିପି ୱେନ୍ ବ୍ୟାଗ୍, ପିପି ୱେନ୍ ଫେବ୍ରିକ୍ସ ଆଣ୍ଡ କୋରଗେଟେଡ୍ ବକ୍ସ ପାଇଁ ୬୨.୩୮ କୋଟି ଟଙ୍କା ବିନିଯୋଗରେ ୯୬୦୦ ମେଟ୍ରିକ୍ ଟନ୍ ବାର୍ଷିକ କ୍ଷମତା ବିଶିଷ୍ଟ ଏହାର ଉତ୍ପାଦନ ୟୁନିଟ୍ ଖୋର୍ଦ୍ଧାରେ କରିବ। ଏହି ଉଦ୍ୟୋଗ ୩୮୨ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସାନ୍ଧୁ ଟ୍ୟୁବ୍ ପ୍ରାଇଭେଟ୍ ଲିମିଟେଡ୍ ଓ କେଏଆଇ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍ ଭଳି ଉଲ୍ଲେଖନୀୟ କମ୍ପାନୀଗୁଡ଼ିକର ପୁଞ୍ଜିନିବେଶ ଯୋଗୁ ଇସ୍ପାତ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ଯାଜପୁର ଓ ସୁନ୍ଦରଗଡ଼ ଭଳି ଅଞ୍ଚଳରେ ଏହି ଦୁଇ କମ୍ପାନୀ ପ୍ରାୟ ୧୮୮.୯୮ କୋଟି ଟଙ୍କା ନିବେଶ କରିଛନ୍ତି। ଡାଉନ୍ ଷ୍ଟ୍ରିମ୍ କ୍ଷେତ୍ରରେ ଏହି ପୁଞ୍ଜିନିବେଶ ରାଜ୍ୟର ୪୦୩ରୁ ଅଧିକ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବ। ବିଶେଷକରି ସମ୍ବଲପୁରରେ ଏକ ହ୍ୱାଇଟ୍ ଫ୍ୟୁଜ୍ ଆଲୁମିନା ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଆଲୁମିନିୟମ କ୍ଷେତ୍ରରେ ୨୪୧.୦୫ କୋଟି ଟଙ୍କା ନିବେଶ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ନିବେଶ ଦ୍ୱାରା ୨୧୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆଇଟି ଶିଳ୍ପରେ ଅନୁଜ ଅଟୋଗ୍ରାଫ୍ ବିଜ୍‌ନେସ୍ ପାର୍କ ଖୋର୍ଦ୍ଧାରେ ୧୦୫.୩ କୋଟି ଟଙ୍କା ନିବେଶ କରିବ। ଏହାଦ୍ୱାରା ୩୦୦ ନିଯୁକ୍ତି ସମ୍ଭାବନା ସହ ଏକ ଆଇଟି ପାର୍କ ସ୍ଥାପନ କରୁଛି। କୃଷି ଶିଳ୍ପ କ୍ଷେତ୍ରରେ ଜିଜିଏଲ୍ ଚାଲେଟ୍ ପ୍ରାଇଭେଟ୍ ଲିମିଟେଡ୍ କୋରାପୁଟରେ ଭେନିର(ବାର୍ଷିକ ୨,୫୦,୦୦,୦୦୦ ଏସ୍ କ୍ୟୁଏମ୍), ପ୍ଲାଇ ବୋର୍ଡ ଏବଂ ପାର୍ଟିକଲ୍ ବୋର୍ଡ (ବାର୍ଷିକ ୫,୦୦,୦୦୦ ଏସ୍‌କ୍ୟୁଏମ୍) ଏବଂ ବାୟୋମାସ୍ ପେଲେଟ୍ (୧୦,୦୦,୦୦୦ ଏମ୍‌ଟିପିଏ) ଉତ୍ପାଦନ ୟୁନିଟ୍‌ରେ ୭୦ କୋଟି ଟଙ୍କା ନିବେଶ କରିବେ। ଏ ସମସ୍ତ ୟୁନିଟ୍‌ରେ ପ୍ରାୟ ୨୯୦ ମିଳିତ ନିଯୁକ୍ତି ସୃଷ୍ଟି ସମ୍ଭାବନା ରହିଥିବା ସୂଚନା ଦିଆଯାଇଛି।

# ବିଶ୍ୱସ୍ତରୀୟ ହେବ ନନ୍ଦନକାନନ: ଜଙ୍ଗଲ ମନ୍ତ୍ରୀ


ନନ୍ଦନକାନନରେ ଲୋକାର୍ପିତ ହୋଇଥିବା ରୋପ୍‌ୱେ।


ମନ୍ତ୍ରୀ ପ୍ରଦୀପ କୁମାର ଅମାତ 'ରୋପ୍‌ୱେ'ର ଲୋକାର୍ପଣ କରୁଛନ୍ତି।

## ରୋପ୍‌ୱେ ଲୋକାର୍ପିତ, ୧୩ବର୍ଷ ପରେ ଚାଲିଲା

ବାରଙ୍ଗ,୧୭।୧୧
(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ସଂଯୋଗ କରୁଥିବା ବହୁ ପ୍ରତୀକ୍ଷିତ 'ରୋପ୍‌ୱେ' ପୁଣିଥରେ ଆରମ୍ଭ ହୋଇଛି। ଶୁକ୍ରବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହାକୁ ଉଦ୍‌ଘାଟନ କରିଛନ୍ତି। ୧୩ବର୍ଷ ପରେ ଶନିବାରଠାରୁ ପର୍ଯ୍ୟଟକ ଏହାର ମଜା ଉଠାଇବେ। ତେବେ ଲୋକାର୍ପଣ ପରେ ମନ୍ତ୍ରୀ ପ୍ରଥମେ ରୋପ୍‌ୱେରେ ବସି ମଜା ନେଇଥିଲେ। ମନ୍ତ୍ରୀଙ୍କ ସହିତ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଓ ଜଙ୍ଗଲ ବିଭାଗର ବରିଷ୍ଠ ଅଧିକାରୀମାନେ ରୋପ୍‌ୱେରେ ବସିଥିଲେ। ଏହି ଅବସରରେ ମନ୍ତ୍ରୀ ଅମାତ କହିଲେ, ମୁଖ୍ୟମନ୍ତ୍ରୀ ରାଜ୍ୟର ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି। ଏଥିପାଇଁ ରାଜ୍ୟ ସରକାର 'ଆମ ଓଡ଼ିଶା ନବୀନ ଓଡ଼ିଶା' ଏବଂ ୫-ଟି ଯୋଜନାରେ ନନ୍ଦନକାନନକୁ ବିଶ୍ୱସ୍ତରୀୟ କରିବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ବିଶ୍ୱସ୍ତରୀୟ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି।

୧୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂତନ ଜ୍ଞାନକୌଶଳରେ ଆରମ୍ଭ ହୋଇଥିବା ଏହି ରୋପ୍‌ୱେ କାଞ୍ଜିଆ ହ୍ରଦ ଉପର ଦେଇ ଯିବ। ରୋପ୍‌ୱେରେ ବୁଲିବା ସମୟରେ ପର୍ଯ୍ୟଟକମାନେ ହ୍ରଦର ପ୍ରାକୃତିକ ପରିବେଶକୁ ଉପଭୋଗ ସହିତ ରାଜ୍ୟ ଉଦ୍ଭିଦ ଉଦ୍ୟାନର ବିଭିନ୍ନ ପ୍ରଜାତିର ଫୁଲବଗିଚା ଦେଖିପାରିବେ। ଏହି ରୋପ୍‌ୱେର ଲମ୍ବ ୬୨୬ ମିଟର ରହିଥିବାବେଳେ ପର୍ଯ୍ୟଟକଙ୍କ ପାଇଁ ଜଣକ ପିଛା ଟିକେଟ ମୂଲ୍ୟ ୧୨୦ ଟଙ୍କା ରହିଛି। ଏହାର ଟିକେଟ କାଉଣ୍ଟର ନନ୍ଦନକାନନ ଏବଂ ରାଜ୍ୟଉଦ୍ଭିଦ ଉଦ୍ୟାନ ପାଖରେ ରହିଛି। ନନ୍ଦନକାନନରେ ପ୍ରଥମେ ରାଜ୍ୟ ସରକାର ୧୯୮୮ରେ ରୋପ୍‌ୱେ ନିର୍ମାଣ ପାଇଁ ଭୂମି ପୂଜନ କରିଥିଲେ। ୧୯୯୪ ଅକ୍ଟୋବର ୧୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବା ପରେ ପର୍ଯ୍ୟଟକମାନେ ରୋପ୍‌ୱେର ମଜା ଉଠାଇଥିଲେ। ତେବେ ରୋପ୍‌ୱେରେ ବାରମ୍ବାର ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ନନ୍ଦନକାନନ କର୍ତ୍ତୃପକ୍ଷ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ୨୦୧୧୦ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଘୋଷଣା କରିଥିଲେ। ୨୦୨୧ ଅକ୍ଟୋବର ୮ରେ ୬୭ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ପୁନଃ ଚଳାଚଳ ପାଇଁ ନନ୍ଦନକାନନ ପକ୍ଷରୁ ଦାମୋଦର ରୋପ୍‌ୱେ ଇନ୍‌ଫ୍ରା ଲିମିଟେଡ୍ ସହ ଚୁକ୍ତିନାମା ହୋଇଥିଲା। ପିପିପି ମୋଡ୍‌ରେ ଏହି ଘରୋଇ ସଂସ୍ଥା ରୋପ୍‌ୱେ ପରିଚାଳନା କରିବ। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ(ପିସିସିଏଫ୍) ସୁଶାନ୍ତ ନନ୍ଦ, ନନ୍ଦନକାନନର ପୂର୍ବତନ ଉପନିର୍ଦ୍ଦେଶକ ଡା. ସଞ୍ଜିତ କୁମାର, ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭି ନାୟାର, ଉପନିର୍ଦ୍ଦେଶକ ସନତ୍ କୁମାର ନାରାୟଣଙ୍କ ସମେତ ଜଙ୍ଗଲ ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ଉତ୍ସବକୁ ନନ୍ଦନକାନନ ପର୍ଯ୍ୟଟକ ପରିଚାଳନା ସହକାରୀ ବନ ସଂରକ୍ଷକ ଶରତ ସାହୁ, ଜନ୍ତୁ କ୍ୟୁରେଟର ଡା. ରଶ୍ମିରଞ୍ଜନ ସ୍ୱାଇଁ, ରେଞ୍ଜର ସରୋଜ ପଣ୍ଡା, ଜୟକୃଷ୍ଣ ନାୟକ, ଜି. ଏଫ୍. ଖାନ, ରଞ୍ଜିତ୍ ମହାନ୍ତି, ରୋପ୍‌ୱେର ମୁଖ୍ୟ ପରିଚାଳକ ମହେଶ ମହୋତା ପ୍ରମୁଖ ପରିଚାଳନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ନିର୍ମାଣାଧୀନ କାମରେ, ଯୋଗାଯୋଗ, ବ୍ୟବସାୟିକ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର ହେବ। ପୁରୁଣା ଦିନର ରାଗ ଶୁଝାଇବାକୁ ଯାଇ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଆବଶ୍ୟକତା ପୂରଣ ସକାଶେ କରଜ କରିପାରନ୍ତି।

**ବୃଷ** ଆଜି ଦିନଟିରେ ପ୍ରତ୍ୟେକ କ୍ଷେତ୍ରରେ କିଛି ନା କିଛି ସମସ୍ୟା ଲାଗି ରହିବ। ଅବଶ୍ୟ ଶିଳ୍ପ, ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଓ ଅଟକି ରହିଥିବା କାମକୁ ଶେଷ କରିପାରିବେ। ଅର୍ଥ ସାହାଯ୍ୟ ଲାଭକରି ଅଟକି ଯାଉଥିବା କାମକୁ ଅଗ୍ରଗାମୀ କରାଇବାରେ ସାହାଯ୍ୟ କରିବ।

**ମିଥୁନ** ସମସ୍ୟା ଲାଗି ରହିଥିଲେ ମଧ୍ୟ କାମଗୁଡ଼ିକୁ ସମ୍ପନ୍ନ କରିବେ। ବିବାଦୀୟ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ବ୍ୟବସାୟରେ ସମସ୍ୟା ବଡ଼ ଆକାର ଧାରଣ କରିବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟଗତ ସମସ୍ୟା ସମାଧାନ ସକାଶେ ଅନ୍ୟର ପରାମର୍ଶକୁ ଗ୍ରହଣ କରିବାକୁ ଶ୍ରେୟସ୍କର ମନେକରିବେ।

**କର୍କଟ** ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି କାମ କରିବା ଦ୍ୱାରା ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପାରିବାରିକ କଳହକୁ କେନ୍ଦ୍ରକରି ଭାବପ୍ରବଣତା ବୃଦ୍ଧି ପାଇବ। ବ୍ୟବସାୟ କ୍ଷେତ୍ରରେ, ପରିବହନରେ କିମ୍ବା ମାଲିମକଦ୍ଦମାରେ ସଫଳତା ପାଇବେ।

**ସିଂହ** ଆଜି ପୂର୍ବ ନିର୍ଦ୍ଧାରିତ କାମ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ମଧ୍ୟରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆର୍ଥିକ ଅନଟନକୁ ଦୂରେଇବାରେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ହୋଟେଲ ଶିଳ୍ପ, ଲୌହ, ଷ୍ଟେସନାରୀ ବ୍ୟବସାୟରେ ଲାଭବାନ୍ ହେବେ।

**କନ୍ୟା** ମନରେ ଧୈର୍ଯ୍ୟ ଓ ସାହସ ଭରପୂର ରହିଥିବା କାରଣରୁ ଆଜି କୌଣସି ସମସ୍ୟା ଆପଣଙ୍କୁ ବିଚଳିତ କରିପାରିବ ନାହିଁ। କଳା, ସାହିତ୍ୟ, ସାମ୍ବାଦିକତା ଓ ସଭା ସମିତିରେ ସମସ୍ୟା ସମାଧାନ ସକାଶେ ସମର୍ଥ ହେବେ। କିଛି ଶୁଭ ଖବର ପାଇ ମନରେ ଲୁଚିଥିବା ଦୁଃଖ ଓ ନୈରାଶ୍ୟକୁ ପାସୋରି ଦେଇପାରନ୍ତି।

**ତୁଳା** ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ନିଶ୍ଚିତ ସଫଳତା ଅର୍ଜନ କରିବେ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସାମାନ୍ୟ ଝଟକା ଲାଗିପାରେ। କେତେକ କ୍ଷେତ୍ରରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ପରିବାରରେ ମତପାର୍ଥକ୍ୟଜନିତ ଅଶାନ୍ତି ଦେଖା ଦେଇପାରେ।

**ବିଛା** କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଯାତ୍ରା କାଳରେ କୌଣସି ଦରକାରୀ ଜିନିଷ ଘରେ ଛାଡ଼ି ଦେଇପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତରୁ ଉପକୃତ ହେବେ।

**ଧନୁ** ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ହେତୁ ମନୋବଳ ହ୍ରାସ ପାଇବ। ଶିଳ୍ପ, ବାଣିଜ୍ୟ ତଥା ପରିବହନ କ୍ଷେତ୍ରର ସ୍ଥଗିତ କାମକୁ ପୂରା କରିବେ। ରଚନାତ୍ମକ କାର୍ଯ୍ୟ, ଆଲୋଚନା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର** ବନ୍ଧୁଙ୍କ ପରାମର୍ଶ କ୍ରମେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିପାରନ୍ତି। ବିବାଦୀୟ ଘଟଣା ଅମୀମାଂସିତ ରହିବା କାରଣରୁ ମାନସିକ ଯନ୍ତ୍ରଣା ପାଇବେ। ସହକର୍ମୀଙ୍କ ଆଗମନକୁ ଅପେକ୍ଷା କରିବା ହେତୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରିବେ, ଯଦ୍ଦ୍ୱାରାକି ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବେ। ପଡ଼ୋଶୀ ସହାନୁଭୂତି ପ୍ରଦର୍ଶନ କରିବେ। ପାରସ୍ପରିକ ସହାନୁଭୂତି ମାଧ୍ୟମରେ ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ଚେଷ୍ଟା କରୁଥିବା କାମରେ, କଚେରି ମାମଲାରେ, ଜମିଜମା ବିବାଦରେ, ଉପକୃତ ହେବେ।

**ମୀନ** ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମ ସମ୍ପନ୍ନରେ ଅସୁବିଧା ହେବ ନାହିଁ। ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି,ଫଳରେ ମାନସିକ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନାକୁ ଏଡି ହେବ ନାହିଁ। ଦୋକାନବାଡି, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି, ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ।

ଆଜି କାର୍ତ୍ତିକ ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ, ଶନିବାର, ନଭେମ୍ବର ୧୮ ତାରିଖ, ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୨୮ ଗତେ ଘ.୦୮।୪୫ ମଧ୍ୟେ, ଘ.୧୧।୫୩ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୫ ଗତେ ଘ.୧୦।୦୮ ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୧୮/୨୦୨୩ | Bhubaneswar, Saturday, November 18/2023 | ପୃଷ୍ଠା-୧




**ଗୀତ ଶୁଟ୍ ପାଇଁ ୨ ଦିନ ପାଣି ପିଇ ନ ଥିଲେ**

ଅଭିନେତା ଶାହରୁଖ୍ ଖାନ୍ ଫିଲ୍ମ 'ଓମ୍ ଶାନ୍ତି ଓମ୍'ର ଗୀତ 'ଦର୍ଦ- ଇ- ଡିସ୍‌କୋ' ଶୁଟିଂ ପାଇଁ ୨ ଦିନ ପର୍ଯ୍ୟନ୍ତ ପାଣି ପିଇ ନ ଥିବା ନିର୍ଦ୍ଦେଶକ ଫରହାନ୍ ଖାନ୍ ଏକ ସାକ୍ଷାତ୍‌କାରରେ କହିଛନ୍ତି।

୦୯

୧୬

**ସ୍ଥାପନ ହେବ କୋହଲିଙ୍କ ମହମ ପ୍ରତିମୂର୍ତ୍ତି**

ଜୟପୁରର ନହରଗଡ଼ ଦୁର୍ଗସ୍ଥିତ ୱାକ୍ସ ମ୍ୟୁଜିୟମରେ କ୍ରିକେଟ ଷ୍ଟାର ବିରାଟ କୋହଲିଙ୍କ ଏକ ମହମ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ।



# ଆଦିବାସୀ ଜମି: କ୍ୟାବିନେଟ୍ ନିଷ୍ପତ୍ତିରେ ରୋକ

ଭୁବନେଶ୍ୱର,୧୭।୧୧
(ଅନିଲ ଦାସ)

ଅନୁସୂଚିତ ଜନଜାତି (ଆଦିବାସୀ)ଙ୍କ ଜମି କିଣାବିକାକୁ ନେଇ କ୍ୟାବିନେଟ ନିଷ୍ପତ୍ତି ଉପରେ ରାଜ୍ୟ ସରକାର ରୋକ ଲଗାଇଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି କ୍ୟାବିନେଟ ନିଷ୍ପତ୍ତି ଉପରେ ରୋକ ଲାଗିଥିବା ନେଇ ସୂଚନା ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଅନୁସୂଚିତ ଜନଜାତିମାନଙ୍କର ଜମି ହସ୍ତାନ୍ତର ପାଇଁ ନଭେମ୍ବର ୧୪ ତାରିଖ କ୍ୟାବିନେଟ ବୈଠକରେ ନିଆଯାଇଥିବା ୧୯୫୬ ରେଗୁଲେଶନ-୨ର ପ୍ରସ୍ତାବିତ ସଂଶୋଧନ ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଛି। ତେବେ କେଉଁ କାରଣରୁ ଏହାକୁ ସ୍ଥଗିତ କରାଯାଇଛି ସେ ନେଇ ମାର୍ଣ୍ଡି କିଛି ଉଲ୍ଲେଖ କରିନାହାନ୍ତି।

କ୍ୟାବିନେଟ ବୈଠକରେ ନିଷ୍ପତ୍ତି ଅନୁଯାୟୀ ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତି ନିଜର ସ୍ଥାବର ସମ୍ପତ୍ତି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉପହାର ଅଥବା କୃଷି, ଆବାସିକ ଗୃହ ନିର୍ମାଣ, ପିଲାମାନଙ୍କ ଉଚ୍ଚଶିକ୍ଷା, ଆତ୍ମନିଯୁକ୍ତି, ବ୍ୟବସାୟ କିମ୍ବା କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସର୍ବସାଧାରଣ ଅର୍ଥକରୀ ସଂସ୍ଥାରେ ବନ୍ଧକ ରଖି ଋଣ ନେଇପାରିବ। ସେହିପରି ଅଣ ଅନୁସୂଚିତ ଜନଜାତି ବ୍ୟକ୍ତିଙ୍କୁ ମଧ୍ୟ ଜମି ହସ୍ତାନ୍ତର କରିପାରିବେ। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉପଜିଲାପାଳଙ୍କଠାରୁ ଲିଖିତ ଅନୁମତି ନେବାକୁ ପଡ଼ିବ। ଯଦି ଉପଜିଲାପାଳ ଅନୁମତି ନ ଦେବେ ତେବେ ସେହି ବ୍ୟକ୍ତି ୬ ମାସ ମଧ୍ୟରେ ଜିଲାପାଳଙ୍କୁ ଆବେଦନ କରିପାରିବେ ବୋଲି ସଂଶୋଧିତ ପ୍ରସ୍ତାବରେ ବ୍ୟବସ୍ଥା ରହିଛି। କ୍ୟାବିନେଟର ଏହି ନିଷ୍ପତ୍ତିକୁ ଭାଜପା ଓ କଂଗ୍ରେସ ସମେତ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ପ୍ରବଳ ବିରୋଧ ପରେ ସରକାର ନିଜ ନିଷ୍ପତ୍ତି ଉପରେ ରୋକ ଲଗାଇଥିବା ନେଇ ଚର୍ଚ୍ଚା ହେଉଛି। କ୍ୟାବିନେଟର ଏହି ନିଷ୍ପତ୍ତିକୁ ନେଇ ଭାଜପା ଓ କଂଗ୍ରେସ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଉଭୟ ଦଳ ଅଭିଯୋଗ କରିଛନ୍ତି ଯେ ଅନୁସୂଚିତ ଜନଜାତିଙ୍କ ଜମିକୁ ମାଫିଆ, ଶିଳ୍ପପତି ଓ କଣ୍ଟ୍ରାକ୍ଟରମାନଙ୍କୁ ଟେକିଦେବାକୁ ସରକାର ଷଡ଼ଯନ୍ତ୍ର କରିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୦୨ରେ ସରକାରଙ୍କ ଦ୍ୱାରା ଓଡ଼ିଶା ସିଡ୍ୟୁଲ୍ଡ ଏରିଆ ଟ୍ରାନ୍ସଫର ଅଫ୍ ଇମ୍‌ମୁଭେବଲ ପ୍ରପର୍ଟି(ବାୟ ଏସ୍‌ଟି) ରେଗୁଲେଶନ ୧୯୫୬ର ସଂଶୋଧନ କରାଯାଇଥିଲା। ଏହି ସଂଶୋଧନ ଅନୁଯାୟୀ, ଜଣେ ଅନୁସୂଚିତ ଜନଜାତି ନିଜର ସ୍ଥାବର ସମ୍ପତ୍ତିକୁ ସେହି ବର୍ଗର ଜଣେ ବ୍ୟକ୍ତିଙ୍କୁ ହସ୍ତାନ୍ତର କରିପାରିବେ। ଏଥିସହିତ ନିଜର ସମ୍ପତ୍ତିକୁ କୃଷି ପାଇଁ କୌଣସି ଅର୍ଥକରୀ ସଂସ୍ଥାରେ ବନ୍ଧକ ରଖି ଋଣ ନେଇପାରିବେ।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ ଅନୁସୂଚିତ ଜନଜାତିମାନଙ୍କ ସମ୍ପତ୍ତିକୁ ସୁରକ୍ଷା ଦେବାକୁ ପୂର୍ବ ଆଇନରେ ବ୍ୟବସ୍ଥା ରହିଛି। ସରକାର ଅନୁସୂଚିତ ଜନଜାତିଙ୍କୁ ଶୋଷଣ କରିବା ଲାଗି ଏହି ଆଇନକୁ ସଂଶୋଧନ କରିବାକୁ ଚାହୁଁଛନ୍ତି। ବିରୋଧୀ ଦଳ ପକ୍ଷରୁ ପ୍ରବଳ ବିରୋଧ ହେବା ଫଳରେ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଆସନ୍ତା ବର୍ଷ ନିର୍ବାଚନ ଥିବାରୁ ଅନୁସୂଚିତ ଜନଜାତି ଲୋକଙ୍କୁ ଆକୃଷ୍ଟ କରିବାକୁ ଯାଇ ସେମାନଙ୍କ ସମ୍ପତ୍ତି ବିକ୍ରି ପାଇଁ ଅନୁମତି ଦେବାକୁ ସରକାର ରେଗୁଲେଶନକୁ ସଂଶୋଧନ କରିବାକୁ ଚାହୁଁଛନ୍ତି।

# ୨୦୦ କୋଟିର କ୍ରିପ୍ଟୋ-ପୋଞ୍ଜି ମହାଠକେଇ

ଭୁବନେଶ୍ୱର,୧୭।୧୧
(ସତ୍ୟଜିତ୍ ରାଉତ)

**ଦୁବାଇ ଫେରାରବେଳେ ମାଷ୍ଟରମାଇଣ୍ଡ୍ ଗିରଫ**

- ୨ ଅପ୍‌ଲାଇନ୍ ମେମ୍ବରଙ୍କୁ ମଧ୍ୟ ଭୁବନେଶ୍ୱରରୁ ଗିରଫ କଲା ଇଓଡବ୍ଲ୍ୟୁ
- ଓଡ଼ିଶାରୁ ୮ ହଜାର, ଦେଶବ୍ୟାପୀ ଠକେଇ ହୋଇଛନ୍ତି ୨.୫ ଲକ୍ଷ ଲୋକ

ବହୁ କୋଟିର 'ଏସ୍‌ଟିଏ କ୍ରିପ୍ଟୋ ଟୋକନ୍' ଭଳିଏବେ ସାରା ଦେଶରେ ୨୦୦ କୋଟିରୁ ଊର୍ଦ୍ଧ୍ୱ କ୍ରିପ୍ଟୋ-ପୋଞ୍ଜି ମହାଠକେଇ ହୋଇଛି। ଏହାର ମାଷ୍ଟରମାଇଣ୍ଡ୍ ତଥା 'ୟେସ୍ ୱାର୍ଲଡ କ୍ରିପ୍ଟୋ ଟୋକନ୍'ର ମୁଖ୍ୟ ସନ୍ଦୀପ ଚୌଧୁରୀ ଦୁବାଇ ଫେରାର ହେଉଥିବାବେଳେ ରାଜସ୍ଥାନର ଜୟପୁର ଅନ୍ତର୍ଜାତୀୟ ବିମାନବନ୍ଦରରେ ବ୍ୟୁରୋ ଅଫ୍ ଇମିଗ୍ରେଶନ(ବିଓଆଇ) ହାତରେ ଧରାପଡିଛନ୍ତି। ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ର ଅନୁରୋଧକ୍ରମେ ଗତ ବୁଧବାର ସନ୍ଦୀପଙ୍କ ନାଁରେ ବିଓଆଇ ପକ୍ଷରୁ ଲୁକ୍ ଆଉଟ୍ ସର୍କୁଲାର (ଏଲ୍‌ଓସି) ଜାରି ହୋଇଥିଲା। ଏହା ଜାଣିପାରି ସନ୍ଦୀପ ଦୁବାଇକୁ ଖସି ପଳାଉଥିବାବେଳେ ବିଓଆଇ ଟିମ୍ ହାତରେ ଧରାପଡ଼ିଯାଇଥିଲେ। ପରେ ଇଓଡବ୍ଲ୍ୟୁ ତାଙ୍କୁ ଗିରଫ କରି ଗୁରୁବାର ଜୟପୁରସ୍ଥିତ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ପରେ ୫ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଶୁକ୍ରବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ସେ ଜେଲ ଯାଇଛନ୍ତି। ସେହିପରି ଏହି ର୍‍ୟାକେଟ୍‌ର ଦୁଇ ଅପ୍‌ଲାଇନ୍ ମେମ୍ବର ବସନ୍ତ କୁମାର ପ୍ରଧାନ ଓ ମନୋଜ କୁମାର ପଟ୍ଟନାୟକଙ୍କୁ ମଧ୍ୟ ଇଓଡବ୍ଲ୍ୟୁ ଭୁବନେଶ୍ୱରରୁ ଗିରଫ କରିଛି। ସେମାନଙ୍କୁ ମଧ୍ୟ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି। ଅଭିଯୁକ୍ତ ସନ୍ଦୀପଙ୍କ ଘର ରାଜସ୍ଥାନ ଝୁନଝୁନୁ ଅଞ୍ଚଳରେ ହୋଇଥିବାବେଳେ ଜୟପୁର ଏନ୍‌ଆଇଟିରୁ ବି.ଟେକ୍ କରିଥିବା ଜଣାପଡିଛି।



ସନ୍ଦୀପ ଚୌଧୁରୀ

ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, 'ୟେସ୍ ୱାର୍ଲଡ' ଆପ୍/କମ୍ପାନୀ ☞ପୃଷ୍ଠା-୩

## ସୁରେଶ ମହାପାତ୍ର ସିଏମ୍‌ଓ ମୁଖ୍ୟ ପରାମର୍ଶଦାତା

ଭୁବନେଶ୍ୱର,୧୭।୧୧(ଅନିଲ ଦାସ)

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଅଧ୍ୟକ୍ଷ ଏବଂ ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ପାଇବା ପରେ ସେ ଓଇଆର୍‌ସି ଅଧ୍ୟକ୍ଷ ପଦରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ପଦରୁ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଆର୍. ବାଲକ୍ରିଷ୍ଣନଙ୍କୁ ଅବ୍ୟାହତି ଦିଆଯାଇଛି। ତେବେ ସେ ପୂର୍ବଭଳି ମୁଖ୍ୟ ଶାସନ ସଚିବ ପାହ୍ୟାରେ ମୁଖ୍ୟ ଉପଦେଷ୍ଟା(ସ୍ପେଶାଲ ଇନ୍‌ସିଏଟିଭସ) ଭାବେ କାର୍ଯ୍ୟ କରିବେ। ସେହିପରି ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଅସିତ ତ୍ରିପାଠୀଙ୍କୁ ପ୍ରମୁଖ ଉପଦେଷ୍ଟା ଭାବେ ସମସ୍ତ ଅତିରିକ୍ତ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି। ସେ କେବଳ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବେ।



**ଆଜିର ସମ୍ପାଦକୀୟ**

ବିବାଦ ଥମୁନି

**ଆଜିର ମନ୍ତବ୍ୟ**

"ରାଜସ୍ଥାନରେ ଭାଜପାର କାଁଭାଁ ଭୋଟ ରହିଛି। ବିଧାନସଭା ନିର୍ବାଚନ ପାଇଁ ଏହି ଦଳ ପାଖରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ନାହାନ୍ତି।

**-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା**







> ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି– ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। –ଶ୍ରୀଅରବିନ୍ଦ



# ବିବାଦ ଥମୁନି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନରେନ୍ଦ୍ର ମୋଦି ସରକାର ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ମଧ୍ୟରେ ଚାଲିଥିବା ବିବାଦ ଶେଷ ହେବା ନାଁ ଧରୁନାହିଁ। ଇତିମଧ୍ୟରେ ଦିଲ୍ଲୀ ମୁଖ୍ୟ ଶାସନ ସଚିବ ନରେଶ କୁମାର ଏକ ନୂଆ ବିବାଦରେ ଛନ୍ଦି ହୋଇପଡ଼ିଛନ୍ତି। ଦ୍ୱାରକା ଏକ୍ସପ୍ରେସ୍ ୱେ ପାଇଁ ଦିଆଯାଇଥିବା ବିବାଦୀୟ ଜମିର ମୂଲ୍ୟାୟନ ଏବଂ ତାଙ୍କ ବିବାଦୀୟ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ସର୍ଭେ ଅନ୍ତର୍ଭୁକ୍ତ ଜମି ଦିଲ୍ଲୀର ୨ଜଣ ବ୍ୟବସାୟୀଙ୍କଠାରୁ ଅଧିଗ୍ରହଣ କରିବାକୁ ସ୍ଥିର ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ରିୟଲ ଇଷ୍ଟେଟ ପ୍ରମୋଟର ଯିଏ କୁମାରଙ୍କ ପୁଅଙ୍କୁ ନିଯୁକ୍ତି ଦେଇଛନ୍ତି। ସରକାରୀ ଅଧିକାରୀ ହୋଇ ବ୍ୟକ୍ତିଗତ ସ୍ୱାର୍ଥ ଚିନ୍ତାର ବିଷୟ ହୋଇଛି। ସୂଚନାନୁସାରେ, ସେହି ସମାନ ଜମି ପାଇଁ ଦକ୍ଷିଣ ପଶ୍ଚିମ ଦିଲ୍ଲୀର ଜିଲା ମାଜିଷ୍ଟ୍ରେଟ ହେମନ୍ତ କୁମାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷତିପୂରଣ ମାତ୍ରା ଅତ୍ୟଧିକ ବୃଦ୍ଧି ଅର୍ଥାତ୍ ୪୧.୫୨ କୋଟିରୁ ୩୫୩ କୋଟି ଟଙ୍କା କରିବାକୁ ନେଇ ବିବାଦ ଉଠିଛି। ମୁଖ୍ୟ ଶାସନ ସଚିବ ତାଙ୍କ ବ୍ୟକ୍ତିଗତ ସ୍ୱାର୍ଥକୁ ନେଇ ଦେଖାଯାଇଥିବା ସନ୍ଦେହ ସମ୍ପର୍କରେ ସ୍ପଷ୍ଟ ନ କରିବା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ)ର ଚିନ୍ତା ବଢ଼ାଇଦେଇଛି। ତେବେ ମୋଦି ସରକାରକୁ ଝଟକା ଦେବା ଲାଗି ଏହି ଘଟଣା କେଜ୍‌ରିୱାଲଙ୍କ ପାଇଁ ସୁଯୋଗ ଆଣିପାରେ। କେଜ୍‌ରିୱାଲ ଏହି ମାମଲାକୁ ଭିଜିଲାନ୍ସ ବିଭାଗକୁ ପଠାଇଛନ୍ତି ଏବଂ ମନ୍ତ୍ରୀ ଅତିଶ ମାର୍ଲେନା ତଦନ୍ତ ଆରମ୍ଭ କରିଛନ୍ତି। ଅପରପକ୍ଷେ କୁମାର ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି ଏବଂ ତାଙ୍କ ଖ୍ୟାତିକୁ ନଷ୍ଟକରିବା ଲାଗି ଏହା ଏକ ରାଜନୈତିକ ଉଦ୍ୟମ ବୋଲି କହିଛନ୍ତି। ଏହି ସମୟରେ କେତେଜଣ ଅମଲାତନ୍ତ୍ରୀ ଜିଲା ମାଜିଷ୍ଟ୍ରେଟ ହେମନ୍ତ କୁମାରଙ୍କ ବଦଳି ଉପରେ ମୋହର ଲଗାଇବାକୁ ନେଇ କେଜ୍‌ରିୱାଲଙ୍କୁ ମଧ୍ୟ ପ୍ରଶ୍ନ କରିଛନ୍ତି। ଏହିସବୁ ବିବାଦରେ ଦିଲ୍ଲୀର ଅମଲାତନ୍ତ୍ର ୨ଭାଗ ହୋଇଯାଇଛି, ଯାହା ପ୍ରଶାସକଙ୍କ ପାଇଁ ଭଲ ସଙ୍କେତ ନୁହେଁ।

### ନିଯୁକ୍ତି କାରଣ ଅସ୍ପଷ୍ଟ

ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ, କ୍ୟାବିନେଟ୍‌ର ନିଯୁକ୍ତି କମିଟି (ଏସିସି) ନିକଟରେ ଆଇଏଏସ୍ ଏବଂ ଆଇଆର୍‌ଏସ୍ ଅଧିକାରୀଙ୍କ ଏକ ପ୍ରମୁଖ ଅଦଳବଦଳ ପାଇଁ ସହମତି ପ୍ରଦାନ କରିଥିଲା। ଏଥିରେ ଅନେକଙ୍କୁ ଅତିରିକ୍ତ ସଚିବ ପଦବୀକୁ ପଦୋନ୍ନତି ଦିଆଯାଇଛି। ଅତିରିକ୍ତ ସଚିବ ଭାବେ ନିଯୁକ୍ତି ତାଲିକାରେ ବିଭିନ୍ନ କ୍ୟାଡରରୁ ଦକ୍ଷ ବାବୁମାନଙ୍କୁ ନିଆଯାଇଛି ଓ ପ୍ରତ୍ୟେକଙ୍କୁ ବିଭିନ୍ନ ମନ୍ତ୍ରଣାଳୟର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଅନୁରାଗ ଅଗ୍ରୱାଲ(ବର୍ତ୍ତମାନ ଅତିରିକ୍ତ ସଚିବ ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟରେ ଆର୍ଥିକ ପରାମର୍ଶଦାତା ରହିଛନ୍ତି) ଏବଂ ରୁପିନ୍ଦର ବ୍ରାର୍‌ଙ୍କୁ କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଛି। ଏହି ଅଦଳବଦଳ ସ୍ୱାସ୍ଥ୍ୟ, ପେଟ୍ରୋଲିୟମ, ବୟନଶିଳ୍ପ ଏବଂ ଗ୍ରାମୀଣ ବିକାଶ ଭଳି କ୍ଷେତ୍ରରେ ହୋଇଛି ଯେଉଁଥିରେ ଦୀପ୍ତି ଗୌର ମୁଖାର୍ଜୀ, ପଲ୍ଲବୀ ଜୈନ ଗୋଭିଲ ଏବଂ କାରୋଲିନ ଖୋଙ୍ଗୱର ଦେଶମୁଖ ପ୍ରମୁଖ ଅଧିକାରୀ ରହିଛନ୍ତି। ଏହା ବ୍ୟତୀତ ଅମିତ କୁମାର ଘୋଷଙ୍କୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗରେ ଅତିରିକ୍ତ ସଚିବ ଭାବରେ ଅବସ୍ଥାପିତ କରାଯାଇଛି। ବିଶେଷକରି ୫ଟି ରାଜ୍ୟରେ ନିର୍ବାଚନ ଚାଲିଥିବାବେଳେ ଏଭଳି ନିଯୁକ୍ତି ପଛର ମୂଳ କାରଣ କ'ଣ ହୋଇପାରେ? ଏହା ବାବୁମାନଙ୍କର ଏକ ନିୟମିତ ଅଦଳବଦଳ ନା ଏଥିରେ କିଛି ରାଜନୈତିକ ଉଦ୍ଦେଶ୍ୟ ରହିଛି ? ଉଲ୍ଲେଖଯୋଗ୍ୟ, ଅଧିକାରୀମାନଙ୍କୁ ସେମାନଙ୍କ ମୂଳ ଅତିରିକ୍ତ ସଚିବ ପଦବୀକୁ ଉନ୍ନୀତ କରାଯାଇଛି, ଯାହା ସେମାନଙ୍କର ସାମର୍ଥ୍ୟର ସ୍ୱୀକୃତିକୁ ପ୍ରତିପାଦିତ କରୁଛି। ତେବେ ଏବକାର ନିଯୁକ୍ତି ପ୍ରଚ୍ଛଦରେ ସମ୍ପୂର୍ଣ୍ଣ କାରଣ କ'ଣ ରହିଛି ତାହା ଆଗାମୀ ଦିନ ସ୍ପଷ୍ଟହେବ।

### କ୍ୟାଡର୍ ଆବଣ୍ଟନ ଦ୍ୱନ୍ଦ୍ୱ

ଆନ୍ଧ୍ରପ୍ରଦେଶର ବିଭାଜନ ଘଟି ୨୦୧୪ରେ ତେଲଙ୍ଗାନା ରାଜ୍ୟ ଗଠନ ହେବାର ପ୍ରାୟ ଏକ ଦଶନ୍ଧି ପରେ ରାଜ୍ୟରେ ବାବୁମାନେ ସେହି ସମୟରେ କ୍ୟାଡର ବଣ୍ଟନକୁ ନେଇ ଯେଭଳି ଲଢ଼େଇ କରୁଥିଲେ ତାହା ଜାରି ରହିଛି। ତେଲଙ୍ଗାନା ହାଇକୋର୍ଟରେ ଏବକାର ବିଚାର ପ୍ରକ୍ରିୟାରୁ ୬ ଜଣ ଆଇଏଏସ୍/ ଆଇପିଏସ୍ ଅଧିକାରୀଙ୍କ କ୍ୟାଡର ଆବଣ୍ଟନକୁ ନେଇ ଚାଲିଥିବା ଦ୍ୱନ୍ଦ୍ୱ ସାମ୍ନାକୁ ଆସିଛି। ତେବେ କେନ୍ଦ୍ର ହାଇକୋର୍ଟରେ ତାହାର ଆଭିମୁଖ୍ୟ ଦୋହରାଇଛି ଯେ ତେଲଙ୍ଗାନାର ପୂର୍ବତନ ମୁଖ୍ୟ ସଚିବ ସୋମେଶ କୁମାରଙ୍କ ମାମଲାର ରାୟ ଏହି ୬ଜଣ ଅଧିକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନ ଉପରେ ଲାଗୁହେବ। ପୋଲିସ ମହାନିର୍ଦ୍ଦେଶକ ଅଞ୍ଜାନି କୁମାରଙ୍କ ସମେତ ସମାନ ର୍ୟାଙ୍କର ଅଧିକାରୀମାନେ ଏହି ଦାବିକୁ ଦୃଢ଼ ବିରୋଧ କରନ୍ତି। ସେମାନେ ଯୁକ୍ତି ଦର୍ଶାଇଛନ୍ତି, ସେମାନଙ୍କର ମାମଲା ଉଦାହରଣ ଭାବେ ନିଆଯାଇଥିବା ସୋମେଶ କୁମାରଙ୍କ ମାମଲାର ରାୟଠାରୁ ଭିନ୍ନ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଏବଂ କ୍ୟାଡର ଆବଣ୍ଟନ ପ୍ରକ୍ରିୟା ସମ୍ପର୍କରେ ଅଭିଯୋଗ କରୁଥିବା ୧୩ ଜଣ ଅଧିକାରୀଙ୍କ ବିବାଦକୁ ହାଇକୋର୍ଟ ସମାଧାନ କରୁଥିବାରୁ ଆଇନଗତ ବିବାଦ ଦେଖାଦେଇଛି। କେନ୍ଦ୍ରର ଓକିଲ ମତ ରଖିଛନ୍ତି ଯେ ୬ ଜଣ ଅଧିକାରୀଙ୍କ ମାମଲା ସୋମେଶଙ୍କ ବିଚାର ସହ ସମାନ। ଅନ୍ୟ ୭ ଜଣଙ୍କ ଉପରେ ଅଧିକ ବିଚାରବିମର୍ଶ ଆବଶ୍ୟକ। ଅଧିକାରୀଙ୍କୁ ନେଇ ଏଭଳି ଭିନ୍ନ ଭିନ୍ନ ଦାବି କ୍ୟାଡର ଦ୍ୱନ୍ଦ୍ୱକୁ ପ୍ରକାଶ କରୁଛି।

Email: dilipcherian@gmail.com

## su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | 9 | | 7 | |
| 4 | | | | | | | 3 | |
| | | 9 | | 1 | | 2 | | 6 |
| 6 | | | | | | | | 7 |
| | | 2 | | 9 | | | | 8 |
| 7 | 1 | | | 5 | | | | |
| | | | 5 | | | | | 9 |
| | 8 | | | | | 3 | | |
| | 4 | | 7 | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 3 | 4 | 2 | 5 | 6 | 1 | 9 |
| 6 | 2 | 1 | 3 | 7 | 9 | 4 | 5 | 8 |
| 5 | 4 | 9 | 6 | 1 | 8 | 2 | 7 | 3 |
| 1 | 6 | 2 | 9 | 5 | 3 | 7 | 8 | 4 |
| 3 | 5 | 4 | 7 | 8 | 6 | 9 | 2 | 1 |
| 7 | 9 | 8 | 1 | 4 | 2 | 5 | 3 | 6 |
| 4 | 3 | 5 | 8 | 6 | 7 | 1 | 9 | 2 |
| 9 | 1 | 7 | 2 | 3 | 4 | 8 | 6 | 5 |
| 2 | 8 | 6 | 5 | 9 | 1 | 3 | 4 | 7 |

ଗତକାଲିର ଉତ୍ତର

# ଶେଷହୀନ ସାମନ୍ତବାଦ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଆମ ଗଣତନ୍ତ୍ରର ବୟସ ପଞ୍ଚସ୍ତରି ପୂରି ଛଅସ୍ତରି ଚାଲିଲାଣି। ଏହା ପୂର୍ବର ରାଜତନ୍ତ୍ରକୁ ପ୍ରତ୍ୟକ୍ଷ କରିଥିବା ଲୋକମାନେ ପ୍ରାୟତଃ ମରିହଜି ଗଲେଣି। ତେବେ ପ୍ରତ୍ୟକ୍ଷ ନ ହେଲେ ବି ପରୋକ୍ଷ ଭାବେ ରାଜତନ୍ତ୍ର ସମ୍ପର୍କରେ ଯେଉଁ ସର୍ବନିମ୍ନ ଜ୍ଞାନ ଧାରଣା ଏବେକାର ଗଣତନ୍ତ୍ରର ନାଗରିକମାନଙ୍କ ପାଇଁ ଉପଲବ୍ଧ, ତାହା ହେଉଛି ରାଜତନ୍ତ୍ରରେ ସାମନ୍ତବାଦର ଉତ୍କଟ ପ୍ରଭାବ। ଗଣତନ୍ତ୍ରରେ ଦାୟିତ୍ୱ, କର୍ତ୍ତବ୍ୟ ଓ ଅଧିକାରର ଧାରା ସମସ୍ତଙ୍କ ପାଇଁ ସମାନ, ସେମିତି ଦୋଷ ପାଇଁ ଦଣ୍ଡ ମଧ୍ୟ ସଭିଙ୍କ ପାଇଁ ସମତୁଲ। ମାତ୍ର ପ୍ରକୃତପକ୍ଷେ ଏମିତି ହୁଏ କି? ସାଧାରଣ ଜୀବନରେ ସାଧାରଣ ଲୋକଟିଏ ନିତିଦିନ ପ୍ରତ୍ୟକ୍ଷ କରୁଥିବା ବିପୁଳ ବୈଷମ୍ୟ ହିଁ ଉଗ୍ର ସାମନ୍ତବାଦର ପ୍ରତ୍ୟକ୍ଷ ପ୍ରମାଣ, ଗଣତନ୍ତ୍ରର ବଳିଷ୍ଠ ବିଲକ୍ଷଣ!

ଗଣତନ୍ତ୍ରରେ ସଭିଏଁ ସମାନ ବୋଲି ଯେତେ ଉଚ୍ଚ ସ୍ୱରରେ ଘୋଷଣା କଲେ ବି ଏଠି ସାମନ୍ତମାନେ ସବୁବେଳେ ଅନ୍ୟ ସାଧାରଣମାନଙ୍କଠୁଁ ଅଧିକ ସମାନ। ସାଧାରଣ ନାଗରିକଙ୍କ ପାଇଁ ଯାହାର ସ୍ୱପ୍ନ ମଧ୍ୟ ସୁଲଭ ନୁହେଁ, ତାହା ପ୍ରାପ୍ତ ହୋଇଥାଏ କେବଳ ସାମନ୍ତମାନଙ୍କୁ। ଏମାନେ ବିଭିନ୍ନ ପ୍ରକାର ରାଜକୀୟ ଯାନରେ ବିଚରଣ କରନ୍ତି, ଗସ୍ତରେ ଯିବାବେଳେ ଅତିଥିଶାଳାରେ ଚିଙ୍ଗୁଡ଼ି, ଚିକେନ ଓ କାଜୁ କଫି ସହ ମଣୋହି କରନ୍ତି ଓ ନିଜ ନିଜର ଦୁଃଖ ଜଣାଇବାକୁ ଆସିଥିବା ସାଧାରଣ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରାଇ ନିଜ ସମ୍ଭ୍ରାନ୍ତପଣର ପରିଚୟ ଦିଅନ୍ତି। ସାଧାରଣ ଲୋକଙ୍କଠୁଁ ଦୂରେଇ ରହିବାକୁ ଏମାନଙ୍କ ପ୍ରବଣତା ଏତେ ପ୍ରଖର ଥାଏ ଯେ, ଏମାନଙ୍କ ଦେହରେ କାହା ଦେହ ଲାଗିଯିବାକୁ ଏହି ସାମନ୍ତମାନେ ସ୍ପର୍ଦ୍ଧା ଭାବେ ବିବେଚନା କରନ୍ତି। ଗୋଟିଏ ଜ୍ଞାନ ପରୀକ୍ଷାରେ ସଫଳ ହୋଇଗଲେ, ବାକି ଜୀବନ ଏମାନେ ହାକିମ୍ ବା ସାମନ୍ତ ବୋଲାନ୍ତି। ଏମାନେ ଦୌଡ଼ିଲେ ପ୍ରଶାସନ ନାଡ଼ିର ସ୍ପନ୍ଦନ ତୀବ୍ରତର ହୁଏ। ଏମାନଙ୍କ ଗାଡ଼ିର ଗତି ଧିମେଇ ଗଲେ ଶାସନର ଗତି ଶିଥିଳ ହୋଇଯାଏ। ଏମାନେ ଅନନ୍ୟ, ଅସାଧାରଣ। ଗଣତନ୍ତ୍ରର ଦର୍ପଣ ଦେହରେ ସାମନ୍ତବାଦର ସର୍ବଶେଷ ପ୍ରତିଫଳନ!!

ରାଜଧାନୀର ଜଣେ ଉପରିସ୍ଥ ଅଧିପତି ତାଙ୍କ ଅଧସ୍ତନ ଅର୍ଦ୍ଦଳିଙ୍କ ଉପରେ ଅସନ୍ତୁଷ୍ଟ ହୋଇ କ୍ରୋଧରେ ଗର୍ଜନ କରୁଥିଲେ, ''ତୋତେ ଚାକିରି ପିତା ଲାଗିଲାଣି କି? ତହିଁରେ କାମରେ ଏମିତି ହେଳା କଲେ ସିଧା ଘରକୁ ପଠାଇଦେବି।'' ଅତ୍ୟନ୍ତ କାକୁସ୍ଥ ଭାବେ ନିର୍ବାକ ହୋଇ ଛିଡ଼ା ହୋଇଥିଲା ଅର୍ଦ୍ଦଳିଟି। ସବୁ ଗାଳି ଓ ଅପମାନକୁ ଝାଡ଼ିଝୁଡ଼ି ସେ ପୁଣି କାମରେ ଲାଗିପଡ଼ିଲା। କାମ ବୋଇଲେ ନିହାତି ଘରୋଇ କାମ, ଯାହା ଉପରେ କେବେ ସରକାରୀ ମୋହର ଲାଗେନା। ବାବୁଙ୍କ ପରିବାର ପାଇଁ ରୋଷେଇ କରିବା, ବଜାରରୁ ସଉଦା ଆଣିବା, ବାବୁ ବାବୁଆଣୀଙ୍କ ଲୁଗାପଟା ସଫା କରିବା, ସେମାନଙ୍କ ଜୋତା ବ୍ରଶ୍ କରିବା ଇତ୍ୟାଦି। ବେଠି ଖଟୁଥିବା ଜଣେ ବାଧ କିଙ୍କର ପରି ଏସବୁ ଘରୋଇ କାମ କରୁଥିବା ମଧ୍ୟବୟସ୍କ ଲୋକଟି ସରକାରୀ ତହବିଲରୁ ଦରମା ପାଉଥିବା ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ଯାହାଙ୍କ ପରିବାର ପାଇଁ ତାଙ୍କର ଏହି ସେବା ସମର୍ପିତ, ସେ ମଧ୍ୟ ସେଇ ଏକା କୋଷାଗାରରୁ ଦରମା ପାଉଥିବା ଜଣେ ଉଚ୍ଚପଦସ୍ଥ ହାକିମ। ଦୁଇଜଣଙ୍କ ନିଯୁକ୍ତିଦାତା ଓ ବେତନ ପ୍ରଦାନକାରୀ ସମାନ, ଅଥଚ ଦୁହିଁଙ୍କ କର୍ମସଂସ୍କୃତିରେ କି ଦୁର୍ଲଂଘ୍ୟ ଦୂରତା! ଜଣେ ଘରର ଘରୋଇ ଚାକରଙ୍କ ପରି ମାଲିକ ଓ ମାଲିକାଣୀଙ୍କ ମର୍ଜି ଅନୁଯାୟୀ କାର୍ଯ୍ୟ କରୁଥିବା ଜଣେ ପଛଧାଡ଼ିର ଚତୁର୍ଥ ଶ୍ରେଣୀ ସରକାରୀ କିଙ୍କର ତ ଅନ୍ୟ ଜଣେ ସରକାରୀ ଅର୍ଥରେ କିଣା ଯାଉଥିବା ବିପୁଳ ଶ୍ରମଶକ୍ତିକୁ ବ୍ୟକ୍ତିଗତ ସେବାରେ ନିୟୋଜିତ କରୁଥିବା ସାମନ୍ତ!!



ଏଇ ସାମନ୍ତମାନଙ୍କୁ ସରକାରୀ ଖର୍ଚ୍ଚ କେବଳ ଯେ ଘରୋଇ ସେବାକାରୀ ଉପଲବ୍ଧ ହୁଅନ୍ତି, ତାହା ନୁହେଁ; ବାବୁ ଅଫିସରେ ପହଞ୍ଚିଲା ମାତ୍ରେ ତାଙ୍କ କାର୍‌ର ଦରଜା ଖୋଲି ଦେବାକୁ ସାବଧାନ ମୁଦ୍ରାରେ ଛିଡ଼ାହୋଇ ରହିଥାନ୍ତି ଆଉ ଜଣେ ସରକାରୀ ସେବକ। କେବଳ ସାମନ୍ତ ନୁହନ୍ତି, ସରକାରୀ ଯାନରେ ବସି ବନ୍ଧୁବାନ୍ଧବଙ୍କ ଘରକୁ, ବଜାର କରିବାକୁ ଅବା ବିବାହ ଭୋଜି ଖାଇବାକୁ ଯାଉଥିବା ସାମନ୍ତଙ୍କ ପତ୍ନୀଙ୍କ ପାଇଁ କାରର ଡ୍ରାଇଭର ଯେମିତି ଦୌଡ଼ି ଆସି ଗାଡ଼ିର ଦରଜା ଖୋଲିଦିଅନ୍ତି ତାହା ଦେଖିଲେ ମନେହୁଏ ସାମନ୍ତବାଦର ଏହି ସଂଜୀବିତ ସଂସ୍କରଣ ମଧ୍ୟରେ ଆତଯାତ ହେଉଥିବା ସମ୍ଭ୍ରାନ୍ତ ପତି ଜଣକ ସେକାଳର ରାଜା ମହାରାଜାଙ୍କଠାରୁ କିଛି କମ୍ ନୁହେଁ!

ଅଳ୍ପଦିନ ତଳେ ଆମ ରାଜ୍ୟର ଏକ ପ୍ରମୁଖ ଜିଲାର ଜିଲାପାଳଙ୍କ ବିରୋଧରେ ତାଙ୍କ ବାସଭବନରେ ନିୟୋଜିତ ଜଣେ ସରକାରୀ କର୍ମଚାରୀ ଗଣମାଧ୍ୟମରେ ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ। ପୁଣି ପୋଲିସ ଟ୍ରେନିଂ କଲେଜର ମୁଖ୍ୟ ପଦରେ ନିୟୋଜିତ ଜଣେ ବରିଷ୍ଠ ପୋଲିସ ପ୍ରଶାସକଙ୍କ ପତ୍ନୀଙ୍କ ଦ୍ୱାରା ନିର୍ଯାତିତ ହୋଇ ଆତ୍ମହତ୍ୟା ଭଳି ଏକ ଚରମ ପଦକ୍ଷେପ ନେଇ ବଞ୍ଚି ଯାଇଥିବା ଜଣେ ମହିଳା ହୋମଗାର୍ଡଙ୍କ କରୁଣ କାହାଣୀ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ମାତ୍ର ଗଣମାନଙ୍କର ଶାସନ କୁହାଯାଉଥିବା ଗଣତନ୍ତ୍ରରେ ପରମ ଯତ୍ନରେ ଲାଳିତ ହେଉଥିବା ସାମନ୍ତବାଦର ଅଖଣ୍ଡ ପ୍ରଭାବରେ ଏହି ଦୁଇଟି ଅଭିଯୋଗ ମହାଶୂନ୍ୟରେ ମିଳାଇ ଯାଇଥିଲା।

ତେବେ ଏଇ ଦୁଇଟି ଘଟଣା ସାମନ୍ତବାଦୀ ଶାସନର ଶେଷ ଘଟଣା ନୁହେଁ କି କଥିତ ଦୁଇଜଣ ହାକିମ ଶେଷ ସାମନ୍ତ ନୁହନ୍ତି। କାଳର ପ୍ରବାହ ମଧ୍ୟରେ ଏମିତି ବହୁ ଦୃଷ୍ଟାନ୍ତ ଦୃଶ୍ୟ ଅବା ଅଦୃଶ୍ୟ ଭାବେ ଗଡ଼ିଗଡ଼ି ଚାଲିଛି। ସାମନ୍ତବାଦର ନଗ୍ନ ନାୟକମାନଙ୍କ ଅମାନବିକ ଆଚରଣ ଗଣମାଧ୍ୟମର ଦୃଷ୍ଟି ଅନ୍ତରାଳରେ ଅପ୍ରକଟିତ ହୋଇ ରହିଯାଇଛି। ମଣିଷପଣିଆର ଅବକ୍ଷୟ ମଧ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ ବିଭାଗର ନିର୍ଦ୍ଦେଶକଙ୍କ ଡ୍ରାଇଭରଙ୍କଠୁ ଶୁଣିବାକୁ ମିଳିଥିଲା ଏକ ବିଚିତ୍ର ଘଟଣା। ପ୍ରବଳ ଥଣ୍ଡା ସର୍ଦ୍ଦିରେ ଆକ୍ରାନ୍ତ ଡ୍ରାଇଭର ଜଣକ ତା' ସାହେବଙ୍କୁ ବସାଇ ନେଉଥିଲା ବେଳେ ଦୁଇ ତିନିଥର କାଶି ଉଠିଲା। କାଳେ ତା' କାଶ ସାହେବଙ୍କୁ ସଂକ୍ରମିତ କରିଯିବ। ଏଇ ଆଶଙ୍କାରେ ତାକୁ ବଦଳାଇ ଦିଆଗଲା ଓ ତା' ସ୍ଥାନରେ ଆଉ ଜଣଙ୍କୁ ନିୟୋଜିତ କରାଗଲା। ଏ ସଂସାରରେ ସେ ସାମନ୍ତ ହୁଅନ୍ତୁ ତ ସେବକ, କେହି ବି ସ୍ୱାସ୍ଥ୍ୟ ସଂକଟରୁ ମୁକ୍ତ ନୁହନ୍ତି। ଡ୍ରାଇଭରଟି ବୋଲି ସିନା ସରକାରୀ କାର୍ଯ୍ୟ ସମ୍ପାଦନ ବେଳେ କାଶିବା ପାଇଁ ତା'ର ସ୍ୱାଧୀନତା ସଙ୍କୁଚିତ। କାଲି ଯଦି ସେଇ ନିର୍ଦ୍ଦେଶକଙ୍କୁ କାଶ ହୁଏ ଓ ସେଥିପାଇଁ ତାଙ୍କୁ ଗାଡ଼ିରେ ନେବା ଲାଗି କୌଣସି ଡ୍ରାଇଭର ରାଜି ନ ହୁଅନ୍ତି, ତେବେ କେମିତି ହୁଅନ୍ତା ତାଙ୍କର ଅନୁଭବ? କେଉଁଠି ରହନ୍ତା ତାଙ୍କ ସାମନ୍ତପଣ?

ସାମନ୍ତ ଓ ସେବକଙ୍କ ମଧ୍ୟରେ ଥିବା ସ୍ୱର୍ଗ ମର୍ତ୍ତ୍ୟର ଅନତିକ୍ରମଣୀୟ ଦୂରତା ଭିତର ଦେଇ ଆମ ବ୍ୟବସ୍ଥାରେ ଛାଇଯାଇଛି ଅସମାନତାର କଳା ଅନ୍ଧକାର। ତଥାପି ଏହି ଅନ୍ଧକାରର ଆଢୁଆଳରେ ଯେଉଁ ସୂକ୍ଷ୍ମ ଆଲୋକ ରେଖାଟି ସଚରାଚର ଦୃଷ୍ଟିଗୋଚର ହୁଏ, ତାହା ହେଉଛି ମାନବିକତାର ଆଲୋକ ଉଦାର ମଣିଷପଣିଆର ଔଜ୍ଜ୍ୱଲ୍ୟ। ମଣିଷପଣିଆର ଏହି ଉଜ୍ଜ୍ୱଳ ଆଲୋକକୁ ଅସ୍ୱୀକାର କରି ଯେଉଁ ହାକିମମାନେ ନିଜ ନିଜକୁ ସାମନ୍ତ ମନେକରନ୍ତି ଓ ଅହମିକା ପ୍ରଦର୍ଶନ କରି ନିଜ ଅଧସ୍ତନ ସେବକମାନଙ୍କୁ ହେୟଜ୍ଞାନ କରନ୍ତି, ସେମାନଙ୍କୁ ସାମନ୍ତ ବା ସାହେବ କୁହାଯାଏ ସିନା, ମଣିଷ କୁହାଯାଇପାରେନା। ସେମାନେ ଏ କଥା ନ ଭୁଲନ୍ତୁ ଯେ ଅଢ଼େଇ ଦିନିଆ ସାମନ୍ତପଣଠାରୁ ମଣିଷପଣିଆର ଆୟୁଷ ଦୀର୍ଘସ୍ଥାୟୀ!

ପ୍ରଜ୍ଞାନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ନିଜ ମଣିଷ, ମିଛ ବିଶ୍ୱାସ



ଦ୍ୱିତୀ ଚନ୍ଦ୍ର ସାହୁ

ଆପଣ କାହାକୁ ବିଶ୍ୱାସ କରୁଛନ୍ତି କି? ଯଦି ହଁ, ତେବେ ଟିକେ ସାବଧାନ। ଆପଣ ଆଗାମୀ ଦିନରେ ହୁଏତ ହରଡ଼ଘଣାରେ ପଡ଼ିପାରନ୍ତି। ମଝିରେ ମଝିରେ ବିଶ୍ୱାସକୁ ପରଖନ୍ତୁ। ଆପଣ ଯଦି ଆସ୍ଥାଭାଜନ ହୋଇପାରୁଛନ୍ତି ତେବେ ଭରସି ଆଗକୁ ବଢ଼ନ୍ତୁ। ଅନ୍ୟଥା ସେଇଠି ବିଶ୍ୱାସକୁ ହନନ କରିଥିବା ମଣିଷ ସହ ସମ୍ପର୍କରେ ଡୋରି ପକାଇବାକୁ ଚେଷ୍ଟା କରନ୍ତୁ। ମଣିଷ ବିଶ୍ୱାସ କରୁଥିବା ଲୋକ ପ୍ରତି ଅନ୍ଧ ହୋଇଯାଏ। ସବୁକିଛି ଖୋଲାମେଲା ଗପିପାରେ। ନିଜର ଦୁଃଖସୁଖ, ବିପଦଆପଦରେ ସେଇ ମଣିଷକୁ ଖୋଜେ। ମନକଥାକୁ ଖୋଲି କହିଦେଲେ ତା'ର ହୃଦୟ ଭରିଯାଏ। ମନ ହାଲ୍‌କା ହୋଇଯାଏ। ଏଇ କାରଣରୁ ମଣିଷ କାହାକୁ ନା କାହାକୁ ବିଶ୍ୱାସ କରିବା ସ୍ୱାଭାବିକ୍। ମନକୁ ମନ ମିଶିଗଲେ ହୃଦୟ ବିଗଳିତ ହୁଏ। ମନରେ ଭାବାନ୍ତର ହୁଏ। ମନ ଓ ହୃଦୟ ଭିତରେ ଯେଉଁ ଦ୍ୱନ୍ଦ୍ୱ ହୁଏ, ସେଇ ଦ୍ୱନ୍ଦ୍ୱକୁ ଯିଏ ଠିକଣା ଢଙ୍ଗରେ ବୁଝି ଉପଯୁକ୍ତ ସହାୟତାର ହାତ ବଢ଼ାଏ, ତେଣିକି ସିଏ ହୃଦୟର ମଣିଷ ହୁଏ। ବିଶ୍ୱାସ ଜାଗ୍ରତ ହୁଏ। ସେଇ ବିଶ୍ୱାସ ପରସ୍ତ ପରସ୍ତ ହୋଇ ସ୍ତରୀଭୂତ ହୁଏ। ଚଟାଣ ପରି ଦୃଢ଼ ହୁଏ। ସେଇଠୁ ସେଇ ମଣିଷ ପ୍ରିୟପାତ୍ର ହୋଇଯାଏ। ତା'ପରେ ନିଜ ଲୋକ ପାଲଟିଯାଏ ତଥାକଥିତ ମଣିଷ। କଥାଠାରୁ ଆରମ୍ଭକରି କାରବାର, ନେଣଦେଣ, ଲାଭକ୍ଷତି, ଗୁମର ବେପାର ସବୁ ଚାଲେ ବେଧଡ଼କ ହୋଇ। ସେଇ ବିଶ୍ୱାସୀ ମଣିଷ ହୃଦୟତାର ସହ ସବୁ ଗ୍ରହଣ କଲେ କିଛି ସମସ୍ୟା ନାହିଁ। କେଉଁଠାରେ ଟିକେ ଓଲମବିଲମ ହୋଇଗଲେ ପାନରୁ ଚୂନ ଖସିବ। ତା'ପରଠାରୁ ସେ ଶତ୍ରୁ ପାଲଟିଯିବ। ଆପଣଙ୍କ ପୂର୍ବ ଶତ୍ରୁ ସହ ହାତ ମିଶେଇବ। ଆପଣଙ୍କ ବିରୋଧରେ ମେଳି କରିବ। ନିଜର ଅପଯଶ, ଗୁଣକୀର୍ତ୍ତି କହି ବୁଲିବ। ଆପଣଙ୍କୁ ବଦନାମ କରିବା ଲାଗି ଅହରହ ଚେଷ୍ଟା କରିବ। ଆପଣ ନିଷ୍ଠାର ସହ ଥିଲେ କିଛି ହେବନି। ସାମୟିକ ଭାବେ ହୁଏତ ଆପଣଙ୍କ ମାନସିକ ଅବସାଦ ଆସିବ। ପରେ ଆପଣଙ୍କ ନିଷ୍ଠା, ସଚ୍ଚୋଟତା ଓ ସ୍ୱାଭିମାନର ବିଜୟ ହେବ ନିଶ୍ଚିତ। ସମୟକ୍ରମେ ଲୋକେ ଅସଲ କଥାକୁ ବୁଝିବେ। ତଥାକଥିତ ଲୋକଙ୍କ ଚରିତ୍ର ପଦାରେ ପଡ଼ିବ। କିନ୍ତୁ ଯଦି ଆପଣ ବେଆଇନ ପଥରେ ପାଦ ଦେଇଥିବେ, ସେଇ ବିଶ୍ୱାସୀ ମଣିଷକୁ ସାଥୀ କରିଥିବେ ସେ ହୁଏତ ଆପଣଙ୍କ ପ୍ରଭୂତ କ୍ଷତି କରିଦେଇପାରେ। ସେଥିପାଇଁ ବେଆଇନ କାରବାରରେ କିଏ ସାଥୀ, ବନ୍ଧୁ ଓ ଆତ୍ମୀୟ ସମ୍ପର୍କ ବୃଦ୍ଧି କରିବା ଠିକ୍ ନୁହେଁ ବୋଲି କୁହାଯାଏ। ଅନୀତି କ୍ଷଣସ୍ଥାୟୀ। ସେ କାୟା ପରିବର୍ତ୍ତନ କରିବ ନିଶ୍ଚିତ। କାୟା ପାଲଟିଗଲେ ସବୁକିଛି ଗୋଳମାଳ ହେବ। ସେହିକ୍ରମରେ ଏଇ ବ୍ୟାପାରରେ କାହାକୁ ବିଶ୍ୱାସଭାଜନ ହେବା ବୋକାମିର ପରିଚୟ ବୋଲି ଧରାଯାଏ। ବେଆଇନ କାମ କରୁଥିବା ଲୋକଟି ଜାଣେ ଯେ କେବେ ନା କେବେ କେଉଁଠି ବି ଏସବୁର ହୁଏତ ଅନ୍ତ ହୋଇପାରେ। ସେଠି ନିଜେ ମୁକୁଳିବା ବାଟ ରଖିଥାଏ ସେହି ଲୋକ। କିନ୍ତୁ ସେଥିରେ ଆଉ କାହାକୁ ବିଶ୍ୱାସୀ ଅଂଶୀଦାର କଲେ ଅଡୁଆ ସୂତାର ଖିଅ ଖୋଲିଯିବ କେଉଁ ମୁହୂର୍ତ୍ତରେ।



ସାଧାରଣତଃ ନିଜ ଆତ୍ମୀୟସ୍ୱଜନଙ୍କ ଉପରେ ଅଧିକ ଆସ୍ଥା ରଖନ୍ତି ଲୋକ। ପର ଲୋକ କେତେବେଳେ ବି ଛୁରିକା ଘାତ କରିପାରନ୍ତି। ତଣ୍ଟି କାଟିପାରନ୍ତି। ନିଜ ଲୋକ ପାଖରେ ଥିଲେ ଗୋଟେ ଅସୀମ ସାହସ ମିଳେ। ଆଗକୁ ବଢ଼ିବାକୁ ଧୈର୍ଯ୍ୟ ମିଳେ। ଭଲରେ ମନ୍ଦରେ ସାହା ହେବାର ଗୋଟେ ଆଶା ରଖେ ମଣିଷ। ନିଜ ଲୋକ ନିକଟରେ ଅଧିକ ସହଜ ହୁଏ ମଣିଷ। ଆହୁରି ଅଧିକ ଖୋଲାମେଲା ହେବାରେ ସମସ୍ୟା ନ ଥାଏ। କିନ୍ତୁ ଦେଖାଯାଏ ସେଇ ମଣିଷମାନେ ହିଁ ସହଜରେ ଅସୁବିଧାରେ ପକାଇପାରନ୍ତି। ନିଜ ଲୋକ ପାଖରେ ଥିବାର ମିଛ ବିଶ୍ୱାସକୁ ନେଇ ବଞ୍ଚିଥିବା ମଣିଷ ଶେଷରେ ସାଂଘାତିକ ଭାବେ ହଇରାଣ ହୁଅନ୍ତି। ଏବେ ପ୍ରଶ୍ନ ଉଠୁଛି ତେବେ ମଣିଷ କାହାକୁ ବିଶ୍ୱାସ କରିବ? ଅବଶ୍ୟ ମଣିଷକୁ ମଣିଷ ବିଶ୍ୱାସ କରିବାକୁ ପଡ଼ିବ। କିନ୍ତୁ ନିଜ ଭିତରେ ବରାବର ପ୍ରତ୍ୟୟ ଜାଗ୍ରତ କରିବାକୁ ହେବ ସେଇ ଲୋକଟି କେତେ ବିଶ୍ୱାସୀ, ଯଦିଓ ମଣିଷଠାରୁ ପଶୁମାନେ ଢେର୍ ବିଶ୍ୱାସୀ। ସାମାନ୍ୟ ଖାଦ୍ୟ ଓ ଆଦରରେ ପଶୁପକ୍ଷୀଗୁଡ଼ିକ ନିଜର ଆତ୍ମୀୟଙ୍କଠାରୁ ବି ଢେର୍ ଗୁଣରେ ବିଶ୍ୱାସ ପ୍ରଦର୍ଶନ କରନ୍ତି। ଏମିତିକି ସମୟେ ସମୟେ ନିଜ ମାଲିକର ପ୍ରାଣରକ୍ଷା ଲାଗି ନିଜ ଜୀବନକୁ ବି ବଳି ଦେଇପାରନ୍ତି। ହିଂସ୍ର ମନେହେଉଥିବା ମାଂସାଶୀ ପ୍ରାଣୀମାନେ ବି ମଣିଷର ବୋଲ ମାନିପାରନ୍ତି। କିନ୍ତୁ ମଣିଷକୁ ଆପଣ ବୋଲ ମନେଇ ପାରିବେନି।

ବର୍ତ୍ତମାନ ପରିସ୍ଥିତିରେ ସବୁ ସମ୍ପର୍କ ସ୍ୱାର୍ଥରେ ବନ୍ଧା। ସ୍ୱାର୍ଥ ସରିଗଲେ ସମ୍ପର୍କ ଶେଷ। ମୁହଁ ଫେରାଇନେବେ। ଆସ୍ଥା କୁହୁଡ଼ି ଭଳି ଉଭେଇଯିବ। ବିଶ୍ୱାସର ତାସଘର ଭୁଶୁଡ଼ିଯିବ। କ୍ୱଚିତ୍ ସମ୍ପର୍କ ଗୋଟେ ଦୃଢ଼ ବିଶ୍ୱାସରେ ବନ୍ଧା। ତାହା ଭାଗ୍ୟର ବିଷୟ। ବାକି ସବୁ ସ୍ୱାର୍ଥର ଇଟାରେ ସମ୍ପର୍କର ମହଲ ଗଢ଼ିଚାଲିଥାଏ। ଆପଣ ଜାଣିବାକୁ ହେବ ଯାହାସବୁ ସମ୍ପର୍କ ସୃଷ୍ଟି ହୋଇଛି ମିଛ ବିଶ୍ୱାସରେ ଗଢ଼ା ହୋଇଛି। ସେଇ ବିଶ୍ୱାସ ପଛରେ ଆପଣଙ୍କ ଉଦାରପଣ, ମହତ୍ ଉଦ୍ଦେଶ୍ୟ ସବୁ ଗୌଣ। ମୁଖ୍ୟ ହେଲା ପର ମଣିଷର ସ୍ୱାର୍ଥ। ଆପଣ ଅନେଶତଟି ସହାୟତା କରିଥିବେ ଜଣେ ମଣିଷକୁ କିନ୍ତୁ ଶହେ ନମ୍ବର ସ୍ୱାର୍ଥରେ ଯଦି ବ୍ୟାଘାତ ସୃଷ୍ଟି ହେଲା, ସେବେଠାରୁ ସମ୍ପର୍କରେ ଭଙ୍ଗା ସୁନିଶ୍ଚିତ। ସେଇ ଲୋକଟି ଅଚିରେ ଅନେଶତ ସହାୟତାକୁ ଭୁଲିଯିବ। କେବଳ ଶହେ ନମ୍ବର ସ୍ୱାର୍ଥ ସାଧନରେ ଆପଣଙ୍କ ବିଫଳତାକୁ ଗଣ୍ଠି ପକେଇବ। କେଉଁ ପରିସ୍ଥିତିରେ ଆପଣ ବିଫଳ ହେଲେ ତାହା ବୁଝିବା ଅପେକ୍ଷା ଅନ୍ୟ ଅର୍ଥରେ ସେଇ ପରିସ୍ଥିତିକୁ ସେ ପରଖିବ। ସେଇଠୁ ମିଛ ବିଶ୍ୱାସକୁ ହତ୍ୟା କରିବ। ଅତଏବ ଅନ୍ୟର ସ୍ୱାର୍ଥ କଥା ବୁଝିଲେ ଆପଣ ବିଶ୍ୱାସୀ ଓ ଭଲ ମଣିଷ ହୋଇପାରିବେ। ଅପରପକ୍ଷେ ଏସବୁର ଊର୍ଦ୍ଧ୍ୱରେ ଯଦି ଆପଣଙ୍କ ନିକଟରେ ଥିବା ମଣିଷ ସବୁ ବର୍ଷ ବର୍ଷ ଧରି ପରୀକ୍ଷା ପରେ ଦୃଢ଼ ବିଶ୍ୱାସୀ ଭଳି ପ୍ରମାଣିତ କରିଆସୁଛି। ଜାଣନ୍ତୁ ଆପଣ ବେଶ୍ ଭାଗ୍ୟବାନ୍। ସେଇ ମଣିଷଙ୍କୁ କେବେ ହରେଇବାକୁ ଚେଷ୍ଟା କରନ୍ତୁନି।

ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ପ୍ଲାଷ୍ଟିକ୍ କିମ୍ବା ଶସ୍ୟ ବର୍ଜ୍ୟର ପୁନଃ ବ୍ୟବହାର ହେବା ସମସ୍ତେ ଜାଣିଛନ୍ତି। କିନ୍ତୁ ବ୍ୟବହୃତ ଜୋତାକୁ ଅପ୍‌ସାଇକେଲ ବା ପୁନଃ ବ୍ୟବହାରକ୍ଷମ କରିବାରେ ସାଇ ଗୋଡ଼ିକା ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଅପ୍‌ସାଇକେଲ ପରେ ସେଗୁଡ଼ିକୁ ସେ ଗରିବ ପିଲାମାନଙ୍କୁ ଦାନ କରୁଛନ୍ତି। ଏଥିପାଇଁ ତାଙ୍କୁ ଲୋକେ 'ଶୁ ୱାରିୟର' ବୋଲି ସମ୍ବୋଧନ କରୁଛନ୍ତି। ବେଙ୍ଗାଲୁରୁରେ ତାଙ୍କ ଘର ନିକଟରେ ରହୁଥିବା ନିର୍ମାଣ ଶ୍ରମିକଙ୍କ ପିଲାମାନେ ଖାଲିପାଦରେ ଦୌଡୁଥିବା ଓ ସ୍କୁଲ ଯାଉଥିବା ଦେଖି ସେ ସେମାନଙ୍କ ପାଇଁ ଜୋତା ଯୋଗାଡ଼ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ସେହି ଲକ୍ଷ୍ୟରେ ସେ ପୁରୁଣା ଜୋତା ସଂଗ୍ରହ କରି ସେଗୁଡ଼ିକୁ ପୁନଃ ବ୍ୟବହାରକ୍ଷମ କରି ସେମାନଙ୍କୁ ଦେବା ସହ ସହରର ଅନ୍ୟ ସ୍ଥାନରେ ଥିବା ଗରିବ ପିଲାମାନଙ୍କୁ ବାଣ୍ଟୁଛନ୍ତି। ସାଇ ପ୍ରଥମେ ତାଙ୍କ ପୁରୁଣା ଜୋତାଗୁଡ଼ିକୁ ଅପ୍‌ସାଇକେଲ କରି ପିଲାମାନଙ୍କୁ ଦେଇଥିଲେ। ପରେ 'ଜୋତା ଦାନ କର ଓ ଏକ ଜୀବନକୁ ବଞ୍ଚାଅ' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏବେ ଏହି ଅଭିଯାନରେ ବହୁ ସ୍ୱେଚ୍ଛାସେବୀ ସାମିଲ ହୋଇ ୧୫,୦୦୦ ହଳ ଜୋତା ସଂଗ୍ରହ କରି ତାହାକୁ ଦାନ କରିସାରିଲେଣି। ସାଇ କୁହନ୍ତି, ଯଦି ସମସ୍ତେ ପୁରୁଣା ଜୋତା ଦାନ କରନ୍ତି ତେବେ କୌଣସି ପିଲା ଖାଲିପାଦରେ ସ୍କୁଲ ଯିବା ଦେଖିବାକୁ ମିଳିବ ନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ନଭେମ୍ବର ୧୯୯୮

- ବାଲେଶ୍ୱରର କୁପାରୀ–ସୋର ମୁଖ୍ୟ ରାସ୍ତାର ଅର୍ଜୁନପୁର–ନଳାଙ୍ଗ ମଧ୍ୟଭାଗ କୁଚିଆ କୋଇଲିଠାରେ ବାଲିବୋଝେଇ ଟ୍ରକ୍ ଓଲଟି ୧୧ ସ୍କୁଲ ଛାତ୍ର ମୃତ।
- ଜମ୍ମୁ–କଶ୍ମୀରର ପୁଞ୍ଚ ଓ ଅନନ୍ତନାଗ ଜିଲାରେ ଶକ୍ତିଶାଳୀ ବିସ୍ଫୋରଣ ଘଟି ଜଣେ ମହିଳାଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ।
- ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂଙ୍କ କ୍ୟାବିନେଟରୁ ବିମାନ ଚଳାଚଳ ଓ ସାଧାରଣ ଅଭିଯୋଗ ରାଷ୍ଟ୍ରମନ୍ତ୍ରୀ ମେହରୁ ପ୍ରସାଦ ଧ୍ରୀତ ଲହାରେ ବହିଷ୍କୃତ।

## ପାଠକ ଶ୍ରେଷ୍ଠ ବିଚାରକ

### କେବେ ଫେରିବ ଆବେଦନ ଦେୟ

ମହାଶୟ,

ସମନ୍ୱିତ ଅଞ୍ଚଳରେ ଶିକ୍ଷାର ବିକାଶ ନିମିତ୍ତ ୨୦୦୯ରେ କେନ୍ଦ୍ର ସରକାର ଦେଶର ବିଭିନ୍ନ ସ୍ଥାନରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟମାନ ଖୋଲି ଉଚ୍ଚଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ଲକ୍ଷ୍ୟ ସାଧନ କରିଥିଲେ। ଯଦିଓ ଭାରତର ଅନ୍ୟ ସ୍ଥାନମାନଙ୍କରେ ଉକ୍ତ କେନ୍ଦ୍ରଗୁଡ଼ିକ୍ ଆଖିଦୃଶିଆ ପ୍ରଗତି ହାସଲ କରିଥିବା ସ୍ଥଳେ ଓଡ଼ିଶାରେ ଏହାର ବିରୋଧାଭାସ ଦେଖିବାକୁ ମିଳୁଛି। ବ୍ୟକ୍ତିଗତ ସମାଲୋଚନା ଯଦିଓ ସମୀଚୀନ ନୁହଁ, କିନ୍ତୁ ନିକଟ ଅତୀତରେ ଏହି ଅନୁଷ୍ଠାନ ଅଣଶୈକ୍ଷିକ କର୍ମଚାରୀ ଚୟନ ପରୀକ୍ଷା ତିନି ତିନି ଥର ତାରିଖ ପରିବର୍ତ୍ତନ କରିଥିବା ସ୍ଥଳେ ଶେଷରେ ଏହାକୁ ବାତିଲ କରିଥିଲା। ବିଗତ ଦିନରେ ବାତିଲ ଶିକ୍ଷକ କର୍ମଚାରୀ ନିଯୁକ୍ତି ମାନଙ୍କରେ ପ୍ରତ୍ୟାଶୀଙ୍କୁ ଦେୟ ଫେରେଇଥିବା ସ୍ଥଳେ ଏବେ କର୍ମଚାରୀଗଣ କୌଣସି ଇ–ମେଲ୍‌ର ଜବାବ ରଖୁନାହାନ୍ତି। ଅନେକ ଗରିବ ତଥା ମେଧାବୀ ପ୍ରତ୍ୟାଶୀଙ୍କଠାରୁ ମୋଟା ଅଙ୍କର ଦେୟ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କେଉଁ ଜନମଙ୍ଗଳକାରୀ ରାଷ୍ଟ୍ରର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି, ତାହା ଉଚ୍ଚଶିକ୍ଷା ବିଭାଗ ତର୍ଜମା କରିବା ଦରକାର।

–ସମୀର ରଞ୍ଜନ ମହାପାତ୍ର, ପ୍ରହରାଜପୁର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଭାଷା ଯେବେ ତୋର ଜୀବିତ ରହିଚି ବଦନେ ହାସ
ଜଳିଉଠେ ଆଶା, ଆଖିରେ ପୂରଇ ଲୋତକ ପ୍ରାସ,
ଅଛି ତେବେ ସବୁ ଅଛି କାମଧେନୁ ଜୀବନ–ଗାଭୀ
ଜୀବନରୁ ବଳି କି ଲୋଡ଼ୁ ଅଧିକ କହ ତ ଭାବି?
–(ଜୀବନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ତ୍ରିପୁରାରେ ଓଡ଼ିଆ ଯବାନ ଶହୀଦ



ଈଶ୍ୱର ଚନ୍ଦ୍ର ଦୋରା

ଭବାନୀପାଟଣା,୧୭।୧୧ (ଉତ୍ତମ କୁମାର ଦାଶ)

ତ୍ରିପୁରାରେ କାର୍ଯ୍ୟରତ ଓଡ଼ିଆ ବିଏସ୍‌ଏଫ୍ ଯବାନ ଈଶ୍ୱର ଚନ୍ଦ୍ର ଦୋରା (୩୫) ଶୁକ୍ରବାର ମାଓବାଦୀଙ୍କ ଗୁଳିରେ ଶହୀଦ ହୋଇଛନ୍ତି। ଶହୀଦ ଯବାନଙ୍କ ଘର କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ବେଲଖଣ୍ଡି ଗ୍ରାମରେ। ଗୁରୁବାର ରାତିରେ ସେ ପରିବାର ସହ ଫୋନରେ କଥା ହୋଇଥିଲେ। ଏହି ସମୟରେ ସେ ତାଙ୍କର ଛୁଟି ମଞ୍ଜୁର ହୋଇଥିବା ଓ ଏହି ସପ୍ତାହରେ ସେ ଘରକୁ ଆସିବେ ବୋଲି କହିଥିଲେ। ହେଲେ ଗୁରୁବାର ରାତିରେ ଡ୍ୟୁଟିରେ ଯାଇଥିବା ବେଳେ ଶୁକ୍ରବାର ସକାଳେ ତ୍ରିପୁରାର ଅଗରତାଲା ଲଙ୍କାମୁରା ଏକ ପୋଲ ନିକଟରୁ ତାଙ୍କ ମୃତଦେହ ଠାବ ହୋଇଛି। ମାଓବାଦୀଙ୍କ ଗୁଳିରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ତ୍ରିପୁରା ବିଏସ୍‌ଏଫ୍ କମାଣ୍ଡାଣ୍ଟ ଅଫିସରୁ ଫୋନ ଆସିଥିଲା। ଏହାପରେ ତାଙ୍କ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡିଛନ୍ତି। କାନ୍ଦ ବୋବାଳିରେ ଗାଁ ଏବେ ଫାଟି ପଡୁଛି। ୨୦୦୯ରେ ସେ ବିଏସ୍‌ଏଫ୍ ଯବାନ ଭାବେ ନିଯୁକ୍ତି ପାଇଥିଲେ। ପରିବାର କହିଲେ ତାଙ୍କର ସ୍ତ୍ରୀ, ୫ ବର୍ଷର ଝିଅ ଓ ମା’, ବାପା, ୨ ଭାଇ, ଭାଉଜ ରହିଛନ୍ତି। ଶହୀଦ ହେବା ଖବର ଆସିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀରକୁ ଜନ୍ମମାଟି ଅଣାଯିବ ବୋଲି ସୂଚନା ମିଳିଛି।

# ଥାନା ଅଧିକାରୀ, ଏଏସ୍‌ଆଇଙ୍କୁ ଆକ୍ରମଣ

- ପୋଲିସ ହେପାଜତରୁ ଅଭିଯୁକ୍ତ ଖସି ପଳାଇବାରୁ ତାତିଲେ ଲୋକେ
- ଥାନାରେ ପଶି ଭଙ୍ଗାରୁଜା



ଭାଙ୍ଗିରୁଜି ଯାଇଥିବା ପୋଲିସ ଗାଡ଼ି।

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ କରଞ୍ଜିଆ (କବିତା ମହାନ୍ତ), ୧୭।୧୧

ମୟୂରଭଞ୍ଜ ଜିଲା ବିଶୋଇ ଥାନାରେ ଅଟକ ଥିବା ଜଣେ ଅଭିଯୁକ୍ତ ଥାନା ଅଧିକାରିଣୀଙ୍କ ଗଳାକାଟି ହତ୍ୟା ଉଦ୍ୟମ କରିବା ଘଟଣା ମନରୁ ନ ଲିଭୁଣୁ ଶୁକ୍ରବାର ଉତ୍ତ୍ୟକ୍ତ ଲୋକେ କରଞ୍ଜିଆ ଉପଖଣ୍ଡ ଘାଗରବେଡ଼ା ଥାନା ଅଧିକାରୀଙ୍କ ସମେତ ଜଣେ ଏଏସ୍‌ଆଇଙ୍କୁ ଆକ୍ରମଣ କରିଛନ୍ତି। ଲୋକେ ଥାନା ଭିତରେ ପଶି ଭଙ୍ଗାରୁଜା କରିଥିବା ବେଳେ ଉତ୍ତେଜନା ଲାଗି ରହିଛି। ବାଇକ୍ ଚୋରି ଅଭିଯୋଗରେ ଅଟକ ଥିବା ଜଣେ ଅଭିଯୁକ୍ତ ଥାନାରୁ ଖସି ପଳାଇବାରୁ ଏଭଳି ଏଭଳି ତୁମୁଳକାଣ୍ଡ ଘଟିଛି। ଜିଲାରେ ପୋଲିସ ପ୍ରତି ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ସୁରକ୍ଷା ଦେଉଥିବା ଅଧିକାରୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ତଦନ୍ତରେ ଅବହେଳା ଓ ଅପାରଗତା କାରଣରୁ ପୋଲିସ ପ୍ରତି ଜନସାଧାରଣଙ୍କ ଆକ୍ରୋଶ ବଢ଼ି ଚାଲିଥିବା ଦେଖିବାକୁ ମିଳୁଛି।

ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକ ବାଇକ୍ ଚୋରି କରୁଥିବା ସମୟରେ ଲୋକେ ତାଙ୍କୁ ଧରି ଥାନାରେ ଜିମା ଦେଇଥିଲେ। ତେବେ ଅଭିଯୁକ୍ତ ଜଣକ ଥାନାରୁ ଚମ୍ପଟ ମାରିବା ଖବରପାଇ ଶୁକ୍ରବାର ଉତ୍ତ୍ୟକ୍ତ ଲୋକେ ଥାନା ଘେରାଉ କରିଥିଲେ। ଥାନା କର୍ମଚାରୀଙ୍କ ସହ କଥା କଟାକଟି ହେବାରୁ ଉତ୍ତ୍ୟକ୍ତ ଲୋକେ ଥାନାଧିକାରୀ ଜଗନ୍ନାଥ ମୁଣ୍ଡା ଓ ଏଏସ୍‌ଆଇ ଦାସ ମହାପାତ୍ରଙ୍କୁ ଠେଲାପେଲା ସହ ଆକ୍ରମଣ କରିଥିଲେ। ଲୋକେ ଥାନାରେ ପଶି ଭଙ୍ଗାରୁଜା କରିବା ସହିତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ପରେ ପୋଲିସ ଛାନ୍‌ଭିନ୍ କରି ଅଭିଯୁକ୍ତ ଝାଡ଼ଖଣ୍ଡ ରାଜ୍ୟର ମନୀଷ ଗୋପଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ଏବଂ ଥାନାରୁ ଖସିଯିବା ଘଟଣାରେ ଅନ୍ୟ ଏକ ମାମଲା ରୁଜୁ କରିଛି। ବାଇକ୍ ଚୋରି ସମୟରେ ଲୋକେ ଅଭିଯୁକ୍ତଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିବା ପରେ ପୋଲିସ ଜିମା ଦେଇଥିଲେ। ତାଙ୍କୁ ଚିକିତ୍ସା କରାଇ ଥାନାରେ ଅଟକ ରଖିଥିବା ବେଳେ ସେ ଖସି ପଳାଇଥିବା ପୋଲିସ କହିଛି। ସରକାରୀ ସମ୍ପତ୍ତି ନଷ୍ଟ କରିବା ଓ ପୋଲିସ ଅଧିକାରୀଙ୍କୁ ଆକ୍ରମଣ କରିବା ଘଟଣାରେ ମାମଲା ରୁଜୁ କରାଯାଇ ତଦନ୍ତ ହେବ ବୋଲି କରଞ୍ଜିଆ ଏସ୍‌ଡିପିଓ ସୁବ୍ରତ କୁମାର କହିଛନ୍ତି। ତେବେ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହାକୁ ନେଇ ଆଲୋଚନା ଜୋର ଧରିଛି। ଏ ସଂକ୍ରାନ୍ତରେ ଏସ୍‌ପି ଏସ୍ ସୁଶ୍ରୀଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଚଢ଼ିଗଲା ଟ୍ରକ୍, ୩ ମୃତ

- ପଙ୍କଚର ହୋଇଥିବା ବସ୍ ଚକ ଖୋଲୁଥିବା ବେଳେ ଦୁର୍ଘଟଣା
- ମୃତକଙ୍କ ମଧ୍ୟରେ ଅଛନ୍ତି ବସ୍ ଚାଳକ, ୨ ଯାତ୍ରୀ



ପଙ୍କଚର ହୋଇଥିବା ବସ୍।

ବଇଣ୍ଡା,୧୭।୧୧(ପରିକ୍ଷିତ ସାହୁ)

ପଙ୍କଚର ହୋଇଥିବା ବସ୍ ଚକ ଖୋଲୁଥିବା ବେଳେ ଚଢ଼ିଗଲା ଟ୍ରକ୍। କଟକ – ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲା କିଶୋରନଗର ଥାନା ବୈରାଗୀପାଲି ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଘଟିଛି ଏହି ଦୁର୍ଘଟଣା। ଏଥିରେ ବସ୍ ଚାଳକ ଓ ୨ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ବସ୍ ହେଲପର ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ବସ୍ ଚାଳକ ବ୍ରଜରାଜନଗରର ଘନଶ୍ୟାମ ବାରିକ, ସୁନ୍ଦରଗଡ଼ ଅଞ୍ଚଳର ଆନନ୍ଦ ପ୍ରଧାନ, ଲଇକେରା ଅଞ୍ଚଳର ନୟନ କୁମାର ନାୟକ। ଗୁରୁତର ବସ୍ ହେଲପର ତ୍ରିଲୋଚନ ନାୟକଙ୍କ ଘର ଆଠଗଡ଼ରେ।

ସୂଚନା ଅନୁଯାୟୀ, ଝାରସୁଗୁଡାରୁ ଯାତ୍ରୀମାନଙ୍କୁ ନେଇ ପ୍ରାଚୀ ନାମକ ଏକ ନାଇଟ୍‌କୋଚ୍ ବସ୍ (ନଂ. ଓଡି୨୩ଇ–୬୬୯୬) ବିଳମ୍ବିତ ରାତିରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ବୈରାଗୀପାଲି ନିକଟରେ ଡାହାଣପଟ ପଛ ଚକ ପଙ୍କଚର ହୋଇଥିଲା। ବସ୍ ଚାଳକ ଘନଶ୍ୟାମ ଓ ହେଲପର ତ୍ରିଲୋଚନ ଚକ ଖୋଲୁଥିଲେ। ୨ ଯାତ୍ରୀ ଆନନ୍ଦ ଓ ନୟନ ସହଯୋଗ କରୁଥିଲେ। ଏହି ସମୟରେ ସମ୍ବଲପୁରରୁ କଟକ ଅଭିମୁଖେ ଯାଉଥିବା ଏକ ମାଲ ବୋଝେଇ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲା। ଦୁର୍ଘଟଣା ଖବରପାଇ ବାମୁର ଅଗ୍ନିଶମ ବିଭାଗ, ପୋଲିସ ଓ ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ ପହଞ୍ଚି ୪ ଗୁରୁତରଙ୍କୁ ଉଦ୍ଧାର କରି କିଶୋରନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ସମୟରେ ବସ୍ ଚାଳକ ଘନଶ୍ୟାମଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୩ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ରେଢ଼ାଖୋଲ ଉପଖଣ୍ଡ ମେଡିକାଲକୁ ପଠାଯାଇଥିଲା। ହେଲେ ସେଠାରେ ବସ୍ ଯାତ୍ରୀ ଆନନ୍ଦ ଓ ନୟନଙ୍କ ମୃତ୍ୟୁ ହୋଇଥିଲା। କିଶୋରନଗର ପୋଲିସ ବସ୍ ଜବତ କରିଥିବା ବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ଏହାର ଚାଳକଙ୍କ ସନ୍ଧାନ ପାଇପାରି ନାହିଁ। ଏ ନେଇ ନମ୍ବର ୨୫୬/୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହି ଦୁର୍ଘଟଣାକୁ ନେଇ କିଶୋରନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଥାନା ଆଇଆଇସି ସଙ୍ଗୀତା ମହାପାତ୍ର କହିଛନ୍ତି, ଦୁର୍ଘଟଣାର ତଦନ୍ତ କରାଯାଉଛି। ଦୁର୍ଘଟଣା ଘଟାଇଥିବା ଗାଡ଼ି ଏଯାଏ ଚିହ୍ନଟ ହୋଇନାହିଁ।

# ଦୁର୍ଗମ ଅଞ୍ଚଳକୁ ଡ୍ରୋନ୍ ସାହାଯ୍ୟରେ ବିତରଣ କରାଯିବ ଔଷଧ

## ରାୟଗଡ଼ାରେ ସ୍ୱାସ୍ଥ୍ୟସେବା ଡ୍ରୋନ୍ ବିତରଣ ନେଟ୍‌ୱର୍କର ଶୁଭାରମ୍ଭ



ରାୟଗଡ଼ା ବାରିଝୋଲାସ୍ଥିତ ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସ୍ୱାସ୍ଥ୍ୟସେବା ଡ୍ରୋନ୍ ବିତରଣ ନେଟ୍‌ୱର୍କର ଶୁଭାରମ୍ଭ କରାଯାଉଛି।

ରାୟଗଡ଼,୧୭।୧୧ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲାରେ ସ୍ୱାସ୍ଥ୍ୟସେବାକୁ ଅଧିକ ବିସ୍ତାରିତ କରିବା ପାଇଁ ଶୁକ୍ରବାର ସ୍ୱାସ୍ଥ୍ୟସେବା ଡ୍ରୋନ୍ ବିତରଣ ନେଟ୍‌ୱର୍କର ଶୁଭାରମ୍ଭ ହୋଇଛି। ୟୁଏସ୍‌ଏଆଇଡି ସମର୍ଥିତ ସମୃଦ୍ଧି ଏବଂ ଆଇପିଇ ଗ୍ଲୋବାଲ ଦ୍ୱାରା କାର୍ଯ୍ୟକାରୀ ସଂସ୍ଥା ରେଡ୍‌ୱିଙ୍ଗ ଭଳି ଅଗ୍ରଣୀ ଷ୍ଟାର୍ଟଅପ୍ ଅନୁଷ୍ଠାନ ସହଯୋଗରେ ବାରିଝୋଲାସ୍ଥିତ ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସ୍ୱାସ୍ଥ୍ୟସେବା ଡ୍ରୋନ୍ ବିତରଣ ନେଟ୍‌ୱର୍କର ଶୁଭାରମ୍ଭ କରାଯାଇଛି। ଅନୁସୂଚିତ ଜାତି ଜନଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଏହି ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଡ୍ରୋନ୍ ଯୋଗେ ପ୍ରଥମେ ପ୍ରତିଷେଧକ ଟିକା ଗୁଡ଼ାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରେରଣ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଏହି ସେବା ଗୁଡାରି ଓ କଲ୍ୟାଣସିଂପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇ ଦିଆଯିବ। ଡ୍ରୋନ୍ ମାଧ୍ୟମରେ ଏକାଥରକେ ପ୍ରାୟ ୧.୫ କେଜି ଓଜନର ଔଷଧ ବା ସ୍ୱାସ୍ଥ୍ୟ ଉପକରଣକୁ ଉପଯୁକ୍ତ ଶୀତଳଶୃଙ୍ଖଳ ମାଧ୍ୟମରେ ପରିବହନ କରାଯାଇପାରିବ। ଏହି ପାଇଲଟ ପ୍ରକଳ୍ପ ମାଧ୍ୟମରେ ଇଲେକ୍ଟ୍ରିକ ହାଇବ୍ରିଡ୍ ଡ୍ରୋନ୍ ବ୍ୟବହାର କରି ରାୟଗଡ଼ା ଜିଲାର ବିଚ୍ଛିନ୍ନ ତଥା ଦୁର୍ଗମ ଅଞ୍ଚଳରେ ଔଷଧ ସହିତ ବିଭିନ୍ନ ଚିକିତ୍ସା ଉପକରଣକୁ ଆକାଶମାର୍ଗ ଜରିଆରେ ଜରୁରୀ ଓ ସ୍ୱଳ୍ପ ସମୟରେ ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ଯୋଗାଇ ଦିଆଯାଇପାରିବ। ଡ୍ରୋନ୍ ପ୍ରକଳ୍ପ ଶୁଭାରମ୍ଭ ଅବସରରେ ଜିଲାପାଳ ସ୍ୱଧାଦେବ ସିଂ କହିଥିଲେ, ରାୟଗଡ଼ା ଜିଲାର ଗୁଡ଼ାରି ଓ କଲ୍ୟାଣସିଂପୁର ଭଳି ବ୍ଲକରେ ଅନେକ ଦୁର୍ଗମ ଅଞ୍ଚଳ ରହିଛି, ଯେଉଁଠିକୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ଜିଲାର ୩୨୩୪ଟି ଗାଁ ମଧ୍ୟରୁ ପାଖାପାଖି ୮୦୦ରୁ ଅଧିକ ଗାଁରେ ଜରୁରିକାଳୀନ ସାମଗ୍ରୀ ପହଞ୍ଚିବା କଷ୍ଟକର ହୋଇଥିବା ବେଳେ ପାଖାପାଖି ୧୬୦ଟି ଗ୍ରାମ ବିଚ୍ଛିନ୍ନାଞ୍ଚଳ ଭାବେ ରହିଛି। ଆକାଶମାର୍ଗ ଜରିଆରେ ଔଷଧ ଏବଂ ଚିକିତ୍ସା ଉପକରଣ ବିତରଣ ଦ୍ୱାରା ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଅତ୍ୟାବଶ୍ୟକ ନିଦାନ, ଔଷଧ ଏବଂ ଟିକାକରଣର ଉନ୍ନତି ଆସିବା ସହିତ ଏହି ପଦକ୍ଷେପ ଯୋଗୁ ରୋଗର ପରୀକ୍ଷା, ନିରାକରଣ ଏବଂ ଚିକିତ୍ସାରେ ଉନ୍ନତି ଆସିପାରିବ। ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା କ୍ଷେତ୍ରରେ ଡ୍ରୋନ୍ ଦ୍ୱାରା ସ୍ୱାସ୍ଥ୍ୟସେବା ବିତରଣ ଏକ ପରିବର୍ତ୍ତନକାରୀ ପଦକ୍ଷେପ ବୋଲି ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି କହିଥିଲେ। ଡ୍ରୋନ୍ ପ୍ରକଳ୍ପ ଶୁଭାରମ୍ଭ ଅବସରରେ ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନସୂୟା ମାଝି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲାଲମୋହନ ରାଉତରାୟଙ୍କ ସମେତ ରେଡ୍‌ୱିଙ୍ଗର ମୁଖ୍ୟ କୁନ୍ଦନ ମେଡିରେଡି ଏବଂ ୟୁଏସ୍‌ଏଆଇଡିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ୨ ମୃତ

ସାତମାଇଲ,୧୭।୧୧ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ହାତୁରା ପଞ୍ଚାୟତ ପଡା ଛକ ନିକଟରେ ଗୁରୁବାର ରାତିରେ ଏକ ଗଛରେ ବାଇକ ପିଟି ହୋଇଯିବାରୁ ୨ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନାଲ୍‌କୋ ଥାନା ତୁରଙ୍ଗ ଗ୍ରାମର ସୁଶାନ୍ତ ବେହେରା(୧୯) ଓ ମାନସ ଭୋଇ(୨୦)। ଉଭୟେ ବାଇକ୍ ଯୋଗେ ରସୋଳରୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ମାନସଙ୍କୁ ପୋଲିସ ଉଦ୍ଧାର କରି ହିନ୍ଦୋଳ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ଢେଙ୍କାନାଳ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଫାଣ୍ଡି ଅଧିକାରୀ ନଂ. ୨୯୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# କଳା ଇତିହାସକାର ବି.ଏନ୍. ଗୋସ୍ୱାମୀଙ୍କ ପରଲୋକ



ପାହାରି ପେଣ୍ଟିଂ, କ୍ଷୁଦ୍ର ପ୍ରତିରୂପ ଚିତ୍ରାଙ୍କନ, କୋର୍ଟ ପେଣ୍ଟର ଏବଂ ମାଷ୍ଟର୍ସ ଅଫ୍ ଇଣ୍ଡିଆନ୍ ପେଣ୍ଟିଂରେ ରଚନା କରିଛନ୍ତି ୨୬ରୁ ଊର୍ଦ୍ଧ୍ୱ ପୁସ୍ତକ

ନୂଆଦିଲ୍ଲୀ,୧୭।୧୧(ପି.ଟି.)

ଖ୍ୟାତନାମା କଳା ଇତିହାସକାର ତଥା ଲେଖକ ବ୍ରିଜେନ୍ଦ୍ର ନାଥ ଗୋସ୍ୱାମୀଙ୍କର ଶୁକ୍ରବାର ଚଣ୍ଡିଗଡ଼ର ପିଜିଆଇଏମ୍‌ଇଆର୍‌ରେ ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷ ହୋଇଥିଲା। ସେ ଫୁସ୍‌ଫୁସ୍ ସଂକ୍ରମଣରେ ପୀଡ଼ିତ ଥିଲେ ବୋଲି ତାଙ୍କ ପରିବାରର ବନ୍ଧୁ ତଥା ଅଭିନେତା ନୀଲମ ମାନ୍‌ସିଂ କହିଛନ୍ତି। ୧୯୩୩ ଅଗଷ୍ଟ ୧୫ରେ ଜନ୍ମିତ ଗୋସ୍ୱାମୀ ତାଙ୍କର ପାହାରି ଶୈଳୀର ଚିତ୍ରାଙ୍କନ ପାଇଁ ବେଶ୍ ଜଣାଶୁଣା ଥିଲେ। ଏଥିପାଇଁ ତାଙ୍କୁ ପଦ୍ମଶ୍ରୀ ଓ ପଦ୍ମ ଭୂଷଣ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେ ଶିକ୍ଷା ଓ ଗବେଷଣାରେ କ୍ୟାରିୟର କରିବା ପାଇଁ ୯୫୮ରେ ସମ୍ମାନଜନକ ସିଭିଲ୍ ସର୍ଭିସ୍ ଛାଡ଼ିଥିଲେ। ପାହାରି ପେଣ୍ଟିଂ, କ୍ଷୁଦ୍ର ପ୍ରତିରୂପ ଚିତ୍ରାଙ୍କନ, କୋର୍ଟ ପେଣ୍ଟର ଏବଂ ମାଷ୍ଟର୍ସ ଅଫ୍ ଇଣ୍ଡିଆନ୍ ପେଣ୍ଟିଂ ଆଦିରେ ସେ ୨୬ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି। ତାଙ୍କର ଶେଷ ପୁସ୍ତକ ‘ଦି ଇଣ୍ଡିଆନ୍ କ୍ୟାଟ୍: ଷ୍ଟୋରିଜ୍, ପେଣ୍ଟିଂସ୍, ପୋଏଟ୍ରି ଆଣ୍ଡ ପ୍ରୋଭର୍ବସ୍’। ଗୋସ୍ୱାମୀଙ୍କ ସ୍ତ୍ରୀ କରୁଣା ମଧ ଜଣେ କଳା ଇତିହାସକାର ଥିଲେ। ୨୦୨୦ରେ ତାଙ୍କର ପରଲୋକ ହୋଇଥିଲା। ଗୋସ୍ୱାମୀ ତାଙ୍କ ଝିଅ ମାଳବିକା ସହ ରହୁଥିଲେ। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ଝିଅକୁ ବଳାତ୍କାର କରିଥିବା ବାପା ଗିରଫ

ମାଲକାନଗିରି,୧୭।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବାଲିମେଲା ବିଜ୍ଞାପିତ ଅଞ୍ଚଳ ସଦର ମହକୁମାରେ ନିଜ ଝିଅକୁ ବଳାତ୍କାର ଥିବା ଅଭିଯୋଗକୁ ଭିତ୍ତି କରି ଓର୍କେଲ ପୋଲିସ ସମ୍ପୃକ୍ତ ବାପାଙ୍କୁ ଶୁକ୍ରବାର ଗିରଫ କରିଛି। ଏନେଇ ବାଲିମେଲା ଡ୍ରଗ୍ ଲାଇନର ଜଣେ ବ୍ୟକ୍ତି ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଗିରଫ ବ୍ୟକ୍ତି ଜଣକ ବାଲିମେଲା ଜଳବିଦ୍ୟୁତ୍ କେନ୍ଦ୍ରରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିଲେ।

# ଆଇଇଡି ବିସ୍ଫୋରଣ, ଯବାନ ଶହୀଦ

ମାଲକାନଗିରି, ୧୭।୧୧(ଦୁର୍ଯୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ପୁଣି ମାଓବାଦୀ ହିଂସା ଦେଖିବାକୁ ମିଳିଛି। ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣରେ ପୋଲିଂ କାର୍ଯ୍ୟ ସାରି ଫେରୁଥିବା ବେଳେ ରାସ୍ତାରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବିସ୍ଫୋରଣ ହୋଇଛି। ଏଥିରେ ଭାରତୀୟ ତିବ୍ବତ ଫୋର୍ସର ଜଣେ ଯବାନ ଶହୀଦ ହୋଇଛନ୍ତି। ଜଣେ ଯବାନ ଆହତ ହୋଇଛନ୍ତି। ଖବରରୁ ଜଣାପଡ଼ିଛି, ଛତିଶଗଡର ଗରିଆବନ୍ଧ ଜିଲାରେ ଶୁକ୍ରବାର ଦ୍ୱିତୀୟ ପ୍ରର୍ଯ୍ୟାୟ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିଲା। ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥାରେ ଭୋଟ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟ ସାରି ତିବ୍ବତ ଫୋର୍ସର ଯବାନମାନେ ନିଜ ଗନ୍ତବ୍ୟ ସ୍ଥଳକୁ ଫେରୁଥିବା ବେଳେ ବାଡେଗୋବ୍ରା ଗ୍ରାମ ନିକଟରେ ଆଇଇଡି ବିସ୍ଫୋରଣ ଘଟିଥିଲା।

# ୨୦୦ କୋଟିର...

ପ୍ରଥମ ପୃଷ୍ଠାରୁ...

ସିଙ୍ଗାପୁରରେ ପଞ୍ଜୀକୃତ ହୋଇଥିବା ଅଭିଯୁକ୍ତମାନେ ଦାବି କରୁଥିବାବେଳେ ଭାରତରେ ଏହାର ପରିଚାଳନା ଦାୟିତ୍ୱ ସନ୍ଦୀପ ନେଇଥିଲେ। କମ୍ପାନୀର ବିଭିନ୍ନ ସ୍କିମ୍‌ରେ ଟଙ୍କା ନିବେଶ କଲେ କମ୍ ସମୟ ମଧ୍ୟରେ ବହୁଗୁଣ ଲାଭ ମିଳିବ ବୋଲି ଲୋଭ ଦେଖାଯାଉଥିଲା। ଏପରିକି ବୋନସ୍ ଓ ରେଫରାଲ ପାଇଁ ଲିଡରଶିପ୍ ପଦ ମଧ୍ୟ ଦିଆଯାଉଥିଲା। ଏହାର ୱେବ୍‌ସାଇଟ୍ ଓ ସୋସିଆଲ୍ ମିଡିଆ ଆକାଉଣ୍ଟରେ ‘ଇନୋଭେଟିଭ୍ କ୍ଲାଇମେଟ୍ ଟେକ୍ କମ୍ପାନୀ’ ବୋଲି ଦର୍ଶାଯାଉଥିଲା। କମ୍ପାନୀ ବ୍ୟବସାୟ ସହ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ସମାଧାନ କରେ ବୋଲି କୁହାଯାଉଥିଲା। ମାଷ୍ଟରମାଇଣ୍ଡ ସନ୍ଦୀପ ଓ ତାଙ୍କ ଅଫ୍‌ଲାଇନ୍ ସଦସ୍ୟମାନେ ପ୍ରତିଦିନ ଜୁମ୍ ଆପ୍‌ରେ ମିଟିଂ କରି ଲୋକଙ୍କୁ ୟେସ୍ ୱାର୍ଲଡ ସହ ଯୋଡି ହେବାକୁ ପ୍ରବର୍ତ୍ତାଉଥିଲେ। ଏପରିକି ବଡ଼ ହୋଟେଲ ଆଦିରେ ମଧ୍ୟ କାର୍ଯ୍ୟକ୍ରମ କରୁଥିଲେ। ଏଥିସହ ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ, ‘ୟେସ୍ ୱାର୍ଲଡ’ରେ ଦେଶବ୍ୟାପୀ ୨.୫ ଲକ୍ଷ ଲୋକ ସଦସ୍ୟ ହୋଇ ୨୦୦ କୋଟି ଟଙ୍କା ନିବେଶ କରିଛନ୍ତି। ସେଥିମଧ୍ୟରୁ ଓଡ଼ିଶାର ଭୁବନେଶ୍ୱର, ଖୋର୍ଦ୍ଧା, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂପୁର, କେନ୍ଦୁଝର ଓ ନୟାଗଡ଼ରେ ୮୦୦ ଲୋକ ସଦସ୍ୟ ହୋଇଛନ୍ତି। ସନ୍ଦୀପ ଏକାଧିକ ଥର ଓଡ଼ିଶା ଆସି ଲୋକଙ୍କୁ ଫସାଇଥିବା ଜଣାପଡ଼ିଛି। ଏହି ଠକେଇର ଶିକାର ହୋଇଥିବା ପୁରୀ ମାର୍କେଟ ଛକ ଅଞ୍ଚଳର ସ୍ୱାଗତ କୁମାର ନାୟକ ଇଓଡବ୍ଲ୍ୟୁ ନିକଟରେ ଅଭିଯୋଗ କରିଥିଲେ। ସନ୍ଦୀପ ଓ ଅନ୍ୟମାନଙ୍କ ଦ୍ୱାରା ସେ ୮୫ ହଜାର ଟଙ୍କା ଠକେଇର ଶିକାର ହୋଇଥିବା ଏତଲାରେ ଉଲ୍ଲେଖ କରିଥିଲେ। ଏନେଇ ଇଓଡବ୍ଲ୍ୟୁ ଗତ ଅକ୍ଟୋବର ୧୬ରେ ଏକ ମାମଲା (ନଂ.୨୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଏଭଳି ପୋଞ୍ଜି ସ୍କିମ୍ ଆଦିରେ ବହୁଗୁଣ ଲାଭ ମିଳିବା ଆଶାରେ ଟଙ୍କା ନିବେଶ ନ କରିବାକୁ ଇଓଡବ୍ଲ୍ୟୁ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଡାକ୍ତରଖାନା କର୍ମଚାରୀଙ୍କ ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ

- ମା’ଛେଉଣ୍ଡ ହୋଇଗଲେ ୩ କୋମଳମତି ଶିଶୁ

ପାଟଣାଗଡ଼, ୧୭।୧୧ (ପ୍ରହ୍ଲାଦ ପାଢ଼ୀ)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଯୋଗିମୁଣ୍ଡା ଉପ ସ୍ୱାସ୍ଥ୍ୟକେନ୍ଦ୍ରରୁ ସ୍ଥାନାନ୍ତର ହୋଇଥିବା ଜଣେ ପ୍ରସୂତିଙ୍କ ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ସ୍ୱାସ୍ଥ୍ୟକର୍ମୀଙ୍କ ଅସାବଧାନତା ସହ ପ୍ରସୂତି ଗୃହରେ ଥିବା ଷ୍ଟାଫ୍‌ନର୍ସ ଓ ରକ୍ତଭଣ୍ଡାର କର୍ମଚାରୀଙ୍କ ଅବହେଳା ଯୋଗୁ ମହିଳାଙ୍କ ମୃତ୍ୟୁ ହୋଇଥିବା ପରିବାରବର୍ଗ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ଖପ୍ରାଖୋଲ ଥାନା ବାଗଝରଣ ଗାଁର ଜଗଦୀଶ ଭୂଏଙ୍କ ସ୍ତ୍ରୀ ମୌନାବତୀଙ୍କ ଗର୍ଭଯନ୍ତ୍ରଣା ହେବାରୁ ପରିବାରବର୍ଗ ପ୍ରଥମେ ଶୁକ୍ରବାର ସକାଳ ୬ଟାରେ ଯୋଗିମୁଣ୍ଡା ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଦୀର୍ଘବର୍ଷରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ ପଦ୍ମାବତୀ ମେହେର ସେହି ଗର୍ଭବତୀଙ୍କର ପ୍ରାଥମିକ ଚିକିତ୍ସା କରିବା ସହ ଦିନ ୧୧ଟାରେ ପ୍ରସବ ହେବ ବୋଲି କହିଥିଲେ। ଏହାପରେ ସ୍ୱାସ୍ଥ୍ୟକର୍ମୀ ଜଣକ ଔଷଧ, ଇଞ୍ଜେକ୍‌ସନ ଓ ସାଲାଇନ୍ ଗର୍ଭବତୀଙ୍କୁ ଦେବା ଆରମ୍ଭ କରିଥିଲେ। ପାଖାପାଖି ଦିନ ୧୧ଟାରେ ଉକ୍ତ ମହିଳା ବିନା ଅସ୍ତ୍ରୋପଚାରରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଶିଶୁକନ୍ୟା ଜନ୍ମହେବାର ଅଳ୍ପ ସମୟ ପରେ ମହିଳାଙ୍କ ପ୍ରବଳ ରକ୍ତସ୍ରାବ ହୋଇଥିଲା। ରକ୍ତସ୍ରାବକୁ ଅଟକାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ ଜଣକ କୌଣସି ଏକ ଇଞ୍ଜେକ୍‌ସନ ପ୍ରୟୋଗ କରିଥିଲେ। ଏହାପରେ ମଧ୍ୟ ରକ୍ତସ୍ରାବ ବନ୍ଦ ହୋଇ ନ ଥିଲା। ନିରୁପାୟ ହୋଇ ପ୍ରସୂତିଙ୍କୁ ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଡାକ୍ତରଖାନା ପ୍ରସୂତି ଗୃହକୁ ଷ୍ଟାଫ୍ ନର୍ସମାନେ ଚିକିତ୍ସା ପାଇଁ ମହିଳାଙ୍କୁ ଭିତରକୁ ନେଇଥିବାବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ କୌଣସି ଡାକ୍ତର ଯାଇ ନ ଥିଲେ। ଷ୍ଟାଫ୍‌ନର୍ସମାନେ ମହିଳାଙ୍କ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ତାଙ୍କୁ ‘ଓ’ ପଜିଟିଭ୍ ରକ୍ତ ଆବଶ୍ୟକ ବୋଲି ପରିବାର ବର୍ଗଙ୍କୁ ଜଣାଇଥିଲେ। ବ୍ଲଡ୍‌ବ୍ୟାଙ୍କ କର୍ମଚାରୀମାନେ ବିନା ଏକ୍ସଚେଞ୍ଜରେ ରକ୍ତ ଦିଆଯାଇପାରିବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଥିଲେ। ପରିବାରବର୍ଗ ଦୀର୍ଘ ୨ ଘଣ୍ଟା ପର୍ଯ୍ୟନ୍ତ ରକ୍ତଭଣ୍ଡାର ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ରକ୍ତ ପାଇଁ କାକୁତିମିନତି ହୋଇଥିଲେ। ଶେଷରେ ମହିଳାଙ୍କ ବଡ଼ଭାଇ ହେମନ୍ତ ଛତ୍ରିଆ ଗାଁରୁ ଆସି ନିଜେ ରକ୍ତ ଦେବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଠିକ୍ ଏହି ସମୟରେ ମହିଳାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ମୃତ ମହିଳାଙ୍କ ୧୧ ଓ ତିନି ବର୍ଷର ଦୁଇଟି ଝିଅ ଥିବାବେଳେ ଉଭୟ ସ୍ୱାମୀ ସ୍ତ୍ରୀ ଦିନମଜୁରି କାମକରି ପରିବାର ପ୍ରତିପୋଷଣ କରୁଥିଲେ। ସ୍ତ୍ରୀଙ୍କ ଅକାଳ ବିୟୋଗ ଯୋଗୁ ସ୍ୱାମୀ ଭାଙ୍ଗିପଡିଥିବାବେଳେ ୩ ଝିଅ ମା’ଛେଉଣ୍ଡ ହୋଇପଡିଛନ୍ତି। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟକର୍ମୀ ପଦ୍ମାବତୀ ମେହେରଙ୍କୁ ପଚାରିବାରୁ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁକନ୍ୟା ଜନ୍ମହେବା ପରେ ମହିଳାଙ୍କ ଅତ୍ୟଧିକ ରକ୍ତସ୍ରାବ ସହ ରକ୍ତଚାପ ବଢ଼ିଯାଇଥିବାରୁ ମହିଳାଙ୍କୁ ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲି। ବିନା ଅସ୍ତ୍ରୋପଚାରରେ କେମିତି ଅତ୍ୟଧିକ ରକ୍ତସ୍ରାବ ହେଲା ବୋଲି ପଚାରିବାରୁ କହିପାରିବି ନାହିଁ ବୋଲି କହିବା ସହ ମହିଳାଙ୍କ ଛାତି ଦରଜ ହେବା ସହ ବାନ୍ତି ହେଉଥିଲା ବୋଲି କହିଥିଲେ। ଉପରୋକ୍ତ ଘଟଣା ସମ୍ପର୍କରେ ଦାୟିତ୍ୱରେ ଥିବା ଏସ୍‌ଡିଏମ୍‌ଓ ଡ. ପୀତବାସ ସାଙ୍କୁ ପଚାରିବାରୁ ଜରୁରୀ ସ୍ଥଳେ ବିନା ଏକ୍ସଚେଞ୍ଜରେ ମଧ ରୋଗୀକୁ ରକ୍ତଦେବାର ବ୍ୟବସ୍ଥା ରହିଛି ବୋଲି ପ୍ରକାଶ କରିଥିଲେ।



**୨୦୨୪ ନିର୍ବାଚନ ପାଇଁ ନିଯୁକ୍ତି ପାଇଥିବା ଅଧିକାରୀଙ୍କୁ ତାଲିମ** ଭୁବନେଶ୍ୱର, ୧୭।୧୧(ସୁନିତ୍ ମିଶ୍ର): ୨୦୨୪ ନିର୍ବାଚନ କାର୍ଯ୍ୟ ପରିଚାଳନା ଲାଗି ନିଯୁକ୍ତ ଭୋଟର ପଞ୍ଜୀକରଣ/ସହକାରୀ ଭୋଟର ପଞ୍ଜୀକରଣ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏହାର ଆରମ୍ଭ କରିଛନ୍ତି। ପୂର୍ବରୁ ନିର୍ବାଚନ କାର୍ଯ୍ୟରେ ଅଂଶଗ୍ରହଣ କିମ୍ବା ଭୋଟର ପଞ୍ଜୀକରଣ କାର୍ଯ୍ୟ କରି ନ ଥିବା ପ୍ରଶାସନିକ ଅଧିକାରୀମାନଙ୍କୁ ଭୋଟର ପଞ୍ଜୀକରଣ ସହ ନିର୍ବାଚନ ପରିଚାଳନା ସମ୍ପର୍କରେ ବିସ୍ତୃତ ଭାବେ ତାଲିମ ପ୍ରଦାନ କରାଯାଇଛି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିର୍ବାଚନ ପରିଚାଳନା ସମ୍ପର୍କିତ ଜାରି ନିର୍ଦ୍ଦେଶନାମା ଓ ନୂତନ ଆଇନକାନୁନ ସମ୍ପର୍କରେ ଅଧିକାରୀଙ୍କୁ ତାଲିମ ଦିଆଯାଇଛି। ଏହି ଅଧିକାରୀମାନେ ଆଗକୁ ନିର୍ବାଚନ ପରିଚାଳନା ବେଳେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

# ଦୀର୍ଘ ବର୍ଷର ବକେୟା ୧୮ ଲକ୍ଷ ଶୁଝିଲେ ସରକାର

**ଭୁବନେଶ୍ୱର, ୧୭।୧୧(ଅନିଲ ଦାସ)**





ରାଜ୍ୟ ସରକାର କୋର୍ଟଙ୍କ ନିର୍ଦ୍ଦେଶରେ ୯ ତାଲା ନିର୍ମାଣ କରିଥିବା ଏକ ଠିକା ସଂସ୍ଥାର ଦୀର୍ଘ ବର୍ଷର ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପଇଠ କରିଛନ୍ତି। ଏହି ଟଙ୍କା ଶୁଝିବାରେ ଅକ୍ଷମ ହେବାରୁ ନିର୍ମାଣ ସୌଧର ଆସବାବପତ୍ରର ନିଲାମ ହୋଇଥାନ୍ତା। ମୂଳ ୬ ଲକ୍ଷ ଏବଂ ସୁଧ ପ୍ରାୟ ୧୨ ଲକ୍ଷକୁ ମିଶାଇ ରାଜ୍ୟ ସରକାର ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜମା କରିବା ପରେ ନିଲାମ ପ୍ରକ୍ରିୟା ବନ୍ଦ ହୋଇଛି।

୧୯୭୪ରେ ନଅ ତାଲା ନିର୍ମାଣ କରିଥିବା ଠିକାସଂସ୍ଥା କନ୍ଷ୍ଟ୍ରକଶନ ଇଣ୍ଡିଆର ୬ ଲକ୍ଷ ଟଙ୍କା ରାଜ୍ୟ ସରକାର ବାକିରଖିଥିଲେ। ବାରମ୍ବାର ବକେୟା ଟଙ୍କା ମାଗିବା ସତ୍ତ୍ୱେ ନ ଦେବାରୁ ୧୯୮୨ରେ ଭୁବନେଶ୍ୱର ସିଭିଲ୍ ଜଜ୍ ସିନିୟର ଡିଭିଜନ କୋର୍ଟରେ ଠିକା ସଂସ୍ଥାର ତତ୍କାଳୀନ ମୁଖ୍ୟ କେସ୍ କରିଥିଲେ। ୧୯୯୮ରେ କୋର୍ଟ ଠିକା ସଂସ୍ଥା ସପକ୍ଷରେ ରାୟ ଦେଇ ବକେୟା ଟଙ୍କା ପୈଠ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଧିକ ଅଟକଳ କରି ବିଲ୍ କରାଯାଇଥିବା ଦର୍ଶାଇ ରାଜ୍ୟ ସରକାର ହାଇକୋର୍ଟ ଓ ସୁପ୍ରିମକୋର୍ଟ ଯାଇଥିଲେ। ୨୦୨୨ରେ ଏହାର ବିଚାର କରି ସୁପ୍ରିମକୋଟ ତଳ କୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ଏହାପରେ ଟଙ୍କା ଶୁଝିବା ପାଇଁ ବିଳମ୍ବ ହୋଇଥିଲା। ଶେଷରେ ଗତ ୯ ତାରିଖରେ କୋର୍ଟ ବିରକ୍ତି ପ୍ରକାଶ କରିବା ସହ ନିର୍ମାଣ ସୌଧ କୋଠାବାଡ଼ି ମୁଖ୍ୟଯନ୍ତ୍ରୀଙ୍କ ଅଫିସର ସବୁ ଆସବାବପତ୍ରର ନିଲାମ ନିର୍ଦ୍ଦେଶ ଦେଇଥିଲେ।

# ଶିକ୍ଷା ଓ ଦକ୍ଷତା ବିକାଶର ୨ ସ୍ତମ୍ଭକୁ ଉପଯୋଗକରି ମିଳିତ ଆକାଂକ୍ଷା ଉପରେ କାର୍ଯ୍ୟ କରିବା: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୭।୧୧(ସୁନିତ୍ ମିଶ୍ର)**



ଶିକ୍ଷା ଓ ଦକ୍ଷତା ବିକାଶର ୨ଟି ସ୍ତମ୍ଭକୁ ଉପଯୋଗକରି ମିଳିତ ଆକାଂକ୍ଷା ଉପରେ କାର୍ଯ୍ୟ କରିବା ସହ କମନ୍ ଷ୍ଟ୍ରାଟେଜି ବା ସାଧାରଣ ରଣନୀତି ପ୍ରସ୍ତୁତ କରିବା ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶୁକ୍ରବାର ୨ୟ ଭଏସ୍ ଅଫ୍ ଗ୍ଲୋବାଲ ସାଉଥ ସମ୍ମିଟର ଶିକ୍ଷାମନ୍ତ୍ରୀ ଅଧିବେଶନରେ ଅଧ୍ୟକ୍ଷତା କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଆମ ସମସ୍ତଙ୍କୁ ନିଜର ଆକାଂକ୍ଷା ଉପରେ ଆଲୋଚନାକରି ଶିକ୍ଷା ଓ ଦକ୍ଷତା ବିକାଶର ୨ଟି ସ୍ତମ୍ଭ ଆଧାରରେ ରଣନୀତି ପ୍ରସ୍ତୁତ କରିବାକୁ ହେବ ଏବଂ ଭାରତର ଅନୁଭବ ଏକ ଉଦାହରଣ ଭାବରେ ସମସ୍ତଙ୍କୁ ସହାୟକ ହୋଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଜାତୀୟ ଶିକ୍ଷାନୀତିକୁ କାର୍ଯ୍ୟକାରୀ କରୁଛି। ଏହା ଆମ ଶିକ୍ଷା ପରିସଂସ୍ଥାନରେ ବ୍ୟାପକ ସଂସ୍କାର ଆଣିଛି। ସର୍ବବ୍ୟାପୀ, ସର୍ବସ୍ପର୍ଶୀ, ଗୁଣାତ୍ମକ, ସୁଲଭ ଓ ଉତ୍ତରଦାୟିତ୍ୱ ଭଳି ୫ଟି ସ୍ତମ୍ଭ ଉପରେ ପ୍ରସ୍ତୁତ ଜାତୀୟ ଶିକ୍ଷାନୀତି ଭାରତର ମୂଳ ଚରିତ୍ର ସହ ଯୋଡ଼ିହେବା ସାଙ୍ଗକୁ ୨୦୩୦ ସ୍ଥାୟୀ ବିକାଶର ଏଜେଣ୍ଡା ସହ ସମ୍ମିଳିତ ରହିବ। ଏହା ଆମର ଯୁବପିଢ଼ିଙ୍କୁ ବୈଶ୍ୱିକ ନାଗରିକ ଭାବରେ ବିକଶିତ କରିବ। ଜାତୀୟ ଶିକ୍ଷାନୀତି ଏକ ଦାର୍ଶନିକ ଦସ୍ତାବିଜ। ଏହି ଶିକ୍ଷାନୀତି ଉଭା ହେଉଥିବା ଅର୍ଥନୀତିଗୁଡ଼ିକ ଉପରେ ବିସ୍ତୃତ ରଣନୀତି ସହ ମାନବ ସମ୍ବଳ ବିକାଶ ପାଇଁ ନୀତି ପ୍ରସ୍ତୁତ କରିବାର ଏକ ଦସ୍ତାବିଜ ହେବ। ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ଗ୍ଲୋବାଲ ସାଉଥର ଉଦ୍ଦେଶ୍ୟକୁ ସମର୍ଥନ କରିଛି ଏବଂ ଏକ ପରିବାର ଭାବେ ମିଳିତ ସମୃଦ୍ଧି ଓ ଅଭିବୃଦ୍ଧି ପାଇଁ ସହଯୋଗ ଦେଇଛି। ଡିଜିଟାଲ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବାରେ ଭାରତର ପଦକ୍ଷେପକୁ ବିଶ୍ୱ ଅନୁସରଣ କରୁଛି। ଭାରତର ଡିଜିଟାଲ ପେମେଣ୍ଟ ଫ୍ରେମ୍ୱାର୍କ ତଥା ୟୁପିଆଇ ମାସିକ ହଜାର କୋଟିରୁ ଊର୍ଦ୍ଧ୍ୱ ହୋଇସାରିଲାଣି। ଜାତୀୟ ଶିକ୍ଷାନୀତି ଶିକ୍ଷା କ୍ଷେତ୍ରରେ ଡିଜିଟାଲ ପବ୍ଲିକ ଇନ୍ଫ୍ରାଷ୍ଟ୍ରକଚର ଗଠନ କରିବାକୁ ପ୍ରାଧାନ୍ୟ ଦେଉଛି। ସ୍କିଲ୍ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ମଧ୍ୟ ଆରମ୍ଭ କରାଯାଇଛି, ଯାହା ଶ୍ରମଶକ୍ତିଙ୍କୁ ଶିଳ୍ପସଂସ୍ଥା ତଥା ରୋଜଗାରଦାତାଙ୍କ ସହ ସିଧା ଯୋଡୁଛି। ଜାତୀୟ ଶିକ୍ଷାନୀତି ଶିକ୍ଷାରେ ଲିଙ୍ଗଗତ ସମାନତାକୁ ଗୁରୁତ୍ୱ ଦେଉଛି। ଶିକ୍ଷା ତଥା ନବସୃଜନ ସମେତ ବିଭିନ୍ନ କ୍ଷେତ୍ରରେ ମହିଳା ତଥା ଝିଅଙ୍କ ନେତୃତ୍ୱ ବୃଦ୍ଧି, ସ୍କୁଲରେ ନାମଲେଖା ସହ ସେମାନଙ୍କୁ ଅଧିକରୁ ଅଧିକ ଯୋଡ଼ିବା ଦିଗରେ ଆମେ କାର୍ଯ୍ୟ କରୁଛୁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଗ୍ଲୋବାଲ ସାଉଥର ୧୪ଟି ଦେଶର ମନ୍ତ୍ରୀ, ବ୍ୟକ୍ତିବିଶେଷମାନେ ଭର୍ଚୁଆଲ୍ ପ୍ଲାଟ୍‌ଫର୍ମରେ ଅଂଶଗ୍ରହଣ କରିଥିଲେ।

# ଯାତ୍ରା ହାସ୍ୟ ଅଭିନେତା ରବି ଶତପଥୀଙ୍କ ପରଲୋକ



**କୁଜଙ୍ଗ, ୧୭।୧୧(ମନୋଜ ପ୍ରଧାନ)**

ଓଡ଼ିଶା ଯାତ୍ରା ଜଗତର ଜଣାଶୁଣା ହାସ୍ୟ ଅଭିନେତା ରବି ଶତପଥୀ(୭୫)ଙ୍କ ଶୁକ୍ରବାର ରାତିରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ବଡ଼ପାଳସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ପାକସ୍ଥଳୀ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କର ତିନି ପୁଅ ଓ ସ୍ତ୍ରୀ ଅଛନ୍ତି। ସେ ତାଙ୍କ କଳାକାର ଜୀବନରେ ଓଡ଼ିଶାର ନାମୀଦାମୀ ଯାତ୍ରା ପାର୍ଟି ଯଥା ତୁଳସୀ, ଗୌରୀ, ବାଣେଶ୍ୱରୀ ପ୍ରଭୃତିରେ ଅଭିନୟ କରିଛନ୍ତି। ଜଣେ ଉଚ୍ଚକୋଟିର ହାସ୍ୟ ଅଭିନେତା ଭାବେ ସେ ଓଡ଼ିଶାର କୋଣ ଅନୁକୋଣରେ ପରିଚିତ। ତାଙ୍କ ଅଭିନୟ ଯାଦୁରେ ଦର୍ଶକ ହସି ହସି ବେଦମ ହୋଇଯାଉଥିଲେ। ତାଙ୍କର ପରଲୋକ ଖବର ପ୍ରଚାରିତ ହେବା ମାତ୍ରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ, ବିଧାୟକ ସମ୍ବିତ ରାଉତରାୟ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ, ଅଗପାଳ ସରପଞ୍ଚ ବିପିନ ବିଶାଳ ଓ ଯୁବନେତା ଅରୁଣ ବେହେରା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

# ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ପ୍ରକ୍ରିୟା ଆରମ୍ଭ

**ପୁରୀ, ୧୭।୧୧(ଅଜିତ ମହାନ୍ତି)**

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ବୈଠକ ବସି ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ପାଇଁ ଏଏସ୍‌ଆଇକୁ ଏନ୍‌ଓସି ଦିଆଯାଇଥିଲା। ଏନ୍‌ଓସି ମିଳିବା ପରେ ଶୁକ୍ରବାରଠାରୁ ଏଏସ୍‌ଆଇ ପକ୍ଷରୁ ନାଟମଣ୍ଡପ ମରାମତି ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିଲାଗି ପ୍ରାଥମିକ ପର୍ଯ୍ୟାୟରେ ଲୁହାରେ ନିର୍ମିତ ସ୍କାଫୋଲ୍ଡିଙ୍ଗ ଲଗାଯାଉଛି। ଏହି କାର୍ଯ୍ୟ ସରିବା ପରେ ନାଟମଣ୍ଡପ ମରାମତି କାର୍ଯ୍ୟ ବିଧିବଦ୍ଧ ଭାବେ ଆରମ୍ଭ ହେବ।

ସୂଚନା ଅନୁଯାୟୀ, ଲୁହାପାଇପ୍ ସ୍କାଫୋଲ୍ଡିଙ୍ଗକୁ ସଂଯୋଗ କରାଯାଇ ଏକ ୱାର୍କିଙ୍ଗ ପ୍ଲାଟଫର୍ମ ତଥା ଭାରା ତିଆରି ହେବ। ସେଠାରେ ଏଏସ୍‌ଆଇ କର୍ମଚାରୀ ରହି ନାଟମଣ୍ଡପ ମରାମତି କାର୍ଯ୍ୟ ଆରମ୍ଭ କରିବେ। ତେଣୁ ପ୍ରଥମେ ସ୍କାଫୋଲ୍ଡିଙ୍ଗ ସଂଯୋଗ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କାର୍ଯ୍ୟ ଶେଷ ହେବା ପରେ ଏଏସ୍‌ଆଇର ଏକ୍ସପର୍ଟ ଟିମ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଠିତ ବୈଷୟିକ ଟିମ୍ ଉଭୟ ଏହି ମରାମତି କାର୍ଯ୍ୟ କରିବେ। ନାଟମଣ୍ଡପର ଏକ ବିମ୍‌ରେ ଫାଟ ସୃଷ୍ଟି ହୋଇଥିବା ଫଟୋରୁ ଜଣାପଡ଼ିବା ପରେ ଏହାକୁ କିଭଳି ଶୀଘ୍ର ମରାମତି କରାଯାଇପାରିବ ସେନେଇ ପଦକ୍ଷେପ ନିଆଯିବ ବୋଲି ଏଏସ୍‌ଆଇ ପକ୍ଷରୁ କୁହାଯାଇଛି। ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁମତି ରହିଛି। ମହାପ୍ରଭୁଙ୍କ ନୀତିରେ ଯେପରି ସମସ୍ୟା ନ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ଭକ୍ତଙ୍କ ପ୍ରବଳ ଗହଳି ଏବଂ ମହାପ୍ରଭୁଙ୍କ ନୀତିକାନ୍ତିକୁ ଦୃଷ୍ଟିରେ ରଖାଯାଇ କେଉଁ ସମୟରେ ମରାମତି କାର୍ଯ୍ୟ ହୋଇପାରିବ ସେନେଇ ଶ୍ରୀମନ୍ଦିର କମାଣ୍ଡରଙ୍କ ପରାମର୍ଶରେ କାର୍ଯ୍ୟ କରାଯିବ। କାର୍ତ୍ତିକ ମାସ ପରେ ନାଟମଣ୍ଡପ ମରାମତି କାର୍ଯ୍ୟକୁ ଜୋରସୋରରେ ଆଗେଇ ନେବା ପାଇଁ ଏଏସ୍‌ଆଇ ଲକ୍ଷ୍ୟ ରଖିଛି। ପୁରାତତ୍ତ୍ୱ ବିଭାଗ ଓଏସ୍‌ଡି ଆଶିଷ କୁମାର ସୁବୁଦ୍ଧି କହିଛନ୍ତି, ନାଟମଣ୍ଡପ ମରାମତି ପ୍ରକ୍ରିୟା ଆରମ୍ଭ ହୋଇଛି। ଲୁହାରେ ନିର୍ମିତ ସ୍କାଫୋଲ୍ଡିଙ୍ଗ କରାଯାଉଛି। ଏହାପରେ ଲୁହା ପାଇପ ଲଗାଯିବ। କାର୍ତ୍ତିକ ମାସ ଚାଲିଥିବାରୁ ପ୍ରବଳ ଗହଳି ରହୁଛି। ତେଣୁ ପର୍ଯ୍ୟାୟକ୍ରମେ କାର୍ଯ୍ୟ କରାଯିବ। ଶ୍ରୀମନ୍ଦିର କମାଣ୍ଡରଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରାଯିବ। ଯେଉଁ ସ୍ଥାନରେ ଭକ୍ତଙ୍କ ସଂଖ୍ୟା କମ୍ ରହୁଛି ସେହି ସ୍ଥାନରେ ଏଏସ୍‌ଆଇ ପକ୍ଷରୁ ସ୍କାଫୋଲ୍ଡିଙ୍ଗ ପାଇପ୍‌ଗୁଡ଼ିକୁ ଠିଆ କରାଯାଉଛି। ୧୫ ଜଣ ଏଏସ୍‌ଆଇ କର୍ମଚାରୀ କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ନାଟମଣ୍ଡପ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଭକ୍ତ ଓ ସେବାୟତ ଖୁସି ବ୍ୟକ୍ତ କରିଛନ୍ତି।

# ସରକାରୀ ମେଡିକାଲ କଲେଜରେ ୧୦୨ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତ




**ଭୁବନେଶ୍ୱର, ୧୭।୧୧(ଅନିଲ ଦାସ)**

ରାଜ୍ୟର ସରକାରୀ ମେଡିକାଲ କଲେଜରେ ୧୦୨ ଜଣ ଆସିଷ୍ଟାଣ୍ଟ ପ୍ରଫେସର ଯୋଗ ଦେଇଛନ୍ତି। ଏ ନେଇ ଶୁକ୍ରବାର ଲୋକସେବା ଭବନଠାରେ ନବନିଯୁକ୍ତମାନଙ୍କର ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡାକ୍ତରମାନେ ବୃତ୍ତିଗତ ଦକ୍ଷତା ପ୍ରତିପାଦନ କରିବା ସହ ଚିକିତ୍ସା ସମୟରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କୁ ମାନବିକତା ପରଷି ଦେବାକୁ ପରାମର୍ଶ ଦେଇଛନ୍ତି। ଡାକ୍ତର ଏମିତି ଏକ ପେସା, ଯେଉଁଥିରେ ନିଜ ବୃତ୍ତି ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଆବଶ୍ୟକ। ସେହିପରି ରୋଗୀ ଓ ସମ୍ପର୍କୀୟଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା ଗଠନରେ ପ୍ରତିଟି ଜୀବନ ମୂଲ୍ୟବାନ ଆଭିମୁଖ୍ୟକୁ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ସରକାରୀ ଡାକ୍ତରଖାନାରେ ସମସ୍ତଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯାଉଛି। ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ସମସ୍ତଙ୍କ ଦାୟିତ୍ୱ। ଏଥିପାଇଁ ନୂଆ ଡାକ୍ତରଖାନା ଓ ଆଧୁନିକ ଚିକିତ୍ସା ଭିତ୍ତିଭୂମି ଯୋଗାଇ ଦିଆଯାଉଛି। ଆମ ହସ୍ପିଟାଲ ଯୋଜନାରେ ଜନସ୍ୱାସ୍ଥ୍ୟ ସୁବିଧା, ନୂଆ ମେଡିକାଲ କଲେଜ ନିର୍ମାଣ କାମ ଜୋର ଧରିଛି। ସ୍ୱାସ୍ଥ୍ୟସେବାରେ ୫-ଟି ବ୍ୟବସ୍ଥା ଏକ ନୂଆ ଓ ସଶକ୍ତ ଓଡ଼ିଶା ଗଠନରେ ସହାୟକ ହୋଇଛି।

ଗତ ୬ବର୍ଷ ମଧ୍ୟରେ ରାଜ୍ୟରେ ୮ଟି ନୂଆ ମେଡିକାଲ କଲେଜ ଓ ୨ଟି ପିଜି ଇନ୍‌ଷ୍ଟିଚ୍ୟୁଟ ପ୍ରତିଷ୍ଠା ହୋଇଛି। ଯାଜପୁରର ଯଯାତିକେଶରୀ ମେଡିକାଲ କଲେଜକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ଫୁଲବାଣୀ ଓ ତାଳଚେରରେ ମଧ୍ୟ ମେଡିକାଲ କଲେଜ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଉଛି। ପୂର୍ବରୁ ଓଡ଼ିଶାରୁ ବର୍ଷକୁ ୩୨୧ ଏମ୍‌ବିବିଏସ୍ ଡାକ୍ତର ଓ ୨୫୪ ସ୍ପେଶାଲିଷ୍ଟ ବାହାରୁଥିବାବେଳେ ଏବେ ୨୫୨୫ ଜଣ ଏମ୍‌ବିବିଏସ୍ ଡାକ୍ତର ଓ ୮୫୬ ସ୍ପେଶାଲିଷ୍ଟ ଡାକ୍ତର ବାହାରୁଛନ୍ତି। ଏହି ସଂଖ୍ୟାକୁ ପ୍ରତିବର୍ଷ ବଢ଼ାଯାଉଛି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଗତ କିଛି ବର୍ଷରେ ୩୦୦ ସହକାରୀ ପ୍ରଫେସର ନିଯୁକ୍ତି ପାଇଥିବା କହିଛନ୍ତି।

# ଏସ୍‌ସିବି ମେଡିକାଲ: ୨ ଓପିଡିରେ ପରୀକ୍ଷାମୂଳକ ଭାବେ ରକ୍ତ ନମୁନା ସଂଗ୍ରହ ଆରମ୍ଭ

**କଟକ, ୧୭।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

ଏସ୍‌ସିବି ମେଡିକାଲର ମେଡିସିନ ଓ ଗାଇନିକ୍ ବିଭାଗ ଓପିଡିରେ ଶୁକ୍ରବାରଠାରୁ ପରୀକ୍ଷାମୂଳକ ଭାବେ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ ଆରମ୍ଭ ହୋଇଛି। ଏଠାରେ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ ପରେ ପରୀକ୍ଷା କରାଯାଇ ରିପୋର୍ଟ ଦିଆଯିବ। ଯେପରି ରୋଗୀମାନେ ଧାଡ଼ିରେ ଛିଡ଼ା ହୋଇ ଅସୁବିଧାର ସମ୍ମୁଖୀନ ହେବେନାହିଁ, ତାହାକୁ ନଜରରେ ରଖି ମେଡିକାଲ କର୍ତ୍ତୃପକ୍ଷ ଏଭଳି ବ୍ୟବସ୍ଥା କରିଛନ୍ତି। ମେଡିକାଲରେ ପୂର୍ବରୁ ଇନ୍‌ଡୋର ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ ପ୍ରକ୍ରିୟା ସଫଳ ହୋଇଛି। ଏବେ ଓପିଡିରେ ପରୀକ୍ଷାମୂଳକଭାବେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ କହିଛନ୍ତି, ରୋଗୀଙ୍କ ସୁବିଧା ପାଇଁ ପ୍ରଥମ ପର୍ଯ୍ୟାୟରେ ଦୁଇଟି ଓପିଡିରେ ପରୀକ୍ଷାମୂଳକ ଭାବେ ରକ୍ତ ନମୁନା ସଂଗ୍ରହ ଆରମ୍ଭ ହୋଇଛି। ଆଗାମୀ ଦିନରେ ସମସ୍ତ ଓପିଡିରେ ଏହି ସୁବିଧା ଉପଲବ୍ଧ ହେବ।

# କିମ୍ସରେ କିଡ୍‌ନୀ କର୍କଟ ରୋଗୀଙ୍କ ସଫଳ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୧୭।୧୧ (ଅନୁରାଧା ମହାରଣା)**





ଡା. ସୁମନ୍ତ ମିଶ୍ର

ଅତ୍ୟାଧୁନିକ ଲାପାରୋସ୍କୋପିକ ମାଧ୍ୟମରେ ଜଣେ ୭୦ ବର୍ଷୀୟ କିଡ୍‌ନୀ କର୍କଟ ରୋଗୀଙ୍କଠାରେ ଅସ୍ତ୍ରୋପଚାର କରି ସଫଳତା ପାଇଛନ୍ତି କିମ୍ସର ଡାକ୍ତରୀ ଟିମ୍। ରୋଗୀ ଜଣକ ମଧୁମେହ, ଉଚ୍ଚ ରକ୍ତଚାପ ଓ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବାମ କିଡନୀରେ ୪ ବର୍ଗ ସେମି ଆକାରର ଟ୍ୟୁମର ଥିବା ଜଣାପଡ଼ିଥିଲା। ରୋଗୀଙ୍କ କୋମର୍ବିଡିଟି ଏବଂ ଜଟିଳ କିଡ୍‌ନୀ ରୋଗ ଥିବାରୁ ତାଙ୍କୁ ଲାପାରୋସ୍କୋପିକରେ ଆଂଶିକ ନେଫ୍ରେକ୍ଟୋମିର ବିକଳ୍ପ ଦିଆଯାଇଥିଲା। କିଡ୍‌ନୀର ଯେଉଁ ଅଂଶରେ କର୍କଟ ହୋଇଥିଲା କେବଳ ସେହି ଅଂଶକୁ ଅସ୍ତ୍ରୋପଚାର ମାଧ୍ୟମରେ ବାହାର କରାଯାଇଛି। ଓଡ଼ିଶାରେ ଏହି ଅସ୍ତ୍ରୋପଚାର ବିରଳ ହୋଇଥିବାବେଳେ ମାତ୍ର ଦୁଇଦିନ ମଧ୍ୟରେ ରୋଗୀଙ୍କୁ ଡିସ୍‌ଚାର୍ଜ କରାଯାଇଛି। ସେ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଅସ୍ତ୍ରୋପଚାର କରିଥିବା ୟୁରୋଲୋଜି ବିଭାଗର ସହକାରୀ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡା. ସୁମନ୍ତ ମିଶ୍ର ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଯେଉଁ ରୋଗୀମାନଙ୍କୁ ଲାପାରୋସ୍କୋପିକ ପଦ୍ଧତି (କିଡନୀର ଆଂଶିକ ଅପସାରଣ) ଦ୍ୱାରା ଆଂଶିକ ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦିଆଯାଏ, ସେମାନଙ୍କୁ ମାସ ମାସ ଅପେକ୍ଷା କରି ଅନ୍ୟ ରାଜ୍ୟକୁ ଯିବାକୁ ପଡ଼େ। ଓଡ଼ିଶାରେ ବହୁତ କମ ଡାକ୍ତରଖାନା ଏହି ଅସ୍ତ୍ରୋପଚାର କରନ୍ତି। ଏହି ଅସ୍ତ୍ରୋପଚାର ଅତ୍ୟନ୍ତ କଷ୍ଟକର ଏବଂ ସଫଳତାର ସହ କରିବା ପାଇଁ ସର୍ଜନଙ୍କ ଉନ୍ନତ ଦକ୍ଷତା ଆବଶ୍ୟକ। ତେବେ ମୋ ଟିମ୍ ଏହି ଜଟିଳ ପ୍ରକ୍ରିୟାକୁ ସଫଳତାର ସହ ସମ୍ପାଦନ କରିଛନ୍ତି। ରୋଗୀ ଜଣକ କର୍କଟ ରୋଗରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇସାରିଛନ୍ତି ଏବଂ ଅବଶିଷ୍ଟ କିଡ୍‌ନୀ ଭଲ ଭାବେ କାମ କରୁଛି। କିଡ୍‌ନୀ କର୍କଟ ତୁରନ୍ତ ରୋଗ ନିର୍ଣ୍ଣୟ ସହ ଚିକିତ୍ସା ଆବଶ୍ୟକ କରିଥାଏ। ସାଧାରଣତଃ ଏ କ୍ଷେତ୍ରରେ ରାଡିକାଲ ନେଫ୍ରେକ୍ଟୋମି ବା ପୂରା କିଡ୍‌ନୀକୁ ହଟାଇବାକୁ ପଡିଥାଏ। ଫଳରେ ରୋଗୀଙ୍କୁ କେବଳ ଗୋଟିଏ କିଡ୍‌ନୀ ସହିତ ବାକି ଜୀବନ ବିତାଇବାକୁ ହୋଇଥାଏ। କିନ୍ତୁ ଆଂଶିକ ନେଫ୍ରେକ୍ଟୋମି ବା କର୍କଟ ରୋଗକୁ ହଟାଇବା ଲାଗି ସ୍ୱତନ୍ତ୍ର ଅସ୍ତ୍ରୋପଚାର କେନ୍ଦ୍ରର ଆବଶ୍ୟକତା ରହିଛି। ଏଭଳି କେନ୍ଦ୍ର ଏବେ କିମ୍ସରେ ସଫଳତାର ସହ କାର୍ଯ୍ୟ କରୁଛି। ଏହି ସଫଳ ଅସ୍ତ୍ରୋପଚାର ପାଇଁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବିଜେଡିରେ ସାମିଲ ହେଲେ କଂଗ୍ରେସ ନେତା ନାରାୟଣ ଜେନା



**ଭୁବନେଶ୍ୱର, ୧୭।୧୧(ଅନିଲ ଦାସ)**

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ନାରାୟଣ ପ୍ରସାଦ ଜେନାଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଶୁକ୍ରବାର ଶଙ୍ଖଭବନଠାରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ରାଜ୍ୟସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ଶତାଧିକ କଂଗ୍ରେସ କର୍ମୀଙ୍କୁ ଉପଢୌକନ ଦେଇ ମଙ୍ଗରାଜ ସ୍ୱାଗତ କରିଥିଲେ। ବିଜୁ ଜନତା ଦଳରେ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ମଙ୍ଗରାଜ କହିଥିଲେ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଲୁ ବୋଲି ନାରାୟଣ ଜେନା କହିଛନ୍ତି। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଏମ୍‌ପି ମାନସ ମଙ୍ଗରାଜ ଓ ସମସ୍ତ ନେତୃବୃନ୍ଦଙ୍କୁ ସେ ଧନ୍ୟବାଦ ଦେଇଥିଲେ। ଏହି ମିଶ୍ରଣ ପର୍ବରେ କନକପୁର ଗ୍ରାମପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା କନକପୁର ସମବାୟ ସମିତି ସଭାପତି ଅଜୟ କୁମାର ରାଉଳ, କନକପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପର୍ଶୁରାମ ଭଞ୍ଜ, ସରପଞ୍ଚ ପ୍ରାର୍ଥୀ ସତ୍ୟଭୂଷଣ ଦାସ, ପୂର୍ବତନ ନାଏବ ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ସେଠୀ, ଗୋବିନ୍ଦପୁର ପାଣିପଞ୍ଚାୟତର ସଭାପତି ରଶ୍ମିରଞ୍ଜନ ପରିଜା, ତିର୍ତ୍ତୋଲ ବ୍ଲକ କଂଗ୍ରେସ କମିଟି ଉପସଭାପତି ସଞ୍ଜୟ ମହାନ୍ତି, ତିର୍ତ୍ତୋଲ ବ୍ଲକ ବରିଷ୍ଠ କଂଗ୍ରେସ ନେତା ନୃସିଂହ ଚରଣ ଲେଙ୍କା, ଅଶୋକ କୁମାର ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜ, ଜଗତ୍‌ସିଂହପୁର ଜିଲା ଛାତ୍ର କଂଗ୍ରେସ ସମ୍ପାଦକ ଶୁଭ୍ରଜିତ ଲେଙ୍କା, ତିର୍ତ୍ତୋଲ ବ୍ଲକ ଯୁବ କଂଗ୍ରେସ ସମ୍ପାଦକ ଦେବୀ ପ୍ରସାଦ ରାଉଳ ଓ ଦୀନେଶ ମହାନ୍ତିଙ୍କ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ଢେଙ୍କାନାଳ ଜିଲା କମିଟି ପୁନର୍ଗଠିତ

## ୧୩ ଉପସଭାପତି, ୧୭ ସାଧାରଣ ସମ୍ପାଦକ ନିଯୁକ୍ତ

**ଭୁବନେଶ୍ୱର, ୧୭।୧୧(ଅନିଲ ଦାସ)**

ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଢେଙ୍କାନାଳ ଜିଲା କମିଟିରେ ପୁନର୍ଗଠନ କରାଯାଇଛି। ଏହି କମିଟିରେ ୧୩ ଜଣଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ୧୭ ଜଣ ସାଧାରଣ ସମ୍ପାଦକ, ୩୪ ଜଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଓ ୧୪ ଜଣଙ୍କୁ ଜିଲାର ବିଭିନ୍ନ ବ୍ଲକ, ଏନ୍‌ଏସି ଓ ମ୍ୟୁନିସିପାଲିଟିରେ ସଭାପତି ଓ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ଶୁକ୍ରବାର ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଜିଲା କମିଟିରେ ଲକ୍ଷ୍ମୀଧର ସାହୁ, ବ୍ରହ୍ମାନନ୍ଦ ମହାନ୍ତି, ଅଶୋକ ବେହେରା, କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ, ନରୋତ୍ତମ ରାଉତ, ତାପସ କୁମାର ସାହୁ, ନନ୍ଦକିଶୋର ସାହୁ, ସୁଧାକର ସାହୁ, ମାୟାଧର ପଣ୍ଡା, ଗୌତମ ପାଣି, ମମତାଞ୍ଜଳି ବେହେରା, ସୁଧାଂଶୁ ଦଳାଇ ଏବଂ ପ୍ରେମାନନ୍ଦ ପଟ୍ଟନାୟକଙ୍କୁ ଉପସଭାପତି ଭାବେ ନିଯୁକ୍ତ କରାଯାଇଥିବା ବେଳେ ମହମ୍ମଦ ଅଫଜଲ, ଶିଶିର ବେହେରା, ଦେବାଶିଷ ମିଶ୍ର, ଅକ୍ଷୟ ସାହୁ, ଭୂପେଶ ପ୍ରଧାନ, ସୁଶାନ୍ତ ଜେନା, ଅକ୍ଷୟ ଭୋଇ, ବିଶ୍ୱତୋଷ ସାହୁ, ଧର୍ମାନନ୍ଦ ବରାଳ, ନବ କିଶୋର ସାମଲ, ସଞ୍ଜୟ ଆଚାର୍ଯ୍ୟ, ରଞ୍ଜନ କୁମାର ନନ୍ଦ, ରଞ୍ଜିତ ମଲ୍ଲିକ, ଶୁଭ ପଣ୍ଡା, ଅଜୟ ସେଠୀ, ଅଭିମନ୍ୟୁ ପଣ୍ଡା ଏବଂ ସଂଗ୍ରାମ ଶତପଥୀଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ପ୍ରବୋଧ ଦାସଙ୍କୁ ଜିଲାର କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି।

# ବିଦ୍ୟୁତ୍ ଶୁଳ୍କ ଆଦାୟ ଲକ୍ଷ୍ୟ ହାସଲ ନେଇ ସମୀକ୍ଷାକଲେ ବିଭାଗୀୟ ସଚିବ

**ଭୁବନେଶ୍ୱର, ୧୭।୧୧(ସୁନିତ୍ ମିଶ୍ର)**

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ଓ ପ୍ରମୁଖ ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ଶୁକ୍ରବାର ସମୀକ୍ଷା କରିଛନ୍ତି। ବିଦ୍ୟୁତ୍ ଶୁଳ୍କ ଆଦାୟ ଲକ୍ଷ୍ୟ ହାସଲ ଓ ଏକକାଳୀନ ବକେୟା ଆଦାୟ (ଓଟିଏସ୍) ସମ୍ପର୍କିତ ତଥ୍ୟର ସମୀକ୍ଷା ଏହି ଅବସରରେ କରାଯାଇଛି। ବକେୟା ଦେୟ ନେଇ ବିଭିନ୍ନ କୋର୍ଟରେ ଚାଲିଥିବା ମାମଲା ସମ୍ପର୍କରେ ମଧ୍ୟ ସେ ଆଲୋଚନା କରିଛନ୍ତି। ଏନେଇ ଇଆଇସିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଓ ଉଲ୍ଲେଖନୀୟ ଉପଲବ୍ଧି ସମ୍ପର୍କରେ ଇଆଇସି(ବିଦ୍ୟୁତ୍) ତଥ୍ୟ ରଖିଥିଲେ। ବୈଦ୍ୟୁତିକ ନିରାପତ୍ତା ନିରୀକ୍ଷଣ, ଶକ୍ତି ସଂରକ୍ଷଣ, ବିଦ୍ୟୁତ୍ ନିରାପତ୍ତା ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଛନ୍ତି। ବିଦ୍ୟୁତ୍ ନିରାପତ୍ତା ଓ ଶକ୍ତି ସଂରକ୍ଷଣ ନେଇ ଚାଲିଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ବିଭାଗ ପକ୍ଷରୁ ଅବଗତ କରାଯାଇଛି। କାର୍ଯ୍ୟାଳୟ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ମଧ୍ୟ ପ୍ରମୁଖ ଶାସନ ସଚିବ ସମୀକ୍ଷା କରିଛନ୍ତି। କାର୍ଯ୍ୟାଳୟ ପକ୍ଷରୁ ବୈଦ୍ୟୁତିକ ଉପକରଣ ପରୀକ୍ଷଣ ଓ ସାର୍ଟିଫିକେଟ ପ୍ରଦାନ କରାଯାଉଥିବା ବେଳେ ଏହାର କିପରି ଆହୁରି ସରଳୀକରଣ କରାଯାଇପାରିବ ଏବଂ ରାଜ୍ୟରେ ଏକାଧିକ ଟେଷ୍ଟିଂ ଲାବରେଟୋରି ଖୋଲାଯିବ ସେନେଇ ପ୍ରମୁଖ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ତ୍ୱରିତ ବୈଦ୍ୟୁତିକ ନକ୍ସା ଅନୁମୋଦନ ଏବଂ ବୈଦ୍ୟୁତିକ ସୁରକ୍ଷା ଯାଞ୍ଚ ପ୍ରମାଣପତ୍ର ପ୍ରଦାନ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ସମୀକ୍ଷା ବୈଠକରେ ୱାର୍କମ୍ୟାନ ପରମିଟ୍ ଓ ସୁପରଭାଇଜର ସାର୍ଟିଫିକେଟ କମ୍ପିଟେନ୍ସି ପରୀକ୍ଷା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ବର୍ତ୍ତମାନ ସମୟରେ ଅତ୍ୟାଧୁନିକ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ ସାଙ୍ଗକୁ ନିରନ୍ତର ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ପାଇଁ ବହୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ବହୁ ମାନବ ସମ୍ବଳ ଦରକାର ପଡୁଥିବାବେଳେ ବର୍ଷକୁ ଥରୁଟିଏ ବଦଳରେ ଏକାଧିକ ଥର ଏହି ପରୀକ୍ଷାର ଆୟୋଜନ କରିବା ପାଇଁ ପ୍ରମୁଖ ଶାସନ ସଚିବ କହିଛନ୍ତି। ୨୦୨୨ରେ ମୋଟ ୪୦୦୩ ୱାର୍କମ୍ୟାନ ପରମିଟ ପରୀକ୍ଷା ପାସ୍ କରିଥିବାବେଳେ ସୁପରଭାଇଜର ସାର୍ଟିଫିକେଟ କମ୍ପିଟେନ୍ସି ପରୀକ୍ଷାରେ ୩ ଶହରୁ ଅଧିକ ପିଲା ପାସ୍ କରିଥିବା ନେଇ ସର୍ବୋଚ୍ଚ ଯନ୍ତ୍ରୀ ସୁରେଶ ଚନ୍ଦ୍ର ମହାରଣା ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ୨ ମୃତ

**କୁଡୁମୁଲୁଗୁମ୍ମା, ୧୭।୧୧ (ହେମନ୍ତ କୁମାର ଦାସ)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ପୂଜାରିଗୁଡା ଗ୍ରାମ ନିକଟରେ ଏକ ସଡକ ଦୁର୍ଘଟଣାରେ ଶୁକ୍ରବାର ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗାଦିପୁଟ ଗ୍ରାମର ସୁରେଶ ଚନ୍ଦ୍ର ଦୋରା (୨୬) ଓ ଦଣ୍ଡସେନାଗୁଡା ଗ୍ରାମର ଗୋବର୍ଦ୍ଧନ ପୂଜାରୀ(୫୬)। ଅପରାହ୍ନରେ ସୁରେଶ ନିଜ ବାଇକ୍‌ରେ ଦ୍ରୁତ ଗତିରେ ଯାଉଥିବା ବେଳେ ନିକଟରେ ଅପରପାର୍ଶ୍ୱରୁ ଚାଲିଚାଲି ଆସୁଥିବା ଗୋବର୍ଦ୍ଧନଙ୍କୁ ଧକ୍କା ଦେଇଥିଲେ। ଘଟଣା ସ୍ଥଳରେ ଉଭୟେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ତୁରନ୍ତ ସେମାନଙ୍କୁ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ପହଞ୍ଚି ତଦନ୍ତ କରିବା ସହ ବାଇକ୍‌କୁ ଜବତ କରିଛି। ରାତି ହୋଇଯିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

ଧରିତ୍ରୀ
DHARITRI
Bhubaneswar, Saturday, November 18/2023



**ଖସିଲା ଶେୟାର ବଜାର କାରବାର**

ନୂଆଦିଲ୍ଲୀ: ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୮୮ (୧୮୭.୭୫) ପଏଣ୍ଟ ଖସି ୬୫,୭୯୫ (୬୫,୭୯୪.୭୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ ୩୩ (୩୩.୪୦) ପଏଣ୍ଟ ହ୍ରାସ ଘଟି ୧୯, ୭୩୨(୧୯,୭୩୧.୮୦) ଅଙ୍କରେ କାରବାର ବନ୍ଦ କରିଥିଲା।

# ଖସୁଛି ଅଶୋଧିତ ତୈଳ ଦର

ଭୁବନେଶ୍ୱର, ୧୭।୧୧ (ଅଭୟ ଦାଶ)




ଗତ କିଛିଦିନ ହେଲା ଅଶୋଧିତ ତୈଳ ଦର ହ୍ରାସ ପାଉଛି। କାରଣ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଗତ ୪ ମାସର ସର୍ବନିମ୍ନସ୍ତରକୁ ଖସିଆସିଥିବାବେଳେ ବଜାରରେ ତୈଳ ଦର ପ୍ରାୟ ୫% ହ୍ରାସ ଘଟିଥିବା ଜାତୀୟ ଗଣମାଧ୍ୟମରେ ଉଲ୍ଲେଖ କରାଯାଇଛି। ଏପରିକି ବ୍ରେଣ୍ଟ କ୍ରୁଡ୍ ପ୍ରାୟ ୪(୩.୭୬ ) ଡଲାର ଅର୍ଥାତ୍ ୪.୬% ହ୍ରାସ ଘଟି ପ୍ରତି ବ୍ୟାରେଲ ପିଛା ୭୭.୪୨ ଡଲାରରେ ବିକ୍ରି ହେଉଛି। ଅପରପକ୍ଷରେ ଚାଇନା ଓ ଆମେରିକାର ଆର୍ଥିକ କାରବାର ଓ ମାନ୍ଦାବସ୍ଥା ତୈଳ ବଜାରର କାରବାର ଓ ଉତ୍ପାଦନ ଉପରେ ପ୍ରଭାବ ପକାଉଛୁ। ସେହିପରି ଆମେରିକା ଆଧାରିତ ଟେକ୍ସାସ ଇଣ୍ଟରମିଡିଏଟ୍ କ୍ରୁଡ୍ ୩.୭୬ ଡଲାର ଅର୍ଥାତ୍ ୪.୯% ହ୍ରାସ ପାଇ ବ୍ୟାରେଲ ପିଛା ୭୨.୯୦ ଡଲାରରେ ପହଞ୍ଚିଛି। ବିଶେଷକରି ଓପେକ୍ ପ୍ଲସ୍, ସାଉଦି ଆରବ ଓ ରୁଷିଆ ଭଳି ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ତୈଳ ଦର ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ଏହାଛଡା ଚାଇନା ତୈଳ ରିଫାଇନେରି ଥୁପୁଟ୍‌ଠାରେ ମାନ୍ଦା ଆଶଙ୍କା ନିବେଶକଙ୍କ ଚାହିଦାକୁ ଅଟକାଇଛି, ଯାହାର ପ୍ରଭାବ ବର୍ତ୍ତମାନ ତୈଳ ବଜାର ଦର ଉପରେ ପଡ଼ିଥିବା ଦେଖିବାକୁ ମିଳୁଛି। ଅପରପକ୍ଷରେ ଅଶୋଧିତ ତୈଳର ସବୁଠୁ ବଡ଼ ଆମଦାନୀକାରୀ ଚାଇନା ରିଫାଇନେରିଗୁଡ଼ିକ ଚଳିତ ବର୍ଷ ଅକ୍ଟୋବରରେ ଦୈନିକ ପ୍ରୋସେସିଂ ହ୍ରାସ କରିଥିଲେ। ଏହାର ପ୍ରଭାବ ବର୍ତ୍ତମାନ ଅନ୍ତର୍ଜାତୀୟ ତୈଳ ବଜାରରେ ଅନୁଭୂତ ହେଉଛି। ଏହାଛଡ଼ା ଆମେରିକା ବଜାରରେ ପେଟ୍ରୋଲ ଓ ଡିଜେଲ ବିକ୍ରି ହ୍ରାସ ହୋଇଛି। ଫଳରେ ଗତ ୭ ମାସ ମଧ୍ୟରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ହ୍ରାସ ଦେଖାଯାଇଛି। ସେହିଭଳି ଅଶୋଧିତ ତୈଳ ଦର ୮୦ ଡଲାରରୁ ତଳକୁ ଖସିଥିବାରୁ ଦେଶରେ ପେଟ୍ରୋଲିୟମ କମ୍ପାନୀଗୁଡ଼ିକର ଖର୍ଚ୍ଚ ହ୍ରାସ ହୋଇଛି। ଏଥିରେ ସେମାନଙ୍କ ଆୟକୁ ଦେଖିଲେ ଗତ ତ୍ରୈମାସିକରୁ କମ୍ପାନୀଗୁଡ଼ିକୁ ଶସ୍ତା ତେଲର ଫାଇଦା ମିଳିଛି। ସେହିପରି ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ହୋଇଥିବାରୁ ଘରୋଇ ବଜାରରେ ପେଟ୍ରୋଲ ଓ ଡିଜେର ଦର ମଧ ହ୍ରାସ ହୋଇପାରେ ବୋଲି ବଜାର ବିଶେଷଜ୍ଞ ଓ ଖାଉଟିମାନେ ଆଶା କରିଛନ୍ତି।

# ଅଗଷ୍ଟରେ ଜିଓର ୧.୪୪ କୋଟି ନୂତନ ମୋବାଇଲ ଗ୍ରାହକ




ଭୁବନେଶ୍ୱର, ୧୭।୧୧

ରିଲାଏନ୍ସ ଜିଓ କ୍ରମାଗତ ଭାବେ ଉଭୟ ଦେଶ ଓ ରାଜ୍ୟରେ ୧ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଉଭାହୋଇଛି। ଏପରିକି କମ୍ପାନୀ (ଜିଓ) ଚଳିତ ବର୍ଷ ଅଗଷ୍ଟରେ ସର୍ବାଧିକ ସଂଖ୍ୟକ ନୂତନ ଗ୍ରାହକ ଯୋଡ଼ିଥିବା ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ ବା ଟ୍ରାଇ)ଙ୍କ ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଜଣାପଡ଼ିଛି। ୨୦୨୩ ଅଗଷ୍ଟ ୩୧ ସୁଦ୍ଧା ଜିଓ ସର୍ବାଧିକ ୧.୪୪ କୋଟି ନୂତନ ମୋବାଇଲ ଗ୍ରାହକ ଏବଂ ୨.୪୫ଲକ୍ଷରୁ ଅଧିକ ନୂଆ ଜିଓଫାଇବର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକଙ୍କ ସମେତ ଉଭୟ ୱାୟାରଲେସ୍ ଓ ୱାୟାରଲାଇନ୍ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ସହ ଜିଓ ଓଡ଼ିଶାରେ ୧ ନମ୍ବର ସ୍ଥାନ ବଜାୟ ରଖିଛି।

ଉଲ୍ଲେଖଯୋଗ୍ୟ, ଟ୍ରାଇ ପକ୍ଷରୁ ନିକଟରେ ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତାଙ୍କ ତଥ୍ୟ ଅନୁଯାୟୀ ଓଡ଼ିଶାରେ ରିଲାଏନ୍ସ ଜିଓ ୨୦୨୩ ଅଗଷ୍ଟରେ ୨୮,୦୦୦ରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଏବଂ ୭୦୦୦ରୁ ଅଧିକ ନୂତନ ଜିଓଫାଇବର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ଯୋଡ଼ିଛି। ଏହି ସମୟ ମଧ୍ୟରେ ଓଡ଼ିଶାର ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟାରେ ୪୬,୦୦୦ ବୃଦ୍ଧି ସହ ରାଜ୍ୟର ମୋଟ ମୋବାଇଲ୍ ଉପଭୋକ୍ତାଙ୍କ ସଂଖ୍ୟା ୩.୩୬ କୋଟିରୁ ଅଧିକ ହୋଇଛି। ସେହିଭଳି ଜାତୀୟ ସ୍ତରରେ ଜିଓ ୨୦୨୩ ଅଗଷ୍ଟରେ ସର୍ବାଧିକ ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ବେଳେ ୩୨.୪୫ ଲକ୍ଷରୁ ଅଧିକ ନୂଆ ଗ୍ରାହକ ଜିଓ ନେଟ୍‌ୱର୍କରେ ଯୋଗଦେଇଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଜଣାପଡ଼ିଛି। ଏହା ସହ ୨୦୨୩ ଅଗଷ୍ଟ ୩୧ ସୁଦ୍ଧା ଦେଶରେ ଜିଓର ମୋଟ ମୋବାଇଲ ଉପଭୋକ୍ତା ସଂଖ୍ୟା ୪୪.୫୭ କୋଟିରେ ପହଞ୍ଚିଛି। ସାରା ଦେଶରେ ରିଲାଏନ୍ସ ଜିଓ ମଧ୍ୟ ଅଗଷ୍ଟରେ ୧.୭୮ଲକ୍ଷରୁ ଅଧିକ ଜିଓଫାଇବର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ଯୋଡ଼ିଥିବା ବେଳେ ଦେଶରେ ମୋଟ ଜିଓ ଫାଇବର ଗ୍ରାହକଙ୍କ ସଂଖ୍ୟା ୧.୦୩ କୋଟିରୁ ଅଧିକ ହୋଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
Required Staff for Sales Duplex, TMT & Appliances, Marketing Manager, Business Development Manager, Accountant, Digital Marketing Executive, Office Boy.
Contact: 7008485542

URGENTLY REQUIRED
Accountant (Talley)
Office Supervisor, Cook
Attend Interview at
Nishamani Palace,
Bomikhal, Bhubaneswar-10
On any day
Ph.No.9338554697

# ୮ମିଲିୟନ ଟନ୍‌କୁ ବୃଦ୍ଧିହେବ ଟାଟା ଷ୍ଟିଲ୍ କଳିଙ୍ଗନଗର

ଭୁବନେଶ୍ୱର, ୧୭।୧୧: ଦେଶର ପ୍ରମୁଖ ଘରୋଇ ଶିଳ୍ପ ସଂସ୍ଥା 'ଟାଟା ଷ୍ଟିଲ' (ଟାଟା ଗ୍ରୁପ୍)ର ଓଡ଼ିଶା ୟୁନିଟ୍ ଟାଟା ଷ୍ଟିଲ୍ କଳିଙ୍ଗନଗର ୟୁନିଟ୍ ପରିଚାଳନାର ଉଲ୍ଲେଖନୀୟ ୮ମ ବାର୍ଷିକ (୮ମ ବର୍ଷ) ପୂରଣ କରିଛି। ବିଶେଷକରି ୨୦୧୫ ନଭେମ୍ବର ୧୮ରେ ଟାଟା ଷ୍ଟିଲ୍ ଯାଜପୁର ଜିଲାର କଳିଙ୍ଗନଗରଠାରେ ଭାରତର ସର୍ବବୃହତ୍ ଗ୍ରୀନ୍‌ଫିଲ୍ଡ ପ୍ଲାଣ୍ଟକୁ ରାଜ୍ୟ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲା। ଏପରିକି ଟାଟା ଷ୍ଟିଲ୍ କଳିଙ୍ଗନଗର ୟୁନିଟ୍ ରାଜ୍ୟର ନିରନ୍ତର ଶିଳ୍ପ ଅଭିବୃଦ୍ଧି, ବୈଷୟିକ ଜ୍ଞାନକୌଶଳ ଓ ଗୋଷ୍ଠୀ ବିକାଶର ଏକ ପରିବର୍ତ୍ତନଶୀଳ ଦିଗରେ ଗତିଶୀଳ ହେଉଛି। ଉଲ୍ଲେଖଯୋଗ୍ୟ, ୨୦୨୫-୨୬ ଆର୍ଥିକ ବର୍ଷ ସୁଦ୍ଧା ଏହାର ବର୍ତ୍ତମାନର କ୍ଷମତା ୩ ମିଲିୟନ ଟନ୍‌ରୁ ୮ମିଲିୟନ ଟନକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ବିଶେଷକରି ଧୂଳିକଣାର ପରିଚାଳନା ପାଇଁ ଅଭିନବ ବ୍ୟାଗ୍ ହାଉସ ଏବଂ କଠିନ ପଥରକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ଡିଜାଇନ କରାଯାଇଥିବା ଟ୍ରାଭେଲିଂ ଗ୍ରେଟ୍ ଫର୍ନେସ୍ ସହ ପେଲେଟ୍ ପ୍ଲାଣ୍ଟ ଉନ୍ନତ ପରିଚାଳନା ଦକ୍ଷତା ଏବଂ ପରିବେଶ ଦାୟିତ୍ୱ ଦିଗରେ ପ୍ଲାଣ୍ଟର ଅଭିଯାନକୁ ପ୍ରତିଫଳିତ କରୁଛି। ଅପରପକ୍ଷରେ ଓଡ଼ିଶାର ଉର୍ବର ଭୂମି ସହ ଯୋଡ଼ିହୋଇ ରହିଥିବା ଏବଂ ଟାଟା ଗ୍ରୁପ୍‌ର ଦୃଷ୍ଟିକୋଣ ଅନୁସାରେ ପରିଚାଳିତ ହେଉଥିବା ଏହି ଐତିହାସିକ ପ୍ରକଳ୍ପର ଯାତ୍ରା ୨୦୦୪ରେ ଆରମ୍ଭ ହୋଇଥିଲା।

# ବଜାରରେ ନିଶାନ ମାଗ୍‌ନାଇଟ୍ ଇଜେଡ୍-ଶିଫ୍ଟ ଏଏମ୍‌ଟି



ଭୁବନେଶ୍ୱର, ୧୭।୧୧

ନିଶାନ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପ୍ରିମିୟମ ଏସ୍‌ୟୁଭି 'ଅଲ୍ ନ୍ୟୁ ନିଶାନ ମାଗ୍‌ନାଇଟ୍ ଇଜେଡ୍ ଶିଫ୍ଟ ଏଏମ୍‌ଟିର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନିଶାନ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ଡିଲର ଜାହ୍ନବୀ ନିଶାନର ପାହାଳ ୟୁନିଟ୍ ପକ୍ଷରୁ ଶୁକ୍ରବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଜାହ୍ନବୀ ନିଶାନର ଏମ୍‌ଡି ଅମିତ ଜୟସ୍ୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାହ୍ନବୀ ନିଶାନର ଜେନେରାଲ ମ୍ୟାନେଜର (ସେଲ୍‌ସ ଆଣ୍ଡ ଅପରେଶନ) ସୁସ୍ମିତା ପଟ୍ଟନାୟକଙ୍କ ସମେତ ଜାହ୍ନବୀ ନିଶାନର ସେଲ୍‌ସ ମ୍ୟାନେଜର ଅଭିଜିତ ରୟ, ଟିମ୍ ଲିଡର ବିନୟ ଜେନା ଏବଂ ସର୍ଭିସ୍ ମ୍ୟାନେଜର ପ୍ରକାଶ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଦି ଅଲ୍ ନ୍ୟୁ ମାଗ୍‌ନାଇଟ୍ ଇଜେଡ୍ ଶିଫ୍ଟରେ ଅନେକ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହିତ ପ୍ରମୁଖ କି ଫିଚରଗୁଡିକ ସାମିଲ ରହିଛି। ସେହିଭଳି ଶକ୍ତିଶାଳୀ ବିଏସ୍୬ ଇଞ୍ଜିନ ଏବଂ ବୃହତ୍ ତେଲ ଟାଙ୍କି ଓ ସ୍ପେସ୍ ଉପଲବ୍ଧ। ବିଶେଷକରି ୫ସିଟର ବିଶିଷ୍ଟ ଏହି ପ୍ରିମିୟମ ଏସ୍‌ୟୁଭିରେ ଅନେକ ବୈଷୟିକ ଫିଚର ଓ ଆକର୍ଷଣୀୟ ଡିଜାଇନ ଗାଡ଼ିର ଡିମାଣ୍ଡକୁ ଦ୍ୱିଗୁଣିତ କରିଛି। ଏପରିକି ଆକର୍ଷଣୀୟ କଲର (ରଙ୍ଗ) ଓ ସେଫ୍ଟି ଫିଚର ଯୋଗୁ ଉକ୍ତ ମଡେଲ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି ବୋଲି ଜାହ୍ନବୀ ନିଶାନ ପକ୍ଷରୁ କୁହାଯାଇଛି।

ଅନ୍ତଃରାଷ୍ଟ୍ରୀୟ ମାନର ସମ୍ପୂର୍ଣ୍ଣ କମ୍ପ୍ୟୁଟର ପାଠ୍ୟକ୍ରମ
OKCL
www.okcl.org
OS-CIT
Basic Computer Course
Duration : 3 Months
OS-CIT 'A'
Certificate Course of OS-CIT 'A'
Duration : 6 Months
OS-CIT 'A+'
Diploma Certificate of OS-CIT 'A+'
Duration : 12 Months
Odisha State-Certificate in Information Technology
Completion Certificate from Recognized University
OS-CIT Course Syllabus
OKCL eSchool
Enriching Education Experience
OKCL Career Oriented Courses
ODISHA KNOWLEDGE CORPORATION LIMITED
Jaydev Vihar, Bhubaneswar-751013, Phone - 0674-3520021

# ପେନ୍‌ସନ କଭରେଜ୍ ଆବଶ୍ୟକତାକୁ ଗୁରୁତ୍ୱ



ଭୁବନେଶ୍ୱର,୧୭।୧୧

ଦେଶର ପ୍ରମୁଖ ନିୟାମକ ପ୍ରାଧିକରଣ ପେନ୍‌ସନ ଫଣ୍ଡ ରେଗୁଲାଟୋରି ଆଣ୍ଡ ଡେଭଲପମେଣ୍ଟ ଅଥରିଟି (ପିଏଫ୍ଆର୍‌ଡିଏ)ଙ୍କ ପକ୍ଷରୁ ଦେଶବ୍ୟାପୀ କର୍ପୋରେଟ ହାଉସଙ୍କ ପାଇଁ ଜାତୀୟ ପେନ୍‌ସନ ସିଷ୍ଟମ (ଏନ୍‌ପିଏସ୍) ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସର ମିଳିତ ସହଯୋଗରେ ପିଏଫ୍ଆର୍‌ଡିଏ ଶୁକ୍ରବାର ଭୁବନେଶ୍ୱରଠାରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ପିଏଫ୍ଆର୍‌ଡିଏର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.ଜି.ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଏକ ଦୃଢ ସମାଜ ସହିତ ବଢୁଥିବା ଚିନ୍ତା ପାଇଁ ପେନ୍‌ସନ କଭରେଜ ଆବଶ୍ୟକତାକୁ ଦାସ ବିଶେଷ ଗୁରୁତ୍ୱ ଦେଇଥିଲେ। ସେହିଭଳି ସେ ଦକ୍ଷତା, ମାପକାଠି, ରିଟର୍ନ ଆଦି ବିଷୟରେ ମଧ ବିସ୍ତୃତ ସୂଚନା ଦେଇଥିଲେ। ଅନ୍ୟ ବକ୍ତାମାନଙ୍କ ମଧ୍ୟରେ ଜିତବ୍ରତ ସରକାର, ଏଫ୍‌ଆଇଏଆଇର ମୁଖ୍ୟ ଅବସରପ୍ରାପ୍ତ-ଇଣ୍ଡିଆ ଓ ମ୍ୟାନେଜିଂ ପାର୍ଟନର ଏବଂ ସୁମିତ କୁମାର ମୁଖ୍ୟ ମହାପ୍ରବନ୍ଧକଙ୍କ ସମେତ ସତ୍ୟବ୍ରତ ଦାସ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପ୍ରମୁଖ ଉପସ୍ଥିତ ଥିଲେ। ଏପରିକି ଅବସରକାଳୀନ ଲାଭ ଯୋଜନା ସମ୍ପର୍କରେ ଉପସ୍ଥିତ ବକ୍ତାମାନେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ସମ୍ମାନନୀୟ ବ୍ୟକ୍ତି ଓ ୫୦କର୍ପୋରେଟ ହାଉସ ପ୍ରତିନିଧି,ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୪ ଜାନୁୟାରୀ ୧ ବା ପରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରିଥିବା ସମସ୍ତ ସରକାରୀ କର୍ମଚାରୀ (ସୈନ୍ୟବାହିନୀ ବ୍ୟତୀତ) ମାନଙ୍କ ପାଇଁ ଏନ୍‌ପିଏସ୍ ଲାଗୁ କରାଯାଇଛି। ଏପରିକି ଅଧିକାଂଶ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ସରକାର ମଧ୍ୟ ସେମାନଙ୍କର ନୂତନ କର୍ମଚାରୀଙ୍କ ପାଇଁ ମଧ ଏନ୍‌ପିଏସ୍ ଲାଗୁ କରିଛନ୍ତି। ବିଶେଷକରି ୨୦୦୯ ମେ ୧ ପରଠାରୁ କର୍ପୋରେଟ ହାଉସ ସମେତ ସ୍ୱେଚ୍ଛାକୃତ ଭିତ୍ତିରେ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ଏନ୍‌ପିଏସ୍ ଉପଲବ୍ଧ ରହିଛି। ସେହିଭଳି ସାମାଜିକ ସୁରକ୍ଷା ଯୋଜନାରେ ଏକ ମହତ୍ତ୍ୱ ପ୍ରଦାନ କରି ଅଟଳ ପେନ୍‌ସନ ଯୋଜନା (ଏପିୱାଇ) ୨୦୧୫ ଜୁନ୍ ୧ରେ ଆରମ୍ଭ କରାଯାଇଥିଲାବେଳେ ୨୦୨୩ ନଭେମ୍ବର ୧୧ ସୁଦ୍ଧା ଏନ୍‌ପିଏସ୍ ଓ ଏପିୱାଇର ଗ୍ରାହକ ସଂଖ୍ୟା ୬.୮୫ କୋଟି ଅତିକ୍ରମ କରିଛି। ଏପରିକି ଉପରୋକ୍ତ ଯୋଜନାର ମୋଟ ଆସେଟ ୧୦,୪୦,୮୩୧.୫୧ କୋଟି ହୋଇଛି, ଉକ୍ତ ସିଷ୍ଟମ (ଏନ୍‌ପିଏସ୍) ଅଧୀନରେ ପ୍ରାୟ ୧୨,୨୪୭ କର୍ପୋରେଟ ହାଉସର ୧୮.୬୨ ଲକ୍ଷ କର୍ମଚାରୀଙ୍କୁ ଏଥିରେ ସାମିଲ କରାଯାଇଛି। ସୂଚନାଯୋଗ୍ୟ, କର୍ପୋରେଟ ହାଉସଗୁଡ଼ିକରେ ଏନ୍‌ପିଏସ୍ ବିଷୟରେ ସଚେତନତା ସୃଷ୍ଟି କରିବାକୁ ପେନ୍‌ସନ ପାଣ୍ଠି ନିୟାମକ ଓ ବିକାଶ ପ୍ରାଧିକରଣ ଦେଶବ୍ୟାପୀ କର୍ପୋରେଟ ହାଉସଙ୍କ ପାଇଁ ଏନ୍‌ପିଏସ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ଏନ୍‌ପିଏସ୍ ହେଉଛି ଏକ ଅବସରକାଳୀନ ଯୋଜନା ଓ ଏହା କର୍ପୋରେଟ ସଂସ୍ଥାଗୁଡ଼ିକଙ୍କ ପାଇଁ କାର୍ଯ୍ୟକାରୀ ହେଉଛି।

GOVERNMENT OF ODISHA
INVITATIONS FOR BIDS (IFB)
Bid Identification No. 05 / Date: 16.11.2023

The Block Development Officer, Begunia on behalf of Government of Odisha invites percentage rate bid in closed cover for the work detailed in the table from respective Class of contractors Registered with the State Government and contractors of equivalent grade/class registered with Central Government/MES/Railway having experience in Building and Road works in conformit/with Details Tender Call Notice for execution of work on drawl of Agreement in P1 contact forms of Government of Odisha.

| | | |
|---|---|---|
| 1 | Name of the work | Construction of 2 Nos. of additional room in Ramamani Higher Secondary School, Kantabada G.P., Begunia Block |
| 2 | Estimated Cost | 2027586.00 |
| 3 | Period of Completion | 04 (Four) Calendar Months |
| 4 | Bid Security or EMD (Rs.) | 20276.00 |
| 5 | Cost of Document (Rs.) | 6000.00 |
| 6 | Class of Contractor | C or equivalent |
| 7 | Date/time of availability of bid document in Dist. Portal and /P.S.: Begunia on Cash/DD | 20.11.2023 / 11.00 hour to 29.11.2023 / 17.00 hour |
| 8 | Last date/time for receipt of Bid in the portal by Regd. Post/Speed Post/Courier Service | 29.11.2023 / 17.00 hour |
| 9 | Name and address of the Office Inviting Bid | Panchayat Samiti, Begunia |
| 10 | Date, Time and Venue of Opening of the Bid | 30.11.2023 at 11.00 hour at Panchayat Samiti, Begunia |

Further detailed can be seen from the e-procurement portal **http://www.khordha.nic.in**.
**Sd./- Block Development Officer, Begunia Block**

GOVERNMENT OF ODISHA
INVITATIONS FOR BIDS (IFB)
Bid Identification No. 04 / Date: 16.11.2023

The Block Development Officer, Begunia on behalf of Government of Odisha invites percentage rate bid in closed cover for the work detailed in the table from respective Class of contractors Registered with the State Government and contractors of equivalent grade/class registered with Central Government/MES/Railway having experience in Building and Road works in conformit/with Details Tender Call Notice for execution of work on drawl of Agreement in P1 contact forms of Government of Odisha.

| | | |
|---|---|---|
| 1 | Name of the work | Construction of 2 Nos. of additional room in Ramamani Mahavidyalaya, Kantabada G.P., Begunia Block |
| 2 | Estimated Cost | 2027586.00 |
| 3 | Period of Completion | 04 (Four) Calendar Months |
| 4 | Bid Security or EMD (Rs.) | 20276.00 |
| 5 | Cost of Document (Rs.) | 6000.00 |
| 6 | Class of Contractor | C or equivalent |
| 7 | Date/time of availability of bid document in Dist. Portal and /P.S.: Begunia on Cash/DD | 20.11.2023 / 11.00 hour to 29.11.2023 / 17.00 hour |
| 8 | Last date/time for receipt of Bid in the portal by Regd. Post/Speed Post/Courier Service | 29.11.2023 / 17.00 hour |
| 9 | Name and address of the Office Inviting Bid | Panchayat Samiti, Begunia |
| 10 | Date, Time and Venue of Opening of the Bid | 30.11.2023 at 11.00 hour at Panchayat Samiti, Begunia |

Further detailed can be seen from the e-procurement portal **http://www.khordha.nic.in**.
**Sd./- Block Development Officer, Begunia Block**

**FORM NO.13**
**BEFORE THE DEBTS RECOVERY TRIBUNAL: CUTTACK: ODISHA**
C-71, SECTOR-7, CDA, CUTTACK: ODISHA
**O.A. NO. 245 / 2023**
HDFC BANK LIMITED. ............. APPLICANT
Vrs
JAFFRUDIN KHAN & ANOTHER ....... DEFENDANTS
To
1. **Jaffrudin Khan,** aged about 62 years, S/O- Suleman Khan, Koira, District- Sundergarh - 770048 . **[PAN - BGXPK7981A]**
2. **Samima Khatoon,** aged about 59 years, W/O-Jaffrudin Khan, Koira, District- Sundergarh- 770048, **[PAN- HLYPK1217B]** ......... DEFENDANTS

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the Applicant has instituted an O.A. No. 245/2023 in the Court of the Debts of Recovery Tribunal at Cuttack for recovery of **Rs.41,23,423.04 (Rupees Forty One Lakh Twenty Three Thousand Four Hundred Twenty Three and Four Paisa)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorized agent, in support of his defence to show cause within 30 days from the publication or on **19.12.2023** at **10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **06th day of November, 2023**.

Sd/- (NIKHILA RANJAN PATI)
REGISTRAR

**FORM NO.13**
**BEFORE THE DEBTS RECOVERY TRIBUNAL: CUTTACK: ODISHA**
C-71, SECTOR-7, C.D.A., CUTTACK-753014, ODISHA
**O.A. NO. 244/2023**
HDFC BANK LIMITED ............. APPLICANT
Vrs
SAROJ KUMAR SAHOO & ANOTHER .......DEFENDANTS
To
1. **Saroj Kumar Sahoo,** aged about 60 years, Son of Nam Narayan Sahoo, Raibaga Raiboga, Birmitrapur, Sundargarh-770033. **[PAN-ANKPS6820K]**
2. **Ashok Kumar Sahoo,** aged about 56 years, Son of Nam Narayan Sahoo, Raibaga Raiboga, Birmitrapur, Sundargarh-770033. **[PAN-ECKPS3952P]** ......... DEFENDANTS

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the Applicant has instituted an O.A. No. 244/2023 in the Court of the Debts of Recovery Tribunal at Cuttack for recovery of **Rs.44,38,657.60(Rupees Forty Four Lakh Thirty Eight Thousand Six Hundred Fifty Seven and Sixty Paisa)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorized agent, in support of their defence to show cause within 30 days from the publication or on **19.12.2023** at **10.30 a.m.** as to why reliefs prayed for should not granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **06th day of November, 2023**.

Sd/- (NIKHILA RANJAN PATI)
REGISTRAR

**FORM NO.13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
PLOT NO.: C-71, SECTOR-7, C.D.A., CUTTACK, ODISHA
**O.A. NO. 02 of 2023**
HDFC BANK LIMITED ............. APPLICANT
Versus
JOSEPH CEMENT BRICKS LLP AND OTHERS ........... DEFENDANT(S)
To
2. **M/S. NIRMAN,** At-14/5, Civil Township, Rourkela, Dist.-Sundergarh-769004.
5. **NARAYAN BHAIYA,** S/o- Prafulla Chandra Sahoo, At- 3825, Near- Srusti Villa, GGP Colony, Bhubaneswar GPO, Khordha-751025.
6. **REENA AGARWAL,** C/o- Ram Awatar Agarwal, At- 14/5, Civil Township, Rourkela, Dist.- Sundergarh, Orissa-769004.

SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 02 of 2023** in the court of the Debts Recovery Tribunal Cuttack for recovery of **Rs.1,26,39,840.53/-** only together with current and future interest costs and the other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent in support of his defence to show cause within 30 days from the date of publication or on **21.12.2023** at **10.30 am** as to why reliefs prayed for should not granted.

Take notice that in case of default the applicant will be heard and determined in his absence.

Given under my hand and seal of this tribunal on this **10th day of November, 2023**.

Sd/- (NIKHILA RANJAN PATI)
REGISTRAR

**FORM NO.13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
PLOT NO.: C-71, SECTOR-7, C.D.A., CUTTACK, ODISHA
**O.A. NO. 802 of 2022**
HDFC BANK LIMITED ............. APPLICANT
Versus
MANORAMA SWAIN & ANOTHER .........DEFENDANT(S)
To
1. **MANORAMA SWAIN,** Aged about 51 years, D/o. Jagabandhu Tarenia, At- Plot No.- 452, Bijayachandrapur, P.O.- Atharbanki, Near Tarinigada, Dist.- Jagatsinghpur, Odisha-754120.
2. **JAGANNATH SWAIN,** Aged about 61 years, S/o. Nisakar Swain, At/Po-Deriki, P.S.-Naugaon, Near Girl School, Dist.- Jagatsinghpur, Odisha- 754113.

SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 802 OF 2022** in the court of the Debts Recovery Tribunal Cuttack for recovery of **Rs.76,75,006.88/-** only together with current and future interest costs and the other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent in support of his defence to show cause within 30 days from the date of publication or on **22.12.2023** at **10.30 am** as to why reliefs prayed for should not granted.

Take notice that in case of default the applicant will be heard and determined in his absence.

Given under my hand and seal of this tribunal on this **03rd day of November, 2023**.

Sd/- (NIKHILA RANJAN PATI)
REGISTRAR

## ସଂକ୍ଷେପରେ

### ଗାଁରେ ନିଶାଦ୍ରବ୍ୟ ବିକ୍ରି ବନ୍ଦ ପାଇଁ ନିଷ୍ପତ୍ତି

ବେଗୁନିଆ,୧୭।୧୧(ହର ପ୍ରସନ୍ନ ପଣ୍ଡା)

ଗ୍ରାମାଞ୍ଚଳରେ ଦିନକୁ ଦିନ ନିଶାଦ୍ରବ୍ୟ କାରବାର ବଢିଚାଲିଛି। ଏଥିଯୋଗୁ ପରିବାର ଓ ସାମାଜିକ ସ୍ତରରେ ବିଭିନ୍ନ ସମୟରେ ବିଶୃଙ୍ଖଳା ଦେଖାଦେଉଛି। ତେବେ ଏହି ଚୋରା ନିଶାଦ୍ରବ୍ୟ କାରବାର ଉପରେ ଅଙ୍କୁଶ ଲଗାଇ ପାରୁନି ଅବକାରୀ ଓ ପୋଲିସ ବିଭାଗ। ବେଆଇନ କାରବାର ବନ୍ଦ କରିବା ପାଇଁ ଅଞ୍ଚଳରେ ଦାବି ହୋଇଛି। କୌଣସି ସୁଫଳ ନ ମିଳେ ତେବେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଆମ ଆଦମୀ ପାର୍ଟି(ଏଏପି) ପକ୍ଷରୁ ଚେତାବନୀ ଦିଆଯାଇଛି। ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରଣା ଗ୍ରାମ ସ୍ଥିତ ଖେଳପଡିଆରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଏପିର ବେଗୁନିଆ ନିର୍ବାଚନମଣ୍ଡଳୀ ସଂଯୋଜକ କଳ୍ପତରୁ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ନିଶାଦ୍ରବ୍ୟ କାରବାର ଓ ସେବନ କରୁଥିବା ଯୁବପିଢୀ ପଥ ଭ୍ରଷ୍ଟ ନ ହୋଇ ସୁସ୍ଥ ସମାଜ ଗଠନ ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା। ନିଶା ବିରୋଧରେ ଲଢୁଥିବା ନାରୀ ନେତ୍ରୀ ଶାନ୍ତି ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଅସିତ୍ ତ୍ରିପାଠୀ, ସୁମିତ୍ରା ପାଢ଼ୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଶ୍ୱନାଥ ବାରିକ ଧନ୍ୟବାଦ ଦେଇଥିଲେ।

### କଳିଙ୍ଗ ପୁସ୍ତକ ମେଳା ଆରମ୍ଭ

ଭୁବନେଶ୍ୱର,୧୭।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

୨୬ତମ କଳିଙ୍ଗ ପୁସ୍ତକ ମେଳା ଶୁକ୍ରବାର ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଯାଇଛି। ମେୟର ସୁଲୋଚନା ଦାସ ପୁସ୍ତକ ମେଳାକୁ ଉଦ୍‌ଘାଟନ କରି କହିଛନ୍ତି, ମହିଳାଙ୍କ ଦ୍ୱାରା ପରିଚାଳିତ ଏକ ଅନୁଷ୍ଠାନ ଦ୍ୱାରା ଅନେକ ବର୍ଷ ଧରି ଏହି ପୁସ୍ତକମେଳାର ସୁଚାରୁ ଆୟୋଜନ ସାମାନ୍ୟ କଥା ନୁହେଁ। ମୁଖ୍ୟ ଅତିଥି ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ ଯୋଗଦେଇଥିଲେ। 'କଥା'ର ସମ୍ପାଦକ ଗୌରହରି ଦାସ କହିଲେ, ଆଜିକାଲି ମହିଳାମାନେ ସବୁଥିରେ ସଫଳ ହେଲେଣି। ଏହି ପୁସ୍ତକମେଳା ତାହାର ଅନ୍ୟତମ ପ୍ରକୃଷ୍ଟ ଉଦାହରଣ। କଳିଙ୍ଗ ପୁସ୍ତକ ମେଳାର ସମ୍ପାଦିକା ରେଣୁକା ମିଶ୍ର କହିଲେ, ଏହି ପୁସ୍ତକ ମେଳା ଯେ ଦିନେ ୨୬ତମ ବର୍ଷ ପାଇଁ ତିଷ୍ଠି ରହିପାରିବ ତାହା ମୁଁ କଳ୍ପନା କରି ନ ଥିଲି। ମେଳାରେ ପ୍ରାୟ ୧୫୦ଟି ଷ୍ଟଲ ଖୋଲାଯାଇଥିବାବେଳେ ୧୦୦ରୁ ଊର୍ଦ୍ଧ୍ୱ ପ୍ରକାଶକ ଓ ବ୍ୟବସାୟ ପ୍ରତିଷ୍ଠାନ ଭାଗ ନେଇଛନ୍ତି। ଏଥିରେ ଓଡ଼ିଶା ତଥା ରାଜ୍ୟ ବାହାରର ଅନେକ ପୁସ୍ତକ ପ୍ରକାଶକଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ଅନେକ ଘରୋଇ ପ୍ରତିଷ୍ଠାନ ବ୍ୟତୀତ ନ୍ୟାଶନାଲ ବୁକ ଟ୍ରଷ୍ଟ, ଭାରତ ସରକାରଙ୍କ ବୈଜ୍ଞାନିକ ଓ ବୈଷୟିକ ଶବ୍ଦାବଳୀ କମିଶନ, ଜନଗଣନା ନିର୍ଦ୍ଦେଶାଳୟ, ଭାରତୀୟ ଡାକ ବିଭାଗ, ଓଡ଼ିଶା ସରକାରଙ୍କ ଉପଭୋକ୍ତା ସଚେତନତା କେନ୍ଦ୍ର, ଓଡ଼ିଶା ରାଜ୍ୟ ଏଡସ ନିୟନ୍ତ୍ରଣ ସମିତି, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଭଳି ସରକାରୀ ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ଏଠାରେ ଷ୍ଟଲ ଖୋଲାଯାଇଛି। ଏହା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଖେଳନା ବନ୍ଧୁକ ମୁନରେ ଭିଶୋଇଙ୍କ କାର୍ ଲୁଟ୍, ଶାଳକ ଗିରଫ

ଭୁବନେଶ୍ୱର,୧୭।୧୧(ସୂର୍ଯ୍ୟକାନ୍ତ ବେହେରା)

ଖେଳନା ବନ୍ଧୁକ ଦେଖାଇ ଭିଣୋଇଙ୍କୁ ଧମକାଇଲେ। ପରେ ସିକ୍ୟୁରିଟି ଗାର୍ଡଙ୍କଠାରୁ ଜୋର୍‌ଜବରଦସ୍ତ ଚାବି ନେଇ ଏକ କାର ଲୁଟିନେବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ପିପିଲ ଅଞ୍ଚଳରୁ ଅଭିଯୁକ୍ତ ଶଳାକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲଣ କରିଛି। ସେ ହେଲେ ଗଞ୍ଜାମର ରୁଦ୍ର ପ୍ରସାଦ ମହାନ୍ତି। ତାଙ୍କଠାରୁ କାର ଓ ଅପରାଧରେ ବ୍ୟବହୃତ ଖେଳନା ବନ୍ଧୁକ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ରୁଦ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଭିଣୋଇ ମନୋଜ କୁମାର ପୁରୋହିତଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୂଚନାନୁସାରେ, ଅଭିଯୋଗକାରୀ ମନୋଜ ସ୍ଥାନୀୟ ଥାନା ଅନ୍ତର୍ଗତ ସୁନ୍ଦରପଦା ଅଞ୍ଚଳର ଏକ ରେସିଡେନ୍ସିର ଫ୍ଲାଟ୍ ନମ୍ବର ୧୦୩ରେ ରୁହନ୍ତି। ଗୁରୁବାର ସକାଳେ ଅଭିଯୁକ୍ତ ରୁଦ୍ର ଉକ୍ତ ଫ୍ଲାଟ୍‌କୁ ଆସି ଭିଣୋଇ ମନୋଜଙ୍କୁ ୫୦ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେବାକୁ ମନୋଜ ମନା କରିବାରୁ ରୁଦ୍ର ତାଙ୍କୁ ଖେଳନା ବନ୍ଧୁକ ଦେଖାଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ।

# 'ଅନ୍ତର୍ନିହିତ ପ୍ରତିଭା ବିକଶିତ କର'

ଖୋର୍ଦ୍ଧା,୧୭।୧୧(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ଜୟନ୍ତୀ ପାଳନ ଅବସରରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା କ୍ୟାମ୍ପସସ୍ଥିତ ମୈତ୍ରୀଭବନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଲଘୁ କଣ୍ଠସଙ୍ଗୀତରେ ପ୍ରାଣନାଥ କଲେଜ ଛାତ୍ରୀ ପ୍ରଜ୍ଞା ପରିମିତା ଲେଙ୍କା ପ୍ରଥମ, କୁଞ୍ଜବିହାରୀ କଲେଜ ବାରଙ୍ଗ ଛାତ୍ରୀ ସମୀକ୍ଷା ଦାସ ଦ୍ୱିତୀୟ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଭୁବନେଶ୍ୱର ଛାତ୍ରୀ ମୋନାଲିସା ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅକ୍ଷୟ ସଙ୍ଗୀତ ପ୍ରତିଯୋଗିତାରେ କୁଞ୍ଜବିହାରୀ କଲେଜ ଛାତ୍ରୀ ପ୍ରିୟଙ୍କା ସେନାପତି ପ୍ରଥମ, ବାଲୁଗାଁ ମହାବିଦ୍ୟାଳୟ ଛାତ୍ର ଚିନ୍ମୟ ଶତ୍ରୁଶଲ୍ୟ ଦ୍ୱିତୀୟ ଓ ପ୍ରାଣନାଥ କଲେଜର ବଘେଇ ଚରଣ ସାମନ୍ତରାୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଶାସ୍ତ୍ରୀୟ କଣ୍ଠସଙ୍ଗୀତରେ ଅଳକା ମହାବିଦ୍ୟାଳୟ ଜଗତ୍‌ସିଂହପୁରର ଅଞ୍ଜଳି ବେହେରା ପ୍ରଥମ, ବିଜେବି କଲେଜର ସତ୍ୟବ୍ରତ ଜେନା ଦ୍ୱିତୀୟ ଏବଂ ପ୍ରାଣନାଥ କଲେଜର ମୋନାଲିସା ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଭଜନ ଓ ଜଣାଣ ପ୍ରତିଯୋଗିତାରେ ବିଜେବି କଲେଜର ମୋନାଲିସା ସ୍ୱାଇଁ ପ୍ରଥମ, କୁଞ୍ଜବିହାରୀ କଲେଜର ପ୍ରିୟଙ୍କା ସେନାପତି ଦ୍ୱିତୀୟ, ପ୍ରାଣନାଥ କଲେଜର ଅନନ୍ୟା ମିଶ୍ର ତୃତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟର ଇତିଶ୍ରୀ ସାହୁ ପ୍ରଥମ, ପ୍ରାଣନାଥ କଲେଜର ରିତୁପୂର୍ଣ୍ଣା ମହାପାତ୍ର ଦ୍ୱିତୀୟ ଏବଂ ଅଳକା କଲେଜର ଦୀପକ ମଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଅଜନ୍ତା ଶତପଥୀ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ପିଲାଙ୍କୁ ଉତ୍ସାହିତ କରିଥିଲେ। ଅନ୍ତର୍ନିହିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଉପାଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ଏହି ପ୍ରତିଯୋଗିତା ସମୂହର ସଂଯୋଜନା ଓ ପରିଚାଳନା କରିଥିବା ବେଳେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ଅଧ୍ୟକ୍ଷା ଡ.ଅଜନ୍ତା ଶତପଥୀ ଏବଂ ଅନ୍ୟ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ବନ୍ଧାଯାଇ ରଖାଯାଇଥିବା ଗୋରୁଙ୍କ ସ୍ଥିତି ଅନୁଧ୍ୟାନ କଲା ପ୍ରଶାସନ

ବେଗୁନିଆ,୧୭।୧୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅନ୍ତର୍ଗତ ଜାମୁସାହି ଗ୍ରାମରେ ଶତାଧିକ ଗୋରୁ ବନ୍ଧାହୋଇ ରହିଛନ୍ତି। ତେବେ ଗୋରୁମାନଙ୍କୁ ବିଦେଶକୁ ଚୋରାଚାଲାଣ କରାଯିବ ବୋଲି ପ୍ରଶାସନ ନିକଟରେ ଖବର ପହଞ୍ଚିଥିଲା। ଏହା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଶୁକ୍ରବାର ଉକ୍ତ ଗ୍ରାମକୁ ପ୍ରଶାସନିକ ଅଧିକାରୀ ଯାଇ ଗୋରୁଙ୍କ ସ୍ଥିତି ଅନୁଧ୍ୟାନ କରି ଫେରିଥିଲେ। ତେବେ ଏତେସଂଖ୍ୟାରେ ଗୋରୁ ଆସିଲେ କେଉଁଠୁ, କିଏ ଏହି ଗୋରୁଙ୍କୁ ବାନ୍ଧିଛନ୍ତି ସେନେଇ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ସୂଚନାଥାଉ କି, ଗତ ଦୁଇଦିନ ହେବ ଜାମୁସାହି ଗ୍ରାମକୁ ଟ୍ରକ୍ ଯୋଗେ ବୋଝେଇ ହୋଇ ନୟାଗଡ଼ ଏବଂ ଫୁଲବାଣୀ ଜିଲା ଅଞ୍ଚଳରୁ ୩ଶହରୁ ଅଧିକ ଗୋରୁ ଆସି ଏକ ପଡ଼ିଆରେ ବନ୍ଧାଯାଇ ରଖାଯାଇଥିଲା। କେତେଜଣ ବ୍ୟବସାୟୀ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ମସୁଧା ଚାଲିଥିବା ନେଇ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିକଟରେ ଖବର ପହଞ୍ଚିଥିଲା। ଏହାପରେ ଏସ୍‌ପି କଟାରିଆଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦିଲୀପ ଦାସ, ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସମେତ ଥାନା କର୍ମଚାରୀ ଏକ ପ୍ଲାଟୁନ ପୋଲିସ ଫୋର୍ସ ନେଇ ଉକ୍ତ ସ୍ଥାନରେ ପହଞ୍ଚିଥିଲେ। ବୋଲଗଡ଼ ତହସିଲଦାର ନିବେଦିତା ପ୍ରଧାନ ଏବଂ ବେଗୁନିଆ ବ୍ଲକ ଭେଟେରିନାରି ଅଫିସର (ବିଭିଓ) ଡ. ବନିତା ବେହେରା ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏତେସଂଖ୍ୟକ ଗୋରୁ ଏଠାକୁ କେଉଁଠାରୁ ଆସିଲେ ଏବଂ ଗୋରୁଙ୍କୁ ଏଠାରେ କିଏ ରଖିଛି ସେନେଇ ତଦନ୍ତ କରିଥିଲେ। ତୁରନ୍ତ ଗୋରୁଙ୍କୁ ସମ୍ପୃକ୍ତ ସ୍ଥାନରୁ ଖାଲି କରିବା ପାଇଁ ପୋଲିସ ନିର୍ଦ୍ଦେଶ ଦେବା ପରେ ଲୋକମାନେ ସମୟ ମାଗିଥିଲେ। ଗ୍ରାମବାସୀ ଏବଂ ମୁଖିଆ ଗୋରୁଗୁଡ଼ିକ ଯେଉଁଠାରୁ ଆଣିଛନ୍ତି ସେଠାରେ ନେଇ ଫେରାଇଦେବା ପାଇଁ କହିଥିଲେ। ଅନ୍ୟପକ୍ଷରେ ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପ୍ରାଣୀ ଚିକିତ୍ସା ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା କରାଯାଇଥିଲା। ୮ଟି ଗୋରୁ ବସନ୍ତ ରୋଗରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ପୀଡ଼ିତ ଗୋରୁଙ୍କୁ ଆବଶ୍ୟକ ଔଷଧ ଦିଆଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ପଣ୍ଡା କହିଛନ୍ତି, ଅଭିଯୋଗ ପରେ ତଦନ୍ତ ଚାଲିଛି। ଗୋରୁଙ୍କୁ ଚାଲାଣ ଯେମିତି କରା ନ ଯିବ ସେଥିପାଇଁ ପୋଲିସ ସଜାଗ ରହିଛି।


ବନ୍ଧା ହୋଇ ରଖାଯାଇଥିବା ଗୋରୁ।

# ସରିଲା ରାଜାରାଣୀ ସଙ୍ଗୀତ ମହୋତ୍ସବ

ପୁରୁଣା ଭୁବନେଶ୍ୱର,୧୭।୧୧
(ସୁବାସ ଚନ୍ଦ୍ର ପ୍ରଧାନ)

## ଓଡ଼ିଶୀ ମର୍ଦ୍ଦଳ ବାଦନରେ ଦର୍ଶକ ବିଭୋର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ରାଜାରାଣୀ ସଙ୍ଗୀତ ମହୋତ୍ସବର ଶୁକ୍ରବାର ଥିଲା ଅନ୍ତିମ ସନ୍ଧ୍ୟା। ଓଡ଼ିଶୀ ମର୍ଦ୍ଦଳ ବାଦନ ସହିତ କର୍ନାଟକୀ ଶାସ୍ତ୍ରୀୟ କଣ୍ଠସଙ୍ଗୀତର ମୂର୍ଚ୍ଛନାରେ ରାଜାରାଣୀ ମନ୍ଦିର ପ୍ରାଙ୍ଗଣ ମୁଖରିତ ହୋଇଥିଲା। ସନ୍ଧ୍ୟାର ପ୍ରଥମ ପରିବେଷଣ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଓ ତାଙ୍କ ଛାତ୍ରମାନଙ୍କ ଦ୍ୱାରା ମର୍ଦ୍ଦଳ ବାଦନର ବିଭିନ୍ନ ବାଦନ କ୍ରିୟା। ସେମାନେ ଆଦିତାଳ ଓ ୧୬ ମାତ୍ରାରେ ପ୍ରଥମେ ଜଗନ୍ନାଥଙ୍କ ଉପରେ ନିବଦ୍ଧ ଶବ୍ଦସ୍ୱର ପରିବେଷଣ କରିଥିଲେ। ପରେ ଏକ ହସ୍ତବାଦ୍ୟ ଓ ଚଉଷଠି ଛନ୍ଦବାଦ୍ୟ ପରିବେଷଣ କରିଥିଲେ। ପରବର୍ତ୍ତୀ ପ୍ରସ୍ତୁତିରେ ଛନ୍ଦ ପ୍ରକରଣ ସହିତ ଝମ୍ପତାଳ ଦଶମାତ୍ରାରେ ଏବଂ ଆଦିତାଳ ଷୋଳମାତ୍ରାରେ ଓ ମର୍ଦ୍ଦଳରେ ଜମାଣ, ରଗଡ଼, ଖଣ୍ଡି, ବଡ଼ି, ଅରଣା ଓ ଭଉଁରୀ ଅରଣା ଆଦି ବାଦନ ସହ ଓ ସଙ୍ଗୀତର ମୂର୍ଚ୍ଛନା ପରିବେଷଣ କରିଥିଲେ।

ମର୍ଦ୍ଦଳରେ ସୌଭାଗ୍ୟ ନାରାୟଣ ଛୋଟରାୟ, ସୀତାକାନ୍ତ ଜେନା, ରୋହିତ ପ୍ରଧାନ ଓ ବିଭୂତି ଭୂଷଣ ଚମ୍ପତି, ହାରମୋନିୟମରେ ଧନେଶ୍ୱର ଓଝା ଏବଂ ବଂଶୀରେ ଗୁରୁ ଶ୍ରୀନିବାସ ଶତପଥୀ ସହଯୋଗ କରିଥିଲେ। ଦ୍ୱିତୀୟ ପରିବେଷଣ ଥିଲା ଅନ୍ତର୍ଜାତୀୟ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତର ଗାୟିକା ରଞ୍ଜନୀ ବାଲଶୁବ୍ରମନ୍ୟମ ଓ ଗାୟତ୍ରୀ ବାଲଶୁବ୍ରମନ୍ୟମଙ୍କ ଦ୍ୱାରା କର୍ନାଟକୀ ସଙ୍ଗୀତର ବିଭିନ୍ନ ରାଗ ଓ ତାଳକୁ ନେଇ ସଙ୍ଗୀତ ପରିବେଷଣ। ପ୍ରଥମ ଅର୍ଘ୍ୟରେ ରାଗ ହିନ୍ଦୋଳମ ଏବଂ ଆଦିତାଳରେ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତର ବିଭିନ୍ନ ବିଭବକୁ ଗାନ କରଥିଲେ। ଏହି ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ ଦର୍ଶକଙ୍କ ମନ ଛୁଇଁଥିଲା। ବେହେଲାରେ ଚରୁମତି ରଘୁରମନ ଏବଂ ମୃଦଙ୍ଗରେ ଡେଲୀ ସଭମ ସହଯୋଗ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଗୁରୁ ଅରୁଣା ମହାନ୍ତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥ ଉପସ୍ଥିତ ଥିଲେ। ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଟାଙ୍ଗୀ,୧୭।୧୧(ରଘୁନାଥ ସାହୁ)

ପ୍ରତିବର୍ଷ ଭଳି ଚଳିତ ବର୍ଷ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ଦିନଠାରୁ ୩ ଦିନ ଧରି ଟାଙ୍ଗୀ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଡିଗି ପୋଖରୀ ଠାରୁ କଳସ ଯାତ୍ରାରେ ବ୍ରତଧାରୀ ଆସି ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନା କରିଥିଲେ। ବ୍ରାହ୍ମଣ ବରଣ, ସୂର୍ଯ୍ୟ ପୂଜା, ଧେନୁ ପୂଜା, ମଣ୍ଡଳାଦି ପୂଜା, ଅଗ୍ନିସ୍ଥାପନ, ଆଜ୍ୟାହୁତି, ସନ୍ଧ୍ୟା ଆଳତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଗୋଧୂଳି ଲଗ୍ନେ ପୂର୍ଣ୍ଣାହୁତି କରାଯିବା ସହ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ଯଜ୍ଞ ପରିଚାଳନା କମିଟିର ସଦସ୍ୟମାନେ କାର୍ଯ୍ୟ ସମ୍ପାଦନ କରିଥିଲେ।

### ଶୈଳଭାମାଙ୍କୁ ସଙ୍ଗୀତ, ରାଜ୍ୟବର୍ଦ୍ଧନଙ୍କୁ ଅକ୍ଷୟ ସାହିତ୍ୟ ସମ୍ମାନ

ଭୁବନେଶ୍ୱର,୧୭।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶୁକ୍ରବାର ସଂସ୍କୃତି ଓ ସଂସ୍କୃତି ଅନୁଷ୍ଠାନ, ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ ଏବଂ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଅକ୍ଷୟ ସାହିତ୍ୟ ଓ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଲେଖିକା ଡ. ଇତି ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ସଭାପତି ପ୍ରଦୋଷ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଦିଲୀପ ହାଲି ବିବରଣୀ ପାଠ କରିଥିଲେ। ଏହି ଅବସରରେ ସାହିତ୍ୟିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କୁ 'ଅକ୍ଷୟ ସାହିତ୍ୟ ସମ୍ମାନ' ଓ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ରଙ୍କୁ 'ଅକ୍ଷୟ ସଙ୍ଗୀତ ସମ୍ମାନ' ପ୍ରଦାନ କରାଯାଇଥିଲା। ଆଦ୍ୟାଶା ଦାସ, ପ୍ରୀତିନନ୍ଦା ରାଉତରାୟ, ସଞ୍ଜୟ ମିଶ୍ର, ଯଶ୍ ମହାନ୍ତି ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଯୋଜକ ଲୁଟୁ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ମହାଯଜ୍ଞ ଆରମ୍ଭ

ଜଟଣୀ,୧୭।୧୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀସ୍ଥିତ ଗୋପୀନାଥ ଦେବଙ୍କ ମନ୍ଦିର ପରିସରରେ ଶୁକ୍ରବାର ୫୬ତମ ଶ୍ରୀରାମଚରିତ ମାନସ ନବାହ୍ନ ପରାୟଣ ପାଠ ଏବଂ ମହାୟଜ୍ଞ ଆରମ୍ଭ ହୋଇଛି। ଜଟଣୀ ମାରୱାଡ଼ି ସମାଜ ସହଯୋଗରେ ଏବଂ ଶ୍ରୀରାମଚରିତ ମାନସ ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଧେଶ୍ୟାମ ଅଗ୍ରୱାଲ ଏବଂ ପୁଷ୍ପା ଦେବୀ କର୍ତ୍ତାଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସକାଳେ ଶତାଧିକ ମହିଳା ଓ ପୁରୁଷ ଉତ୍ତରାୟଣୀ ମନ୍ଦିର ପ୍ରାଙ୍ଗଣରୁ ବାହାରି ସହର ମୁଖ୍ୟ ରାସ୍ତା ଦେଇ ଗୋପୀନାଥ ଦେବଙ୍କ ମନ୍ଦିରରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ମନ୍ଦିର ପରିସରରେ ଶ୍ରୀରାମଙ୍କ ଅସ୍ଥାୟୀ ମୃଣ୍ମୟୀ ମୂର୍ତ୍ତି ପୂଜାର୍ଚ୍ଚନା ପରେ ପଣ୍ଡିତ ସଞ୍ଜୟ ଜୀ ଶର୍ମାଙ୍କ ସହିତ ୧୦ ଜଣ ପଣ୍ଡିତ ଶ୍ରୀରାମ ଚରିତ ମାନସ ପାଠ ଆରମ୍ଭ କରିଥିଲେ। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ମାନସ ପାଠ କରାଯିବାକୁ ଥିଲା ବେଳେ ୨୬ ତାରିଖରେ ଅଖଣ୍ଡ ହନୁମାନ ଚାଳିଶା ପାଠ ଓ ୨୭ ତାରିରେ ଯଜ୍ଞ ପୂର୍ଣ୍ଣାହୁତି ସହିତ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରାଯିବା କାର୍ଯ୍ୟକ୍ରମ ରହିଛି। ପ୍ରତିଦିନ ସକାଳ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ତୁଳସୀକୃତ ରାମଚରିତ ମାନସ ପାଠ ଏବଂ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ପ୍ରବକ୍ତା ଅମୃତ ଆନନ୍ଦଜୀ ଏବଂ ସୁପ୍ରିୟା ଜୀଙ୍କ ଦ୍ୱାରା ହିନ୍ଦୀରେ ପ୍ରବଚନ ପ୍ରଦାନ କରାଯାଉଛି ବୋଲି ଆୟୋଜକ ସମିତିର ସଂଯୋଜକ ପବନ ଝୁନଝୁନୱାଲା, କିଶନ ପାଲିବାଲ, ରତନଲାଲ ଅଗ୍ରୱାଲ ପ୍ରମୁଖ କହିଛନ୍ତି।



ଶ୍ରୀରାମଚରିତ ମାନସ ନବାହ୍ନ ପରାୟଣ ପାଠ ଏବଂ ମହାୟଜ୍ଞ ଅବସରରେ ଶୁକ୍ରବାର ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା ଶ୍ରଦ୍ଧାଳୁମାନେ।

### ରାସେଶ୍ୱରୀ ଦେବୀଙ୍କ ଆଧ୍ୟାତ୍ମିକ ପ୍ରବଚନ ଆରମ୍ଭ

ଜଟଣୀ,୧୭।୧୧(ରବୀନ୍ଦ୍ରନାଥ ମହାକୁଡ଼)

ବ୍ରଜଗୋପିକା ସେବା ମିଶନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଅଗ୍ରୱାଲ ଚାରିଟେବଲ ଧର୍ମଶାଳା ପରିସରରେ ରାସେଶ୍ୱରୀ ଦେବୀଙ୍କ ଦ୍ୱାରା ଦିବ୍ୟ ଏବଂ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଜଟଣୀ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କୃପାଲୁଜୀ ମହାରାଜଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରବଚନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିଥିଭାବେ ଜଟଣୀ ସର୍କଲ ସିଟି ଏବଂ ଜିଏସ୍‌ଟି ଡେପୁଟି କମିଶନର ବୃନ୍ଦାବନ ବଡ଼ରାୟତ, ବିଜେଡି ଜିଲା ସମ୍ପାଦକ ଅନନ୍ତ ଶତପଥୀ, ଅଗ୍ରୱାଲ ଚାରିଟେବଲ ଧର୍ମଶାଳା ଅଧ୍ୟକ୍ଷ ପ୍ରଦୀପ କୁମାର ଅଗ୍ରୱାଲ, ଧର୍ମଶାଳା କୋଷାଧ୍ୟକ୍ଷ ସୁଶୀଲ ଅଗ୍ରୱାଲ, ବିଜୟ କୁମାର ରାୟ, ବରିଷ୍ଠ ଅଧିବକ୍ତା ବିଶ୍ୱନାଥ ଯୋଶୀ ପ୍ରମୁଖ ଯୋଗଦେଇଥିଲେ। ଦେବୀ ପ୍ରିୟଦର୍ଶୀ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ରାସେଶ୍ୱରୀ ଦେବୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପ୍ରବଚନ ପ୍ରଦାନ କରିଥିଲେ। ମାନବ ଶରୀରରେ ହିଁ ଈଶ୍ୱରପ୍ରାପ୍ତି ସମ୍ଭବ। ଆତ୍ମାକୁ ପବିତ୍ର ରଖିଲେ ମଣିଷ ବାସ୍ତବିକ ଏବଂ ଅନନ୍ତ ସୁଖର ଅଧିକାରୀ ହୋଇପାରେ। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରବଚନ ଶୁଣିଥିଲେ। ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରତିଦିନ ସନ୍ଧ୍ୟା ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ପ୍ରବଚନ ଏବଂ ସକାଳ ୬ରୁ ୭ଟା ଯୋଗ ପ୍ରାଣାୟାମ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



# ଝାଁଳାକୁ ହରାଇ କଳିଙ୍ଗ କ୍ଲବ ବିଜୟୀ

ଖୋର୍ଦ୍ଧା,୧୭।୧୧(ପ୍ରଭାତ ପାଣିଗ୍ରାହୀ)

## ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁମାରବସ୍ତ ରାଇଜିଂ ଷ୍ଟାର କ୍ଲବ ଆନୁକୂଲ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୩୭ତମ ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ମୋଟ ୯ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଚାମ୍ପିୟନ ଟିମ୍‌କୁ ୩୦ ହଜାର ଓ ରନର୍ସଅପ ଟିମ୍‌କୁ ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ମୁଖ୍ୟ ସଂଯୋଜକ କାଜଲ ବଳିୟାରସିଂ କହିଛନ୍ତି। ପ୍ରଥମ ଦିବସରେ ଖୋର୍ଦ୍ଧାର କଳିଙ୍ଗ କ୍ଲବ ଓ ଝାଁଳା ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି କଳିଙ୍ଗ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ବିନିମୟରେ ୨୩୭ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଗିରିଶ୍ ନାୟକ ୪୭ ବଲରେ ୧୨ ଚୌକା ଓ ୫ଟି ଛକା ସହାୟତାରେ ଅପରାଜିତ ୧୦୬ ରନ୍ ଏବଂ ସୂର୍ଯ୍ୟକାନ୍ତ ୩୧ଟି ବଲରୁ ୯ଟି ଚୌକା ଓ ୨ ଛକା ବଳରେ ୬୦ ରନ୍ କରିଥିଲେ। ଝାଁଳା ଟିମ୍ ପକ୍ଷରୁ ମନୋଜ ବାରିକ ଦୁଇଟି ଓ ପ୍ରଭାତ ପଟ୍ଟନାୟକ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଝାଁଳା ଟିମ୍ ୧୬.୪ ଓଭରରେ ୯ ଉଇକେଟ ହରାଇ ୧୪୯ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ସତ୍ୟଜିତ୍ ସାହୁ ୩୭ ଓ ଅଭିଷେକ ପଟ୍ଟନାୟକ ୩୪ ରନ୍ କରିଥିଲେ। କଳିଙ୍ଗ ଦଳ ପକ୍ଷରୁ ସ୍ୱାଧୀନ ପାଇକରାୟ ୩ଟି ଓ ସୂର୍ଯ୍ୟକାନ୍ତ ବଡ଼ଜେନା ୨ଟି ଉଇକେଟ ନେଇଥିଲେ। ପ୍ରଦୋଷ ବଳିୟାରସିଂ, ଦୁର୍ଯ୍ୟୋଧନ ପରିଡ଼ା ଓ ଜନ୍ମେଜୟ ଛୋଟରାୟ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍‌ରେ ଅତିଥିଭାବେ ସମାଜସେବୀ ପ୍ରତାପ ମହାପାତ୍ର ଯୋଗଦେଇ ବିଜୟୀ ଟିମ୍‌ର ଶତକୀୟ ଇନିଂସ ଖେଳିଥିବା ଗିରିଶ୍ ନାୟକଙ୍କୁ ପୁରସ୍କୃତ କରିଥିଲେ। ଶନିବାର ମଞ୍ଚେଶ୍ୱର ଏବଂ ଢେଙ୍କାନାଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।


ଅତିଥିଙ୍କଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ଦୁଇ ପରିବାରଙ୍କୁ ଆକ୍ରମଣ ଘଟଣାରେ ୩ ଯୁବକ ଗିରଫ

ଭୁବନେଶ୍ୱର, (ସୂର୍ଯ୍ୟକାନ୍ତ ବେହେରା): ଦୀପାବଳି ଉତ୍ସବ ବେଳେ ଦୁଇ ପରିବାରଙ୍କୁ କମେଣ୍ଟ ମାରିବା ସହ ସଂଘବଦ୍ଧ ବିୟର ବୋତଲ ଓ ଲୁହା ଛଡ଼ରେ ଆକ୍ରମଣ କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ୩ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ସୋଏବ ସୁନ୍ଦର ପ୍ରଧାନ, ସୌମ୍ୟଦତ୍ତ ମହାନ୍ତି ଓ ରାହୁଲ ଚୌଧୁରୀ । ଜାମିନ ନ ମିଳିବାରୁ ସମସ୍ତ ଅଭିଯୁକ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ଆକ୍ରମଣରେ ୩ ଜଣ ଆହତ ହୋଇଥିଲେ। ଅଭିଯୋଗକାରୀ ଅମ୍ରିତାଂଶୁ ଦତ୍ତଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେହିପରି ଏହି ଘଟଣାରେ ଆଉ କିଛି ଅଭିଯୁକ୍ତ ଫେରାର ଥିବାବେଳେ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି ।



## ସଂକ୍ଷେପରେ

### ଗୋପୀନାଥପୁର-ଧଉଳି ରାସ୍ତା ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର,୧୭।୧୧(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀ ଧଉଳି ଗ୍ରାମପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ଗୋପୀନାଥପୁର-ଧଉଳି ରାସ୍ତାକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ସରପଞ୍ଚ ଚନ୍ଦନ ମଲ୍ଲିକ, ସମିତିସଭ୍ୟା ସରସ୍ୱତୀ ସେଠୀ, ବିଧାୟକଙ୍କ ପ୍ରତିନିଧି ହରେକୃଷ୍ଣ ସାହୁ, ସୁଧାରଞ୍ଜନ ପ୍ରଧାନ, ବାବୁଲି ମହାନ୍ତି, ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିର ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର

ବାଲିପାଟଣା,୧୭।୧୧(ଅଭିମନ୍ୟୁ ନାୟକ)

ବାଲିପାଟଣା ଛକସ୍ଥିତ ପ୍ରାଚୀ କନ୍‌ଭେନ୍‌ସନ ପରିସରରେ ବିଜେଡି ପକ୍ଷରୁ ତିନିଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୟଦେବ ନିର୍ବାଚନମଣ୍ଡଳୀ ବାଲିଅନ୍ତା ବ୍ଲକର ୧୭ନଂ. ଓ ବାଲିପାଟଣା ବ୍ଲକର ୧୯ନଂ. ଜିଲା ପରିଷଦ ଜୋନ୍‌ର ୧୧ ପଞ୍ଚାୟତର ପ୍ରାୟ ଏକ ହଜାର କର୍ମୀ ପ୍ରଥମ ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷା ଶ୍ରୀମତୀ ମିଶ୍ର, ଦଳର ମୁଖପାତ୍ର ସୋଫିଆ ଆଲମ୍, ଦଳୀୟ ପର୍ଯ୍ୟବେକ୍ଷକ ବରଦା ପ୍ରସନ୍ନ ପଟ୍ଟନାୟକ, କୈଳାସ ପାତ୍ର ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନରେ ଦଳର ଆଭିମୁଖ୍ୟ କ'ଣ ରହିବ ସେ ସମ୍ପର୍କରେ କହିଥିଲେ। ସଙ୍ଗଠକ କମଳ କୁମାର ପାତ୍ରଙ୍କ ନେତୃତ୍ୱରେ ଦୁଇ ବ୍ଲକର ଦଳୀୟ ସଭାପତି କିଶୋର ଜେନା, ପ୍ରଦୀପ୍ତ ଜେନାମଣି, ବ୍ଲକ ଅଧ୍ୟକ୍ଷା ହରପ୍ରିୟା ଦାସ, ବାସନ୍ତୀ ଖଟୁଆ, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ, ସଙ୍ଗଠନର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ୬୬୨ ବର୍ଗ କଲେଜ ସଂଘର କେନ୍ଦ୍ରୀୟ ଓଡ଼ିଶା ଅଧ୍ୟକ୍ଷ ସମ୍ମିଳନୀ

ଭୁବନେଶ୍ୱର,୧୭।୧୧(ଅନୁରାଧା ମହାରଣା)

୬୬୨ ବର୍ଗ କଲେଜ ସଂଘ ପକ୍ଷରୁ ସ୍ଥାନୀୟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ କେନ୍ଦ୍ରୀୟ ଓଡ଼ିଶା ଅଧ୍ୟକ୍ଷ ସମ୍ମିଳନୀ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଧାୟକ ସୁରେଶ କୁମାର ରାଉତରାୟ ଉଦ୍‌ଘାଟନ କରିଥିବାବେଳେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଗୋଳ, ଢେଙ୍କାନାଳ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀ ଆଦି ୮ଟି ଜିଲାର ସମସ୍ତ କଲେଜର ଅଧ୍ୟକ୍ଷ ଓ କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ। ରାଜ୍ୟ ସଭାପତି ଗୋଲକ ନାୟକ ସଭାପତିତ୍ୱ କରିଥିବାବେଳେ ଡ. ତପନ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସମାନ ଗ୍ରେଡ୍ ପେ' ଆଧାରରେ ସମସ୍ତ ବର୍ଗଙ୍କୁ ସମାନ ଦରମା, ଚାକିରି ସର୍ତ୍ତାବଳୀ ସହ ପେନସନ୍ ପରିସରଭୁକ୍ତ କରିବା, ୨୦୧୮ ଜିଓ ଅନ୍ତର୍ଭୁକ୍ତ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ, ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଆଦି ଦାବିରେ ଦୀର୍ଘ ୨୭୮ ଦିନ ଧରି ସଂଘ ପକ୍ଷରୁ ଲୋୟର ପିଏମଜିରେ ଧାରଣା ଜାରି ରହିଛି। ସଭାରେ ବିଧାୟକ ଜେନା ଅଧ୍ୟାପକଙ୍କ ଦାବି ନେଇ ସରକାରଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# 'ଶିକ୍ଷା, ଅର୍ଥନୀତିରେ ଏଆଇର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି'

ଭୁବନେଶ୍ୱର,୧୭।୧୧(ଅନୁରାଧା ମହାରଣା)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ପକ୍ଷରୁ 'ଫ୍ରାଙ୍କଷ୍ଟିନ ସିଣ୍ଡ୍ରୋମ ଉପରେ ପ୍ରତିଫଳନ: ସାହିତ୍ୟ ଏବଂ ଚଳଚ୍ଚିତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' ଶୀର୍ଷକ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଶୁକ୍ରବାର ଆୟୋଜିତ ଆଲୋଚନାଚକ୍ରର ପ୍ରଥମ ଅଧିବେଶନରେ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ, ସମ୍ମିଳନୀ କନଭେନର ତଥା ବିଶିଷ୍ଟ ଅନୁବାଦିକା ଏବଂ ଲେଖିକା ଡ. ମନୀଷା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେ ବୈଷୟିକ ଜ୍ଞାନକୌଶଳ, ମାନବିକତା ଓ ମାନବୀୟ ଗୁଣ ସମ୍ଭାରର ସମନ୍ୱୟ ରକ୍ଷାକରିବା ଦିଗରେ ମାର୍ଗଦର୍ଶନ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗରାଜୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମାନବ ଚେତନାର ବିଶେଷତ୍ୱ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଶିକ୍ଷା କ୍ଷେତ୍ରରେ ଉପଯୋଗ ଏବଂ ଅର୍ଥନୀତିରେ ଏହାର ଅବଦାନ ଉପରେ ଆଲୋକପାତ କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଅମୃତକାଳରେ ଭାରତରେ ଏଆଇର ଅବଦାନ ସମ୍ପର୍କରେ ମତ ରଖିଥିଲେ। ସମ୍ମିଳନୀର ଆୟୋଜକ ସଚିବ ଡ. ଇତିଶ୍ରୀ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ଅଧିବେଶନରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଅସୀମ ରଞ୍ଜନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ବୈଷୟିକ ଅଧିବେଶନ : ତୁ-ତୁ, ମେଁ ମେଁ ; ଯନ୍ତ୍ର ମାନବ ସମ୍ପର୍କ' ଅଧିବେଶନରେ ବିଭିନ୍ନ ପ୍ରକାରର ଚିନ୍ତାଧାରା ଉପସ୍ଥାପନ କରାଯାଇଥିଲା। ଏହି ଜଟିଳ ପାରସ୍ପରିକ କ୍ରିୟାର ଆକୃଷ୍ଟକାରୀ ଭ୍ରମକୁ ପରୀକ୍ଷା କରି ଇଆନ ରସେଲ ମ୍ୟାକେୱାନଙ୍କ 'ମେସିନ ଲାଇକ୍ ମି' ମାଧ୍ୟମରେ ମାନବ ଓ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କର ଜଟିଳତା ସମ୍ପର୍କରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସୌମ୍ୟ ରଞ୍ଜନ ପାଢ଼ୀ ଏବଂ ପ୍ରଫେସର ଶ୍ରୁତି ଦାସ ସୂଚନା ପ୍ରଦାନ କରିଥିଲେ। ବାଲେଶ୍ୱର ସିଦ୍ଧେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ସିଦ୍ଧାର୍ଥ ବରାଳ, ବୁର୍ଲା ଭିସୁଟରୁ ଅଭିଷେକ ପଟ୍ଟନାୟକ ପ୍ରମୁଖ ମନ୍ତବ୍ୟ ରଖିଥିଲେ। ସେହିପରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରୀ ଗ୍ରେସି କୁଜୁର ମତ ରଖିଥିବାବେଳେ ପ୍ରଫେସର ଅସୀମ ରଞ୍ଜନ ପାଢ଼ୀଙ୍କ ଦ୍ୱାରା ପ୍ରମାଣପତ୍ର ବଣ୍ଟନ ସହିତ ଅଧିବେଶନ ଶେଷ ହୋଇଥିଲା। ପରବର୍ତ୍ତୀ ଅଧିବେଶନରେ ବିଶିଷ୍ଟ ଲେଖକ ଗୌରବ ମହାନ୍ତି ପାରମ୍ପରିକ ଲେଖା ଅଭ୍ୟାସ, ଶିକ୍ଷାଦାନ ପ୍ରଣାଳୀର ବିକାଶ ଏବଂ କୃତ୍ରିମ ବୁଦ୍ଧିମତ୍ତାର ପରିବର୍ତ୍ତନଶୀଳ ପ୍ରଭାବ ଉପରେ ଆଲୋକପାତ କରିଥିଲେ।

# ନାଟକ 'ଅଦୃଶ୍ୟ ଲୁଟେରା' ମାଧ୍ୟମରେ ସଚେତନତା ବାର୍ତ୍ତା




ବାଲିଅନ୍ତା,୧୭।୧୧(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ଶ୍ରୀଜୟଦେବ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନୋରଞ୍ଜନ ଓ ସଚେତନତାଧର୍ମୀ ନାଟକ 'ଅଦୃଶ୍ୟ ଲୁଟେରା' ମୁଖ୍ୟ ଆକର୍ଷଣ ସାଜିଥିଲା। ସାଇବର ସୁରକ୍ଷା ଉପରେ ଆଧାରିତ ଏହି ଭିନ୍ନ ସ୍ୱାଦର ବାସ୍ତବଧର୍ମୀ ନାଟକକୁ ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ନାଟକରେ ୬ଟି ଦୃଶ୍ୟ ଓ ୩ଟି କାହାଣୀ ଥିଲା। ଭିନ୍ନ ଭିନ୍ନ ବର୍ଗର ଓ ଭିନ୍ନ ଭିନ୍ନ ବୟସର ବ୍ୟକ୍ତି କିଭଳି ସାଇବର ଠକେଇର ଶିକାର ହେଉଛନ୍ତି, ତାହା ଏହି ନାଟକରେ ପ୍ରତିଫଳିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ନିଖୁଣ ଅଭିନୟକୁ ଉପସ୍ଥିତ ପୋଲିସ ଅଧିକାରୀ ଓ ଅଧ୍ୟାପିକା ଅଧ୍ୟାପକ ପ୍ରଶଂସା କରିଥିଲେ। ନାଟକକୁ ଅଧ୍ୟାପିକା ଡ. ସଂଘମିତ୍ରା ମହାପାତ୍ର ରଚନା କରିଥିଲେ। ଅଧ୍ୟାପିକା ସୋନାଲି ସାହୁ ଓ ଶ୍ରୀ ପରିଡ଼ା ନାଟକର ନିର୍ଦ୍ଦେଶନା ଦେଇଥିଲେ। ପରେ ଶିଶୁ କନ୍ୟା ସୁରକ୍ଷା ଉପରେ ଏକ ଥିମ୍ ଡ୍ୟାନ୍ସ ଛାତ୍ରୀମାନେ ପରିବେଷଣ କରିଥିଲେ। ନାଟକରେ ସରୋଜ, ମନୋଜ, ଅଭିଜିତ୍, ମନୀଷା, ଅଞ୍ଜନା, ତାପସ, ଯୁବରାଜ, ଅଂଶୁମାନ, ସାଗର, ସନ୍ତୋଷିନୀ, ଗାୟତ୍ରୀ, ସୌମ୍ୟା ଓ ପ୍ରଭାତୀ ପ୍ରମୁଖ ଛାତ୍ରୀଛାତ୍ର ଅଭିନୟ କରିଥିଲେ। କଲେଜ ଖୋଲା ରଙ୍ଗମଞ୍ଚରେ ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ରୂପେ ଏସିପି ଅଞ୍ଜନା ଗୁଡ୍ଡୁ, ପାହଲ ଥାନା ଆଇଆଇସି ବିୟୁଟି ମହାନ୍ତି ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ଆଶୀର୍ବାଦ ମହାପାତ୍ର, ଅରୁଣ ରଥ, ଅମିତା ମହାନାୟକ, ଜ୍ୟୋତ୍ସ୍ନା ତ୍ରିପାଠୀ, ସୁଲୋଚନା ବାରିକ୍, ଜ୍ୟୋତ୍ସ୍ନା ମହାନ୍ତି, କଲ୍ୟାଣୀ ମହାନ୍ତି, ମମତା ପ୍ରଧାନ, ମୀନର୍ଭା ମହାପାତ୍ର ଓ କରମଚାନ୍ଦ ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସାଉଦି ଆରବରେ କଳିଙ୍ଗାନ ଉତ୍ସବ



ଭୁବନେଶ୍ୱର,୧୭।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

କଳିଙ୍ଗାନ ଉତ୍ସବରେ ଝୁମିଲା ସାଉଦିଆରବର ଦମମ ସହର। ବିଦେଶ ମାଟିରେ ଭରିଗଲା ଓଡ଼ିଶାର ବାସ୍ନା। ସାଉଦିଆରବରେ ରହୁଥିବା ଓଡିଆଙ୍କ ଭିତରେ ଦେଖିବାକୁ ମିଳିଥିଲା ଓଡିଆତ୍ୱର ଭାବ ବନ୍ଧନ। କଳିଙ୍ଗାନ ଉତ୍ସବ ପାଳନକୁ ରମଣୀୟ ତଥା ରସପୂର୍ଣ୍ଣ କରିଥିଲା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରବାସୀ ଓଡିଆଙ୍କ ଦ୍ୱାରା ଓଡିଶାର ବିକାଶ ଶୀର୍ଷକ ଡକ୍ୟୁମେଣ୍ଟାରୀ ପ୍ରଦର୍ଶିତ କରାଯାଇଥିଲା। ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାରଙ୍କ ସହ ଅନିନ୍ଦିତା ଦାସ ଓ ଅଭିନେତା ଦୀପକ ବାରିକ ଗୀତ, ନାଚରେ ଭରପୂର ମନୋରଞ୍ଜନ ଯୋଗାଇଥିଲେ। ଓଡିଶୀ ତଥା ସମ୍ବଲପୁରୀ ନୃତ୍ୟ ସମେତ ଲୋକପ୍ରିୟ ଓଡିଆ ଗୀତର ତାଳେ ତାଳେ ଓଡ଼ିଶାର ସାଂସ୍କୃତିକ ପରିବେଶକୁ ଉଜ୍ଜୀବିତ କରିଥିଲେ କଳିଙ୍ଗାନ ଉତ୍ସବ ପାଳନ କରୁଥିବା ପ୍ରବାସୀ ଓଡ଼ିଆ। ଲାଗୁଥିଲା ଯେମିତି ଏହା ବିଦେଶ ନୁହେଁ ଓଡ଼ିଶାର କେଉଁ ଏକ ଅଞ୍ଚଳ। ମୁଖ୍ୟ ଅତିଥି ଭାବେ ଡ. ଦେବ ମହାନ୍ତି ଯୋଗଦେଇଥିଲେ। ସାମ୍ବାଦିକ ସ୍ମୃତିରଞ୍ଜନ ବେହେରାଙ୍କୁ କଳିଙ୍ଗାନ ୨୦୨୩ ସମ୍ମାନରେ ସମ୍ମାନିତ କରାଯାଇଥିଲା। କମିଟିର କର୍ମକର୍ତ୍ତା ସନ୍ତୋଷ ଦାସ, ଜ୍ୟୋତିର୍ମୟ ଦାସ, ଶେଖ ସରାଫ୍, ଅନିଲ କନାଟି, ଶିଶିର ଅଗଷ୍ଟିନ, ବସନ୍ତ ସାହୁ, ବିଶ୍ୱରଞ୍ଜନ ସାହୁ, ଦିଗମ୍ବର ମହାକୁ, ଇମ୍‌ତିୟାଜ ଅଲ୍ଲୀ, ଶୋଭନ ମହାନ୍ତି, ସୂର୍ଯ୍ୟକାନ୍ତ ଦାଶ, ରଞ୍ଜନ ରଥ ଏବଂ ପ୍ରୀତମ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### 'ଫେରିଆସ ପାର୍ଥ' ଉନ୍ମୋଚିତ

ଭୁବନେଶ୍ୱର,୧୭।୧୧(ଅନୁରାଧା ମହାରଣା)

କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ତଥା କବି ମାଧବ କୌଶିକଙ୍କ ଖଣ୍ଡକାବ୍ୟ 'ଲୌଟ ଆଓ ପାର୍ଥ'ର ଓଡ଼ିଆ ଅନୁବାଦ 'ଫେରିଆସ ପାର୍ଥ' ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ସଂଘମିତ୍ରା ଭଞ୍ଜଙ୍କ ଦ୍ୱାରା ଅନୂଦିତ ତଥା ଓଡ଼ିଶା ବୁକ ଏମ୍ପୋରିୟମ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକରେ ପ୍ରତିକୂଳ ପରିସ୍ଥିତିରେ ମାନବ ଜୀବନର ବିଷାଦ ଓ ନୈରାଶ୍ୟଜନିତ ମନୋଦଶାର ସୂକ୍ଷ୍ମ ବର୍ଣ୍ଣନା ରହିଛି। ଭାରତୀୟ ବିଦ୍ୟା ଭବନରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୂଳ କବି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି କୌଶିକ ଯୋଗଦେଇ କହିଲେ, ଅନୁବାଦକ ନ ଥିଲେ ମାନବ ସଭ୍ୟତା ଗୌଣ ହୋଇଯାଇଥାନ୍ତା। ଯିଏ ସାହିତ୍ୟର ସେବା କରେ, ସିଏ ହିଁ ଅନୁବାଦକ। ମୁଖ୍ୟ ବକ୍ତା ହିନ୍ଦୀ ଲେଖକ ଅଜୟ କୁମାର ପଟ୍ଟନାୟକ ଯୋଗଦେଇ ଅନୁବାଦ ସାହିତ୍ୟରେ ଅସଂଖ୍ୟ ସମ୍ଭାବନା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ 'କଥା'ର ସମ୍ପାଦକ ତଥା ବରିଷ୍ଠ କଥାକାର ଗୌରହରି ଦାସ ଦୃଷ୍ଟି ଓ ଦୃଷ୍ଟିଭଙ୍ଗୀ ମଧ୍ୟରେ ପାର୍ଥକ୍ୟ ରହିଛି ବୋଲି କହିଥିଲେ। ଉଦ୍‌ଘାଟକ ଭାବେ ବିଶିଷ୍ଟ କବି ପ୍ରତିଭା ଶତପଥୀ ଯୋଗଦେଇ ଜୀବନରେ ନିରାଶା ଓ ଦୁଃଖ ଯୋଗୁ ସଂସାର ତ୍ୟାଗ କରିବାର ନିଷ୍ପତ୍ତି ନେଉଥିବା ବ୍ୟକ୍ତିର ବିଭିନ୍ନ ସମସ୍ୟାର ସମାଧାନ ଏହି ପୁସ୍ତକରେ ରହିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୁସ୍ତକର ଅନୁବାଦିକା ଭଞ୍ଜ ବହିର ବ୍ୟାଖ୍ୟା କରିଥିଲେ। କିସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ବୁକ ଏମ୍ପୋରିୟମର ପ୍ରକାଶକ ଶିବାଶିଷ କର ଧନ୍ୟବାଦ ଦେଇଥିଲେ।

### ଭିଏସଏସନଗର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା



ଅତିଥିମାନେ ବିଜ୍ଞାନ ମେଳା ବୁଲି ଦେଖୁଛନ୍ତି ।

ଭୁବନେଶ୍ୱର,୧୭।୧୧(ଅନୁରାଧା ମହାରଣା)

ଭିଏସଏସ ନଗରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଚପଳା ଆଶ୍ଚର୍ଯ୍ୟ ଏହି ମେଳାକୁ ଉଦ୍‌ଘାଟନ କରିଥିବାବେଳେ ଶୈଳବାଳା ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ହାଡିବନ୍ଧୁ ପଟ୍ଟନାୟକ ଏବଂ ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟିର ସଭ୍ୟ କୈଳାସ ଚନ୍ଦ୍ର ମିଶ୍ର ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେଇ ବିଜ୍ଞାନ ମେଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ ୩୫ଟି ପ୍ରକଳ୍ପ ଏଥିରେ ସ୍ଥାନ ପାଇଥିଲା ଓ ୩ଟି ପ୍ରକଳ୍ପ ମହାନଗର ନିଗମସ୍ତରୀୟ ମେଳାକୁ ମନୋନୀତ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ମହେନ୍ଦ୍ର ନାଥ ଖଟୁଆ, ସମୀର ପୃଷ୍ଟି, ସରସ୍ୱତୀ ମିଶ୍ର, ପ୍ରଣତୀ ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅନ୍ୟ ଶିକ୍ଷକ ଶ୍ରୀମୟ ମହାପାତ୍ର, ସ୍ୱାଗତୀ ଦେଓ, ସମୀର ନାୟକ, ସ୍ୱସ୍ତିସୁଧା ଦଳାଇ, ପୁଷ୍ପା ସାହୁ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ ।

# ପରିବେଶ ପାଇଁ ୩ ବର୍ଗରେ ଦିଆଯିବ ପୁରସ୍କାର

ଭୁବନେଶ୍ୱର, ୧୭।୧୧ (ବନ୍ଦନା ସେଠୀ)

### ଡିସେମ୍ବର ୨୨ରୁ ଓଡିଶା ପରିବେଶ କଂଗ୍ରେସର ଅଧିବେଶନ



ପ୍ରସ୍ତୁତି ବୈଠକରେ ପୂର୍ବତନ ବରିଷ୍ଠ ପ୍ରଶାସକ ଡ. ଅରବିନ୍ଦ ବେହେରା ଓ ଅନ୍ୟମାନେ।

ଓଡିଶା ପରିବେଶ କଂଗ୍ରେସର (ଓଇସି)୧୪ତମ ଅଧିବେଶନ ଡିସେମ୍ବର ୨୨ ଓ ୨୩ରେ ଆଞ୍ଚଳିକ ପ୍ରାକୃତିକ ସଂଗ୍ରାହଳୟରେ ଅନୁଷ୍ଠିତ ହେବ। ଚଳିତ ବର୍ଷର ବିଷୟ ରହିଛି 'ପରିବେଶ ଓ ସହରୀକରଣ'। ଏନେଇ ସେଣ୍ଟର ଫର୍ ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ୍ ଡେଭଲପ୍‌ମେଣ୍ଟ (ସିଇଡି) କାର୍ଯ୍ୟାଳୟରେ ପୂର୍ବତନ ବରିଷ୍ଠ ପ୍ରଶାସକ ଡ. ଅରବିନ୍ଦ ବେହେରାଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ବସିଥିଲା। ଅନୁଷ୍ଠାନର ସାଙ୍ଗଠନିକ ସମ୍ପାଦକ ସୁଦର୍ଶନ ଦାସ ସହରାଞ୍ଚଳର ବିକାଶ ପ୍ରକ୍ରିୟାରେ ପରିବେଶ ସନ୍ତୁଳନର ଆହ୍ୱାନକୁ ମୁକାବିଲା କରିବା କ୍ଷେତ୍ରରେ ୧୪ତମ ପରିବେଶ କଂଗ୍ରେସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ତଥା ବାହାରର ଗବେଷକ, ଶିକ୍ଷାବିତ୍, ସରକାରୀ ଅଧିକାରୀଙ୍କଠାରୁ 'ସହରୀକରଣ ଓ ପରିବେଶ'ର ବିଭିନ୍ନ ଦିଗ ଯଥା ଜନବସତି, ବାସଗୃହ, ପାନୀୟ ଓ ଭୂତଳ ଜଳ, ସହରୀ କୃଷି, ବାୟୁ ପ୍ରଦୂଷଣ, କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା, ଗମନାଗମନ, ଜୀବିକା, ସ୍ମାର୍ଟସିଟି ଇତ୍ୟାଦି ଉପରେ ସନ୍ଦର୍ଭ ଆହ୍ୱାନ କରାଯାଇଛି। ଏହି ଆଲେଖ୍ୟଗୁଡ଼ିକୁ ନେଇ ଚଳିତ ବର୍ଷର କନଫରେନ୍ସ ପ୍ରୋସିଡିଙ୍ଗସ୍ ପ୍ରକାଶ ପାଇବ। ଏହି ଅବସରରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ 'ପ୍ରଫେସର ରାଧାମୋହନ ଗ୍ରୀନ ଆମ୍ବାସାଡର ପୁରସ୍କାର', ପରିବେଶ ଉପରେ ଗବେଷଣା କରୁଥିବା ଯୁବ ବୈଜ୍ଞାନିକଙ୍କୁ 'ଅଜୟ ପରିଡା ଯୁବ ବୈଜ୍ଞାନିକ ପୁରସ୍କାର' ଓ 'ସୁଧାଂଶୁ ଭୂଷଣ ମିଶ୍ର ଗ୍ରୀନ କର୍ପୋରେଟ୍ ଆୱାର୍ଡ' ଆଦି ପ୍ରଦାନ କରାଯିବ। ଛାତ୍ରୀଛାତ୍ରଙ୍କ ଭିତରେ ପରିବେଶକୁ ନେଇ ସଚେତନତା ସୃଷ୍ଟି ପାଇଁ 'ପିଲାଙ୍କ ପରିବେଶ କଂଗ୍ରେସ' ମଧ୍ୟ ଆୟୋଜିତ ହେବ। ଏଥିରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ଭିତରେ ଚିତ୍ରାଙ୍କନ, ପ୍ରବନ୍ଧ, ତର୍କ ପ୍ରତିଯୋଗିତା ହେବ। ଏହି ବୈଠକରେ ଡ. ସୂର୍ଯ୍ୟନାରାୟଣ ପାତ୍ର, ଡ. ଜୟକୃଷ୍ଣ ପାଣିଗ୍ରାହୀ, ଡ. ବାବୁ ଆମ୍ବାତ୍, ପ୍ରଫୁଲ ସାହୁ, ଇଂ. ମନୋଜ ମିଶ୍ର, ଡ. ବିଜୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଶୌଚାଳୟ ମଳପଙ୍କ ସଫା କରିବାକୁ ୬ ସେସ୍‌ପୁଲ ଗାଡି କିଣାଯିବ

ଭୁବନେଶ୍ୱର, ୧୭।୧୧ (ବନ୍ଦନା ସେଠୀ)

ମହାନଗର ନିଗମାଞ୍ଚଳରେ ଥିବା ଶୌଚାଳୟରୁ ବାହାରୁଥିବା ମଳପଙ୍କ ସଫା କରିବାକୁ ୬ଟି ସେସ୍‌ପୁଲ ଗାଡି କିଣାଯିବ। ଏନେଇ ମେସର୍ସ ଅମନ କ୍ଲିନିଂ ଇକ୍ୟୁପ୍‌ମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡକୁ ଦାୟିତ୍ୱ ଦିଆଯାଇଛି। ସଂସ୍ଥା ଯାନ ଯୋଗାଇବା ସହ ସେଗୁଡିକୁର ରକ୍ଷଣାବେକ୍ଷଣ ପାଇଁ ୪ବର୍ଷ ସମୟସୀମା ନିର୍ଦ୍ଧାରିତ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ଦ୍ୱାରା ସଂସ୍ଥା ଚୟନ କରାଯାଇଥିବା ନେଇ ଶୁକ୍ରବାର ବିଏମ୍‌ସି କାର୍ଯ୍ୟାଳୟରେ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ କଣ୍ଟ୍ରାକ୍ଟସ୍ କମିଟି ବୈଠକରେ ଏହି ସୂଚନା ଦିଆଯାଇଛି। ଏଥିସହ ରାସ୍ତା କଡ଼ରେ ପଡୁଥିବା ଗ୍ରୀନ୍ ଗାର୍ବେଜ ଏବଂ ନିର୍ମାଣ ଓ ଧ୍ୱଂସାବଶେଷ ବର୍ଜ୍ୟ ଉଠାଇବା ପାଇଁ ୮ଟି ହାଇଡ୍ରାଉଲିକ୍ ଟିପ୍ପର କିଣାଯିବା ନେଇ ଅନୁମୋଦନ ହୋଇଥିଲା। ଟେଣ୍ଡର ପକାଇଥିବା କମ୍ପାନୀ ମଧ୍ୟରୁ ମେସର୍ସ ପାଲ ସୁଭର୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ଚୟନ କରାଯାଇଛି। ୱାର୍ଡ ନଂ. ୫ର ଦୁଇଟି ପ୍ରକଳ୍ପ ଯଥା ପଳାଶୁଣିଠାରେ ମେଗା ଏମ୍‌ସିସି ଏବଂ ଏମ୍‌ଆର୍‌ଏଫ୍‌ର କମ୍ପାଉଣ୍ଡ ୱାଲ୍, ଡ୍ରେନ୍ ଏବଂ ରାସ୍ତାର କାର୍ଯ୍ୟ, ତଥା ୱାର୍ଡ ନଂ. ୧୨ ଟିଟିଏସର ଦକ୍ଷିଣ ପାର୍ଶ୍ୱ କଂକ୍ରିଟ୍ ପ୍ଲାଟ୍‌ଫର୍ମ୍ ପାଇଁ ଅନୁମୋଦନ କରାଯାଇଛି। ବୈଠକରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଅମରେଶ ଜେନା, ବିରଞ୍ଚି ନାରାୟଣ ମହାସୁପକାର, କର୍ପୋରେଟର କେ. ଶାନ୍ତି, ଭାରତୀ ସିଂ ଏବଂ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

# 'ରାଜ୍ୟ ବିକାଶରେ ଯୁବପିଢ଼ିଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ'



ଇଣ୍ଟିଗ୍ରେଟେଡ୍ ୟୁଥ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ଭୁବନେଶ୍ୱର,୧୭।୧୧(ଅନୁରାଧା ମହାରଣା)

### ବିଜେବି କଲେଜରେ ଆଇୱାଇଡିପି ଉଦ୍‌ଘାଟିତ

ଯୁବପିଢିଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ସମାଜ ପାଇଁ ନିତାନ୍ତ ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଯୋଜିତ କାର୍ଯ୍ୟକ୍ରମ 'ଇଣ୍ଟିଗ୍ରେଟେଡ୍ ୟୁଥ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ (ଆଇୱାଇଡିପି) ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆରମ୍ଭ ହୋଇଛି। ଶୁକ୍ରବାର ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସରକାରଙ୍କ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ସୁମନ ଦାସ ଉଦ୍‌ଘାଟନ କରି ଆମ ରାଜ୍ୟ ବିକାଶରେ ଯୁବପିଢିଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଖେଳ, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକଳାପରେ ଯୁବ ବର୍ଗଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହା ଆଗାମୀ ଦେଢ଼ ମାସ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଜିଏମ୍‌ଖାନ୍, ମୁଖ୍ୟ ନୋଡାଲ ଅଫିସର ପ୍ରଫେସର ଇତିଶ୍ରୀ ପାଢ଼ୀ, କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରଫେସର ଝୁମ୍‌କି ରଥ, ପ୍ରଫେସର ରେଣୁକା ସାହୁ, ଡ. ମଧୁଛନ୍ଦା ଶତପଥୀ, ଡ. ସବିତା ହରିଚନ୍ଦନ, ସମସ୍ତ କମିଟିର ନୋଡାଲ ଅଫିସର ଏବଂ ମହାବିଦ୍ୟାଳୟ ଅଧ୍ୟାପିକାଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଆଗାମୀ ଦିନରେ ଖେଳ, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ସହ ଜଡ଼ିତ ବିଭିନ୍ନ ପ୍ରତିଯୋଗିତା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ହେବ।

# 'ଶିକ୍ଷା ଦ୍ୱାରା ସମାଜକୁ ପରିବର୍ତ୍ତନ କରାଯାଇପାରେ'

ଭୁବନେଶ୍ୱର,୧୭।୧୧(ଶର୍ମିଷ୍ଠା ପାଣିଗ୍ରାହୀ)



ସ୍ମାରକୀ ବକ୍ତୃତାରେ ଅତିଥିମାନେ ଅପୂର୍ବା କରଙ୍କୁ ପ୍ରଫେସର ବି.ସି.ରାଉତ ମେମୋରିଆଲ ସମ୍ମାନ ପ୍ରଦାନ କରୁଛନ୍ତି।

### ପ୍ରଫେସର ଡ. ବିଷ୍ଣୁ ଚରଣ ରାଉତଙ୍କ ଦ୍ୱିତୀୟ ବାର୍ଷିକୀ ସ୍ମାରକୀ ବକ୍ତୃତା

ଶିକ୍ଷା ହିଁ ଦେଶ ଗଢ଼ିବାର ସହଜ ରାସ୍ତା। ଶିକ୍ଷା ଦ୍ୱାରା ଅତି ସହଜରେ ସମାଜକୁ ପରିବର୍ତ୍ତନ କରାଯାଇପାରେ। ସମାଜରେ ଯେ କୌଣସି ପରିବର୍ତ୍ତନ ଆଣିବାକୁ ଚାହିଁଲେ ଶିକ୍ଷା ମାଧ୍ୟମରେ କରାଯାଇପାରିବ ବୋଲି ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ବିଶିଷ୍ଟ ଗାନ୍ଧିବାଦୀ ପ୍ରଫେସର ଆନନ୍ଦ କୁମାର କହିଛନ୍ତି। ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ଶିକ୍ଷାବିତ୍ ପ୍ରଫେସର ଡ. ବିଷ୍ଣୁ ଚରଣ ରାଉତଙ୍କ ଦ୍ୱିତୀୟ ବାର୍ଷିକୀ ସ୍ମାରକୀ ବକ୍ତୃତାରେ ଯୋଗଦେଇ ପ୍ରଫେସର ଆନନ୍ଦ କୁମାର ଏଭଳି କହିଛନ୍ତି। ପ୍ରଫେସର ବିସି ରାଉତ ମେମୋରିଆଲ କମିଟି ପକ୍ଷରୁ ଆୟୋଜିତ ଏହି ସ୍ମାରକୀ ବକ୍ତୃତାରେ ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ଶୁକଦେବ ନନ୍ଦ, ସମ୍ମାନିତ ଅତିଥି 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଉପସ୍ଥିତ ଥିଲେ। ପ୍ରଫେସର ଅଭିରାମ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମାରକୀ ବକ୍ତୃତାରେ ପ୍ରଫେସର ବି.ସି. ରାଉତଙ୍କ ବୋହୂ ଶୁଚିସ୍ମିତା ମନ୍ତ୍ରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ନାତୁଣୀ ଅଭିପ୍ସା ସିଂ ସ୍ମାରକୀ ବକ୍ତୃତା ସଂପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଟପ୍ପର ଅପୂର୍ବା କରଙ୍କୁ ପ୍ରଫେସର ବି.ସି.ରାଉତ ମେମୋରିଆଲ ସମ୍ମାନ ଦିଆଯାଇଥିଲା। ପ୍ରଫେସର ରାଉତଙ୍କ ପୁଅ ଦେବବ୍ରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୮ ନଭେମ୍ବର, ୨୦୨୩



## ସଂକ୍ଷେପରେ

### ୪ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଜାଗା ଚିହ୍ନଟ

କଣାସ, ୧୭।୧୧ (ବିଭୂତି ଭୂଷଣ ତ୍ରିପାଠୀ):

ପୁରୀ ଜିଲାର କଣାସ ବ୍ଲକ ଖାଲୁଆ ଅଞ୍ଚଳ ହୋଇଥିବାରୁ ବନ୍ୟା ସମୟରେ ଲୋକଙ୍କ ଦୁର୍ଦ୍ଦଶା କହିଲେ ନ ସରେ। ଏହି ବ୍ଲକର ୨୮ଟି ଗ୍ରାମପଞ୍ଚାୟତରେ ୨୪ଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିବା ବେଳେ ଶୁକ୍ରବାର ଓସ୍‌ଡମା ପକ୍ଷରୁ ୬ଟି ସ୍ଥାନରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରିବାପାଇଁ ଜାଗା ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଦୋକନ୍ଦା ପଞ୍ଚାୟତର ଦୋକନ୍ଦା, ସାହୁପଡ଼ା ପଞ୍ଚାୟତର ସାହୁପଡ଼ା, କାଦୁଆ ପଞ୍ଚାୟତର କଉଡ଼ିଖିଣି, ବିନ୍ଧଣ ପଞ୍ଚାୟତର ନନ୍ଦିଗୋଦାଠାରେ ୪ଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ଓସ୍‌ଡମାର ଅଧିକାରୀମାନେ ଉପସ୍ଥିତ ରହି ଜାଗା ମାପଚୁପ କରିଛନ୍ତି। ତେବେ ଦୋଛିଆଁ ଗ୍ରାମପଞ୍ଚାୟତର ଦୋଛିଆଁ ଓ ଖଣ୍ଡହତା ପଞ୍ଚାୟତର ଗୋଲରାଠାରେ ନିର୍ମାଣ ହେବାକୁ ଥିବା ଦୁଇଟି ବାତ୍ୟା ଆଶ୍ରୟସ୍ଥଳୀ ପାଇଁ ଜାଗା ଚିହ୍ନଟ ହୋଇପାରିନଥିବା ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ଜାତୀୟ ପ୍ରେସ୍ ଦିବସ

ନିମାପଡ଼ା(ରଞ୍ଜନ ପଟ୍ଟନାୟକ) ୧୭।୧୧

ଚାରିଛକ ସାମ୍ବାଦିକ ସଂଘ ପକ୍ଷରୁ ନିମାପଡ଼ା ବ୍ଲକ ଅଧୀନ ତୁଳସୀପୁର ଜୟଦୁର୍ଗା କଲ୍ୟାଣ ମଣ୍ଡପଠାରେ 'ଜାତୀୟ ପ୍ରେସ ଦିବସ' ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଜାତୀୟ ପ୍ରେସ ଦିବସ ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତିଭୂଷଣ କର, ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଚାରିଛକ ସାମ୍ବାଦିକ ସଂଘ ଉପଦେଷ୍ଟା ଗୋପୀନାଥ କର ଓ ସନ୍ତୋଷ ମିତ୍ର, କୃଷକନେତା କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଚନ୍ଦ୍ରକାନ୍ତ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଏବଂ ଖବରଦାତାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚାରିଛକ ସାମ୍ବାଦିକ ସଂଘ ସଭାପତି ପ୍ରଫୁଲ୍ଲ କର, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ବସନ୍ତ ଦାଶ, ସନ୍ତୋଷ ଦାଶ ଓ ବିଜୟ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୩୧ ଲିଟର ମଦ ଜବତ, ଜଣେ ଗିରଫ

ବଳଙ୍ଗା, ୧୭।୧୧ (କେଦାରେଶ୍ୱର ନନ୍ଦ)

ଗୁରୁବାର ବିଳମ୍ବିତ ରାତିରେ ବଳଙ୍ଗା ପୋଲିସ ଦଳଭାଣପୁର ଗ୍ରାମରେ ଚଢ଼ାଉ କରି ମଦ ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି ଶୁକ୍ରବାର ନିମାପଡ଼ା କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସେହି ଗ୍ରାମର ସୁବାସ ବେହେରା। ଏନେଇ ପୋଲିସ ୨୪୫/୨୩ରେ ଏକ ଅବକାରୀ ମାମଲା ରୁଜୁ କରି ତଦନ୍ତ ଚଳାଇଛି।ସୂଚନା ମୁତାବକ, ସୁବାସ ନିଜ ଘରେ ବିପୁଳ ପରିମାଣର ବିଦେଶୀ ମଦ ରଖିଥିବା ପୋଲିସ ସୂଚନା ପାଇଥିଲା। ସୂଚନା ଆଧାରରେ ବଳଙ୍ଗା ପୋଲିସ ଟିମ୍ ଗୁରୁବାର ବିଳମ୍ବିତ ରାତିରେ ଘଟଣା ସ୍ଥଳରେ ଅଚାନକ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ସୁବାସଙ୍କ ପାଖରୁ ୩୧ ଲିଟର ବିଦେଶୀ ମଦ ଜବତ କରିଥିଲା।

# ଗାଁକୁ ନାହିଁ ପକ୍କା ରାସ୍ତା: ନିର୍ମାଣ ଦାବିରେ ଅବରୋଧ

ଡେଲାଙ୍ଗ, ୧୭।୧୧ (ରଶ୍ମିରଞ୍ଜନ ପ୍ରଧାନ):

ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ବିକାଶଠାରୁ ବହୁ ଦୂରରେ ଡେଲାଙ୍ଗ ବ୍ଲକ ଗୋବିନ୍ଦପୁର ଗ୍ରାମର ପଡ଼ାଗ୍ରାମ ତିରିପ। ଗ୍ରାମକୁ ଯାତାୟାତ କରିବା ପାଇଁ ପକ୍କା ରାସ୍ତା ନଥିବା ବେଳେ ଓ ଶୁଦ୍ଧପାନୀୟ ଜଳ ଯୋଗାଣ ମଧ୍ୟ ହୋଇପାରୁନାହିଁ। ଗ୍ରାମବାସୀଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ଦୀର୍ଘ ୨୦ ବର୍ଷ ଧରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ୍। ଶୁକ୍ରବାର ମହାବୀର ସେନା ଓଡ଼ିଶା ସଙ୍ଗଠନ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ପଟ୍ଟନାୟିକିଆ-ଡେଲାଙ୍ଗ ରାସ୍ତାର କଣ୍ଟାବଣିଆ ଛକଠାରେ ସଙ୍ଗଠନର ରାଜ୍ୟ ସଭାପତି ଶୁଭ୍ରାଂଶୁ କୁମାର, ସଦସ୍ୟ ଅଜୟ ମଲ୍ଲିକ୍, ସିପୁନ୍ ମହାନ୍ତି, ରାଜେଶ ରାହୁଲ୍, ପ୍ରଦୀପ ପରିଡ଼ା, ରବିନାରାୟଣ ମହାପାତ୍ର, ରଶ୍ମିରଞ୍ଜନ ସ୍ୱାଇଁ, ସୌମ୍ୟରଞ୍ଜନ ପ୍ରଧାନ, ଅଜୟ ଭଞ୍ଜ, ଦିଲୀପ ବାରିକଙ୍କ ସମେତ ତିରିପ ଗ୍ରାମର ସୁରଥ ମଲ୍ଲିକ, ପ୍ରେମା ନାୟକ, ପୂଜା ପ୍ରଧାନ, ଅପର୍ତ୍ତି ସ୍ୱାଇଁ, ଅନନ୍ତ ବରାଳ ପ୍ରମୁଖ ଶତାଧିକ ମହିଳା ପୁରୁଷ ବଣିଆ ରାସ୍ତା ଅବରୋଧ କରି ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଗ୍ରାମକୁ ପକ୍କାରାସ୍ତା ନିର୍ମାଣ କରିବା ଦାବିରେ ଏମାନେ ଏହି ଧାରଣା ଦେଇଥିଲେ। ଖବରପାଇ ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଡେଲାଙ୍ଗ ତହସିଲଦାର ସନ୍ତୋଷିନୀ ଦାଶ, ଆଇଆଇସି ଦେବାଶିଷ ମହାନ୍ତି, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତ ସମିତିସଭ୍ୟ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଗ୍ରାମକୁ ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ହଟିଥିଲା। ସୂଚନାଥାଉକି, ଜେନାପୁର ପଞ୍ଚାୟତର ଗୋବିନ୍ଦପୁର ଗ୍ରାମର ପଡ଼ାଗ୍ରାମ ତିରିପରେ ମୋଟ ୧୯ ପରିବାରର ୧୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି।



ମହାବୀର ସେନା ଓଡ଼ିଶା ସଙ୍ଗଠନ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ କଣ୍ଟାବଣିଆ ଛକଠାରେ ରାସ୍ତା ଅବରୋଧ କରାଯାଇଛି ।

# ସଞ୍ଚୟ ଅଭିକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ପୁରୀ, ୧୭।୧୧ (ଅଜିତ ମହାନ୍ତି):

ପୁରୀ ଜିଲା ପ୍ରଶାସନ ଏବଂ ସଞ୍ଚୟ ଆର୍ଥିକ ସେବା ସଙ୍ଗଠନ ଦ୍ୱାରା ସଞ୍ଚୟ ପକ୍ଷ ପାଳନ ଅବସରରେ ଜିଲା ସ୍କୁଲ ସମ୍ମିଳନୀ କକ୍ଷରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜୁନିୟର ବର୍ଗରେ ବିଷୟ ଥିଲା 'ସ୍ୱଳ୍ପ ସଞ୍ଚୟର ଆବଶ୍ୟକତା ଓ ସାଇବର ଠକାମି'। ଏହି ବର୍ଗରେ ଆରାଧନା ମହାନ୍ତି (ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ), ପୂର୍ଣ୍ଣିମା ବେଜ (ସୁଖଲତା ନୋଡାଲ ଉଚ୍ଚ ବିଦ୍ୟାଳୟ) ଏବଂ ଜୟଶ୍ରୀ ସେଠୀ (ବି.ଏସ୍.ଏସ୍.ପି ବିଦ୍ୟାମନ୍ଦିର) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ଡା. ଶରତ ଚନ୍ଦ୍ର ମହାପାତ୍ର ପୁରସ୍କୃତ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଭୂତି ଭୂଷଣ ନାୟକ, ସ୍କୁଲ ଶିକ୍ଷକ ବୃନ୍ଦ, ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଚାରାରୋପଣ କରାଯାଇଥିଲ। ନାୟକ ସ୍ୱାଗତ ଭାଷଣ ଦେବାସହ ସରକାରଙ୍କ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ବିଷୟରେ କହିଥିଲେ। ଏଥିସହ କୃତୀ ପ୍ରତିଯୋଗୀମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ପୁରସ୍କାର ରାଶି ଜମା କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସ୍ୱଳ୍ପ ସଞ୍ଚୟ ଜମା ରାଶି ବୃଦ୍ଧିରେ ପୁରୀ ଜିଲାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଅଭିକର୍ତ୍ତାମାନଙ୍କୁ ଅତିରିକ୍ତ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଡାକଘର ପୌନଃପୁନିକ ଜମାରାଶି ବୃଦ୍ଧିରେ ଅସ୍ତରଙ୍ଗ ଉପଡାକଘରର ସାରଥୀ ମଲ୍ଲିକ ପ୍ରଥମ, ପିପିଲି ଉପଡାକଘରର ଗୁଲନହର ବେଗମ ଦ୍ୱିତୀୟ ଏବଂ କାକଟପୁର ଉପଡାକଘରର ନର୍ମଦା ପାଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଡାକଘର ମାସିକ ଆୟ ଯୋଜନା ଜମା ରାଶି ବୃଦ୍ଧିରେ ପୁରୀ ମୁଖ୍ୟ ଡାକଘରର ଅଭିକର୍ତ୍ତା କବିତାରାଣୀ ମହାନ୍ତି, ପ୍ରଦୀପ୍ତ କୁମାର ପୃଷ୍ଟି ଏବଂ ମନୋରଞ୍ଜନ ପୃଷ୍ଟି ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୁରସ୍କୃତ କୃତୀ ପ୍ରତିଯୋଗୀମାନେ ।

# ପ୍ଲାଷ୍ଟିକ୍ ବର୍ଜନ ନେଇ ସଚେତନତା

ଅସ୍ତରଙ୍ଗ, ୧୭।୧୧ (ପ୍ରଦୀପ୍ତ ଦୀକ୍ଷିତ)

ରାଜ୍ୟ ସରକାର କ୍ରୀଡ଼ା, ସଂସ୍କୃତି, ସାମାଜିକ କ୍ଷେତ୍ରରେ ଯୁବବର୍ଗ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ 'ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ'(ଆଇୱାଇଡିପି) ଅଧୀନରେ ଏକ ନୂତନ ଯୋଜନା ଆରମ୍ଭ କରିଛନ୍ତି। ଏହି ଅବସରରେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ମହାବିଦ୍ୟାଳୟରେ ଯୁକ୍ତ୩ ଛାତ୍ରୀଛାତ୍ରଙ୍କୁ ନେଇ ପ୍ଲାଷ୍ଟିକ ବର୍ଜନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସାରା ବିଶ୍ୱରେ ପ୍ଲାଷ୍ଟିକ ଏକ ବଡ଼ ସମସ୍ୟା ରୂପେ ମୁଣ୍ଡ ଟେକିଥିବାବେଳେ ଭାରତରେ ବହୁଳ ଭାବରେ ପ୍ଲାଷ୍ଟିକ ଜିନିଷର ବ୍ୟବହାର ଫଳରେ ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ଭୂତଳ ଜଳ ସଂରକ୍ଷଣ ହ୍ରାସ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୃଷ୍ଟି କରିଥାଏ। ପ୍ଲାଷ୍ଟିକର ବହୁଳ ବ୍ୟବହାର ଫଳରେ ଅବ୍ୟବହୃତ ପ୍ଲାଷ୍ଟିକ ଦ୍ରବ୍ୟ ମାଟିରେ ନ ମିଶିପାରି ମାଟିକୁ ବିଷାକ୍ତ ଓ ଅନୁର୍ବର କରିବା ସହିତ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି କରିଥାଏ। ଯୁକ୍ତ୩ ଛାତ୍ରୀଛାତ୍ର ଏକ ସଚେତନ ମାଧ୍ୟମରେ ଅସ୍ତରଙ୍ଗ ମହାବିଦ୍ୟାଳୟଠାରୁ ହରିଣହୁଳା ପର୍ଯ୍ୟନ୍ତ ହାତରେ ପ୍ଲାକାର୍ଡ ଧରି ସଚେତନତା ରାଲି କରିଥିଲେ। ପାଣି ବୋତଲ, ପାଣି ପାଉଚ, ପ୍ଲାଷ୍ଟିକ୍ ତିଆରି ସାମଗ୍ରୀ ଆଦି ସାମଗ୍ରୀକୁ ପରିତ୍ୟାଗ କରିବା ସହିତ ପ୍ଲାଷ୍ଟିକ ବଦଳରେ କପଡ଼ା ବ୍ୟାଗ ବ୍ୟବହାର କରି ଏକ ସୁସ୍ଥ, ସୁନ୍ଦର, ସବୁଜ ପରିବେଶ ସୃଷ୍ଟି କରିବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା କୁନିଲତା ରାଉତ, ନୋଡାଲ ଅଫିସର ଇତିହାସ ବିଭାଗ ଅଧ୍ୟାପକ ସାଗର ଜେନା, ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କ ସହ ୩ ଶହରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟ ପରିସରରେ ଯୋଗ ଶିବିର ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାନୁଷ୍ଠାନଗୁଡ଼ିକରେ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରୋତ୍ସାହନ କରିବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ।




ସଚେତନତା ପାଇଁ ବାହାରିଥିବା ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା ।

### ଭୀମ ଭୋଇ ସାମର୍ଥ୍ୟ ଶିବିରରେ ଅବ୍ୟବସ୍ଥା ଅଭିଯୋଗ

### ପ୍ରଚାର ପ୍ରସାର ଅଭାବରୁ ଫେରିଗଲେ ଦିବ୍ୟାଙ୍ଗ

ଗୋପ, ୧୭।୧୧ (ଭାରତୀ ଭୂଷଣ ଉପାଧ୍ୟାୟ):

ଶୁକ୍ରବାର ଗୋପ ବ୍ଲକର ନାଗପୁରଠାରେ ଭୀମ ଭୋଇ ସାମର୍ଥ୍ୟ ଶିବିରକୁ ବିଡିଓ ଛବିରାଣୀ ସାହୁ ଓ ଅଧ୍ୟକ୍ଷା ବୁନୁ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ଏହି ସାମର୍ଥ୍ୟ ଶିବିରରେ ୩୬୮ ଦିବ୍ୟାଙ୍ଗ ଯୋଗ ଦେଇଥିବା ବ୍ଲକ ପକ୍ଷରୁ କୁହାଯାଇଛି। କିନ୍ତୁ ପ୍ରସାର ପ୍ରସାର ଅଭାବରୁ ସାମର୍ଥ୍ୟ ଶିବିରରେ ବହୁ ଦିବ୍ୟାଙ୍ଗ ଆସିପାରି ନ ଥିବା ଜଣାଯାଇଛି। ଜିଲା ପ୍ରଶାସନର ପୂର୍ବ ସୂଚନା ମୁତାବକ ଗୋପ ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଶିବିର କରାଯିବା ଲାଗି ନିର୍ଦ୍ଦେଶ ଆସିବା ପରେ ପ୍ରଚାର ପ୍ରସାର ପ୍ରତି ଅଧିକ ଗୁରୁତ୍ୱ ଦିଆଯିବା କଥା। ମାତ୍ର ଦାୟିତ୍ୱରେ ଥିବା ଅଧିକାରିଣୀ ଏଥିପ୍ରତି ଧ୍ୟାନ ଦେଇ ନ ଥିଲେ। ସେହିପରି ସାମର୍ଥ୍ୟ ଶିବିରରେ ଦିଆଯାଇଥିବା ଖାଦ୍ୟକୁ ନେଇ ବଡ଼ ଅଭିଯୋଗ ଆସିଛି। ଶିବିରକୁ ଆସିଥିବା ଦିବ୍ୟାଙ୍ଗ ଓ ସେମାନଙ୍କ ସହିତ ଆସିଥିବା ସଦସ୍ୟମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଭାତ ଡାଲମା ଦିଆଯାଇଥିବା ବେଳେ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କୁ ଛେନା ତରକାରି ଦେବାକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ଏପରି ଶିବିରକୁ କେବେବି ଆସିବୁ ନାହିଁ ବୋଲି କେତେକ ଦିବ୍ୟାଙ୍ଗ କ୍ଷୋଭର ସହ ପ୍ରକାଶ କରିଥିବାବେଳେ ବ୍ଲକ ଅଫିସ ପାଖରୁ ଅନେକ ଦିବ୍ୟାଙ୍ଗ ଫେରିଯାଇଥିବା ଜଣାପଡିଛି। ଏହାକୁ ନେଇ ବିଡିଓ ଛବିରାଣୀ ସାହୁ କହିଛନ୍ତି, ତାଙ୍କ ନିକଟକୁ ସେପରି କୌଣସି ଅଭିଯୋଗ ଆସିନାହିଁ।

# ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳା

ନିମାପଡ଼ା, ୧୭।୧୧ (ବିଚିତ୍ରାନନ୍ଦ ସାହୁ)

ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ସଂଗଠନ ସଂଯୋଗ (କଟକ), ପୁରୀ ଜିଲା ଶିଶୁ ମଙ୍ଗଳ କମିଟି, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ନିମାପଡ଼ା ବ୍ଲକ ସଭାକକ୍ଷରେ ଏକ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କର, ବିଧାୟକ ସମୀର ରଞ୍ଜନ ଦାଶ, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଜିତ୍ ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ୟୁନିସେଫ ଓଡ଼ିଶାର ଶିଶୁ ସୁରକ୍ଷା ଅଧିକାରୀ ଶ୍ରୁତି ପ୍ରସାଦ, ନିମାପଡ଼ା ବ୍ଲକ ସିଡିପିଓ ତନୁପ୍ରଭା ବେଉରା, ଭୁବନେଶ୍ୱର ରୁଚିକା ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବେଣୁଧର ସେନାପତି ପ୍ରମୁଖ ଯୋଗଦେଇଥିଲେ। ଏହି କର୍ମଶାଳାର ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ, ଶିଶୁ ସୁରକ୍ଷା, ଶିଶୁ ଅଧିକାର, ଶିଶୁମାନଙ୍କ ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର ଦିଗରେ ଯତ୍ନବାନ ହେବାକୁ ଅତିଥିମାନେ ଶିଶୁ ସୁରକ୍ଷା କମିଟି କର୍ମକର୍ତ୍ତା ଓ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ବିଶାରଦମାନେ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା 'ଆମ ଗାଁରେ ଶିଶୁ ସୁରକ୍ଷା' ନାମକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ସମାରୋହରେ ପଞ୍ଚାୟତ ପ୍ରତିନିଧି, ଅଙ୍ଗନୱାଡି କର୍ମୀ, କିଶୋରୀ, ବାଳିକା, ଶିଶୁ ବିକାଶ ବିଭାଗ ସୁପରଭାଇଜରମାନେ ଯୋଗଦେଇଥିଲେ।



ଅତିଥିମାନେ ଶିଶୁ ସୁରକ୍ଷା ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଜଳସେଚନ ସମସ୍ୟା ନେଇ ଚାଷୀଙ୍କ ଧାରଣା

ଡେଲାଙ୍ଗ, ୧୭।୧୧ (ରଶ୍ମିରଞ୍ଜନ ପ୍ରଧାନ):

କେନାଲରେ ପାଣି ଅଭାବରୁ ଅନେକ ଚାଷୀ ଏବେ ଚିନ୍ତାରେ। କ୍ଷେତରେ ଧାନ ଫସଲ ଏବେ ନଷ୍ଟହେବାକୁ ବସିଲାଣି। ବାରମ୍ବାର ଅଭିଯୋଗ ପରେ ମଧ୍ୟ କ୍ଷେତରେ କେନାଲ ପାଣି ମାଡ଼ିପାରୁ ନାହିଁ। ଫଳରେ ଗୁଆଳିପଡ଼ା ପଞ୍ଚାୟତର ବୋଳକଣା ମୌଜାର ଶତାଧିକ ଚାଷୀଙ୍କ ଫସଲ ନଷ୍ଟ ହୋଇଯାଇଛି। ଏନେଇ ଶୁକ୍ରବାର ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ସ୍ୱାଇଁ, ଯୁବନେତା ଆଲୋକ ଛାଟୋଇ, ସ୍ୱରାଜ ପ୍ରଧାନ, ବାଲୁଙ୍କେଶ୍ୱର ପରିଡ଼ା, ଲକ୍ଷ୍ମୀଧର ପରିଡ଼ା, ନବକିଶୋର ବରାଳଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଡେଲାଙ୍ଗ ଉପଖଣ୍ଡ ଜଳସେଚନ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବା ସହିତ କେନାଲ ପାଣି ଯୋଗାଇଦେବାକୁ ଦାବି କରିଥିଲେ। ଧାରଣାସ୍ଥଳରେ ଜଳସେଚନ ବିଭାଗ ଯନ୍ତ୍ରୀ ଶିଶିର କାନ୍ତ ସାହୁ ଚାଷୀମାନଙ୍କ ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ବର୍ଷ ଜଳସେଚନ ପଥକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଚାଷୀମାନେ ସାହୁଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟପଟେ ଚଳିତ ବର୍ଷ ରାଜସ୍ୱ ବିଭାଗ ଜଳକର ଆଦାୟ ବନ୍ଦ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।



ଚାଷୀମାନେ ଡେଲାଙ୍ଗ ଉପଖଣ୍ଡ ଜଳସେଚନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ।

# ପ୍ରତି ଗ୍ରାମରେ ଶିଶୁ ସୁରକ୍ଷା କମିଟି ଗଠନ ଉପରେ ଗୁରୁତ୍ୱ

ଅସ୍ତରଙ୍ଗ, ୧୭।୧୧ (ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ 'ଶିଶୁ ପାଇଁ ଦିନଟିଏ' ସଂକ୍ରାନ୍ତ ବୈଠକ ସିଡିପିଓ ଅରୁଣା କରଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ଅସ୍ତରଙ୍ଗ ବ୍ଲକ ଏବିଡିଓ ଯୋଗେନ୍ଦ୍ର ମହାକୁଡ଼, ବ୍ଲକ ଉପାଧ୍ୟକ୍ଷ ଦୁର୍ଜ୍ଜୟ ମିଶ୍ର, ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ସୁଧାଂଶୁବାଳା ଶତପଥୀ, ଜିଲା ଶିଶୁ ସୁରକ୍ଷା ଆଇନ ଅଧିକାରୀ ସନ୍ତୋଷ ବାବୁ ପ୍ରମୁଖ ଯୋଗଦେଇଥିଲେ। ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଅଧାରୁ ପାଠପଢା ଛାଡ଼ିଥିବା ଶିଶୁଙ୍କ ସମେତ ବିପନ୍ନ ଶିଶୁଙ୍କୁ ଉଦ୍ଧାର ପାଇଁ ବିଭିନ୍ନ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ପ୍ରତି ଗ୍ରାମରେ ଶିଶୁ ସୁରକ୍ଷା କମିଟି ଗଠନ ସହ ପ୍ରତ୍ୟେକ ପିଲା ବିଦ୍ୟାଳୟମୁଖୀ ହେବା, ବାଲ୍ୟ ବିବାହ ପ୍ରଥାକୁ ବନ୍ଦ କରିବାକୁ ଅତିଥି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ, ଆଶାକର୍ମୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ନିମାପଡ଼ା କଲେଜର ନୂତନ ଭାର୍ଗବୀ ବ୍ଲକ୍ ଉଦ୍‌ଘାଟିତ

ନିମାପଡା, ୧୭।୧୧ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)–

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୫ କୋଟି ୭୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ନବନିର୍ମିତ ଭାର୍ଗବୀ ବ୍ଲକ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଏହି ନୂତନ ବ୍ଲକ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ଅଧ୍ୟକ୍ଷା ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ରବୀନ୍ଦ୍ରନାଥ ପାଢୀ, ବରିଷ୍ଠ ଅଧ୍ୟାପକ ପ୍ରଦୀପ ଦାଶ, ମାନସ ରଞ୍ଜନ ସ୍ୱାଇଁ, ଗୃହନିର୍ମାଣ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶଳ ହେମ୍ବ୍ରମ, ସହକାରୀ ଯନ୍ତ୍ରୀ ଶକ୍ତି ବଡ଼ଜେନା ପ୍ରମୁଖ ଯୋଗଦେଇ କଲେଜର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ୭ ହଜାର ଛାତ୍ରୀଛାତ୍ର ଅଧ୍ୟୟନରତ ନିମାପଡ଼ା କଲେଜରେ ଖୁବ୍‌ଶୀଘ୍ର ମହିଳା ଓ ବାଳକଙ୍କ ନିମନ୍ତେ ଛାତ୍ରାବାସ ଓ ଛାତ୍ରୀ ନିବାସ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଓ ବିଧାୟକ ମତପ୍ରକାଶ କରିଥିଲେ। ଅତ୍ୟାଧୁନିକ ୧୦ଟି ଶ୍ରେଣୀଗୃହ ବିଶିଷ୍ଟ ଏହି ନବନିର୍ମିତ ଭାର୍ଗବୀ ବ୍ଲକ୍‌ରେ କଲେଜର ଯୁକ୍ତ ୩ କଳା, ବାଣିଜ୍ୟ, ବିଜ୍ଞାନ ବିଭାଗରେ ୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କ୍ଷେତ୍ରରେ ବହୁଳ ଭାବେ ଉପକୃତ ହୋଇପାରିବେ ବୋଲି କଲେଜ ସୂତ୍ରରୁ ଜଣାପଡ଼ିଛି। ଏହି ଅବସରରେ କଲେଜ ପରିଚାଳନା କମିଟି, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରଙ୍କ ପକ୍ଷରୁ ମନ୍ତ୍ରୀ ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଛାତ୍ର ବିଜେଡି ପକ୍ଷରୁ ୫ଶହରୁ ଊର୍ଦ୍ଧ୍ୱ ବାଇକ୍ ଶୋଭାଯାତ୍ରାରେ ମନ୍ତ୍ରୀ ଓ ବିଧାୟକଙ୍କୁ ନୂତନ ବସଷ୍ଟାଣ୍ଡଠାରୁ କଲେଜ ସଭାସ୍ଥଳୀକୁ ପାଛୋଟି ଅଣାଯାଇଥିଲା। ଏହି ସମାରୋହରେ କଲେଜ ଅଧ୍ୟାପିକା, ଅଧ୍ୟାପକ, ହଜାର ହଜାର ଛାତ୍ରୀଛାତ୍ର ଯୋଗଦେଇଥିଲେ।



ଅତିଥିମାନେ କଲେଜ କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି।

# ଖବରଦାତା ହେଉଛନ୍ତି ସମାଜର ତତ୍ତ୍ୱାବଧାରକ

ପିପିଲି, ୧୭।୧୧ (ପ୍ରଭାତ ମହାପାତ୍ର)

ପିପିଲି ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ ମଙ୍ଗଳପୁର ନିକଟ ହୋଟେଲଠାରେ ରାଜ୍ୟସ୍ତରୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ସୁଶ୍ରୁତ ହସ୍ପିଟାଲର ନିର୍ଦ୍ଦେଶିକା ଡାକ୍ତର ଚିଦାତ୍ମିକା ଖଟୁଆ ଅତିଥି ଭାବେ ଯୋଗଦେଇ ପିପିଲି ଖବରଦାତାଙ୍କୁ ହସ୍‌ପିଟାଲ ପ୍ରିଭିଲେଜ୍ କାର୍ଡ ବାଣ୍ଟିଥିଲେ। ଏହି କାର୍ଡଧାରକ ଆଗାମୀ ବର୍ଷେ ପର୍ଯ୍ୟନ୍ତ ଉପରୋକ୍ତ ହସ୍ପିଟାଲରେ ରିହାତିରେ ଚିକିତ୍ସା ସେବା ପାଇପାରିବେ ବୋଲି ଡା. ଖଟୁଆ କହିଥିଲେ। ପିପିଲି ସଂଘ ତଥା ରାଜ୍ୟ ସଂଘ ସଭାପତି ମନୋରଞ୍ଜନ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ରାଜକିଶୋର ସ୍ୱାଇଁ ସଭା ପରିଚାଳନା କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ. ପ୍ରସନ୍ନ ପାଟଶାଣୀ, ମୁଖ୍ୟବକ୍ତା ଭାବେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଆସାମର ନିଉଜ ଲାଇଭ ଚାନେଲ ଏକ୍ସିକ୍ୟୁଟିଭ୍ ଏଡିଟର ଲୁଇଟ୍ ନେଲ ଡନ୍, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ଜାତୀୟ କ୍ରୀଡ଼ାବିତ୍ ସ୍ୱର୍ଣ୍ଣପଦକ ବିଜେତା(ଗଲ୍ଫ) ବିକାଶ ପଟ୍ଟନାୟକ, ବଲିଉଡ୍ ଅଭିନେତା ରାମ ସିର୍କା, ଭାଜପା ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ଅର୍ଗସ ନିଉଜର ଆସୋସିଏଟ ଏଡିଟର ଦୁର୍ଗାଶିଷ, କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ପରମେଶ୍ୱର ଦାଶ ପ୍ରମୁଖ ଯୋଗ ଦେଇ ଖବରଦାତା ହେଉଛନ୍ତି ସମାଜର ତତ୍ତ୍ୱାବଧାରକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ ଉପସଭାପତି ବିନାୟକ ମିଶ୍ର, ସୌରଭ ପଟ୍ଟନାୟକ, ବାସୁଦେବ ବରାଡ଼, ମୟୂରଭଞ୍ଜ ଜିଲା ସାମ୍ବାଦିକ ସଂଘ ସଭାପତି ଅରୁଣ ଓତା, ଉଦୟ ଲାବଣ୍ୟ, ସମ୍ପାଦକ ଲଲାଟେନ୍ଦୁ ସେନାପତି, ସୁକିନ୍ଦା ପ୍ରେସ କ୍ଲବ ସଭାପତି ବିଶ୍ୱଜିତ୍ ନାୟକ, ଉପାନ୍ତ ଓଡ଼ିଶା ସମ୍ପାଦକ ଗଣେଶ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ପିପିଲିରେ ୬୦ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଖବରକାଗଜ ବିତରଣ କରୁଥିବା ବରିଷ୍ଠ ବିତରକ ଉଦୟନାଥ ମିଶ୍ରଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ସାମ୍ବାଦିକତା, ଚାଷୀ, ଚିକିତ୍ସା ସେବା, ସଙ୍ଗୀତ, କଳା ନୈପୁଣ୍ୟତାରେ ପାରଦର୍ଶିତା ହାସଲ କରିଥିବା ପ୍ରତିଭାଙ୍କୁ ସଭା ମଞ୍ଚରେ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କୋରାପୁଟ, କେନ୍ଦୁଝର, ସୁକିନ୍ଦା, ଆନନ୍ଦପୁର, ମୁନିଗୁଡା, ରାୟଗଡ଼ା, ଯାଜପୁର, ଚଣ୍ଡିଖୋଲ, ନୟାଗଡ଼ ଆଦି ଅଞ୍ଚଳର ସାମ୍ବାଦିକ ସଂଘରୁ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମରେ ଉଦୟନାଥ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ମାରୱାଡି ହାଇସ୍କୁଲରେ କୁଇଜ୍ ପ୍ରତିଯୋଗିତା

କଟକ,(ଶିଳ୍ପା ପ୍ରିୟଦର୍ଶିନୀ): ମାରୱାଡି ହାଇସ୍କୁଲରେ କାୟାକଳ୍ପ ପକ୍ଷରୁ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନାଗରିକ ମହାସଭାର ସଭାପତି ଡ. ରବି ରଞ୍ଜନ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରସାର ଭାରତୀର ଡ. ତପନ ଦେ, କଣ୍ଠଶିଳ୍ପୀ ଅଶ୍ୱିନୀ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ସଂଯୁକ୍ତା ତ୍ରିପାଠୀ ସ୍କୋର୍‌ର ରହିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ବୈଜ୍ଞାନିକ ଡ. ହରିହର ତ୍ରିପାଠୀଙ୍କ ସ୍ମୃତିରେ ପ୍ରମାଣପତ୍ର ଓ ପୁରସ୍କାର ଦିଆଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ଦେଓଭଞ୍ଜ ଧନ୍ୟବାଦ ଦେଇଥିଲେ। ତ୍ରିଲୋଚନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆଦ୍ୟାରଶ୍ମି ପଲେଇ, ଜୟଶ୍ରୀ ରାଏ, ବନିତା ବେହେରା, ଉତ୍କଳିକା ପତି, ସ୍ମୃତିରେଖା ବେହେରା, ଶର୍ମିଷ୍ଠା ସାମଲ ସହଯୋଗ କରିଥିଲେ।

### ସଂକ୍ଷେପରେ

## 'ଯୁବକଙ୍କୁ ଦିଗ୍‌ଦର୍ଶନ ଦେବାର ପ୍ରୟାସ କରୁଥିଲେ ଭଞ୍ଜକିଶୋର'

କଟକ,୧୭।୧୧ (କାର୍ତ୍ତିକ ସାହୁ)

ଚେତନା ଚକ୍ର ଅନୁଷ୍ଠାନ ପକ୍ଷରୁ ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକଙ୍କ ଜୟନ୍ତୀ ତୁଳସୀପୁର ମଠସାହି ରୋଡ୍‌ସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପଣ୍ଡିତ ନୀଳକଣ୍ଠ ରାଉତ ଯୋଗଦେଇ କହିଥିଲେ, ଭଞ୍ଜକିଶୋର ପଥଭ୍ରାନ୍ତ, ନିଶାସକ୍ତ ଯୁବକମାନଙ୍କୁ ଦିଗ୍‌ଦର୍ଶନ ଦେବା ପାଇଁ ନାଟକ ମାଧ୍ୟମରେ ପ୍ରୟାସ କରୁଥିଲେ। ମୁଖ୍ୟବକ୍ତା ସାହିତ୍ୟିକା ମୀରା ବେଉରା କହିଥିଲେ, ସ୍ୱାଧୀନତା ଆନ୍ଦୋଳନରେ ଭଞ୍ଜକିଶୋରଙ୍କର ସକ୍ରିୟ ଯୋଗଦାନ ରହିଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଆର. ପି. ଦାସ ଯୋଗଦେଇଥିଲେ। ଭଞ୍ଜକିଶୋରଙ୍କ ବାସଭବନର ଗଳିକୁ ତାଙ୍କ ନାମରେ ନାମିତ କରିବା ସହ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସର୍ବସମ୍ମତ ମତପ୍ରକାଶ ପାଇଥିଲା। ଅନୁଷ୍ଠାନର ସମ୍ପାଦିକା ମଞ୍ଜୁଲତା ଜେନା, କାର୍ଯ୍ୟକାରୀ ସଭାପତି ତାପସ କୁମାର ଦ୍ୱିବେଦୀ, ଉପସଭାପତି ପ୍ରଦୀପ ପଟ୍ଟନାୟକ, ପ୍ରମୋଦା ଦାସ, ସହସମ୍ପାଦକ ଅରୁଣ ଅଗ୍ରୱାଲ, ନମିତା ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉପସଭାପତି ଜଗନ୍ନାଥ ଜେଠୀ ଧନ୍ୟବାଦ ଦେଇଥିଲେ।

# ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ସେବା ସୁଦୃଢ଼ କରାଯାଉ

କଟକ,୧୭।୧୧(କାର୍ତ୍ତିକ ସାହୁ)

ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି(ଦିଶା)ର ଦଶମ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଭର୍ତ୍ତୃହରି ମହତାବ ବୈଠକରେ ଅଧ୍ୟକ୍ଷତା କରି କହିଥିଲେ, ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ତୃଣମୂଳ ସ୍ତରରେ ରୂପାୟନ ଦିଗରେ ନିଆଯାଉଥିବା ପଦକ୍ଷେପ ବାବଦରେ ଜନ ପ୍ରତିନିଧି ଓ ସର୍ବସାଧାରଣ ଅବଗତ ହେବା ଆବଶ୍ୟକ। ପ୍ରଶାସନିକ ଅଧିକାରୀମାନେ ତତ୍ପରତାର ସହ କାର୍ଯ୍ୟାନ୍ୱୟନ ପଦ୍ଧତିକୁ ସ୍ୱଚ୍ଛ ଓ ଚାପମୁକ୍ତ ଭାବେ କାର୍ଯ୍ୟକାରୀ କଲେ ସାମଗ୍ରିକ ଅଭିବୃଦ୍ଧି ପରିଲକ୍ଷିତ ହୋଇପାରିବ ବୋଲି ସେ ଆଶାପୋଷଣ କରିଥିଲେ। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଜାତୀୟ ରାଜପଥ ପାର୍ଶ୍ୱରେ ଶୋଚନୀୟ ହୋଇଥିବା ରାସ୍ତା ତୁରନ୍ତ ମରାମତି ନିମନ୍ତେ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିସହ ବୈଠକରେ ଉପସ୍ଥିତ ଥିବା ଜାତୀୟ ରାଜପଥ ନିର୍ମାଣ ପ୍ରାଧିକରଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଡ଼କ ପାର୍ଶ୍ୱରେ ସବୁଜିମା ସୃଷ୍ଟି, ଆଲୋକୀକରଣ, ଜଳ ନିଷ୍କାସନ ବ୍ୟବସ୍ଥା ଆଦି ଉପରେ ମନ୍ତ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ।



ବୈଠକରେ ଏମ୍‌ପି, ବିଧାୟକ ଓ ଜିଲାପାଳଙ୍କ ସହ ଅନ୍ୟମାନେ।

### ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟିର ଦଶମ ବୈଠକ

ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ କହିଥିଲେ, ଉପଯୁକ୍ତ ସମନ୍ୱୟ ଓ ଲୋକାଭିମୁଖୀ ଯୋଜନା ମାଧ୍ୟମରେ ଅଞ୍ଚଳର ବିକାଶ ପାଇଁ ପ୍ରୟାସ ଜାରି ରଖିଛୁ। ଜିଲାର ବିଭିନ୍ନ ସ୍ଥାନରେ ବ୍ୟାଙ୍କିଙ୍ଗ ସେବା ଉପଲବ୍ଧ କରାଇବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ବିଭିନ୍ନ ବ୍ଲକରେ ଅମୃତ ସରୋବର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା କହିଥିଲେ। ଫସଲ ବୀମା ଯୋଜନା, ପେନ୍‌ସନ୍ ଯୋଜନା ଆଦି ବିଷୟରେ ହିତାଧିକାରୀମାନେ ପାଉଥିବା ସୁବିଧା ବିଷୟରେ ମିଶ୍ର ଅବଗତ ହୋଇଥିଲେ।

ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଇଣ୍ଟରନେଟ୍ ସେବା ଉପଲବ୍ଧ ହେଉ ନ ଥିବା କହିଥିଲେ। ଏଥିପାଇଁ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଗ୍ରାମାଞ୍ଚଳରେ ଭିତ୍ତିଭୂମି ସୁଦୃଢ଼ କରିପାରିଲେ ସ୍ମାର୍ଟ କ୍ଲାସ୍‌ରୁମ୍, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ସେବା ଓ ଅନ୍‌ଲାଇନ ପାଠପଢ଼ା କ୍ଷେତ୍ରରେ ସହାୟକ ହୋଇପାରିବ ବୋଲି ସେ କହିଥିଲେ। କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଫୁଲନଖରା ନିକଟରେ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଟ୍ରାନ୍‌ସ୍‌ଫର୍ମରକୁ ତୁରନ୍ତ ସ୍ଥାନାନ୍ତର କରିବାକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏବଂ ଟିପିସିଓଡିଏଲର ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ଗୋପାଳପୁର ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବାରୁ ଏହାର ସ୍ଥାୟୀ ସମାଧାନ କରିବା ନିମନ୍ତେ ସେ ଟାଟା ପାୱାରକୁ ଅନୁରୋଧ କରିଥିଲେ।

ଜିଲାପାଳ ନରହରି ସେଠୀଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ବୈଠକ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ବନଖଣ୍ଡ ଅଧିକାରୀ, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷା, ଅଧ୍ୟକ୍ଷ, ବିଭିନ୍ନ ବିଭାଗର ଅଧିକାରୀ ଓ ବରିଷ୍ଠ ଯନ୍ତ୍ରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସହରରେ ସ୍ଥାପନ ହେଉ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି

କଟକ,୧୭।୧୧(କାର୍ତ୍ତିକ ସାହୁ)

### ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକ

ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ପ୍ରଖ୍ୟାତ କଣ୍ଠଶିଳ୍ପୀ ତଥା ସାହିତ୍ୟିକ ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ କନିକାଛକସ୍ଥିତ ଅକ୍ଷୟ ମହାନ୍ତି ପାର୍କ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ପରିଷଦର ସାଧାରଣ ସମ୍ପାଦକ ସଞ୍ଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ କୈଳାସ ଚନ୍ଦ୍ର ଶତପଥୀ, ପୂର୍ବତନ ପ୍ରଶାସକ ବଂଶୀଧର ରାଉତ, ଅଧ୍ୟାପକ ଗୋପୀନାଥ ମହାନ୍ତି, ଅଜିତ୍ କୁମାର ମହାପାତ୍ର, ଭୁବନାନନ୍ଦ ମହାନ୍ତି, ରବିନାରାୟଣ ସାହୁ, ମନୋରଞ୍ଜନ ମହାପାତ୍ର, ନିବାସ ଚନ୍ଦ୍ର ମିଶ୍ର ପ୍ରମୁଖ ଅକ୍ଷୟ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଅକ୍ଷୟ ମହାନ୍ତି ଜଣେ ସଫଳ ତଥା ପ୍ରସିଦ୍ଧ ସଙ୍ଗୀତ ସାଧକ, କଣ୍ଠଶିଳ୍ପୀ, ଗୀତିକାର ଭାବେ ସମଗ୍ର ଦେଶରେ ସୁବିଦିତ ଥିଲେ। ଯଥାର୍ଥରେ ସେ ଥିଲେ ଓଡ଼ିଆ ସଙ୍ଗୀତ ଜଗତର ମୁକୁଟବିହୀନ ସମ୍ରାଟ। ଅକ୍ଷୟ ମହାନ୍ତି ଓଡ଼ିଆ ସଙ୍ଗୀତକୁ ଶୀର୍ଷରେ ପହଞ୍ଚାଇବା ସହିତ ସବୁ ପିଢ଼ିର ଶ୍ରୋତା ଓ ପାଠକଙ୍କୁ ବାନ୍ଧି ରଖିପାରୁଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ସରକାର ତାଙ୍କର ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି କଟକ ସହରର ଏକ ମୁଖ୍ୟ ସ୍ଥାନରେ ସ୍ଥାପନ କରିବା ପାଇଁ ସଭାପତି ପଟ୍ଟନାୟକ ଦାବି କରିଥିଲେ। ଡା. ପ୍ରତାପ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।


କଟକ କନିକା ଛକସ୍ଥିତ ଅକ୍ଷୟ ମହାନ୍ତି ପାର୍କରେ ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ବିଦ୍ୟାଳୟର ଉନ୍ନତୀକରଣ କାର୍ଯ୍ୟ ଦେଖିଲେ ବିଧାୟକ

କଟକ,୧୭।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଦେଉଳସାହିସ୍ଥିତ ରଘୁନାଥଜୀଉ ହାଇସ୍କୁଲ ଶୁକ୍ରବାର ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ସମସ୍ତ ଉନ୍ନତୀକରଣ ଓ ବିକାଶମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ବିଦ୍ୟାଳୟରେ ଥିବା ଆବଶ୍ୟକତାକୁ ଯଥାଶୀଘ୍ର ପୂରଣ ଦିଗରେ ଉଦ୍ୟମ କରିବେ ବୋଲି ମୋକିମ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁରମା ପତି, ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ, ଶିକ୍ଷକ ଶିଶିର କୁମାର ନାୟକ, ସୁରେନ୍ଦ୍ର ନାଥ ପଣ୍ଡା, ଦିଲୀପ ମହାନ୍ତି ଉପସ୍ଥିତ ଥିଲେ।

# ଦଳୀୟ ସଙ୍ଗଠନ ମଜଭୁତ କରିବାକୁ ଗୁରୁତ୍ୱ


ଶିବିରରେ ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ସମେତ ଅନ୍ୟମାନେ।

କଟକ,୧୭।୧୧(କାର୍ତ୍ତିକ ସାହୁ)

### ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ସାରଳା ଭବନରେ ୩ ଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଦ୍ୱାରା ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଙ୍ଗଠନ ତୃଣମୂଳ ସ୍ତରରେ ଆହୁରି ମଜଭୁତ ହେବ ବୋଲି ଜିଲା ସଭାପତି ସାମନ୍ତରାୟ କହିଛନ୍ତି। ଉକ୍ତ ନିର୍ବାଚନ ମଣ୍ଡଳୀର କର୍ମୀ ଏବଂ ନେତୃବୃନ୍ଦମାନଙ୍କୁ ଅଧିକ କ୍ରିୟାଶୀଳ କରିବା ପାଇଁ ଈପ୍‌ସିତା ସାହୁ ଓ ମଧୁସ୍ମିତା ନାୟକ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ରାଜ୍ୟ ସମ୍ପାଦକ ମହମ୍ମଦ ସକିଲ, ଜିଲା ଉପସଭାପତି ରଞ୍ଜନ ବିଶ୍ୱାଳ, ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ, କମ୍‌ରୁଦ୍ଦିନ ଖାନ, ରମ୍‌ଜାନ୍ ଖାନ୍, ମହମଦ ଆୟୁବ, ନେତ୍ରୀ ପୂର୍ଣ୍ଣିମା ସିଂ, ତନ୍ମୟା ରାଏ, ଆଶାଶ୍ରୀ ସାହୁ, ଭାରତୀ ଦାସ, ଯୁବନେତା ଜଗତ୍‌ଜ୍ୟୋତି ପଟ୍ଟନାୟକ, ସୌମ୍ୟଦୀପ ଘୋଷ, ସୁବ୍ରତ ମହାନ୍ତି, ଛାତ୍ରନେତା ଆସିଫ ଅମିନ, ସନ୍ତୋଷ ମହାପାତ୍ରଙ୍କ ସମେତ ବିଭିନ୍ନ ୱାର୍ଡର କର୍ପୋରେଟର, ୱାର୍ଡ ସଭାପତି, ଯୁବ, ଛାତ୍ର ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ।

## ମହାନଦୀରୁ ବୃଦ୍ଧଙ୍କ ମୃତଦେହ ଜବତ

କଟକ ସଦର,୧୭।୧୧(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ ବାରଦା ଗ୍ରାମ ନିକଟ ମହାନଦୀରୁ ଶୁକ୍ରବାର ସକାଳେ ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ସେ ହେଲେ କନ୍ଦରପୁର ଥାନା ଅନ୍ତର୍ଗତ ନିମେଇଶା ପୁର(ନୁଆକୋରୁଆଁ) ଗ୍ରାମର ଅନନ୍ତ ଭୋଇ(୬୫)। ଗୁରୁବାର ମଧ୍ୟାହ୍ନରେ ଅନନ୍ତ ଶୌଚ ପାଇଁ ମହାନଦୀକୁ ଯାଇଥିଲେ। ହେଲେ ଭାରସାମ୍ୟ ହରାଇ ପାଣିରେ ବୁଡି ନିଖୋଜ ହୋଇଯାଇଥିଲେ। ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ଓ ପରିବାର ଲୋକେ ଅନୁମାନ କରୁଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନାଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୩) ରୁଜୁ ହୋଇଛି।

## ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଜେଆର୍ ୟୁନାଇଟେଡ୍ ଚାମ୍ପିୟନ

ଖୁଣ୍ଟୁଣୀ,୧୭।୧୧ (ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଅଧୀନ ପାଦପଥର ଗ୍ରାମ ଖେଳ ପଡ଼ିଆରେ ବାର୍ଷିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆଞ୍ଚଳିକ ବିର୍ସା ଭଗବାନ ଯୁବକ ସଂଘ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲାର ୩୨ଟି ଆଦିବାସୀ ଫୁଟ୍‌ବଲ୍ ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଭୁବନେଶ୍ୱରର ଗୋଲ୍ଡେନ୍ କ୍ଲବ ବୀରଭାଷା ଏବଂ ୱାଇ.ଏ. ଫୁଟ୍‌ବଲ କ୍ଲବ ଚୌଦ୍ୱାର ମଧ୍ୟରେ ହୋଇଥିଲା। ଏଥିରେ ଗୋଲ୍ଡେନ୍ କ୍ଲବ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ସ୍ଥାନୀୟ ବିର୍ସା ଭଗବାନ ଫୁଟବଲ ଟିମ୍‌କୁ ପରାସ୍ତ କରି କଟକର ଜେଆର୍ ୟୁନାଇଟେଡ୍ କ୍ଲବ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଖେଳରେ ଜେଆର ୟୁନାଇଟେଡ୍ କ୍ଲବ ୨-୦ ଗୋଲରେ ଗୋଲ୍ଡେନ କ୍ଲବ ବୀରଭାଷାକୁ ହରାଇ ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀଙ୍କ ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ମିନତୀ ଗାଗରାଇ, କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ ଯୋଗଦେଇଥିଲେ। ପାଦପଥର ଗ୍ରାମ ମୁରବୀ ସିଲେଇ କୁଦାତା, ବଳରାମ କୁଦାତା, ଯୁବ ଆଦିବାସୀ ନେତା ସମା ସଏ, ପଞ୍ଚାୟତ ଯୁବ ସଙ୍ଗଠକ ମନୋରଞ୍ଜନ ରାଉତ ପ୍ରମୁଖ ଅନ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟାନ ଟିମ୍ ଜେଆର ୟୁନାଇଟେଡ ଦଳକୁ ଟ୍ରଫି ସହିତ ୫୦ ହଜାର ଟଙ୍କା, ରନର୍ସ ଅପ୍ ଗୋଲ୍ଡେନ୍ କ୍ଲବ୍‌କୁ ଟ୍ରଫି ସହ ୪୦ ହଜାର ଟଙ୍କା, ତୃତୀୟ ସ୍ଥାନରେ ଥିବା ୱାଇ.ଏ କ୍ଲବ୍‌କୁ ୩୦ ହଜାର ଓ ୪ର୍ଥ ସ୍ଥାନ ହାସଲ କରିଥିବା ବିର୍ସା ଭଗବାନ ଫୁଟ୍‌ବଲ ଟିମ୍‌କୁ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ।

## ଦାଦାବଟି ପାଇଁ ବାଲିଘାଟରେ ଗଣ୍ଡଗୋଳ, ୩ ଗୁରୁତର

କଟକ ସଦର,୧୭।୧୧(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ଆଇତଳଙ୍ଗ ଗ୍ରାମ ନିକଟ ସିଡୁଆ ନଦୀ ବାଲିଘାଟରେ ଗୁରୁବାର ରାତିରେ କେତେଜଣ ଲୋକ ଦାଦାବଟି ପାଇଁ ଘାଟ କର୍ମଚାରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ବାଲିଘାଟର ୩ ଜଣ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ମନୋରଞ୍ଜନ ସାହୁ, ସୁବାସ ପ୍ରଧାନ ଓ ରଶ୍ମିରଞ୍ଜନ ଗୋଛି। ଅନ୍ୟଜଣେ ସାମାନ୍ୟ ଆହତ ହୋଇ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ବାଲିଘାଟ ଲିଜ୍‌ଧାରୀ ପ୍ରଦୀପ କୁମାର ପାତ୍ର ଶୁକ୍ରବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୮୩/୨୩) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ବାଲିଘାଟ ଲିଜ୍‌ଧାରୀଙ୍କୁ କଦମପଡ଼ା ଅଞ୍ଚଳର କେତେଜଣ ଯୁବକ ୨ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ସେଥିପାଇଁ ଟ୍ରକ୍‌ରେ ବାଲି ଚାଲାଣବେଳେ କିଛି ଯୁବକ ସବୁଦିନେ ରାସ୍ତା ଅବରୋଧ କରି ବସିଥାନ୍ତି। ଫଳରେ ଟ୍ରକ ଚାଳକଙ୍କ ସହିତ ସେମାନଙ୍କ ପାଟିତୁଣ୍ଡ ହୋଇଥାଏ। ଗୁରୁବାର ରାତିରେ ଏହି ଘଟଣା ଉଗ୍ରରୂପ ଧାରଣ କରିଥିଲା।

## ମହ୍ଲାରର ରୌପ୍ୟଜୟନ୍ତୀ ସମାରୋହ ଉଦ୍‌ଘାଟିତ

କଟକ,୧୭।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମହ୍ଲାର ପକ୍ଷରୁ ମହାନଦୀ ବିହାରସ୍ଥିତ ମହିଳା ବିଦ୍ୟାଳୟ ପଡିଆରେ ରୌପ୍ୟଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରୁଚି ଫୁଡ୍ ଲାଇନ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଡ. ଶକ୍ତି ପ୍ରସାଦ ସାହୁ, ସୋହାଗିନୀ ବେହେରା, ବିଷ୍ଣୁଚରଣ ନାୟକ ଯୋଗଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ତୃପ୍ତି ଦାଶଙ୍କୁ ମହ୍ଲାର ସମ୍ମାନ ଓ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ରଙ୍କୁ ମହ୍ଲାର ନୃତ୍ୟଶିଳ୍ପୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ସମ୍ପାଦକ ଅନିଲ କୁମାର ଜେନା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ରାଜ୍ୟସ୍ତରୀୟ ମହ୍ଲାର ପ୍ରତିଭା ଅନ୍ୱେଷଣରେ ସଫଳତା ଅର୍ଜନ କରିଥିବା ୨୦୦ରୁ ଅଧିକ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଯୁଗ୍ମ ସମ୍ପାଦିକା ନିରୁପମା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୋମନାଥ ମହାନ୍ତି, ବ୍ରହ୍ମାତ୍ରୀ ଲେଙ୍କା, ମଧୁସ୍ମିତା ଷଡ଼ଙ୍ଗୀ ସହଯୋଗ କରିଥିଲେ। ମହ୍ଲାର ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ବିରୋଧୀ କର୍ପୋରେଟର

କଟକ,୧୭।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

- ଭେଟିଲେ ମେୟର, କମିଶନର
- ବସିବ ଜରୁରିକାଳୀନ କାଉନସିଲ ବୈଠକ
- ଧାରଣାବେଳେ ଅସୁସ୍ଥ ହୋଇପଡ଼ିଲେ କର୍ପୋରେଟର

କଟକ ମହାନଗର ନିଗମ (ସିଏମ୍‌ସି) କାଉନସିଲ ହଲ୍‌ରେ ୫ ଦିନ ଧରି ଚାଲିଥିବା ବିରୋଧୀ କର୍ପୋରେଟରଙ୍କ ଧାରଣା ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ସିଏମ୍‌ସି ମେୟର ସୁବାସ ସିଂ ଏବଂ କମିଶନର ନିଖିଲ ପଣ୍ଣନ କଲ୍ୟାଣଙ୍କ ସମେତ ବିଜେଡି କର୍ପୋରେଟରମାନେ ଧାରଣାରତ କର୍ପୋରେଟରଙ୍କୁ ଭେଟି ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର ଏକ ଜରୁରିକାଳୀନ କାଉନସିଲ ବୈଠକ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ଦାବି ଏବଂ ପ୍ରସଙ୍ଗ ବିଷୟରେ ଆଲୋଚନା କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବିରୋଧୀ କର୍ପୋରେଟରମାନେ ଧାରଣାରୁ ଉଠିଥିଲେ। ଅନ୍ୟପକ୍ଷରେ ଧାରଣାରେ ବସିଥିବାବେଳେ ୧ ନମ୍ବର ୱାର୍ଡର କର୍ପୋରେଟର ଭାନୁ ସେନାପତି ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସା ଲାଗି ତାଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେହିପରି ୩ ଦିନ ଧରି କଂଗ୍ରେସ ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଚାଲିଥିବା ଶାନ୍ତିପୂର୍ଣ୍ଣ ପ୍ରତିବାଦ ମଧ୍ୟ ପ୍ରତ୍ୟାହୃତ ହୋଇଛି।


ଧାରଣାରେ ବସିଥିବା କର୍ପୋରେଟରଙ୍କ ସହିତ ମେୟର ଓ କମିଶନର ଆଲୋଚନା କରୁଛନ୍ତି।

ସୂଚନାଥାଉ କି, ଗତ ୧୩ ତାରିଖରେ ସିଏମ୍‌ସି କାଉନ୍‌ସିଲ ବୈଠକ ହୋଇଥିଲା। ବୈଠକ ଆରମ୍ଭରୁ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ କଂଗ୍ରେସ ଓ ଭାଜପା କର୍ପୋରେଟରମାନେ ହଟ୍ଟଗୋଳ କରିଥିଲେ। ଛତ୍ରବଜାର ଅର୍ବାନ ହାଟ ପିଣ୍ଡି ବଣ୍ଟନରେ ଅନିୟମିତତା, ବିପର୍ଯ୍ୟସ୍ତ ଶୌଚାଳୟ ଓ ସୂଚନା ଅଧିକାର ଆଇନ୍‌ରେ କୌଣସି ସୂଚନା ଦିଆଯାଉ ନ ଥିବା କର୍ପୋରେଟରମାନେ ଅଭିଯୋଗ କରି ହୋହଲ୍ଲା କରିଥିଲେ। ଏହାପରେ ମେୟର ବୈଠକକୁ ଅଧାରୁ ସ୍ଥଗିତ ରଖି କକ୍ଷ ତ୍ୟାଗ କରିଥିଲେ। ଏହାକୁ ବିରୋଧକରି କର୍ପୋରେଟରମାନେ କାଉନ୍‌ସିଲ ହଲ୍‌ରେ ସୋମବାରଠାରୁ ଧାରଣା ବସିଥିଲେ।


ନାଗ ଚତୁର୍ଥୀ ଅବସରରେ ଶୁକ୍ରବାର କଟକ ବକ୍ସିବଜାର ଗୋପବନ୍ଧୁ ପାର୍କ ପରିସରରେ ଥିବା ଗଛମୂଳରେ ତେଲୁଗୁ ସମ୍ପ୍ରଦାୟର ମହିଳା ପୂଜା କରୁଛନ୍ତି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ସମବାୟ ସମିତି ସମୂହ କଟକ ନଗର ମଣ୍ଡଳ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ୭୦ତମ ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।


କଟକ ବାଲିଯାତ୍ରା ପାଇଁ ତଳପଡ଼ିଆରେ ପହଞ୍ଚିଥିବା ଦୋଳି ସରଞ୍ଜାମ।

**ସଂକ୍ଷେପରେ**

## ଲୁଟ୍ ଅଭିଯୋଗରେ ୩ ଗିରଫ

ବାରଙ୍ଗ,୧୭।୧୧(ଲିଙ୍ଗରାଜ ରାଉତ)

ଲୁଟ୍ ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ୩ ଦୁର୍ବୃତ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନନ୍ଦନକାନନ ଥାନା ଅଧୀନ ପଦାସାହି ଗ୍ରାମର ଅମନ ଧନରାଜ(୨୨), ଦୀପକ ବେଉରା(୨୪) ଓ ବାଲିପଡ଼ା ଗ୍ରାମର ବାଦଲ ରଣା(୨୭)। ସେମାନଙ୍କଠାରୁ ପୋଲିସ ନଗଦ ୭୦୦ ଟଙ୍କା, ଦୁଇ ମୋବାଇଲ ଫୋନ୍ ସହ ଏକ ବାଇକ୍ ଜବତ କରିଛି।

ସୂଚନା ମୁତାବକ, ଏହି ୩ ଜଣ କିଛିଦିନ ହେବ ବାରଙ୍ଗ ଅଞ୍ଚଳରେ ଲୁଟ୍ କରୁଥିବା ଅଭିଯୋଗ ହୋଇଥିଲା। ଗତ ସେପ୍ଟେମ୍ବର ୨ରେ ଏହି ୩ଜଣ ଏକ ବାଇକ୍‌ରେ ଆସି ସୁଧାଂଶୁ ପାଇଟାଳ ନାମକ ଜଣେ ପରିବା ବେପାରୀଙ୍କଠାରୁ ସାନମୁଣ୍ଡଳି କେନାଲ ବନ୍ଧ ବ୍ରିଜ୍ ପାଖରୁ ୧୩୦୦ଟଙ୍କା, ଗୋଟିଏ ମୋବାଇଲ ଫୋନ୍ ଲୁଟି ନେଇଥିଲେ। ସେହିପରି ଗତ ୧୬ ତାରିଖ ଅପରାହ୍ନ ସମୟରେ ଏହି ୩ଜଣ ସମାନ ଢଙ୍ଗରେ ସାନମୁଣ୍ଡଳି ଗ୍ରାମର ବିଶ୍ୱଜିତ୍ ବେହେରାଙ୍କୁ ବିଜୟ ଢାବା ନିକଟ ପୁରୀ ମେନ୍ କେନାଲ ପାଖରେ ଅଟକାଇ ଲିଫ୍ଟ ମାଗି ତାଙ୍କଠାରୁ ୫ଶହ ଟଙ୍କା ଲୁଟିନେଇ ଯାଇଥିଲେ। ସେହିଦିନ ଏହି ୩ ଜଣ ମନୋଜ ସିଂହଙ୍କଠାରୁ ଟଙ୍କା ଲୁଟ୍ ନ କରିପାରି ବିଫଳ ହୋଇଥିଲେ। ଏନେଇ ଲୁଟ୍‌ର ଶିକାର ହୋଇଥିବା ଏହି ୩ଜଣ ବାରଙ୍ଗ ଥାନାରେ ଅଭିଯୋଗ କଲା ପରେ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇ ଶୁକ୍ରବାର ସକ୍ଷମ ହୋଇଛି।

# ଘଣ୍ଟାଏରେ ଗୋଟିଏ ସ୍ଥାନରେ କାମୁଡୁଛନ୍ତି ୬୦ ମଶା

## କଲବଲ ସ୍ମାର୍ଟସିଟିବାସୀ



ଭୁବନେଶ୍ୱର, ୧୭।୧୧ (ବନ୍ଦନା ସେଠୀ)

ମଶା ଦାଉରେ କଲବଲ ରାଜଧାନୀବାସୀ। ରାତି ହେଉ କି ଦିନ ଦ୍ୱିପ୍ରହର, ଶାନ୍ତିରେ ବସି କି ଶୋଇ ହେଉନାହିଁ। ଘରଠୁ ବାହାର, ଅଫିସ୍‌ରେ ବି ଗୋଡ଼ାଇ କାମୁଡୁଛନ୍ତି ମଶା। ଗାଁ ଗହଳି, ଉପାନ୍ତ ଅଞ୍ଚଳଠାରୁ ବଳିଗଲାଣି ସ୍ମାର୍ଟସିଟି ଭୁବନେଶ୍ୱର। ଏଠାରେ ମଶାଙ୍କ ପ୍ରାଦୁର୍ଭାବ ଏତେ ବଢ଼ି ଯାଇଛି ଯେ, ମଶାଧୂପ କିମ୍ବା ବଜାରରେ ମିଳୁଥିବା ବିଭିନ୍ନ ସ୍ପ୍ରେ କିଛି ବି କାମ କରୁନି। ଅଧିକାଂଶ ଘରେ ଏବେ ଦିନରାତି ମଶାରି ଟଙ୍ଗା ହୋଇ ରହୁଥିବା ଦେଖିବାକୁ ମିଳୁଛି। ରିପୋର୍ଟ ଅନୁସାରେ, ଏବେ ଭୁବନେଶ୍ୱରରେ ମଶାର ସାନ୍ଦ୍ରତା (ପର୍ ମ୍ୟାନ୍ ଆୱାର୍) ୬୦କୁ ବୃଦ୍ଧି ପାଇଛି। ଅର୍ଥାତ୍ ଜଣେ ବ୍ୟକ୍ତିଙ୍କୁ ଘଣ୍ଟାଏ ଭିତରେ ଶରୀରର ଗୋଟିଏ ସ୍ଥାନରେ ୬୦ଟି ମଶା କାମୁଡୁଛନ୍ତି। ପୂର୍ବରୁ ଏହି ସାନ୍ଦ୍ରତା ୪୦ରୁ ତଳେ ରହିଥିଲା। ସାନ୍ଦ୍ରତା ୫୦ରୁ ତଳକୁ ରହିଲେ ଏହାକୁ ସାଧାରଣ ବୋଲି ବିବେଚନା କରାଯାଏ। ମାତ୍ର ଭୁବନେଶ୍ୱରରେ ଏହାଠାରୁ ଢ଼େର୍ ଅଧିକ ରହୁଥିବାରୁ ସ୍ଥିତି ଚିନ୍ତାଜନ ରହିଛି। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ଦାୟୀ କରିଛନ୍ତି ସ୍ମାର୍ଟସିଟିବାସୀ। ସହରରୁ ବାହାରୁଥିବା ଆବର୍ଜନାକୁ ଠିକ୍ ଭାବେ ପରିଚାଳନା କରି ପାରୁ ନ ଥିବାରୁ ସହରସାରା ଏବେ ଅଳିଆ ଆବର୍ଜନା ଗଦା ହୋଇ ରହୁଛି, ଏହା ମଶା ବଂଶ ବୃଦ୍ଧିରେ ସହାୟକ ହେଉଥିବା କୁହାଯାଉଛି। ସାଧାରଣତଃ ଅକ୍ଟୋବରରୁ ମଶାଙ୍କ ପ୍ରଜନନ ସମୟ ଆରମ୍ଭ ହୋଇ ଜାନୁୟାରୀ ପର୍ଯ୍ୟନ୍ତ ଜାରି ରହିଥାଏ। ତେଣୁ ଏହି ସମୟରେ ଲାର୍ଭା ନଷ୍ଟକଲେ ମଶା ନିୟନ୍ତ୍ରଣ ସମ୍ଭବ। କିନ୍ତୁ ବିଏମ୍‌ସି ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହେବା ପରେ ନାମକୁ ମାତ୍ର ଫଗିଂ କରି ଦୋଷ ଖସାଇବାକୁ ବସିଛି। ଲାର୍ଭାରୁ ମଶା ବାହାରି ଏବେ ଉଡିବା ଆରମ୍ଭ କଲେଣି। ପୁଣି ଶୀତ ଆରମ୍ଭ ହୋଇ ଯାଇଥିବାରୁ କାକରରୁ ବର୍ତ୍ତିବା ପାଇଁ ମଶା ପଲ ଘରମୁହାଁ ହେଉଛନ୍ତି। ଗତ ନଭେମ୍ବରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ମଶା ସାନ୍ଦ୍ରତା ସର୍ଭେ କରାଯାଇଥିଲା। ଯେଉଁଠି ୫୦ରୁ କମ୍ ମଶା ରହିବା କଥା, ସେଠାରେ ୮୦ ରହିଥିଲେ। ଫଳରେ ଡେଙ୍ଗୁ ସଂକ୍ରମଣ ଯଥେଷ୍ଟ ବୃଦ୍ଧି ପାଇଥିଲା। ନଭେମ୍ବର ପରେ ଆଉ ସର୍ଭେ ହୋଇ ନ ଥିବାରୁ ପୂର୍ବବର୍ଷର ତଥ୍ୟକୁ ଧରି ଅନ୍ଧାରରେ ବାଡ଼ି ବୁଲାଇବା ଭଳି ବିଏମ୍‌ସି ମଶାମରା ଅଭିଯାନ ଚଲାଇଛି। ବିଏମ୍‌ସି ଅଞ୍ଚଳର ୬୭ଟି ୱାର୍ଡ ପାଇଁ ପୂର୍ବରୁ ୮ଟି ଫଗିଂ ମେଶିନ୍ ଥିବାବେଳେ ଏବେ କିଛିଦିନ ତଳେ ୨୦ଟି ବ୍ୟାଟେରି ଚାଳିତ ଅଟୋ କିଣାଯାଇଥିଲା। ମାତ୍ର ସେଗୁଡିକ ଠିକ୍ ଭାବେ କାମ କରୁନାହିଁ। ଅପରପକ୍ଷେ କାଗଜକଲମରେ ପ୍ରତିଦିନ ଫଗିଂ କରାଯାଉଥିବାବେଳେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ। ୬୭ଟି ୱାର୍ଡ ପାଇଁ ଆବଶ୍ୟକ ସଂଖ୍ୟକ ଗାଡ଼ି ନ ଥିବାବେଳେ ନିୟମିତ ଭାବେ ଫଗିଂ କରାଯାଉ ନାହିଁ। ଫଳରେ ମଶା ବଂଶ ବୃଦ୍ଧି ପାଇ ଚାଲିଛି। ଗତ ୨ବର୍ଷ ହେବ ଭୁବନେଶ୍ୱର ଡେଙ୍ଗୁ ସଂକ୍ରମଣରେ ଜିଲାରେ ଆଗୁଆ ରହୁଥିବାବେଳେ ଏନେଇ ଉଚିତ୍ ପଦକ୍ଷେପ ନିଆଯାଉ ନାହିଁ। ଚଳିତବର୍ଷ ସଂକ୍ରମଣ ବଢ଼ିବା ସମୟରେ ଲୋକଦେଖାଣିଆ ଭାବେ ଫଗିଂ, ମଶାତେଲ ସିଞ୍ଚନ, ମଶା ଲାର୍ଭା ନଷ୍ଟ କରାଯାଉଥିଲା। ଏପରିକି ମଶା ଦାଉରୁ ବର୍ତ୍ତିବା ପାଇଁ ଡ୍ରୋନ୍ ଉଡାଣ କରାଯାଇଥିଲା। ମାତ୍ର ଏସବୁ ରଣନୀତି ଫେଲ୍ ମାରିଛି। ଏବେ ବିଏମ୍‌ସି ଅଞ୍ଚଳର ୪ଟି ନାଳରେ ମଶା ଲାର୍ଭା ଖାଉଥିବା ଗପ୍ପୁସିଆ ମାଛକୁ ଛଡା ଯାଇଛି। ମଶା ଦମନ ପାଇଁ ବିଏମ୍‌ସି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ତାହା ଲୋକଙ୍କ କାମରେ ଆସୁ ନ ଥିବା ଦେଖାଯାଉଛି। ଏନେଇ ବିଏମ୍‌ସି ସିଟି ହେଲ୍‌ଥ ଅଧିକାରୀ କହିଛନ୍ତି, ଏବେ ସହରରେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ଶୂନ ରହିଛି। ତେଣୁ ମଶାଙ୍କ ସଂଖ୍ୟା ପୂର୍ବାପେକ୍ଷା କମିଛି। ଗୁରୁବାର ମଶା ସାନ୍ଦ୍ରତା ସର୍ଭେ କରାଯାଇଥିଲା। ସାନ୍ଦ୍ରତା ଯେତିକି ରହିବା କଥା ତା'ଠାରୁ ସାମାନ୍ୟ ଅଧିକ ରହିଛି। ଏହାକୁ ପ୍ରତିହତ କରିବା ପାଇଁ ବିଏମ୍‌ସି ପକ୍ଷରୁ ନିୟମିତ ଫଗିଂ ଏବଂ ମଶାତେଲ ସିଞ୍ଚନ କରାଯାଉଛି। ଖୁବ୍‌ଶୀଘ୍ର ସ୍ଥିତିରେ ସୁଧାର ଆସିବ ବୋଲି ସେ କହିଛନ୍ତି।

## ମୋ ବସ୍‌ରୁ ଦମ୍ପତିଙ୍କ ଟଙ୍କା ବ୍ୟାଗ୍ ଲୁଟ୍

ଭୁବନେଶ୍ୱର,୧୭।୧୧
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଚାଲୁଥିବା ମୋ ବସ୍‌ରୁ ପୁଣି ଲୁଟ୍ ଘଟଣା ସାମ୍ନାକୁ ଆସିଛି। ବୟସ୍କ ଦମ୍ପତି ବସ୍‌ରେ ଯାତ୍ରା କରୁଥିବା ବେଳେ କେହି ଦୁର୍ବୃତ୍ତ ସେମାନଙ୍କ ବ୍ୟାଗ୍‌କୁ ଚୋରି କରିନେଇ ଫେରାର୍ ହୋଇଯାଇଛନ୍ତି। ଏନେଇ ଚୋରିର ଶିକାର ହୋଇଥିବା ଯାଜପୁରର ବୟସ୍କ ଦମ୍ପତି ଖାରବେଳ ନଗର ଥାନାରେ ଅଭିଯୋଗ କରିଛନ୍ତି। ବ୍ୟାଗରେ ୫ ହଜାର ଟଙ୍କା ଓ ଶାଢ଼ି ଥିବା ଦମ୍ପତି ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ଚୋରିର ଶିକାର ହୋଇଥିବା ଦମ୍ପତି ଶୁକ୍ରବାର ସକାଳେ ପଟିଆରୁ ୧୧ ନମ୍ବର ବସ୍‌ରେ ବସି ମାଷ୍ଟରକ୍ୟାଣ୍ଟିନ୍‌କୁ ଆସୁଥିବା ବେଳେ ଗହଳିର ସୁଯୋଗ ଦେଖି କେହି ଦୁର୍ବୃତ୍ତ ତାଙ୍କ ବ୍ୟାଗ୍‌କୁ ଚୋରି କରି ନେଇଥିଲେ। ବସ୍‌ରୁ ଓହ୍ଲାଇବା ପରେ ସେମାନଙ୍କର ବ୍ୟାଗ୍ ନଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

# ଓଡ଼ିଶୀ ମର୍ଦ୍ଦଳ ବାଦନରେ ଦର୍ଶକ ବିଭୋର



ରାଜାରାଣୀ ସଙ୍ଗୀତ ମହୋତ୍ସବର ଶେଷ ସନ୍ଧ୍ୟାରେ ଗୁରୁ ଧନେଶ୍ୱର ସ୍ୱାଇଁ ମର୍ଦ୍ଦଳ ବାଦନ କରୁଛନ୍ତି (ମଞ୍ଚ)।

**ସରିଲା ରାଜାରାଣୀ ସଙ୍ଗୀତ ମହୋତ୍ସବ**

ପୁରୁଣା ଭୁବନେଶ୍ୱର,୧୭।୧୧(ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ରାଜାରାଣୀ ସଙ୍ଗୀତ ମହୋତ୍ସବର ଶୁକ୍ରବାର ଥିଲା ଅନ୍ତିମ ସନ୍ଧ୍ୟା। ଓଡ଼ିଶୀ ମର୍ଦ୍ଦଳ ବାଦନ ସହିତ କର୍ଣ୍ଣାଟକୀ ଶାସ୍ତ୍ରୀୟ କଣ୍ଠସଙ୍ଗୀତର ମୂର୍ଚ୍ଛନାରେ ରାଜାରାଣୀ ମନ୍ଦିର ପ୍ରାଙ୍ଗଣ ମୁଖରିତ ହୋଇଥିଲା। ସନ୍ଧ୍ୟାର ପ୍ରଥମ ପରିବେଷଣ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଓ ତାଙ୍କ ଛାତ୍ରମାନଙ୍କ ଦ୍ୱାରା ମର୍ଦ୍ଦଳ ବାଦନର ବିଭିନ୍ନ ବାଦନ କ୍ରିୟା। ସେମାନେ ଆଦିତାଳ ଓ ୧୬ ମାତ୍ରାରେ ପ୍ରଥମେ ଜଗନ୍ନାଥଙ୍କ ଉପରେ ନିବଦ୍ଧ ଶବ୍ଦସ୍ୱର ପରିବେଷଣ କରିଥିଲେ। ପରେ ଏକ ହସ୍ତବାଦ୍ୟ ଓ ଚଉଷଠି ଛନ୍ଦବାଦ୍ୟ ପରିବେଷଣ କରିଥିଲେ। ପରବର୍ତ୍ତୀ ପ୍ରସ୍ତୁତିରେ ଛନ୍ଦ ପ୍ରକରଣ ସହିତ ଝମ୍ପାତାଳ ଦଶମାତ୍ରାରେ ଏବଂ ଆଦିତାଳ ଷୋଳମାତ୍ରାରେ ଓ ମର୍ଦ୍ଦଳରେ ଜମାଣ, ରଗଡ଼, ଖଣ୍ଡି, ବଢ଼ି, ଅରଶା ଓ ଭଉଁରୀ ଅରଶା ଆଦି ବାଦନ ସହ ଓ ସଙ୍ଗୀତର ମୂର୍ଚ୍ଛନା ପରିବେଷଣ କରିଥିଲେ। ମର୍ଦ୍ଦଳରେ ସୌଭାଗ୍ୟ ନାରାୟଣ ଛୋଟରାୟ, ସୀତାକାନ୍ତ ଜେନା, ରୋହିତ ପ୍ରଧାନ ଓ ବିଭୂତି ଭୂଷଣ ଚମ୍ପତି, ହାରମୋନିୟମରେ ଧନେଶ୍ୱର ଓଝା ଏବଂ ବଂଶୀରେ ଗୁରୁ ଶ୍ରୀନିବାସ ଶତପଥୀ ସହଯୋଗ କରିଥିଲେ। ଦ୍ୱିତୀୟ ପରିବେଷଣ ଥିଲା ଅନ୍ତର୍ଜାତୀୟ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତର ଗାୟିକା ରଞ୍ଜନୀ ବାଲଶୁବ୍ରମନ୍ୟମ ଓ ଗାୟତ୍ରୀ ବାଲଶୁବ୍ରମନ୍ୟମଙ୍କ ଦ୍ୱାରା କର୍ଣ୍ଣାଟକୀ ସଙ୍ଗୀତର ବିଭିନ୍ନ ରାଗ ଓ ତାଳକୁ ନେଇ ସଙ୍ଗୀତ ପରିବେଷଣ। ଏହା ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ ଦର୍ଶକଙ୍କ ମନ ଛୁଇଁଥିଲା। ବେହେଲାରେ ଚରୁମତି ରଘୁରମନ ଏବଂ ମୃଦଙ୍ଗରେ ଡେଲୀ ସଭମ ସହଯୋଗ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଗୁରୁ ଅରୁଣା ମହାନ୍ତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥ ଉପସ୍ଥିତ ଥିଲେ। ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଖେଳନା ବନ୍ଧୁକ ମୁନରେ ଭିଣୋଇଙ୍କ କାର୍ ଲୁଟ୍, ଶଳା ଗିରଫ

ଭୁବନେଶ୍ୱର,୧୭।୧୧
(ସୂର୍ଯ୍ୟକାନ୍ତ ବେହେରା)

ଖେଳନା ବନ୍ଧୁକ ଦେଖାଇ ଭିଣୋଇଙ୍କୁ ଧମକାଇଲେ। ପରେ ସିକ୍ୟୁରିଟି ଗାର୍ଡଙ୍କଠାରୁ ଜୋର୍‌ଜବରଦସ୍ତ ଚାବି ନେଇ ଏକ କାର ଲୁଟିନେବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ପିପିଲି ଅଞ୍ଚଳରୁ ଅଭିଯୁକ୍ତ ଶଳାକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗଞ୍ଜାମର ରୁଦ୍ର ପ୍ରସାଦ ମହାନ୍ତି। ତାଙ୍କଠାରୁ କାର ଓ ଅପରାଧରେ ବ୍ୟବହୃତ ଖେଳନା ବନ୍ଧୁକ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ରୁଦ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଭିଣୋଇ ମନୋଜ କୁମାର ପୁରୋହିତଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ସୂଚନାନୁସାରେ, ଅଭିଯୋଗକାରୀ ମନୋଜ ସ୍ଥାନୀୟ ଥାନା ଅନ୍ତର୍ଗତ ସୁନ୍ଦରପଦା ଅଞ୍ଚଳର ଏକ ରେସିଡେନ୍ସିର ଫ୍ଲାଟ୍ ନମ୍ବର ୧୦୩ରେ ରୁହନ୍ତି। ଗୁରୁବାର ସକାଳେ ଅଭିଯୁକ୍ତ ରୁଦ୍ର ଉକ୍ତ ଫ୍ଲାଟ୍‌କୁ ଆସି ଭିଣୋଇ ମନୋଜଙ୍କୁ ୫୦ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେବାକୁ ମନୋଜ ମନା କରିବାରୁ ରୁଦ୍ର ତାଙ୍କୁ ଖେଳନା ବନ୍ଧୁକ ଦେଖାଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏହି ସମୟରେ ସିକ୍ୟୁରିଟି ଗାର୍ଡ ପହଞ୍ଚିଥିବାରୁ ସେ ତାଙ୍କୁ ମଧ୍ୟ ଖେଳନା ବନ୍ଧୁକ ଦେଖାଇ ଚାବି ନେଇ ଆପାର୍ଟମେଣ୍ଟ ପରିସରରେ ଥିବା କାର୍‌କୁ ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଅଭିଯୁକ୍ତଙ୍କୁ ପିଛା କରି ପିପିଲି ଅଞ୍ଚଳରୁ କାର୍ ସହ ଧରିବାରେ ସକ୍ଷମ ହୋଇଥିଲେ। ରୁଦ୍ର ବ୍ରହ୍ମପୁରରେ ମଧ୍ୟ ଏକ ଆର୍ମସ ଆକ୍ଟ ମାମଲାରେ ଜେଲ ଯାଇଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି ।

## ଓଡ଼ିଆ ଯୁବ ବୈଜ୍ଞାନିକଙ୍କୁ ଅନ୍ତର୍ଜାତୀୟ ଗୋର୍ଡନ ବେଲ୍ ପୁରସ୍କାର

ଭୁବନେଶ୍ୱର,୧୭।୧୧
(ଅନୁରାଧା ମହାରଣା)

ଆମେରିକାର ଡେନ୍‌ଭରଠାରେ ଆୟୋଜିତ ଏସ୍‌ସି୨୩ ଅନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଆ ଯୁବ ବୈଜ୍ଞାନିକ ଗୌରବ ପାଣିଗ୍ରାହୀଙ୍କୁ 'ଗୋର୍ଡନ ବେଲ୍ ପୁରସ୍କାର' ପ୍ରଦାନ କରାଯାଇଛି। ତାଙ୍କର ପ୍ରକଳ୍ପ 'ଲାର୍ଜ ସ୍କେଲ୍ ମ୍ୟାଟେରିଆଲସ୍ ମଡେଲିଂ ଆଟ୍ କ୍ୱାଣ୍ଟମ୍ ଆକ୍ୟୁରାସି: ଏବି ଇନିସିଓ ସିମୁଲେସନ୍ସ ଅଫ୍ କ୍ୱାସିକ୍ରିଷ୍ଟାଲସ୍ ଆଣ୍ଡ୍ ଇନ୍‌ଟରାକ୍ଟିଙ୍ଗ ଏକ୍ସଟେଣ୍ଡେଡ୍ ଡିଫେକ୍ଟସ୍ ଅଫ୍ ମେଟାଲିକ୍ ଆଲଏସ୍' ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପରେ ସାମିଲ ଥିବା ଆମେରିକୀୟ ଓ ଭାରତୀୟ ଅନୁଷ୍ଠାନର ୮ଜଣିଆ ଦଳ ମଧ୍ୟରେ ଗୌରବ ସାମିଲ ଅଛନ୍ତି। ବର୍ତ୍ତମାନ ସେ ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍‌ସି)ରେ ପିଏଚ୍‌ଡି ଛାତ୍ରଭାବେ ଗବେଷଣାରତ। ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂରେ ଉଲ୍ଲେଖନୀୟ ସଫଳତା ପାଇଁ ପ୍ରତିବର୍ଷ 'ଗୋର୍ଡନ ବେଲ୍ ପୁରସ୍କାର' ପ୍ରଦାନ କରାଯାଏ। ତେବେ ଏହି ଅନ୍ତର୍ଜାତୀୟ ପୁରସ୍କାର ପାଇବାରେ ଗୌରବ ଅର୍ଜନ କରିଥିବା ଓଡ଼ିଶାର ଗୌରବ ହେଉଛନ୍ତ



ଗୌରବ ପାଣିଗ୍ରାହୀ

ଲିଙ୍ଗରାଜ ପାଣିଗ୍ରାହୀ ଓ ପ୍ରବୀଣା ପଣ୍ଡାଙ୍କ ପୁତ୍ର। ସେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଡିଏଭି ସ୍କୁଲର ପୂର୍ବତନ ଛାତ୍ର। ସେ ବେଙ୍ଗାଲୁରୁସ୍ଥିତ ଆଇଆଇଏସ୍‌ସିରୁ ପଦାର୍ଥ ବିଜ୍ଞାନରେ ବିଏସ୍‌ସି(ଗବେଷଣା) ଓ ଏମଏସ୍ ଡିଗ୍ରୀ ହାସଲ କରିଛନ୍ତି। ସେ ୨୦୧୪ରେ କିଶୋର ବୈଜ୍ଞାନିକ ପ୍ରୋତ୍ସାହନ ଯୋଜନା (କେଭିପିୱାଇ) ଫେଲୋସିପ ଏବଂ ୨୦୨୧ରେ ପ୍ରଧାନମନ୍ତ୍ରୀ ଗବେଷଣା ଫେଲୋସିପ ହାସଲ କରିଛନ୍ତି। ବହୁ ବର୍ଷର ନିଷ୍ଠା ଓ କଠିନ ପରିଶ୍ରମ ବଳରେ ଗୌରବ ଏହି ସଫଳତା ହାସଲ କରିପାରିଥିବା କହିଛନ୍ତି।

## ଅକ୍ଷୟ ମହାନ୍ତିଙ୍କ ୨୧ତମ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର,୧୭।୧୧
(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ସଙ୍ଗୀତ ଜଗତର ବାଦ୍‌ଶାହ ଅକ୍ଷୟ ମହାନ୍ତିଙ୍କ ୨୧ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ନୟାପଲ୍ଲୀସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ ଇଂ. ବିନୋଦ ଚନ୍ଦ୍ର ପାଢ଼ୀ, ଜ୍ୟୋତିରଞ୍ଜନ ପଣ୍ଡା, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ, ଗିରିଜା ଶଙ୍କର ମହାପାତ୍ର, ଅଶ୍ୱିନୀ ପଟ୍ଟନାୟକ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଆକାଶବାଣୀ, ଦୂରଦର୍ଶନ, ଚଳଚ୍ଚିତ୍ର ସଙ୍ଗୀତରେ କଣ୍ଠଦାନ କରିବା ସହ ସେ ଅସଂଖ୍ୟ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଦୁର୍ଗାପୂଜା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଙ୍କ ଉପସ୍ଥିତି ଦର୍ଶକମାନଙ୍କୁ ଆକୃଷ୍ଟ କରୁଥିଲା ଓ ସମଗ୍ର ରାଜ୍ୟରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଥିଲା ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ଦେଇଛନ୍ତି।

## ଏମ୍ସ ନିକଟ ୨ ଆହାର କେନ୍ଦ୍ରରେ ଖୋଲିଲା ରାତ୍ରିଭୋଜନ

ଭୁବନେଶ୍ୱର,୧୭।୧୧(ଅନୁରାଧା ମହାରଣା)

ଭୁବନେଶ୍ୱର ଏମ୍ସ ନିକଟରେ ଥିବା ଦୁଇଟି ଆହାର କେନ୍ଦ୍ରରେ ରାତ୍ରିଭୋଜନ ଉପଲବ୍ଧ ହେବ। ଶୁକ୍ରବାର ଏହାକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ରୋଗୀ ସହାୟକମାନେ ଏଣିକି ସୁଲଭ ମୂଲ୍ୟରେ ସୁଷମ ଖାଦ୍ୟ ପାଇପାରିବେ। ଦୈନିକ ଏହି ଦୁଇଟି ଆହାର କେନ୍ଦ୍ରରେ ୪ଶହ ଲେଖାଏ ମିଲ୍ସ ପ୍ରସ୍ତୁତ କରାଯିବ। ଏବେ ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ମୋଟ ୧୧ଟି ଆହାର କେନ୍ଦ୍ର ଚାଲୁରହିଛି। ସେଥିରୁ ୩ଟି କେନ୍ଦ୍ରରେ ରାତ୍ରିଭୋଜନ ବ୍ୟବସ୍ଥା ରହିଛି। ଏହିସବୁ ଆହର କେନ୍ଦ୍ରରେ ଦୈନିକ ପ୍ରାୟ ୯ ହଜାର ଭୋଜନ ପ୍ରସ୍ତୁତ କରାଯାଉଛି। ପରପକ୍ଷେ ଖୁବ୍‌ଶୀଘ୍ର ବରମୁଣ୍ଡା ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ନିକଟରେ ଏକ ସ୍ୱତନ୍ତ୍ର ଆହାର କେନ୍ଦ୍ର ଖୋଲିବ। ଏହାର ଆଭ୍ୟନ୍ତରୀଣ କକ୍ଷଗୁଡିକ ଶୀତତାପ ନିୟନ୍ତ୍ରିତ ହେବ। ଦୈନିକ ୨ ହଜାରରୁ ଅଧିକ ଲୋକଙ୍କ ପାଇଁ ଆହାର ପ୍ରସ୍ତୁତ ହେବ।

## ନଦୀପଠାରୁ ଅଧାପୋଡ଼ା ମୃତଦେହ ଜବତ

ବାରଙ୍ଗ,୧୭।୧୧(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ବିଦ୍ୟାଧରପୁର ସତ୍ୟନାରାୟଣ ସାହି କାଠଯୋଡ଼ି ନଦୀପଠାରେ ଶୁକ୍ରବାର ରାତିରେ ଏକ ଅଧାପୋଡ଼ା ମୃତଦେହକୁ ଗୋଡ଼ିସାହି ଫାଣ୍ଡି ପୋଲିସ ଜବତ କରିଛି। ମୃତଦେହଟି ନଦୀରେ ଭାସି ଆସି ସତ୍ୟନାରାୟଣ ସାହି ନିକଟ ନଦୀପଠାରେ ଲାଗିଥିଲା। ନଦୀରୁ ମାଛଧରି ଫେରୁଥିବାବେଳେ ସ୍ଥାନୀୟ ଗ୍ରାମର ମତ୍ସ୍ୟଜୀବୀ ଏହା ଦେଖି ଗାଁରେ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ତେବେ ମୃତକ ଜଣଙ୍କ ଏକ ନୀଳରଙ୍ଗର ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି।

# କଳିଙ୍ଗ ପୁସ୍ତକ ମେଳା ଆରମ୍ଭ

ଭୁବନେଶ୍ୱର,୧୭।୧୧
(ଶର୍ମିଷ୍ଠା ପାଣିଗ୍ରାହୀ)

୨୬ତମ କଳିଙ୍ଗ ପୁସ୍ତକ ମେଳା ଶୁକ୍ରବାର ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଯାଇଛି। ମେୟର ସୁଲୋଚନା ଦାସ ପୁସ୍ତକ ମେଳାକୁ ଉଦ୍‌ଘାଟନ କରି କହିଛନ୍ତି, ମହିଳାଙ୍କ ଦ୍ୱାରା ପରିଚାଳିତ ଏକ ଅନୁଷ୍ଠାନ ଦ୍ୱାରା ଅନେକ ବର୍ଷ ଧରି ଏହି ପୁସ୍ତକମେଳାର ସୁଚାରୁ ଆୟୋଜନ ସାମାନ୍ୟ କଥା ନୁହେଁ। ମୁଖ୍ୟ ଅତିଥି ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ ଯୋଗଦେଇଥିଲେ। 'କଥା'ର ସମ୍ପାଦକ ଗୌରହରି ଦାସ କହିଲେ, ଆଜିକାଲି ମହିଳାମାନେ ସବୁଥିରେ ସଫଳ ହେଲେଣି। ଏହି ପୁସ୍ତକମେଳା ତାହାର ଅନ୍ୟତମ ପ୍ରକୃଷ୍ଟ ଉଦାହରଣ। କଳିଙ୍ଗ ପୁସ୍ତକ ମେଳାର ସମ୍ପାଦିକା ରେଣୁକା ମିଶ୍ର କହିଲେ, ଏହି ପୁସ୍ତକ ମେଳା ଯେ ଦିନେ ୨୬ତମ ବର୍ଷ ପାଇଁ ତିଷ୍ଠି ରହିପାରିବ ତାହା ମୁଁ କଳ୍ପନା କରି ନ ଥିଲି। ମେଳାରେ ପ୍ରାୟ ୧୫୦ଟି ଷ୍ଟଲ ଖୋଲାଯାଇଥିବାବେଳେ ୧୦୦ରୁ ଉର୍ଦ୍ଧ୍ୱ ପ୍ରକାଶକ ଓ ବ୍ୟବସାୟ ପ୍ରତିଷ୍ଠାନ ଭାଗ ନେଇଛନ୍ତି। ଏଥିରେ ଓଡ଼ିଶା ତଥା ରାଜ୍ୟ ବାହାରର ଅନେକ ପୁସ୍ତକ ପ୍ରକାଶକଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ଅନେକ ଘରୋଇ ପ୍ରତିଷ୍ଠାନ ବ୍ୟତୀତ ନ୍ୟାଶନାଲ ବୁକ ଟ୍ରଷ୍ଟ, ଭାରତ ସରକାରଙ୍କ ବୈଜ୍ଞାନିକ ଓ ବୈଷୟିକ ଶବ୍ଦାବଳୀ କମିଶନ, ଜନଗଣନା ନିର୍ଦ୍ଦେଶାଳୟ, ଭାରତୀୟ ଡାକ ବିଭାଗ, ଓଡ଼ିଶା ସରକାରଙ୍କ ଉପଭୋକ୍ତା ସଚେତନତା କେନ୍ଦ୍ର, ଓଡ଼ିଶା ରାଜ୍ୟ ଏଡସ ନିୟନ୍ତ୍ରଣ ସମିତି, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଭଳି ସରକାରୀ ପ୍ରତିଷ୍ଠାନଗୁଡିକ ପକ୍ଷରୁ ଏଠାରେ ଷ୍ଟଲ ଖୋଲାଯାଇଛି। ଏହା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ।



ପ୍ରଦର୍ଶନୀ ପଡିଆରେ କଳିଙ୍ଗ ପୁସ୍ତକ ମେଳାକୁ ଅନ୍ୟ ଅତିଥିଙ୍କ ଗହଣରେ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରୁଛନ୍ତି।

# ସାହିତ୍ୟରୁ ସମାଜକୁ ସଂସ୍କାର ମିଳିଥାଏ

**ପତ୍ରିକା 'ଅପୂର୍ବା'ର ରଜତ ଜୟନ୍ତୀ**

ଭୁବନେଶ୍ୱର,୧୭।୧୧
(ଶର୍ମିଷ୍ଠା ପାଣିଗ୍ରାହୀ)




ରାଜ୍ୟପାଳ ରଘୁବର ଦାସ ଓ ଅନ୍ୟ ଅତିଥିମାନେ ସାହିତ୍ୟ ପତ୍ରିକା 'ଅପୂର୍ବା'ର ରଜତ ଜୟନ୍ତୀ ସଂଖ୍ୟା ଉନ୍ମୋଚିତ କରୁଛନ୍ତି।

ସାହିତ୍ୟରୁ ସମାଜକୁ ସଂସ୍କାର ମିଳିଥାଏ। ଭାଷାର ସେବା ହିଁ ରାଷ୍ଟ୍ରର ସେବା। ଭାଷା ଯେତେ ବ୍ୟବହୃତ ହେବ, ତାହା ସେତେ ସମୃଦ୍ଧ ହେବ। ଓଡ଼ିଆ ଭାଷାକୁ ଜ୍ଞାନବିଜ୍ଞାନ ଓ ଜୀବନଜୀବିକାର ଭାଷା ଭାବରେ ବିକଶିତ କରିବାକୁ ହେବ। ଓଡ଼ିଆ ଭାଷାର ଇତିହାସ ଓ ଐତିହ୍ୟ ଅତ୍ୟନ୍ତ ସମୃଦ୍ଧ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ସାହିତ୍ୟ ପତ୍ରିକା 'ଅପୂର୍ବା'ର ୨୫ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ରଜତ ଜୟନ୍ତୀ ସମାରୋହରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଶାନ୍ତନୁ ଆଚାର୍ଯ୍ୟ କହିଛନ୍ତି, ସାହିତ୍ୟ ଏକ ବିଳାସ ସାମଗ୍ରୀ ନୁହେଁ। ଗୋଟିଏ ସମୟ ଥିଲା କବିତା କହି ରାଜଦରବାରରେ ଗୋଟିଏ ପଦ ପାଇଁ ସ୍ୱର୍ଣ୍ଣ ମୁଦ୍ରା ମିଳୁଥିଲା। ଲୋକେ ଆଗରୁ ଖାଦ୍ୟ ଖାଇବାକୁ ବଞ୍ଚୁଥିଲେ, ମାତ୍ର ଏବେ ରାଜନୀତି ପାଇଁ ବଞ୍ଚୁଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଏମ୍‌ପି ମାନସ ମଙ୍ଗରାଜ କହିଛନ୍ତି, ସାହିତ୍ୟ ମଣିଷକୁ ମଣିଷ ସହ ଯୋଡ଼େ। ଦୀର୍ଘ ୨୫ବର୍ଷ ଧରି ସାହିତ୍ୟ ପତ୍ରିକାର ଧାରାକୁ ଅବ୍ୟାହତ ରଖିବା କିଛି କମ୍ କଥା ନୁହେଁ। ଏହି ଅବସରରେ ରାଜ୍ୟପାଳଙ୍କ ଦ୍ୱାରା ଅପୂର୍ବାର ରଜତ ଜୟନ୍ତୀ ସଂଖ୍ୟା ସହିତ ଏକାଧିକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ବିଶିଷ୍ଟ ଗାଳ୍ପିକ ବିଜୟ ନାୟକଙ୍କୁ 'ଅପୂର୍ବା ଗଳ୍ପ ଗୌରବ ସମ୍ମାନ', କବି ରକ୍ଷକ ନାୟକଙ୍କୁ 'କବିତା ଗୌରବ ସମ୍ମାନ', ଲେଖକ ଶ୍ରୀକାନ୍ତ ମିଶ୍ରଙ୍କୁ 'ଉପନ୍ୟାସ ଗୌରବ ସମ୍ମାନ', ପ୍ରାବନ୍ଧିକ ଡ. ଚନ୍ଦ୍ରଶେଖର ହୋତାଙ୍କୁ 'ପ୍ରବନ୍ଧ ଗୌରବ ସମ୍ମାନ', ପ୍ରଭାତ କୁମାର ରାଉଳଙ୍କୁ 'ଶିକ୍ଷା ଗୌରବ ସମ୍ମାନ', ଡ. ତିରୁପତି ପାଣିଗ୍ରାହୀଙ୍କୁ 'ସ୍ୱାସ୍ଥ୍ୟ ଗୌରବ ସମ୍ମାନ' ଓ ପ୍ରଦୀପ୍ତ ମହାନ୍ତିଙ୍କୁ 'ଶିଳ୍ପ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପତି ଓ ଉପଦେଷ୍ଟା ବ୍ରହ୍ମା ମିଶ୍ର ପତ୍ରିକାର ସୃଜନ ଯାତ୍ରାର ଉପଲବ୍ଧି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କବି ଗୀତାଶ୍ରୀ ପ୍ରିୟମ୍ବଦା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୮କେଜି ଗଞ୍ଜେଇ, ସ୍କୁଟି ଜବତ: ଜଣେ ଗିରଫ

ଟାଙ୍ଗୀ, ୧୭।୧୧ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ପୋଲିସ ଗୁରୁବାର ୮ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଓ ଏକ ସ୍କୁଟି ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ କୋଦଳା ଥାନା ଅନ୍ତର୍ଗତ ବଡ଼ପଲି ଗ୍ରାମର ଭଗବାନ ସ୍ୱାଇଁ। ସୂଚନା ମୁତାବକ, ଟାଙ୍ଗୀ ଥାନା ପକ୍ଷରୁ ୧୬ନଂ. ଜାତୀୟ ରାଜପଥର ଚଣ୍ଡେଶ୍ୱର ଛକଠାରେ ଯାନବାହନ ଚେକିଂ କରାଯାଉଥିଲା। ପୋଲିସର ସନ୍ଦେହ ହେବାରୁ ଏକ ସ୍କୁଟି(ଓଡି ୦୭ଏଲ୍ ୦୫୯୩) ଚାଳକଙ୍କୁ ଅଟକାଇ ଯାଞ୍ଚ କରିବା ବେଳେ ସେଥିରେ ୮କେଜି ୭୪ ଗ୍ରାମ୍ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପରେ ପୋଲିସ ଗଞ୍ଜେଇ ସହ ସ୍କୁଟିକୁ ଜବତ କରିବା ସହ ଭଗବାନଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୭୭୩/୨୩)ରୁଜୁ ହୋଇଥିବା ଆଇଆଇସି ସୁଶାନ୍ତ କୁମାର ବେହେରା କହିଛନ୍ତି। ଜବତ ଗଞ୍ଜେଇ ବ୍ୟାଗ୍ ଉପରେ ଏ' ଲେଖାଥିବା ଦେଖିବାକୁ ମିଳିଥିଲା। ଏହା ଏକ କୋଡ୍ ୱାର୍ଡ ବୋଲି ସନ୍ଦେହ କରାଯାଉଛି।

### ଛାତ୍ରୀଙ୍କୁ ଧମକ ଦେଇ ୨ ଯୁବକ ଗିରଫ

ନିରାକାରପୁର, ୧୭।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଜଣେ କଲେଜ ଛାତ୍ରୀଙ୍କୁ ଗାଳିଗୁଲଜ ସହ ଧମକ ଦେବା ଅଭିଯୋଗରେ ଜଙ୍କିଆ ଥାନା ପୋଲିସ ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଛଣଗିରି ଅଞ୍ଚଳର ସେକ୍ ଜାନିବ୍ ଓ ସେକ୍ ଆଶିକ୍ ଓରଫ ବାବୁ। ଅଭିଯୋଗ ମୁତାବକ, ଛାତ୍ରୀ ଜଣଙ୍କ ମଧ୍ୟାହ୍ନ ୧୨ଟାରେ କଲେଜରୁ ସାଇକେଲରେ ଘରକୁ ଫେରୁଥିଲେ। ଗୋଠପଡ଼ିଆ ରାସ୍ତାରେ ଉପରୋକ୍ତ ଦୁଇ ଯୁବକ ବାଇକ୍‌ରେ ଆସି ଛାତ୍ରୀଙ୍କ ସାଇକେଲକୁ ଧକ୍କା ଦେଇଥିଲେ। ଫଳରେ ଛାତ୍ରୀ ଜଣଙ୍କ ତଳେ ପଡ଼ିଯାଇଥିଲେ। ଏହାପରେ ଯୁବକଦ୍ୱୟ ଛାତ୍ରୀ ଜଣଙ୍କୁ ଗାଳିଗୁଲଜ କରିବା ସହିତ ବିଭିନ୍ନ ଧମକ ଦେଇଥିଲେ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୨୩/୨୩)ରୁଜୁକରିତଦନ୍ତଚଳାଇବା ସହ ଯୁବକଦ୍ୱୟଙ୍କୁ ଗିରଫ କରିଥିଲା।

### ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ



ନିରାକାରପୁର, ୧୭।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ପୋଲିସ ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥର ଗୋଡିପଡ଼ା ଟୋଲ୍‌ଗେଟ୍ ଏବଂ ନିରାକାରପୁର ପୋଲିସ ପକ୍ଷରୁ ଥାନା ସମ୍ମୁଖ ନୂଆ ଜଗନ୍ନାଥ ସଡ଼କ ଉପରେ ଯାନବାହନର କାଗଜପତ୍ର ଯାଞ୍ଚ କରାଯାଇଥିଲା। କେତେଜଣ ଅମାନିଆ ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଥିବା ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞା ରତ୍ନପ୍ରଭା କର ଓ ନିରାକାରପୁର ଥାନା ଅଧିକାରିଣୀ ସୁଚିତ୍ରା ଜେନା ସୂଚନା ଦେଇଛନ୍ତି।

# ଚେକ୍‌ଡ୍ୟାମ୍ କବାଟ ତାଡ଼ିନେଲେ

କଳାପଥର, ୧୭।୧୧ (ଗଙ୍ଗାଧର ସାହୁ)



**ଗଚ୍ଛିତ ରହୁନି ବର୍ଷାଜଳ**
- ଫସଲ ନଷ୍ଟ ହେବାକୁ ବସିଲାଣି
- ଚିନ୍ତାରେ ଚାଷୀ, ପ୍ରଶାସନ ଚୁପ୍

କେନ୍ଦୁନାଳ ଦେଇ ଯାଇଥିବା ତଥା କାଳୀଗିରି ନଦୀରେ ସଂଯୋଗ ହୋଇଥିବା ଚେକ୍‌ଡ୍ୟାମ୍‌ର ଦୁଇଟି କବାଟ ମଧ୍ୟରୁ ଗୋଟିଏ କବାଟକୁ କୌଣସି ଦୁର୍ବୃତ୍ତ ତାଡ଼ିନେଇ ସ୍ଥାନୀୟ କବାଡ଼ିଆ ଦୋକାନରେ ବିକ୍ରି କରିବା ଘଟଣା ସାମ୍ନାକୁ ଆସିଛି। କେତେଜଣ ଚାଷୀ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ଲେମ୍ବେରୀ ଗ୍ରାମର ୱାର୍ଡସଭ୍ୟ କିଶୋର ପ୍ରଧାନ ଏହି ସୂଚନା ପାଇ ବୈଦେଶ୍ୱର ଥାନାରେ ଏତଲା ଦେଇଛନ୍ତି। ଉକ୍ତ ଲୁହା କବାଟର ଓଜନ ୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ହେବ। ପୋଲିସ ଏହାକୁ ଜବତ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କୁ ଗିରଫ କରିପାରିନାହିଁ। ଏ ନେଇ ପଶ୍ଚିମ ବାଙ୍କୀ କୃଷକ ପରିଷଦର ସମ୍ପାଦକ ଆଡ୍‌ଭୋକେଟ ପ୍ରଦୀପ୍ତ କୁମାର ପଟ୍ଟନାୟକ ବାଙ୍କୀ କ୍ଷୁଦ୍ର ଜଳସେଚନ ଦାୟିତ୍ୱରେ ଥିବା ଜଳସେଚନ ଉପଖଣ୍ଡ ଅଧିକାରୀଙ୍କୁ ଅବଗତ କରାଇବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି। ନଚେତ ଚାଷୀ ଆନ୍ଦୋଳନ କରିବା ପାଇଁ ସେ ଚେତାବନୀ ଦେଇଛନ୍ତି। ପରେ ବିଭାଗ ତରଫରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ଗୁରୁତ୍ୱ ନ ଦେଇ ଚୁପ୍ ବସିଛି। କିଛିଦିନ ତଳେ ବୈଦେଶ୍ୱର ମହାନଦୀ ସହିତ ସଂଯୋଗ ହୋଇଥିବା କାଳୀଗିରି ନାଳଗୁଡିକରୁ ଏକାଧିକ କବାଟ ଚୋରିକରି ନିଆଯାଇଥିଲା। ତେବେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ଥାନୀୟ ଚାଷୀ କହିଛନ୍ତି ଯେ, ଚେକ୍‌ଡ୍ୟାମ୍ କବାଟ ତାଡ଼ିନେବା ଯୋଗୁ ବର୍ଷାଜଳ ଗଚ୍ଛିତ ରହୁନାହିଁ। ଜଳ ଅଭାବରୁ ପ୍ରାୟ ୨୦୦୦ ଏକର ଜମିର ଫସଲ ନଷ୍ଟ ହୋଇଯିବାକୁ ବସିଛି। ଚାଷୀମାନେ ନିଜ ବ୍ୟବସ୍ଥାରେ ମୋଟର ପମ୍ପ ସାହାଯ୍ୟରେ ଜମିକୁ ପାଣି ମଡ଼ାଇ ଥରକୁ ୩ରୁ ୪ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଯଦି ଗିରଫ କରା ନ ଯାଏ ତେବେ ପଶ୍ଚିମ ବାଙ୍କୀ କୃଷକ ପରିଷଦ ତରଫରୁ ଥାନା ଘେରାଉ କରାଯିବ। ନିଶା ପାଇଁ ଦୁର୍ବୃତ୍ତମାନେ ଏଭଳି ବାରମ୍ବାର ଚୋରି କରୁଥିବା ସାଧାରଣରେ ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ମଧୁଆପଲ୍ଲୀର ଏକ ମହିଳା ଗୋଷ୍ଠୀ କିଛିଦିନ ତଳେ ବୈଦେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ହେଲେ କାର୍ଯ୍ୟାନୁଷ୍ଠାନ ଶୂନ। ଥାନା ଅଧିକାରୀଙ୍କୁ ଟେଲିଫୋନ କଲେ ବି ଉତ୍ତର ମିଳୁନାହିଁ।

# ଶ୍ୱାସରୁଦ୍ଧ କରି ବୋହୂଙ୍କୁ ହତ୍ୟା ଉଦ୍ୟମ, ୩ ଗିରଫ

ବାଲୁଗାଁ, ୧୭।୧୧ (ସଂଗ୍ରାମ ପାଇକରାୟ)

ପାରିବାରିକ କଳହକୁ ନେଇ ଜଣେ ବୋହୂଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା ଉଦ୍ୟମ ଅଭିଯୋଗରେ ବାଲୁଗାଁ ପୋଲିସ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ରାମପୁର ଗ୍ରାମର ଶ୍ୱଶୁର ତାରକେଶ୍ୱର ସ୍ୱାଇଁ, ଶାଶୁ ମାଣିକ ଏବଂ ଦିଅର ଅଜୟ ସ୍ୱାଇଁ। ପୋଲିସ ସୂଚନା ମୁତାବକ, ବାଣପୁର ଥାନା ଘାସେଡ଼ିହ ଗ୍ରାମର ଖଲି ସାହୁଙ୍କ ଝିଅ ସସ୍ମିତା ୧୦ବର୍ଷ ପୂର୍ବେ ସ୍ଥାନୀୟ ରାମପୁର ଗ୍ରାମର ତାରକେଶ୍ୱର ସ୍ୱାଇଁଙ୍କ ପୁଅ ସଞ୍ଜୟଙ୍କୁ ବିବାହ କରିଥିଲେ। ଗତ କିଛିବର୍ଷ ହେବ ପାରିବାରିକ କଳହକୁ କେନ୍ଦ୍ରକରି ସସ୍ମିତାଙ୍କୁ ଘରୁ ବିତାଡ଼ିତ ଉଦ୍ଦେଶ୍ୟରେ ଶାଶୁଘର ଲୋକେ ନିର୍ଯାତନା ଦେଇଆସୁଥିଲେ। ସ୍ୱାମୀ ସଞ୍ଜୟ କିନ୍ତୁ ସ୍ତ୍ରୀଙ୍କ ସପକ୍ଷରେ ଯାଇ ନିର୍ଯାତନାକୁ ବିରୋଧ କରୁଥିଲେ। ଗତ ଅକ୍ଟୋବର ୨୫ ଭୋରୁ ସଞ୍ଜୟଙ୍କ ଅନୁପସ୍ଥିତିରେ ଶାଶୁ, ଶ୍ୱଶୁର ଓ ଦିଅର ମିଶି ସସ୍ମିତା ଶୋଇଥିବା ଅବସ୍ଥାରେ ତକିଆ ସାହାଯ୍ୟରେ ଶ୍ୱାସରୁଦ୍ଧ କରି ହତ୍ୟା ଉଦ୍ୟମ କରିଥିଲେ। କିନ୍ତୁ ସସ୍ମିତା ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ଖବରପାଇ ସସ୍ମିତାଙ୍କ ବାପଘର ଲୋକେ ପହଞ୍ଚିବା ସହ ଘଟଣା ସମ୍ପର୍କରେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୦୦/୨୩) ରୁଜୁ କରିଥିବା ବେଳେ ଉକ୍ତ ଦିନଠାରୁ ଅଭିଯୁକ୍ତମାନେ ଫେରାର ଥିଲେ। କୌଣସି ସୂତ୍ରରୁ ଖବରପାଇ ଗୁରୁବାର ପୋଲିସ ରାମପୁର ଗ୍ରାମରେ ପହଞ୍ଚି ଘରେ ଆତ୍ମଗୋପନ କରିଥିବା ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ




ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଖୋର୍ଦ୍ଧା, ୧୭।୧୧ (ପ୍ରଭାତ ପାଣିଗ୍ରାହୀ)

**ଓଏଭି ୬ଷ୍ଠ ଶ୍ରେଣୀ ଷାଣ୍ମାସିକ ପ୍ରଶ୍ନପତ୍ରରେ ତ୍ରୁଟି ପ୍ରସଙ୍ଗ**

ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ୨୦୨୩-୨୪ ଷାଣ୍ମାସିକ ପରୀକ୍ଷା ଷଷ୍ଠ ଶ୍ରେଣୀ ଓଡ଼ିଆ ବିଷୟ ପ୍ରଶ୍ନପତ୍ରରେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କୁ କାଳ୍ପନିକ ବୋଲି ଦର୍ଶାଯାଇଛି। ଅତୀତରେ ରାମରାଜ୍ୟ ବୋଲି କିଛି ନ ଥିଲା। ପ୍ରଶ୍ନପତ୍ରରେ ଶ୍ରୀରାମଙ୍କ ବିରୋଧରେ ଏଭଳି ତଥ୍ୟ ଛପାଯାଇଛି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯାଇଛି। ଏଭଳି ବିଭ୍ରାନ୍ତିକର ଏବଂ ହିନ୍ଦୁଙ୍କ ଆରାଧ୍ୟ ଦେବତା ଶ୍ରୀରାମଙ୍କୁ ଅପମାନିତ କରାଯାଇଛି। ଏଥିରେ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ହିନ୍ଦୁ ସମାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ ବେଳେ ହିନ୍ଦୁ ଜାଗରଣ ମଞ୍ଚର ସଦସ୍ୟମାନେ ଉପସ୍ଥିତ ଥିଲେ।

### ପାଇପ୍ ବୋଝେଇ ଟ୍ରକ୍ ଜବତ, ଚାଳକ ଅଟକ

ବେଗୁନିଆ, ୧୭।୧୧ (ହରପ୍ରସନ୍ନ ପଣ୍ଡା)

ମେଗା ଜଳଯୋଗାଣ ପାଇପ୍ ଚୋରି କରି ନେଇଯାଉଥିବା ବେଳେ ବେଗୁନିଆ ଥାନା ପୋଲିସ ଏକ ଟ୍ରକ୍‌କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ବେଗୁନିଆ ଥାନା ପୋଲିସ ପକ୍ଷରୁ ଗୁରୁବାର ରାତିରେ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ମୁଗମଣ୍ଡା ଗ୍ରାମ ନିକଟରେ ଉକ୍ତ ଟ୍ରକ୍ ଯାଉଥିଲା। ପୋଲିସର ସନ୍ଦେହ ହେବାରୁ ଟ୍ରକ୍‌କୁ ଅଟକାଇ ବୋଝେଇ ପାଇପ୍ କେଉଁଆଡ଼େ ଯାଉଛି ଏବଂ କେଉଁଠାରୁ ଆସିଛି ବୋଲି ପଚାରିବାରୁ ଚାଳକ ଜଣଙ୍କ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏହାପରେ ପୋଲିସ ଟ୍ରକ୍‌କୁ ଜବତ କରି ଥାନାକୁ ଆଣିବା ସହ ତଦନ୍ତ ଚଳାଇଛି। ଟ୍ରକ୍‌ରେ ୩୫ଟି ପାଇପ୍ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି, ପ୍ରକଳ୍ପ ନିର୍ମାଣ କରୁଥିବା ଏକ ଘରୋଇ କମ୍ପାନୀର ପାଇପ୍ ଚୋରାଚାଲାଣ କରାଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଯୋଗାଣ ଶୃଙ୍ଖଳା ପରିଚାଳନାରେ କୃତ୍ରିମ ବୁଦ୍ଧିମତ୍ତା ଶୀର୍ଷକ ଆଲୋଚନାଚକ୍ର




ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା, ୧୭।୧୧ (ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ଓ ପରିଚାଳନା ବିଭାଗ ଏବଂ ଆଇଆଇଏମ୍‌ଟି ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ମୈତ୍ରୀଭବନ ପରିସରରେ ଯୋଗାଣ ଶୃଙ୍ଖଳା ପରିଚାଳନାରେ କୃତ୍ରିମ ବୁଦ୍ଧିମତ୍ତା ଏବଂ ଆଭାସୀ ଦୁନିଆ ବିଷୟବସ୍ତୁ ଉପରେ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ସୁଶୀଲ କୁମାର ପଟ୍ଟନାୟକ ଅତିଥି ପରିଚୟ, ସ୍ୱାଗତ ଭାଷଣ ସହ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଅଜନ୍ତା ଶତପଥୀ, ଆଇଆଇଟି ଖଡ୍‌ଗପୁରର ପୂର୍ବତନ ଅଧ୍ୟାପକ ପ୍ରଫେସର ସଦାନନ୍ଦ ମିଶ୍ର, ପାର୍ଥସାରଥି ମିଶ୍ର, ଆଇଆଇଏମ୍‌ଟି ଅଧ୍ୟକ୍ଷ ପ୍ରଫେସର ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରାଇଥିଲେ। ବିଭାଗୀୟ ଅଧ୍ୟାପକ ଡ. ବାମଦେବ ମିଶ୍ର ଏହାକୁ ପରିଚାଳନା କରିଥିବା ବେଳେ ଆଇଆଇଏମ୍‌ଟିର ପ୍ରଶାସନିକ ଅଧିକାରୀ ପ୍ରଫେସର ଜଗମୋହନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ବିଭାଗୀୟ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟ ବିଭାଗର ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ଥିଲେ।

# ଧାନବିଲରୁ ଗଳିତ ମୃତଦେହ ଜବତ, ହତ୍ୟା ସନ୍ଦେହ

କଣ୍ଟାପଡା, ୧୭।୧୧ (ସୁରନାରାୟଣ ସାହୁ)

ଫୁଲନଖରା-ନିଆଳି ୬୦ନଂ. ରାଜ୍ୟ ରାଜପଥର ଇଚ୍ଛାପୁର ନିକଟ ଏକ ଧାନବିଲରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହକୁ ଓଲଟପୁର ପୋଲିସ ଶୁକ୍ରବାର ଜବତ କରିଛି। ଅପରାହ୍ନରେ କଟକରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଯାଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା କଲ୍ୟାଣପୁର ଗ୍ରାମର ଟୁଟୁ ଓରଫ କେଳୁଚରଣ ରାଉତରାୟ(୫୨)। ଏ ସମ୍ପର୍କରେ ତାଙ୍କ ବଡ଼ଭାଇ ବିଭୁପ୍ରସାଦ ରାଉତରାୟ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଧାନବିଲରେ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ମୃତକଙ୍କ ଛାତି ଓ ମୁହଁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ଘଟଣାସ୍ଥଳରୁ ଏକ ମୋବାଇଲ, ଗାମୁଛା ଓ ଚପଲ ଜବତ କରିଥିଲା। ଉକ୍ତ ମୋବାଇଲରୁ ନମ୍ବର ଆଣି ତାଙ୍କ ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିଥିଲା। ଅପରାହ୍ନରେ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ବିଭୁପ୍ରସାଦଙ୍କ କହିବାନୁଯାୟୀ, ଟୁଟୁ ଭୁବନେଶ୍ୱର ୟୁନିଟ୍-୧ରେ ରହି ବ୍ୟବସାୟ କରୁଥିଲେ। ତେବେ ବ୍ୟବସାୟ ବନ୍ଦ ହୋଇଯାଇଥିଲେ ମଧ୍ୟ ସେ ସେଠାରେ ରହୁଥିଲେ। ଦୀପାବଳିର ୨/୪ ଦିନ ପୂର୍ବରୁ ଟୁଟୁଙ୍କୁ ନ ଦେଖିବାରୁ ତାଙ୍କ ସାଙ୍ଗମାନଙ୍କୁ ପଚରାଉଚରା କରିଥିଲେ। ପେଟ କାଟୁଥିବାରୁ ଟୁଟୁ କ୍ୟାପିଟାଲ ହସ୍ପିଟାଲ ଯାଇଥିବା କଥା ସେମାନେ କହିଥିଲେ। ମେଡିକାଲ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ସେଠାରେ ଟୁଟୁ ଚିକିତ୍ସା ହୋଇଥିବା ନେଇ କୌଣସି ପ୍ରମାଣ ମିଳି ନ ଥିଲା। ଗୁରୁବାର ସନ୍ଧ୍ୟାରେ ଟୁଟୁଙ୍କ ନିଖୋଜ ସମ୍ପର୍କରେ ବିଭୁପ୍ରସାଦ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ଟୁଟୁଙ୍କ ମୃତଦେହ ଭୁବନେଶ୍ୱରଠାରୁ ପ୍ରାୟ ୩୦ କିଲୋମିଟର ଦୂର ଏକ ଧାନବିଲରୁ ମିଳିଥିଲା। ତେଣୁ ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଗିରିଶ ମହାନ୍ତି କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ।

# ଡିସେମ୍ବର ୮ରୁ ରାଜସୁନାଖଳା ମହୋତ୍ସବ

ବୋଲଗଡ଼, ୧୭।୧୧ (ଦେବବ୍ରତ ହୋତା)

**ଉଦ୍‌ଘାଟନ କରିବେ ରାଜ୍ୟପାଳ**

ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ସୀମାନ୍ତ ଗ୍ରାମ ତଥା ବ୍ୟବସାୟିକ ପେଣ୍ଠସ୍ଥଳ ରାଜସୁନାଖଳାଠାରେ ଚଳିତ ବର୍ଷ ପଞ୍ଚମ ରାଜସୁନାଖଳା ମହୋତ୍ସବ କାଉଁରି-୨୦୨୩ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ଥାନୀୟ ଅଞ୍ଚଳର ଲୋକକଳାକୁ ଉଜ୍ଜୀବିତ କରିବା ସହ ସାହିତ୍ୟ, ସଂସ୍କୃତି ଓ ସ୍ଥାନୀୟ ପରମ୍ପରାର ପ୍ରଚାର ଓ ପ୍ରସାର ଉପଲକ୍ଷେ ଆୟୋଜିତ ଏହି ମହୋତ୍ସବ କେତେଜଣ ଯୁବକଙ୍କ ନିଷ୍ଠାପର ଉଦ୍ୟମ ଫଳରେ ଉନ୍ନତି କରିଚାଲିଛି। ଚଳିତ ବର୍ଷ ଏହି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଡିସେମ୍ବର ୮ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟପାଳ ରଘୁବର ଦାସ ପ୍ରଥମ ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଭାଜପାର ଜାତୀୟ ପ୍ରବକ୍ତା ଡା. ସମ୍ବିତ୍ ପାତ୍ର ମହୋତ୍ସବ କମିଟି ପକ୍ଷରୁ ଏନେଇ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କରିବା ପରେ ସେ ସମ୍ମତି ପ୍ରଦାନ କରିଥିବା ନେଇ କମିଟି ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପ୍ରଧାନ ଓ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ରାଜ୍ୟପାଳଙ୍କ ଯୋଗଦାନ ଦ୍ୱାରା ଏହି ମହୋତ୍ସବର ବାର୍ତ୍ତା ସୁଦୂରପ୍ରସାରୀ ହେବା ସହ କାର୍ଯ୍ୟକର୍ତ୍ତା ଓ ଅଂଶଗ୍ରହଣକାରୀ ନିଜକୁ ଗୌରବାନ୍ୱିତ ମନେକରି ଉତ୍ସାହିତ ହେବେ ବୋଲି ପ୍ରବକ୍ତା ପାତ୍ର ଏକ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି।

# ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




ଶିବିରରେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ଟାଙ୍ଗୀ, ୧୭।୧୧ (ରଘୁନାଥ ସାହୁ)

ଚିଲିକା ବ୍ଲକର କୟଥପଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ରାଣୀ ଲକ୍ଷ୍ମୀବାଇ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୀତାକାନ୍ତ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ପ୍ରଶିକ୍ଷିକା ଭାବେ ସ୍ନିଗ୍ଧାରାଣୀ ପଟ୍ଟନାୟକ ଓ ତୁଳସୀ ଜେନା ଯୋଗଦେଇ ପ୍ରତ୍ୟହ ଅନୁଷ୍ଠିତ କ୍ଲାସ୍‌ରେ ଛାତ୍ରୀମାନଙ୍କୁ ନେଇ ସତନ୍ତ୍ର ଆତ୍ମରକ୍ଷା କୌଶଳ ଶିକ୍ଷା ଦେବା ସହ ଜରୁରୀ ପରିସ୍ଥିତିରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ଜିଲା ସମଗ୍ର ଶିକ୍ଷା ଅଭିଯାନ ପୃଷ୍ଠପୋଷକତାରେ ଅନୁଷ୍ଠିତ ଶିବିରରେ ବିଭିନ୍ନ ଶ୍ରେଣୀର ମୋଟ ୫୦ ଛାତ୍ରୀ ଶିବିରାର୍ଥୀ ଭାବେ ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ନିବେଦିତା ଏଥିରେ ସହଯୋଗ କରିଥିଲେ।

# ଚାଷୀଙ୍କ ଆର୍ଥିକ ବିକାଶରେ ସମବାୟ ଏକ ମାଇଲଖୁଣ୍ଟ

ଖୋର୍ଦ୍ଧା, ୧୭।୧୧ (ପ୍ରଭାତ ପାଣିଗ୍ରାହୀ)




କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉଦ୍‌ବୋଧନ ଦେଉଛନ୍ତି।

**ସମବାୟ ସପ୍ତାହ ସପ୍ତାହ ଉତ୍ସବ**
- ଚାଷୀ, ଏସଏଚଜି ଏବଂ ସର୍ବୋତ୍ତମ ଗ୍ରୁପ ସମ୍ବର୍ଦ୍ଧିତ
- ସଚେତନ କରୁଛି ସମବାୟ ରଥ

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ(କେସିସିବି) ଏବଂ ସ୍ଥାନୀୟ ସମବାୟ ଉପନିବନ୍ଧକ ସମିତି ସମୂହର ମିଳିତ ଆନୁକୂଲ୍ୟରେ ୭୦ତମ ସର୍ବଭାରତୀୟ ସମବାୟ ସମୂହ ସପ୍ତାହ-୨୦୨୩ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୟୀ ରାଜଗୁରୁ ଭବନ ପରିସରରେ କେସିସିବି ପରିଚାଳନା କମିଟି ସଭାପତି ଅଭିଷେକ ସିଂସାମନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ଶ୍ୱେତାସ୍ନିଗ୍ଧା ମିଶ୍ର, ସମବାୟ ସମୂହ ଉପନିବନ୍ଧକ (ଖୋର୍ଦ୍ଧା ବିଭାଜନ) ଅଳକାନନ୍ଦା ଜେନା, ଡିଏଜିସିଏସ୍ ଅକ୍ଷୟ କୁମାର ଦଳେଇ, କେସିସିବି ପରିଚାଳନା କମିଟି ଉପାଧ୍ୟକ୍ଷା ଜୟଶ୍ରୀ ଗଡ଼ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ବନଶ୍ରୀ ମଲ୍ଲିକ, ବରିଷ୍ଠ ସହନିବନ୍ଧକ(ଖୋର୍ଦ୍ଧା ସର୍କଲ)ଅନନ୍ତ କୁମାର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଭାରତୀୟ ଅର୍ଥନୀତିର ସୁଦୃଢ଼ୀକରଣ ଓ ନିରନ୍ତର ବିକାଶ ଦିଗରେ ସମବାୟର ଭୂମିକା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଚାଷୀଙ୍କ ଆର୍ଥିକ ବିକାଶ ଦିଗରେ ସମବାୟ ଏକ ମାଇଲଖୁଣ୍ଟ ସଦୃଶ। ସମବାୟ ସାଧାରଣ ଲୋକ ଏବଂ ଚାଷୀମାନଙ୍କ ଏକ ନିର୍ଭରଯୋଗ୍ୟ ଅନୁଷ୍ଠାନ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ କେସିସିବି ପକ୍ଷରୁ ଜିଲାସ୍ତରରେ ଆୟୋଜିତ କନିଷ୍ଠ ଓ ବରିଷ୍ଠ ବର୍ଗ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ସମବାୟ ପ୍ରାଥମିକ କୃଷି ସେବାସମିତି(ପ୍ୟାକ୍ସ)ରୁ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ସଫଳ ଚାଷୀ ଭାବେ ବାଳମୁକୁନ୍ଦ ଦାସ, ଅରୁଣ କୁମାର ରାଜଗୁରୁ, ରାଧାକୃଷ୍ଣ ନନ୍ଦ ଏବଂ ସ୍ୱରାଜ ମହାନ୍ତିଙ୍କୁ ସମ୍ମାନିତ କରାଯାଇଛି। ସେହିପରି ଶ୍ରେଷ୍ଠ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଭାବେ ଖୋର୍ଦ୍ଧା ଛତିପୁରର ବାବା ମହାବୀର ମହିଳା ଏସ୍‌ଏଚ୍‌ଜି ପ୍ରଥମ, ବାଲିଅନ୍ତା ତାଳଗଡ଼ର ଲକ୍ଷ୍ମୀନୃସିଂହ ଏସ୍‌ଏଚ୍‌ଜି ଦ୍ୱିତୀୟ ଏବଂ ଖୋର୍ଦ୍ଧା ପଲ୍ଲା ତୋଟାପଡ଼ାର ଡେମାଣି ଏସ୍‌ଏଚ୍‌ଜି ତୃତୀୟ ସ୍ଥାନରେ ସମ୍ମାନିତ ହୋଇଛି। ସର୍ବୋତ୍ତମ ଦାୟିତ୍ୱସମ୍ପନ୍ନ ଏସ୍‌ଏଚ୍‌ଜି ଭାବେ ମା' କାଉଁରୀ ଜେଏଲ୍‌ଜି ଗ୍ରୁପ୍ ବଡ଼କୁମାରୀର ସଭାପତି କୁନି ଦେଈ ଏବଂ ସମ୍ପାଦିକା ଧରିତ୍ରୀ ସାହୁଙ୍କୁ ସମ୍ମାନିତ କରାଯାଇଛି। ବ୍ୟାପକ ସଚେତନତା ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସମବାୟ ରଥକୁ ଉଦ୍‌ଘାଟନ କରାଯାଇଛି। ଏହି ରଥ ଜିଲାର ସମସ୍ତ ସମବାୟ ସମିତି ଅଞ୍ଚଳ ଗସ୍ତକରି ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟ ରହିଛି ବୋଲି କେସିସିବି ସଭାପତି ସିଂସାମନ୍ତ ସୂଚନା ଦେଇଛନ୍ତି।

# ‘ଜନ ଭାଗୀଦାରି ମାଧ୍ୟମରେ ବିକଶିତ ଭାରତ ସମ୍ଭବ’

## ଜାନୁଆରୀ ୨୬ ଯାଏ ଚାଲିବ ବିକଶିତ ଭାରତ ସଂକଳ୍ପ ଯାତ୍ରା

ପୁରୀ,୧୭।୧୧(ଅଜିତ ମହାନ୍ତି)

ଜନ ଭାଗୀଦାରି ମାଧ୍ୟମରେ ବିକଶିତ ଭାରତ ସମ୍ଭବ ବୋଲି କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ତଥା ପୁରୀ ଜିଲା ପାଇଁ ନିଯୁକ୍ତ ପ୍ରଭାରୀ ପି.କେ. ଜେନା କହିଛନ୍ତି। ଶୁକ୍ରବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗ ଦେଇ ପ୍ରଭାରୀ ଜେନା କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇ ସେମାନଙ୍କ ଜୀବନଶୈଳୀକୁ ଉନ୍ନତ କରିବା, ଯୋଗ୍ୟ ବଞ୍ଚିତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବା, ହିତାଧିକାରୀଙ୍କ ସଫଳତାକୁ ଉପସ୍ଥାପନ କରାଇବା, ବିଦ୍ୟାର୍ଥୀଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ଆୟୋଜନ କରିବା, ବିକଶିତ ଭାରତର ସଂକଳ୍ପ ପାଠ କରାଇବା ନେଇ ଆଲୋକପାତ କରିଥିଲେ। ଜିଲାର ପ୍ରତ୍ୟେକ ପଞ୍ଚାୟତକୁ ପରିକ୍ରମା କରିବା ପାଇଁ ତିନୋଟି ସଚେତନତା ରଥ ଆସିବ। ଏଥିରୁ ଦୁଇଟି ପରିକ୍ରମାରେ ସାମିଲ ହେବ ଓ ଗୋଟିଏ ରିଜର୍ଭ ଭାବେ ରଖାଯିବ। ଅଧିକାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରି ସଫଳ କରିବାକୁ ଜେନା ଆହ୍ୱାନ ଦେଇଥିଲେ।

ଜିଲାପାଳ ସମର୍ଥ ବର୍ମା ଏଥିରେ ଅଧ୍ୟକ୍ଷତାରେ କରି କହିଥିଲେ, ପୁରୀ ଜିଲାରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ଚଳିତ ମାସ ତୃତୀୟ ସପ୍ତାହରେ ଆରମ୍ଭ ହୋଇ ଜାନୁୟାରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ତେଣୁ ବିଭିନ୍ନ ବିଭାଗ ବିଭିନ୍ନ ଫ୍ଲାଗଶିପ୍ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଲୋକଙ୍କୁ ଅବଗତ ଓ ସଚେତନ କରନ୍ତୁ। ସେହିପରି ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ବୈଠକ ପରିଚାଳନା କରିଥିଲେ। ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଓ ସଚେତନ କରିବା ଉଦ୍ଦେଶ୍ୟରେ ଜିଲାରେ ବିକଶିତ ଭାରତ ସଂକଳ୍ପ ଯାତ୍ରାର ଶୁଭାରମ୍ଭ ସହ ସଚେତନତା ରଥ ପରିକ୍ରମାରେ ସମସ୍ତଙ୍କ ସହଭାଗିତା ପାଇଁ ଅନୁରୋଧ କରିଥିଲେ। ୨ଟି ସଚେତନତା ରଥ ପ୍ରାୟ ୬୦ ଦିନ ଧରି ପ୍ରତି ପଞ୍ଚାୟତ ବୁଲି ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା, ଧରିତ୍ରୀ କରେ ପୁକାର ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ମେରି କାହାନୀ ମେରି ଜୁବାନୀ ନାମରେ ହିତାଧିକାରୀଙ୍କ ଅଭିଜ୍ଞତା ପ୍ରଦାନ, ବିଭିନ୍ନ ପ୍ରତିଯୋଗିତା ଆୟୋଜନ, ସ୍ୱାଗତ ସମିତି ଓ ଉତ୍ସବ ସମିତି ମାଧ୍ୟମରେ କାର୍ଯ୍ୟକ୍ରମର ପରିଚାଳନା, ସ୍ୱଚ୍ଛତା, ଚାରାରୋପଣ ଇତ୍ୟାଦି କାର୍ଯ୍ୟକ୍ରମ ରଖାଯାଇଛି ବୋଲି ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଲା ନୋଡାଲ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର କହିଥିଲେ। ବୈଠକରେ ଅତିରିକ୍ତ ଏସ୍‌ପି ପି.ବିଷ୍ଣୁ ପ୍ରସାଦ ପତି, ଡ୍ରୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ କୁମାର ମହାନ୍ତି, ସିଡିଏମଓ ସୁଜାତା ମିଶ୍ର, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଏପିଡି ତୃପ୍ତିରାଣୀ ବଡ଼ଜେନା, ଜାତୀୟ ସମାଜ ବିଜ୍ଞାନ ଅଧିକାରୀ ବିଶ୍ୱନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଯୁଗ୍ମ ସଚିବ ପି.କେ. ଜେନା ଏବଂ ଅନ୍ୟ ଅଧିକାରୀମାନେ ।

## ସଂକ୍ଷେପରେ

### ଥଇଥାନ ପରେ ଜମି ଅଧିଗ୍ରହଣ ପାଇଁ ଦାବି

ସାକ୍ଷୀଗୋପାଳ, ୧୭।୧୧(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ):

ସାକ୍ଷୀଗୋପାଳ ବଜାର ବ୍ୟବସାୟୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାକ୍ଷୀଗୋପାଳ ବଜାର ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ତାଲିକା ସାର୍ବଜନୀନ କରାଯିବା ପରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। କ୍ଷତିଗ୍ରସ୍ତ ବ୍ୟବସାୟୀମାନଙ୍କୁ ଥଇଥାନ କରିବା ନିମନ୍ତେ ପୂର୍ବରୁ ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀ ଓ ଡିଆରଏମଙ୍କୁ ବ୍ୟବସାୟୀ ଓ ଜନସାଧାରଣ ଅନୁରୋଧ କରିଥିଲେ। ମାତ୍ର ଏନେଇ କିଛି ସମାଧାନ କରାଯାଇ ନାହିଁ। ପ୍ରାରମ୍ଭରେ ରେଳ ଓଭରବ୍ରିଜ ସ୍ଥାନାନ୍ତର ପାଇଁ ଅନୁରୋଧ କରାଯାଇଥିଲା। ମାତ୍ର ଏଥିପ୍ରତି ଦୃଷ୍ଟି ନ ଦେଇ ଜମି ଅଧିଗ୍ରହଣ ତାଲିକା ପ୍ରକାଶ କରାଯିବା ଜନସାଧାରଣଙ୍କୁ ଗଭୀର ମର୍ମାହତ କରିଛି ବୋଲି ଉପସ୍ଥିତ କର୍ମକର୍ତ୍ତା କହିଛନ୍ତି। ଏଣୁ ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ପୁନର୍ବିଚାର କରିବାପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି । ନଚେତ୍ ବ୍ୟବସାୟୀମାନେ ପୂର୍ବପରି ଜୀବିକା ନିର୍ବାହ କରିପାରିବେ ବୋଲି ସର୍ବସମତି ନିଷ୍ପତ୍ତି ହୋଇଛି । ବୈଠକରେ ସଭାପତି କୃଷ୍ଣ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର ପରିଚାଳନା କରିଥିଲେ।

### ଡକାୟତି ଯୋଜନା ପଣ୍ଡ: ୫ ଗିରଫ

ପୁରୀ, ୧୭।୧୧(ଅଜିତ୍ ମହାନ୍ତି)

ଡକାୟତି ପାଇଁ ଯୋଜନା କରୁଥିବାବେଳେ ସମୁଦ୍ରକୂଳ ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେହି ଥାନା ଅନ୍ତର୍ଗତ ରାମ ମନ୍ଦିର ଅଞ୍ଚଳର ଗୁଡ୍ଡୁ ଜାଲି, ବାଲିନୋଳିଆ ସାହିର ମାନସ ବେହେରା, ପି.କାଳିଆ ରାଓ, ତାଳବଣିଆ ଥାନା ଅନ୍ତର୍ଗତ ସିଦ୍ଧମହାବୀର ଦାଦାବାଡ଼ି ଅଞ୍ଚଳର ରଞ୍ଜନ ବେହେରା ଏବଂ ବଳିଆପଣ୍ଡା ଥାନା ଅନ୍ତର୍ଗତ ମଙ୍ଗଳାସାହିର ଦୋଳଗୋବିନ୍ଦ ସାହୁ। ଏମାନଙ୍କଠାରୁ ପୋଲିସ ଗୋଟିଏ ଖଣ୍ଡା, ଗୋଟିଏ ଲୁହାରଡ, ଗୋଟିଏ ହାତୁଡି ଏବଂ କିଛି ଲଙ୍କାଗୁଣ୍ଡ ଜବତ କରିଛି। ଏନେଇ ଏକ ମାମଲା (ନଂ. ୨୯୮/୨୩) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଧୋବାଖାଲ ନିକଟ ବିଧାୟକ ଗେଷ୍ଟ ହାଉସ ପାଖ ଏକ ନିକାଞ୍ଚନ ସ୍ଥାନରେ ବିଭିନ୍ନ ମାରଣାସ୍ତ୍ର ସହ ଏକାଠି ହୋଇ ଡକାୟତି କରିବା ପାଇଁ ଯୋଜନା କରୁଥିବା ପୋଲିସ ଖବର ପାଇ ସେଠାରେ ଚଢାଉ କରିଥିଲା।

### ଇପିଏଫ୍ ପେନ୍‌ସନର୍ସ ସଂଘର ବିକ୍ଷୋଭ

ପୁରୀ, ୧୭।୧୧(ଅଜିତ୍ ମହାନ୍ତି)

ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନର ଆହ୍ୱାନ କ୍ରମେ ଗୁରୁବାର ପୁରୀ ଜିଲା ଇପିଏଫ୍ ପେନସନର୍ସ ସଂଘ ପକ୍ଷରୁ ଦାବି ଦିବସ ପାଳନ କରାଯାଇଛି। ଦାବିପୂରଣ ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ଚାକିରିରୁ ଅବସର ପରେ ପେନସନ ସହ ମହାର୍ଘ ଭତ୍ତା ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବାକୁ ଦାବି କରାଯାଇଛି। ଧାରଣାରେ ଜିଲା ଇପିଏଫ ଆସୋସିଏଶନ ସମ୍ପାଦକ କସ୍ତୁରୀ ଚରଣ ସୁବୁଦ୍ଧି, କମଳ ଲୋଚନ ମହାନ୍ତି, ବିମ୍ବାଧର ସାହୁ, ବିଜୟ ଦାସ, ରଘୁନାଥ ଜେନା, ହେମନ୍ତ ପ୍ରହରାଜ, ବିଜୟ ସୁବୁଦ୍ଧି ଏବଂ ସତ୍ୟପ୍ରିୟ ସାମନ୍ତରାୟ ପ୍ରମୁଖ ସାମିଲ ଥିଲେ।

# ବାଇକ୍ ଆରୋହୀ ମୃତ, ୨ ଗୁରୁତର

## ବାଇକ୍-କାର୍ ଧକ୍କା

ଗୋପ,୧୭।୧୧(ଭାରତୀ ଭୂଷଣ ଉପାଧ୍ୟାୟ):

ଶୁକ୍ରବାର ରାତି ୧୦ଟା ସମୟରେ ଗୋପ-କୋଣାର୍କ ରାସ୍ତାର ବନାଖଣ୍ଡି ଛକ ନିକଟରେ ଗୋଟିଏ କାର୍ ଅନ୍ୟ ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ବାଇକ୍ ଆରୋହୀ ହେଉଛନ୍ତି ଗୋପ ଥାନା ଅନ୍ତର୍ଗତ ଦିହୁଡ଼ା ଗ୍ରାମର ସତ୍ୟବ୍ରତ ପଣ୍ଡା(୨୩)। ସେହିପରି କାର୍‌ରେ ଥିବା ୩ଜଣଙ୍କ ମଧ୍ୟରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କଟକ ନିଆଳି ଅଞ୍ଚଳର କାର୍ ମାଲିକ ଆଶିଷ କୁମାର ପାଢ଼ୀ (୩୩) ଓ ଗୋବିନ୍ଦ ଲେନ୍‌ର ପୁରୁଷୋତ୍ତମ ଯୋଶୀ (୫୪)। ସୂଚନାଯୋଗ୍ୟ, କାର୍‌ଟି କୋଣାର୍କ ଯାଉଥିବା ବେଳେ ଅପରପାର୍ଶ୍ୱରୁ ଆସୁଥିବା ଏକ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାର ଶବ୍ଦ ନିକଟସ୍ଥ ବନାଖଣ୍ଡି ଲୋକମାନେ ଶୁଣିବା କ୍ଷଣି ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବରପାଇ କୋଣାର୍କ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତ ବାଇକ୍ ଆରୋହୀ ଓ କାର୍‌ରେ ଥିବା ଦୁଇ ଗୁରୁତରଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ଶିବ ପ୍ରସାଦ ମଙ୍ଗରାଜ ସତ୍ୟବ୍ରତଙ୍କୁ ମୃତ ଘୋଷଣା କରିଥିବା ବେଳେ ଦୁଇ ଗୁରୁତରଙ୍କୁ ଭୁବନେଶ୍ୱର ପଠାଇ ଦେଇଥିଲେ। ପୋଲିସ ଏହି ମାମଲାରେ ଉଭୟ ବାଇକ୍ ଓ କାର୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ତେଲୁଗୁ ସମ୍ପ୍ରଦାୟ ଲୋକେ ପାଳିଲେ ନାଗଚତୁର୍ଥୀ



ଏକ ଉଇହୁଙ୍କାରେ ନାଗଦେବତାଙ୍କ ଉଦ୍ଦେଶ୍ୟରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

ପୁରୀ, ୧୭।୧୧(ଅଜିତ୍ ମହାନ୍ତି):

କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଚତୁର୍ଥୀକୁ ନାଗ ଚତୁର୍ଥୀ ବା ନାଗଲ ଚତୁର୍ଥୀ ଭାବେ ପାଳନ କରାଯାଏ। ନାଗ ଦେବତାଙ୍କ ଉଦ୍ଦେଶ୍ୟରେ ପରିବାର ଓ ପିଲାଙ୍କର ମଙ୍ଗଳ କାମନା ସହ ଶୁଭ ମନାସି ମହିଳାମାନେ ଏହି ପର୍ବ ପାଳନ କରିଥାନ୍ତି। ବିଶେଷକରି ତେଲୁଗୁ ସମ୍ପ୍ରଦାୟର ଲୋକେ ନାଗ ଚତୁର୍ଥୀକୁ ଏକ ବିଶେଷ ପର୍ବ ଭାବେ ପାଳନ କରିଥାନ୍ତି। ଶୁକ୍ରବାର କାର୍ତ୍ତିକ ଶୁକ୍ଳ ଚତୁର୍ଥୀ ଅବସରରେ ପୁରୀ ପେଣ୍ଠକଟା ଅଞ୍ଚଳରେ ବାସ କରୁଥିବା ତେଲୁଗୁ ସମ୍ପ୍ରଦାୟ ଲୋକେ ନାଗଚତୁର୍ଥୀ ପାଳନ କରିଛନ୍ତି। ମହିଳାମାନେ ଉପବାସ ରହି ଉଇହୁଙ୍କା ନିକଟକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ନାଗ ଦେବତାଙ୍କ ଉଦ୍ଦେଶ୍ୟରେ କ୍ଷୀର ଅର୍ପଣ କରିବା ସହ ଉଇହୁଙ୍କାରେ ସିନ୍ଦୁର, କଜଳ, ଚନ୍ଦନ, ଫୁଲ, ଦୀପ, ଧୂପ ଦେଇ ପୂଜାର୍ଚ୍ଚନା କରିଥିଲେ। ସେହିପରି ଚଉରା ନିକଟରେ ପିତ୍ତଳର ନାଗ ନାଗୁଣୀ ମୂର୍ତ୍ତି ସ୍ଥାପନ କରି ଚିତା ପକାଇ ଫୁଲ, ସିନ୍ଦୁର ଦେଇ ଫଳମୂଳ ଅର୍ପଣ ସହ ପୂଜାର୍ଚ୍ଚନା କରିଥିଲେ। ନାଗଦେବତାଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଅନେକ ସ୍ଥାନରେ ହୁଙ୍କା ନିକଟରେ ଅଣ୍ଡା ଅର୍ପଣ କରାଯାଇଥିଲା। ଲୋକକଥା ଅନୁଯାୟୀ, ନାଗ ଚତୁର୍ଥୀରେ ଏହି ବ୍ରତ ପାଳନ କଲେ ନାଗ ଦଂଶନର ଭୟ ରହି ନ ଥାଏ ବୋଲି ବିଶ୍ୱାସ ରହିଛି।

# ଆରମ୍ଭ ହେଲା ପ୍ରିପେଡ୍ ଅଟୋ ସେବା



ମନ୍ତ୍ରୀ ଟୁକୁନି ସାହୁ ଏବଂ ଅନ୍ୟ ଅତିଥିଙ୍କ ଗହଣରେ ଡ୍ରେସ୍ କୋଡ୍ ପାଇଥିବା ସଂଘର ସଦସ୍ୟମାନେ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଚାଳକଙ୍କୁ ମନ୍ତ୍ରୀ ବାଣ୍ଟିଲେ ପୋଷାକ, ଆଇକାର୍ଡ

ପୁରୀ,୧୭।୧୧(ଅଜିତ ମହାନ୍ତି)

ପୁରୀ ଜିଲା ଅଟୋଚାଳକ ସଂଘ ତରଫରୁ ପ୍ରିପେଡ୍ ଅଟୋ ସେବା ଆରମ୍ଭ ହୋଇଛି। ଶୁକ୍ରବାର ପୁରୀ ବସ୍‌ଷ୍ଟାଣ୍ଡ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବହନ ଓ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପାସଭାପତି ଶୁଭାଶିଷ ଖୁଣ୍ଟିଆ, ପୁରୀ ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ବସ୍ ଆସୋସିଏଶନ୍ ସଭାପତି ଲୋକନାଥ ପାଣି, ବସଷ୍ଟାଣ୍ଡ ଆଉଟଗେଟ୍ ଅଟୋ ସଂଘ ସଭାପତି ଅଙ୍କ ମୋହନ ନାଇଡୁ, ସମ୍ପାଦକ ରାଜା ମୁରୁଡି, ନୀଳଗିରି ମୋଟର କର୍ମଚାରୀ ସଂଘ ସଭାପତି ଅଜୟ କୁମାର ମିଶ୍ର ଉପସ୍ଥିତ ଥିଲେ। ପରିବହନ ଚାଳକଙ୍କ ପାଇଁ ଜୀବନ ବୀମାର ଅନେକ ପନ୍ଥା, ନିୟମାବଳୀ ବର୍ଣ୍ଣନା ସହ ଅଟୋ ଚାଳକଙ୍କ ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମସ୍ତ ସମସ୍ୟା ସମାଧାନ ନିମନ୍ତେ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପୁରୀରେ ଯାତ୍ରୀଙ୍କୁ ଆତିଥେୟତା ପ୍ରଦାନ ଓ ଶୃଙ୍ଖଳା ନେଇ ଟ୍ରେଡ୍ ୟୁନିୟନ ଅଟୋଚାଳକଙ୍କୁ ପ୍ରଶଂସା କରିଥିଲେ। ପରେ ଅଟୋଚାଳକଙ୍କ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ତ୍ରୀ ଅଟୋଚାଳକ କର୍ମକର୍ତ୍ତାଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଟି-ସାର୍ଟ ଲୋକାର୍ପଣ କରିଥିଲେ। ୧୦୦ରୁ ଉର୍ଦ୍ଧ୍ୱ ଅଟୋ ଚାଳକଙ୍କୁ ମନ୍ତ୍ରୀ ପୋଷାକ ଏବଂ ଆଇ କାର୍ଡ ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ଶଙ୍କର ପ୍ରଧାନ, ସ୍ମୃତିସାଗର ରାଉତରାୟ, ବିପିନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ବିଜ୍ଞାନ ମେଳାରେ ୪୭ ପ୍ରକଳ୍ପ

ପୁରୀ, ୧୭।୧୧(ଅଜିତ ମହାନ୍ତି)

ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟଙ୍କ ପୌରୋହିତ୍ୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପୌର ସଦସ୍ୟ ଭକ୍ତଚରଣ ଦାସ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜିଲା ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ଅବନୀଶ ରଥ, ସମ୍ମାନିତ ଅତିଥି ଭାବେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ମିଶ୍ର, ଗଙ୍ଗାଧର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ମମତା ମିଶ୍ର ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଶିକ୍ଷୟିତ୍ରୀ ମଧୁମିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ମେଳାରେ ୪୭ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଜ୍ଞାନ ଶିକ୍ଷୟିତ୍ରୀ ଶର୍ମିଷ୍ଠା ବରାଳ ଓ ମନସ୍ୱିନୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ମେଳା ଅନୁଷ୍ଠିତ ହୋଇଥିଲା। ଦଶମ ଶ୍ରେଣୀର ସାହେବା ମହାନ୍ତି ପ୍ରଥମ, ଅଷ୍ଟମ ଶ୍ରେଣୀର ଶୁଭଶ୍ରୀ ପୃଷ୍ଟି ଦ୍ୱିତୀୟ ଏବଂ ଦଶମ ଶ୍ରେଣୀର ବିଷ୍ଣୁପ୍ରିୟା ସେଠୀ ତୃତୀୟ ସ୍ଥାନ ହାସଲ କରିଥିଲେ। ଶିକ୍ଷୟତ୍ରୀ ମନସ୍ୱିନୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଚାରିଛକ ଟୋଲା ରାସ୍ତା ୧୫ ଦିନରେ ଫାଟିଲା



ଚାରିଛକ,୧୭।୧୧(ଶିଶିର ସ୍ୱାଇଁ)

କାକଟପୁର ପୂର୍ତ୍ତ ବିଭାଗ ଅଧୀନରେ ଥିବା ଚାରିଛକ ଟୋଲା ୬୦ନଂ. ରାସ୍ତା ପିଚୁ କାର୍ଯ୍ୟ ହେବାର ୧୫ ଦିନ ଭିତରେ ଫାଟି ଆଁ ହୋଇଥିବା ଦେଖିବାକୁ ମିଳିଛି। ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ଏପରି ହୋଇଛି ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତାରୁ ପୁରୁଣା ମେଟାଲ ନ କାଢି ରାସ୍ତାରେ ପଡ଼ି ରହିଥିବା ଡଷ୍ଟକୁ ସଫା ନ କରି ଠିକାଦାର ମନମୁଖି ଭାବେ ପତଳା ଭାବରେ ପିଚୁ ପକାଇ ରାସ୍ତା କାର୍ଯ୍ୟ କରିଥିବାରୁ ଏପରି ହୋଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। କାର୍ଯ୍ୟ ସମୟରେ ଯନ୍ତ୍ରୀ ନ ରହି ଜଣେ ଖଲାସିଙ୍କ ଉପସ୍ଥିତି ଫଳରେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଚାରିଛକ ବିଏସ୍‌ଏନ୍‌ଏଲ ନିକଟରେ ରାସ୍ତା ଫାଟି ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିମ୍ନମାନର କାର୍ଯ୍ୟ ଯୋଗୁ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଗୋପ, ୧୭।୧୧ (ଭାରତୀ ଭୂଷଣ ଉପାଧ୍ୟାୟ):

ଯୁବ ସମାଜ ଆଗରେ ରହିଲେ ସମସ୍ତ ପ୍ରକାରର କାର୍ଯ୍ୟଧାରା ଆଗକୁ ବଢ଼ିବାରେ ସକ୍ଷମ ହୋଇପାରିବ ବୋଲି ଶୁକ୍ରବାର ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଉଚ୍ଚ ମାଧ୍ୟମିକ କଲେଜରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରକାଶ କରିଛନ୍ତି। ନୟାହାଟ ଉଚ୍ଚ ମାଧ୍ୟମିକ କଲେଜର ଅଧ୍ୟକ୍ଷ ଭୋଳାନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ରତିକାନ୍ତ ଦାସ, ଜୟୀରାମ ସ୍ୱାଇଁ, ଶୁକଦେବ ନାୟକ, କଳ୍ପନା ନାୟକ, ଲକ୍ଷ୍ମୀଧର ସାମନ୍ତରାୟ, ଭାବଗ୍ରାହୀ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଏପରି ଏକ କାର୍ଯ୍ୟକ୍ରମରେ ସାମିଲ୍ ରହିଥିବା କ୍ରୀଡ଼ା, ସାମାଜିକ ସଚେତନତା, ସାଂସ୍କୃତିକ କାର୍ଯ୍ୟକ୍ରମଗୁଡିକ ୧ ମାସ ଧରି ଚାଲିବ ବୋଲି କଲେଜ ପକ୍ଷରୁ ଜଣାପଡିଛି।



କାର୍ଯ୍ୟକ୍ରମରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟ ଅତିଥିମାନେ ।

# ‘ନିର୍ଦ୍ଦିଷ୍ଟ ଗଣମାଧ୍ୟମ ନୀତି ପ୍ରଣୟନ ହେବା ଆବଶ୍ୟକ’

ପୁରୀ, ୧୭।୧୧(ଅଜିତ ମହାନ୍ତି)

ଦ ମିଡିଆ, କର୍ତ୍ତବ୍ୟରତ ସାମ୍ବାଦିକ ଓ ଲେଖକ ଫୋରମ ପକ୍ଷରୁ ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ଗୁରୁବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଫୋରମ ଅଧ୍ୟକ୍ଷ ସାମ୍ବାଦିକ ସରୋଜ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ରାଜ୍ୟ ସଭାପତି ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଉତ୍ସବରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଜୟାଲକ୍ଷ୍ମୀ ଦାଶ ସମ୍ମାନିତ ଅତିଥି. ସ୍ତମ୍ଭକାର ମଦନ ମୋହନ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ‘ଗଣତନ୍ତ୍ର ଓ ଗଣମାଧ୍ୟମ ପରସ୍ପର ପରିପୂରକ। ଗଣତନ୍ତ୍ରରେ ତିନି ସ୍ତମ୍ଭ ସାମ୍ବିଧାନିକ ମାନ୍ୟତା ପାଇଛନ୍ତି, କିନ୍ତୁ ଗଣମାଧ୍ୟମ ସାମ୍ବିଧାନିକ ମର୍ଯ୍ୟାଦା ପାଇନାହିଁ। ଏ ଦିଗରେ ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଗଣମାଧ୍ୟମ ନୀତି ପ୍ରଣୟନ ହେବାର ଆବଶ୍ୟକ ରହିଛି ବୋଲି ମତ ପ୍ରକାଶ ପାଇଥିଲା। ଆଲୋଚନା ଚକ୍ରରେ ସାମ୍ବାଦିକ ନିମାଇଁ ଚରଣ ମହାନ୍ତି, ଯଜ୍ଞେଶ୍ୱର ମହାନ୍ତି, ପ୍ରଦୀପ କୁମାର ନାୟକ, ଜୟକୃଷ୍ଣ ଦାସ, ତପନ କୁମାର ସେଠୀ, ଅଶୋକ କୁମାର ମିଶ୍ର, ଅଧ୍ୟାପିକା ସୁଚିସ୍ମିତା ମହାନ୍ତି, ରାନୁ ମିଶ୍ର, ସସ୍ମିତା ମିଶ୍ର, ଆଶାଲତା ପ୍ରଧାନ, ଚାରୁଲତା ମିଶ୍ର, ସୁରେଶ କୁମାର ପଟ୍ଟନାୟକ, ଯୋଗେଶ୍ୱର ପ୍ରହରାଜ, ଅଧିବକ୍ତା ରତିକାନ୍ତ ପ୍ରତିହାରୀ, ଭାଗବତ ପ୍ରସାଦ ପଟ୍ଟନାୟକ, ଦେବୀଦତ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗଣମାଧ୍ୟମ ଆଧାରିତ କବିତା ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଶେଷରେ ଭବାନୀ ପ୍ରସାଦ ବଳିୟାର ସିଂ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

# ସୂର୍ଯ୍ୟମନ୍ଦିର ସଂରକ୍ଷଣ, ପ୍ରବେଶ ଶୁଳ୍କ ଛାଡ଼ ଦାବିରେ ଧାରଣା

କୋଣାର୍କ, ୧୭।୧୧(ଜ୍ୟୋତିରାଜ ମହାନ୍ତି):

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ କେନ୍ଦ୍ର କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ଶୁକ୍ରବାର ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ପ୍ରତି ଶନିବାର ପ୍ରବେଶ ଶୁଳ୍କ ଛାଡ଼, ସୂର୍ଯ୍ୟ ମନ୍ଦିର ସଂରକ୍ଷଣ, ନବଗ୍ରହଙ୍କର ଏକ ଭବ୍ୟ ମନ୍ଦିର ନିର୍ମାଣ, ବ୍ୟବସାୟୀ, ଗାଇଡ୍ ଓ ଫଟୋଗ୍ରାଫରମାନଙ୍କ ଥଇଥାନ, ଚନ୍ଦ୍ରଭାଗା ତୀର୍ଥ ଓ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ନେଇ ଏକ ଧାର୍ମିକ କରିଡର ନିର୍ମାଣ ଦାବିରେ ଗଣଧାରଣା ଦିଆଯାଇଥିଲା। ଏଇ ଆନ୍ଦୋଳନ ୨୭ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ଅଦ୍ୟାବଧି ପ୍ରତ୍ନତାତ୍ତ୍ୱିକ ବିଭାଗ କୌଣସି ଦାବି ପ୍ରତି ଗୁରୁତ୍ୱ ଦେଇନାହିଁ। ଏଠାରେ ସୂଚନାଯୋଗ୍ୟ, ୧୯୯୭ ମସିହାରୁ ଲଗାତର କୋଣାର୍କ ସୁରକ୍ଷା ସମିତି ଆନ୍ଦୋଳନ କରିଆସୁଛି। ଶୁକ୍ରବାର ଗଣଧାରଣାସ୍ଥଳକୁ ଗୋପ ତହସିଲଦାର ରଞ୍ଜନ କୁମାର ପରିଡ଼ା, କୋଣାର୍କ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀମାନେ ଆସି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଓ ଏଏସ୍‌ଆଇ ଡିଜିଙ୍କ ଉଦ୍ଦେଶ୍ୟରେ ଆନ୍ଦୋଳନରତ ସୁରକ୍ଷା ସମିତ କର୍ମୀଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର ଉମାଶଙ୍କର ଆଚାର୍ଯ୍ୟ ଓ ପଦ୍ମଲୋଚନ କର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆବାହକ ଭାଗୀରଥି ସ୍ୱାଇଁ, ସମ୍ପାଦକ ରାମକୃଷ୍ଣ ମହାନ୍ତି, ରଘୁନାଥ ମହାପାତ୍ର, ନିରଞ୍ଜନ ତ୍ରିପାଠୀ, ବିରଞ୍ଚି ନାରାୟଣ ରଥ, ପ୍ରମୋଦ ଛୋଟରାୟ, ମିତ୍ରଲାଭ ନାୟକ, ରାଧାଶ୍ୟାମ ରାଉତରାୟ, ଅଶୋକ ପଣ୍ଡା, ନୃସିଂହ ନାୟକ, ଛୋଟୁ ବିଶ୍ୱରାୟ, ରଶ୍ମିରଞ୍ଜନ ବିଶ୍ୱାଳ, ବିଜୟ ଦାସ ପରିଚାଳନା କରିଥିଲେ।




ବିଭିନ୍ନ ଦାବି ନେଇ ସୂର୍ଯ୍ୟମନ୍ଦିର ସମ୍ମୁଖରେ ସୁରକ୍ଷା ସମିତି ପକ୍ଷରୁ ଗଣଧାରଣା ଦିଆଯାଇଛି ।

## ସଂକ୍ଷେପରେ

### ସାଲେପୁର ବ୍ଲକ୍ ପରିସରରେ ଭୋଟର ସହାୟତା କେନ୍ଦ୍ର

**ସାଲେପୁର,୧୭।୧୧(ଅରବିନ୍ଦ ଭୂୟାଁ):** ସାଲେପୁର ବ୍ଲକ ପରିସରରେ ଭୋଟର ସହାୟତା କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସାଲେପୁର ବିଡିଓ ଖଗେଶ୍ୱର ପାତ୍ର ଏହାକୁ ଉଦ୍‌ଘାଟନ କରି କହିଥିଲେ, ଏଠାରେ ନୂତନ ଭୋଟର ତାଲିକା ପ୍ରକାଶନ ଓ ସଂଶୋଧନ ପାଇଁ ସହାୟତା ମିଳିପାରିବ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଯୋଗାଣ ଅଧିକାରୀ ଦୀପ୍ତିରଞ୍ଜନ ବେହେରା, ଅତିରିକ୍ତ ବିଡିଓ ସୂର୍ଯ୍ୟକାନ୍ତ ରାଉତ, ପର୍ଶୁରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ବଣମଲ୍ଲୀର ଆସର ଉତ୍ସବ

**ଟିଗିରିଆ,୧୭।୧୧(ଜାଫର ଖାଁ):** ଟିଗିରିଆ ବ୍ଲକ ନିଜିଗଡ଼ ପଞ୍ଚାୟତର ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ ଡି.ଏମ୍ ମ୍ୟୁଜିକ ପକ୍ଷରୁ ବଣମଲ୍ଲୀର ଆସର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଜିଗଡ଼ର ସୁନାମଧନ୍ୟ ମୃଣ୍ମୟୀ ମୂର୍ତ୍ତି କାରିଗର ତଥା ଅଭିନେତା ସ୍ୱର୍ଗତ ବଳରାମ ପଣ୍ଡାଙ୍କ ସ୍ମୃତିରେ ସ୍ଥାନୀୟ ରାଜବାଟୀ ପ୍ରାଙ୍ଗଣରେ ଆୟୋଜିତ ଏହି ଉତ୍ସବରେ ଅନୁଷ୍ଠାନର ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରଯୋଜକ ତଥା ଅଭିନେତା ବିଭୁପ୍ରସାଦ ଦାସ, ସ୍ଥାନୀୟ ସରପଞ୍ଚ ସଞ୍ଜୁକ୍ତା ମହାନ୍ତି, ଗୀତିକାର ଅନିଲ ପଟ୍ଟନାୟକ, ଅନୁଷ୍ଠାନର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଦାସ, ଉପଦେଷ୍ଟା ଆଇନଜୀବୀ ବିକ୍ରମ କେଶରୀ ଦାଶ ଓ ଅର୍ଚ୍ଚନା ସିଂହସାମନ୍ତ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପ୍ରଥମେ ସ୍ୱର୍ଗତ ବଳରାମ ପଣ୍ଡାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ବାର୍ଷିକ ଉତ୍ସବ ଶୁଭାରମ୍ଭ କରାଯାଇଥିଲା। ନିର୍ଦ୍ଦେଶକ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବରିଷ୍ଠ ଗୀତିକାର ଅନିଲ ପଟ୍ଟନାୟକଙ୍କୁ 'ଗଡ଼ସୂର୍ଯ୍ୟ ଭାବ କଲ୍ଲୋଳ' ଓ ଅଭିନେତା ବ୍ରଜସୁନ୍ଦର ଦାସଙ୍କୁ 'ମାଟି ଦର୍ପଣ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର କଳାକାରମାନଙ୍କ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବ୍ରଜସୁନ୍ଦର ଦାସ, କଣ୍ଠଶିଳ୍ପୀ ପ୍ରବାସିନୀ ସ୍ୱାଇଁ, ପ୍ରଭାତୀ ସ୍ୱାଇଁ, ଶୁଭଶ୍ରୀ ନାୟକ, ରମେଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଉପଦେଷ୍ଟା ବିକ୍ରମ କେଶରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୂତକୋଠି ପାଲଟିଛି ନୂତନ ଅଙ୍ଗନୱାଡି ଗୃହ

ନିଶ୍ଚିନ୍ତକୋଇଲି, ୧୭।୧୧
(ଅଶୋକ କୁମାର ମହାପାତ୍ର)



- ୪ ବର୍ଷ ବିତିଥିଲେ ବି ହସ୍ତାନ୍ତର ହେଉନାହିଁ
- ବ୍ୟୟ ଅଟକଳ ଅନୁସାରେ ନିର୍ମାଣ କାର୍ଯ୍ୟ ହୋଇନାହିଁ
- ବିପଦସଙ୍କୁଳ ଗୃହରେ ଚାଲିଛି ପାଠପଢ଼ା

ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଅବହେଳା ଯୋଗୁ ନେମାଳ ଅଙ୍ଗନୱାଡି କେନ୍ଦ୍ରର ନବ ନିର୍ମିତ ଗୃହ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଇତିମଧ୍ୟରେ ଏହି ଗୃହଟି ଭୂତକୋଠିରେ ପରିଣତ ହୋଇଯାଇଛି। ଏହାର ଚତୁଃପାର୍ଶ୍ୱ ଅନାବନା ଗଛରେ ଭରପୂର ହୋଇଯାଇଛି। ଗୃହଟି ବିଷଧର ସାପଙ୍କ ଆଶ୍ରୟସ୍ଥଳୀ ପାଲଟିଯାଇଛି। ଅପରପକ୍ଷେ ନିଜସ୍ୱ କୋଠା ନ ଥିବାରୁ ଅଙ୍ଗନୱାଡି କେନ୍ଦ୍ରଟି ଏକ ବିଦ୍ୟାଳୟର ଏକ ପରିତ୍ୟକ୍ତ ଗୃହରେ ଚାଲିଥିବା ଅଭିଯୋଗ ହୋଇଛି।

ନେମାଳ ଅଙ୍ଗନୱାଡି କେନ୍ଦ୍ର ୨୦୦୦ ମସିହାରେ ଖୋଲାଯାଇଥିଲା। ଏହି କେନ୍ଦ୍ରରେ ଏବେ ୨୩ ଜଣ କୋମଳମତି ଶିଶୁ ଅଧ୍ୟୟନ କରୁଛନ୍ତି। ଦୀର୍ଘ ବର୍ଷ ହେଲା ଏହି କେନ୍ଦ୍ରଟି ସ୍ଥାନୀୟ ନେମାଳ ଉର୍ଦ୍ଧ୍ୱ ସରକାରୀ ପ୍ରାଥମିକ ବିଦ୍ୟାଳୟର ଏକ ପରିତ୍ୟକ୍ତ ଓ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଗୃହରେ ଚାଲୁଛି। ଏହି ଗୃହରେ ବିଦ୍ୟୁତ ସଂଯୋଗ ନ ଥିବା କାରଣରୁ କୋମଳମତି ଶିଶୁମାନେ ଖରାଦିନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସେହିପରି ମେଘୁଆ ପାଗ ହେଲେ ଗୃହ ଅନ୍ଧାର ହୋଇଯାଉଛି। ଫଳରେ ଶିଶୁମାନଙ୍କୁ ଶିକ୍ଷାଦାନ ଦେବା ନିମନ୍ତେ ଅଙ୍ଗନୱାଡି କର୍ମୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି କେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ସରକାର ୨୦୧୯ରେ ୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ଠିକାଦାରଙ୍କ ମାଧ୍ୟମରେ ଏହି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଅଟକଳ ଅନୁଯାୟୀ ଏହି ଗୃହ ନିର୍ମାଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏପରିକି ଗୃହ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ଗୃହର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି। ତେବେ ସରକାର ମଞ୍ଜୁର କରିଥିବା ଅର୍ଥରେ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ନ ହେବା କାରଣରୁ ପୁନର୍ବାର ଅର୍ଥ ମଞ୍ଜୁର କରାଯାଇଥିବା ଚର୍ଚ୍ଚା ହେଉଛି। ଇତିମଧ୍ୟରେ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏହି ଗୃହରେ ଅଙ୍ଗନୱାଡି କେନ୍ଦ୍ର ଚାଲିପାରୁନାହିଁ।

ଏସମ୍ପର୍କରେ ସିଡିପିଓ ସତ୍ୟଭାମା ବିଶୋଇ କୁହନ୍ତି, ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଉକ୍ତ ଗୃହ ଆମକୁ ହସ୍ତାନ୍ତର ହୋଇନାହିଁ। କେନ୍ଦ୍ର ଏକ ବିଦ୍ୟାଳୟରେ ଚାଲିଛି। ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ହସ୍ତାନ୍ତର କରାଗଲାପରେ ଆମେ ଏଠାରେ ଅଙ୍ଗନୱାଡି କେନ୍ଦ୍ର ଚଳାଇବୁ।

# ଧାନବିଲରୁ ଗଳିତ ମୃତଦେହ ଜବତ, ହତ୍ୟା ସନ୍ଦେହ

କଣ୍ଟାପଡା, ୧୭।୧୧(ସୁରନାରାୟଣ ସାହୁ)

ଫୁଲନଖରା-ନିଆଳି ୬୦ନଂ. ରାଜ୍ୟ ରାଜପଥର ଇଚ୍ଛାପୁର ନିକଟ ଏକ ଧାନବିଲରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହକୁ ଓଲଟପୁର ପୋଲିସ ଶୁକ୍ରବାର ଜବତ କରିଛି। ଅପରାହ୍ନରେ କଟକରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଯାଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା କଲ୍ୟାଣପୁର ଗ୍ରାମର ଟୁଟୁ ଓରଫ କେଳୁଚରଣ ରାଉତରାୟ(୫୨)। ଏ ସମ୍ପର୍କରେ ତାଙ୍କ ବଡ଼ଭାଇ ବିଭୁପ୍ରସାଦ ରାଉତରାୟ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଧାନବିଲରେ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ମୃତକଙ୍କ ଛାତି ଓ ମୁହଁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ଘଟଣାସ୍ଥଳରୁ ଏକ ମୋବାଇଲ, ଗାମୁଛା ଓ ଚପଲ ଜବତ କରିଥିଲା। ଉକ୍ତ ମୋବାଇଲରୁ ନମ୍ବର ଆଣି ତାଙ୍କ ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିଥିଲା। ଅପରାହ୍ନରେ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ବିଭୁପ୍ରସାଦଙ୍କ କହିବାନୁଯାୟୀ, ଟୁଟୁ ଭୁବନେଶ୍ୱର ୟୁନିଟ୍-୧ରେ ରହି ବ୍ୟବସାୟ କରୁଥିଲେ। ତେବେ ବ୍ୟବସାୟ ବନ୍ଦ ହୋଇଯାଇଥିଲେ ମଧ୍ୟ ସେ ସେଠାରେ ରହୁଥିଲେ। ଦୀପାବଳିର ୨/୪ ଦିନ ପୂର୍ବରୁ ଟୁଟୁଙ୍କୁ ନ ଦେଖିବାରୁ ତାଙ୍କ ସାଙ୍ଗମାନଙ୍କୁ ପଚରାଉଚରା କରିଥିଲେ। ପେଟ କାଟୁଥିବାରୁ ଟୁଟୁ କ୍ୟାପିଟାଲ ହସ୍ପିଟାଲ ଯାଇଥିବା କଥା ସେମାନେ କହିଥିଲେ। ମେଡିକାଲ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ସେଠାରେ ଟୁଟୁ ଚିକିତ୍ସା ହୋଇଥିବା ନେଇ କୌଣସି ପ୍ରମାଣ ମିଳି ନ ଥିଲା। ଗୁରୁବାର ସନ୍ଧ୍ୟାରେ ଟୁଟୁଙ୍କ ନିଖୋଜ ସମ୍ପର୍କରେ ବିଭୁପ୍ରସାଦ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ଟୁଟୁଙ୍କ ମୃତଦେହ ଭୁବନେଶ୍ୱରଠାରୁ ପ୍ରାୟ ୩୦ କିଲୋମିଟର ଦୂର ଏକ ଧାନବିଲରୁ ମିଳିଥିଲା। ତେଣୁ ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଗିରିଶ ମହାନ୍ତି କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ।

# ଡମପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ବିକ୍ଷୋଭ



ବାଙ୍କୀ ଭାଜପା ପକ୍ଷରୁ ଡମପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ବାଙ୍କୀ,୧୭।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଭାଜପା ପକ୍ଷରୁ ଡମପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇ ପ୍ରତିବାଦ ସଭା କରାଯାଇଥିଲା। ଏହି ଅବସରରେ ବାଙ୍କୀ ଉପଖଣ୍ଡର ଉଭୟ ବ୍ଲକର ଭାଜପା କର୍ମୀ ପଦଯାତ୍ରାରେ ବାଙ୍କୀ ରୁଚିକା ମାର୍କେଟରୁ ବାହାରି ନଗର ପରିକ୍ରମା କରିବାସହ ଡମପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି ଘେରାଉ କରିଥିଲେ। ଭାଜପାର ବରିଷ୍ଠ ନେତା ତଥା ଜିଲା ପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ ଓ ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀ ଅଜୟ କୁମାର ସ୍ୱାଇଁଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭାଜପା କର୍ମୀ ଓ ନେତାମାନେ ଯୋଗଦେଇଥିଲେ। ଭାଜପା ବରିଷ୍ଠ ନେତା ନିତ୍ୟାନନ୍ଦ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରି ପ୍ରଶାସନ ଓ ସରକାରଙ୍କ ଜନବିରୋଧୀ କାର୍ଯ୍ୟକୁ ନିନ୍ଦା କରିଥିଲେ। ବ୍ଲକରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମିଶନ ଶକ୍ତିରେ ଦୁର୍ନୀତି ହେବାସହ ଛତୁଆ ବଣ୍ଟନ, ଉନ୍ନୟନମୂଳକ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ବୋଲି ସେ କହିଥିଲେ। ଆଗାମୀ ଦିନରେ ପ୍ରଶାସନ ଯଦି ଏଭଳି କାର୍ଯ୍ୟକରେ ତେବେ ଭାଜପା ପକ୍ଷରୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଜିଲା ପରିଷଦ ସଭ୍ୟ ଚକ୍ରବର୍ତ୍ତୀ ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନବେଳେ ଡମପଡ଼ା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ସରୋଜ କୁମାର ମତଗଜ ସିଂହ, ପୂର୍ବତନ ଭାଜପା ଜିଲା ସମ୍ପାଦକ ସିଦ୍ଧେଶ୍ୱର ପାଇକରାୟ, ଆଇନଜୀବୀ ଦେବାଶିଷ ମାନସିଂହ, ପଦ୍ମଲୋଚନ ନାୟକ, ସୁରେଶ ଦାଶ, ମଦନମୋହନ ରାଉତ, ଜୟନ୍ତ ବେଉରା, ଜଗନ୍ନାଥ ପରିଡା, ସରପଞ୍ଚ ସଞ୍ଜୟ ପାଣି, ଦିନେଶ ଲାଲ୍, ସୌମ୍ୟରଞ୍ଜନ ନାୟକ ଓ ପ୍ରମୋଦ ବିଶୋଇ ପ୍ରମୁଖ ଯୋଗଦେଇଥିଲେ।

# ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଡମପଡ଼ା ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ**

ବାଙ୍କୀ,୧୭।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ରଣା ଏଥିରେ ସଭାପତିତ୍ୱ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ସ୍ମୃତି ପ୍ରଜ୍ଞା ମହାପାତ୍ର ଓ ମିନା କୁମାରୀ ଲେଙ୍କାଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଏହି ଅବସରରେ ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ। କଲେଜ ଅଧ୍ୟାପକ ତାପସ କୁମାର ମହାନ୍ତି, ଜ୍ୟୋତିପ୍ରକାଶ ପାଣିନୀ, ଅଧ୍ୟାପିକା ସ୍ମୃତିସନ୍ଧ୍ୟା ଦାଶ, ବିଷ୍ଣୁପ୍ରିୟା ରାଉତ, ଦେବସ୍ମିତା ରାଉତ, କର୍ମଚାରୀ ନିତ୍ୟାନନ୍ଦ ସାମନ୍ତରାୟ, ନରେଶ ମହାନ୍ତି, ସତ୍ୟପ୍ରକାଶ ଖଟୁଆ, ରାଜେଶ ମହାପାତ୍ର, ଧନେଶ୍ୱର ସାହୁ, ତ୍ରୈଲୋକ୍ୟ ସାହୁ, ନିବାସ ସାହୁ, ଦୀପୁ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟରେ ସହଯୋଗ କରିବା ସହିତ ନବାଗତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ବିଜ୍ଞାନ ମେଳାରେ ୯୧ ପ୍ରକଳ୍ପ ପ୍ରଦର୍ଶିତ



ବାଙ୍କୀ,୧୭।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଚର୍ଚ୍ଚିକା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ୟୋତି ଷଡ଼ଙ୍ଗୀ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପରିବେଶ ବିଜ୍ଞାନ, କମ୍ପ୍ୟୁଟର, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ସ୍ୱାସ୍ଥ୍ୟ ଓ ପରିମଳ, କୃଷି ଓ ଧାରଣୀୟ ବିକାଶ, ପରିବହନ ଓ ଯୋଗାଯୋଗ ତଥା ଗଣିତ ବିଭାଗରେ ମୋଟ ୯୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ଶିକ୍ଷକ ହିମାଂଶୁ କୁମାର ମହାପାତ୍ର, ମଧୁସ୍ମିତା ସାହୁ, ସନ୍ଧ୍ୟାରାଣୀ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ। ଏଥିରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ବ୍ଲକସ୍ତରୀୟ ବିଜ୍ଞାନମେଳାରେ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶିତ କରିବେ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

### ସାମାଜିକ କର୍ମୀଙ୍କ ପରଲୋକ

**ବାଙ୍କୀ,୧୭।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ଅବସରପ୍ରାପ୍ତ ଷ୍ଟାଫ୍ ନର୍ସ ବିଷ୍ଣୁପ୍ରିୟା କାନୁନ୍‌ଗୋ(୭୮)ଙ୍କ ବାଙ୍କୀ କଲେଜ ରୋଡସ୍ଥିତ ବାସଭବନରେ ପରଲୋକ ଘଟିଛି।



ସେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଷ୍ଟାଫ୍ ନର୍ସ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ବାଙ୍କୀ କଚେରି ଛକଠାରେ ସେ ଶିରିଡିସାଇ ଓ ତ୍ରିନାଥ ମନ୍ଦିର ପ୍ରତିଷ୍ଠା କରି ମନ୍ଦିରର ସମସ୍ତ ପରିଚାଳନା ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ବାଙ୍କୀ ସହର ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ତାଙ୍କ ମୃତ୍ୟୁରେ ବାଙ୍କୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆନ୍ତଃ ଜିଲା ବିର୍ସା ମୁଣ୍ଡା ଫୁଟବଲ ଉଦ୍‌ଯାପିତ

ଖୁଣ୍ଟୁଣୀ,୧୭।୧୧(ସଚ୍ଚିଦାନନ୍ଦ ପଣ୍ଡା)



କଟକ ଜିଲା ଆଠଗଡ଼ ବ୍ଲକ ଗୋବରା ପଞ୍ଚାୟତ ଅନ୍ତର୍ଗତ ଖାକସା ଗ୍ରାମ ଖେଳ ପଡ଼ିଆରେ ଗତ ୧୧ ତାରିଖରୁ ଚାଲିଥିବା ୨୩ତମ ବାର୍ଷିକ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ହିନ୍ଦ ବିର୍ସା ମୁଣ୍ଡା ଯୁବକ ସଙ୍ଘ ପକ୍ଷରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ କଟକ, ଢେଙ୍କାନାଳ, ଖୋର୍ଦ୍ଧା, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରୁ ୩୨ଟି ଆଦିବାସୀ ଦଳ ଭାଗ ନେଇଥିଲେ। ଟାଙ୍ଗୀ-ଚୌଦ୍ୱାର ବ୍ଲକର ଗୁଡୁଦୁଆ ଏଫ୍‌ସି ଓ ସ୍ଥାନୀୟ ଡେରା ଗ୍ରାମର ଜେଏଚ୍‌ବିଏମ୍ ଏଫ୍‌ସି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ହୋଇଥିବା ସମୟ ମଧ୍ୟରେ ଖେଳ ଅମୀମାଂସିତ ରହିବାରୁ ରେଫରି ଟାଇବ୍ରେକର ସହାୟତା ନେଇଥିଲେ। ଏଥିରେ ଗୁଡୁଦୁଆ ଏଫ୍‌ସି ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ଡେରା ଦଳ ରନର ଅପ୍ ହୋଇଥିଲା। ମୂଷୁଳିଆ ଓମ୍ ମା' ବନଦୁର୍ଗା ବିର୍ସା ମୁଣ୍ଡା ଯୁବକ ସଙ୍ଘ ତୃତୀୟ ଏବଂ ଯାଜପୁର ଜିଲା ବଡ଼ଚଣା ବ୍ଲକର ନ୍ୟୁ ସ୍ପୋର୍ଟିଂ କ୍ଲବ କଳକଳା ଚତୁର୍ଥ ସ୍ଥାନ ହାସଲ କରିଥିଲା। ସେହିପରି ୧୬ ଗୋଟି ଦଳକୁ ନେଇ ଅନୁଷ୍ଠିତ ଧମାକା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଖେଳ ମୂଷୁଳିଆର ଓମ ମା' ବନଦୁର୍ଗା ବିର୍ସା ମୁଣ୍ଡା ଯୁବକ ସଂଘ ଓ ମହାବୀର କ୍ଲବ ତାଳପଡିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୂଷୁଳିଆ ୧-୦ ଗୋଲରେ ତାଳପଡିଆକୁ ହରାଇ ଚଳିତ ବର୍ଷ ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ ପ୍ରଭାତ କୁମାର ଥାଟୋଇ ମୁଖ୍ୟ ଅତିଥି ଓ ଆୟୋଜକ କ୍ଲବର ସଭାପତି ତଥା ଖାକସା ଗ୍ରାମ ମୁରବି ଇନ୍ଦ୍ରମଣି ଲେୟାଙ୍ଗି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫୁଟ୍‌ବଲର ଉଭୟ ଇଭେଣ୍ଟର ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ଓ ନଗଦ ଅର୍ଥରାଶି ସହିତ ପୁରସ୍କୃତ କରିଥିଲେ। ଖେଳକୁ ରେଫରି ଲକି ହେମ୍ବ୍ରମ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍ସରେ ନାରଦ ପୁର୍ତ୍ତି ଓ ପାତ୍ର ଲେୟାଙ୍ଗି ସହଯୋଗ କରିଥିଲେ।

# ୧୫ ଦିନରେ ପୂରଣ ହେବ ଡାକ୍ତର ପଦବୀ

ସାଲେପୁର,୧୭।୧୧(ଅରବିନ୍ଦ ଭୂୟାଁ)

**ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମୀକ୍ଷା ବୈଠକ**

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡିଥିବା ଡାକ୍ତର ପଦବୀ ୧୫ଦିନ ମଧ୍ୟରେ ପୂରଣ କରାଯିବା ସହ ୩ଦିନ ମଧ୍ୟରେ ପଡ଼ିରହିଥିବା ଆମ୍ବୁଲାନ୍ସକୁ କାର୍ଯ୍ୟକ୍ଷମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଉପାଧ୍ୟକ୍ଷ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅରୁଣ କୁମାର ପଟ୍ଟନାୟକ, ବ୍ଲକ ପ୍ରୋଗ୍ରାମ ହେଲ୍‌ଥ ଅଫିସର ଡା. ବିଜୟ କୁମାର ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଗୁଲରେଜ ଅଲ୍ଲୀଙ୍କ ସମେତ କମ୍ୟୁନିଟି ହେଲ୍‌ଥ ଅଫିସର, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ରାଇସୁଙ୍ଗୁଡ଼ା, ରାମେଶ୍ୱର, କୁଣ୍ଡିପଡ଼ିଆ, ତେନ୍ତୋଳ, ପଦ୍ମପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସାଲେପୁର ସମେତ ୩ଟି ନିର୍ବାଚନ ମଣ୍ଡଳୀର ଲୋକ ନିର୍ଭରଶୀଳ। ମାତ୍ର ଏଠାରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଖାଲି ପଡ଼ିଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଆମ୍ବୁଲାନ୍ସ ଲୋକଙ୍କ କାମ ଲାଗୁ ନ ଥିବାରୁ ରୋଗୀଙ୍କୁ ନେବା ଆଣିବାରେ ସମସ୍ୟା ଭୋଗୁଥିବା ଜଣାପଡ଼ିଛି।

# ତନ୍ତ, ବୁଣାକାର ସରଞ୍ଜାମ ଯୋଗାଣ ପାଇଁ ଟେଣ୍ଡର

ଟିଗିରିଆ/ମାଣିଆବନ୍ଧ,୧୭।୧୧
(ଜାଫର ଖାଁ/ଅଖିଳ କୁମାର ସାହୁ)



ତନ୍ତ, ବୁଣାକାର ସରଞ୍ଜାମ ପ୍ରଦର୍ଶନ କରାଯାଉଛି।

ଆଠଗଡ଼ ସହକାରୀ ବୟନ ମଣ୍ଡଳ ଅଧୀନ ବୁଣାକାରମାନଙ୍କୁ ୨୩-୨୪ ଆର୍ଥିକ ବର୍ଷ ପାଇଁ ତନ୍ତ ଓ ବୁଣାକାର ସରଞ୍ଜାମ ଯୋଗାଇଦେବା ଲାଗି ହସ୍ତଶିଳ୍ପ ବିକାଶ ଯୋଜନାରେ ଟେଣ୍ଡର ପ୍ରକ୍ରିୟା ଶୁକ୍ରବାର ସହକାରୀ ବୟନ ମଣ୍ଡଳ କାର୍ଯ୍ୟାଳୟରେ ଶେଷ ହୋଇଛି। ଏନେଇ ବୟନ ତତ୍ତ୍ୱାବଧାରକ ଦାମୋଦର ବେହେରା ପ୍ରକାଶ କରିଛନ୍ତି। ଅକ୍ଟୋବର ୨୭ରେ ଏନେଇ ବିଭିନ୍ନ ଯୋଗାଣକାରୀସଂସ୍ଥାଠାରୁ ଟେଣ୍ଡର ଆବେଦନ କରାଯାଇଥିଲା। ସେହି ଅନୁଯାୟୀ, ରାଜ୍ୟର ୮ଟି ସଂସ୍ଥା ଆବେଦନ କରିଥିଲେ। ଶୁକ୍ରବାର ଟେଣ୍ଡର ଖୋଲାଯାଇଥିଲା। ଏହି ଅବସରରେ ସଂସ୍ଥାମାନେ ସେମାନଙ୍କର ସାମଗ୍ରୀ ବୁଣାକାର ଓ ବୁଣାକାର ସମିତିର କର୍ମକର୍ତ୍ତାଙ୍କୁ ପ୍ରଦର୍ଶିତ କରିଥିଲେ। ବୁଣାକାର ଠିକ୍ ସାମଗ୍ରୀ ଯେମିତି ପାଇବେ ସେଥିଯୋଗୁ ଏପରି କରାଯାଇଥିବା ଆଠଗଡ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଶ୍ରୀକାନ୍ତ ନାଏକ କହିଛନ୍ତି। ଟେଣ୍ଡର ଓ ସାମଗ୍ରୀ ଚୟନ ପ୍ରକ୍ରିୟାରେ ଅଧ୍ୟକ୍ଷ ଭାବେ ବୟନଶିଳ୍ପ ଉପନିର୍ଦ୍ଦେଶକ ନିରଞ୍ଜନ ଦେବତା (ଖୋର୍ଦ୍ଧା) ଉପସ୍ଥିତ ରହି ତଦାରଖ କରିଥିଲେ। ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଶ୍ରୀକାନ୍ତ କୁମାର ନାୟକ, ବୟନ ତତ୍ତ୍ୱାବଧାରକ ବେହେରା, ଅବିନାଶ ସେଠୀ, ସହକାରୀ ଉପନିବନ୍ଧକ ସମବାୟ ସମିତି ସମୂହ ଓ କ୍ରୟକମିଟି ସଦସ୍ୟଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯାଇଥିଲା।

# ଜଙ୍ଗଲ, ପରିବେଶ, ପ୍ରାଣୀପାଳନ, ମତ୍ସ୍ୟଚାଷକୁ ଗୁରୁତ୍ୱ

ସାଲେପୁର,୧୭।୧୧(ଅରବିନ୍ଦ ଭୂୟାଁ)



ଅଧିବେଶନରେ ଯୋଗଦେଇଥିବା ବିଧାୟକ ପ୍ରଶାନ୍ତ ବେହେରା ଓ ଅନ୍ୟମାନେ।

**ସାଲେପୁର ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ**

ସାଲେପୁର ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଏଥିରେ ଯୋଗଦେଇ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜଳ, ଜଙ୍ଗଲ, ପରିବେଶ, ଉଦ୍ୟାନ, ପ୍ରାଣୀପାଳନ, ମତ୍ସ୍ୟ, ଖାଦ୍ୟ, ଖାଉଟି କଲ୍ୟାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଲେପୁର ବ୍ଲକର ବହୁ ଅଞ୍ଚଳରେ ଚାଷ ଜମିରେ ଠିକ୍ ଭାବେ ଜଳସେଚନ ହୋଇପାରୁ ନ ଥିବାରୁ କେନାଲଗୁଡ଼ିକୁ ପୁନରୁଦ୍ଧାର କରିବାପାଇଁ ବିଧାୟକ ବେହେରା ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ପ୍ରାଣୀପାଳନ ଓ ମତ୍ସ୍ୟ ଚାଷ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଖାଉଟି କଲ୍ୟାଣ ସମ୍ବନ୍ଧରେ ଗୁରୁତ୍ୱାରୋପ କରାଯାଇଥିଲା। ସରକାରୀ ଜମିରେ ଅଧିକ ମାତ୍ରାରେ ଚାରାରୋପଣ କରି ପରିବେଶ ସନ୍ତୁଳନକୁ ବଜାୟ ରଖିବା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ପୂର୍ବ ବୈଠକର ବିବରଣୀ ପାଠ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ସାଲେପୁର ବିଡିଓ ଖଗେଶ୍ୱର ପାତ୍ର, ଗ୍ରାମପଞ୍ଚାୟତ ଅଧିକାରୀ ପର୍ଶୁରାମ ଜେନା, ଏମ୍‌ପିଙ୍କ ପ୍ରତିନିଧି ଗୁଲରେଜ ଅଲ୍ଲୀ, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ବିଳାସିନୀ ବାହିନୀପତି, ବ୍ଲକ ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ସଞ୍ଜୟ ବେହୁରା, ପବିତ୍ର ସାମଲ, ଅଶୋକ କୁମାର ଭୂୟାଁ, ଜ୍ଞାନରଞ୍ଜନ ପଟ୍ଟନାୟକ, ମନମୋହନ ସ୍ୱାଇଁ, କମଳାକାନ୍ତ ନାୟକ, ସମିତିସଭ୍ୟା ପୁଷ୍ପିତା ଭୂୟାଁ, ହିମାଂଶୁଭୂଷଣ ଦାଶ, ଗୌତମୀ ମଲ୍ଲିକ, ଜିଲା ପରିଷଦ ସଭ୍ୟା ରଞ୍ଜିତା ସେଠୀଙ୍କ ସମେତ ବହୁ ସମିତିସଭ୍ୟ, ସରପଞ୍ଚ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୧୧।୨୦୨୩

| ୬,୨୭, ୩୪୯ ଟଙ୍କା | |
|---|---|
| ସୁନା | ୯.୫୦୦ ଗ୍ରାମ୍ |
| ରୁପା | ୯୫.୨୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା କମ୍ୟୁନିଟି ରେଡିଓ ଆସୋସିଏଶନ ପକ୍ଷରୁ ସଡ଼କ ସୁରକ୍ଷା ଶୋଭାଯାତ୍ରା, ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୦ଟା।
- 'ଜନ ଅଧିକାର ଅଭିଯାନ' ଆନୁକୂଲ୍ୟରେ ଏ ସମ୍ପର୍କିତ ଆଲୋଚନାଚକ୍ର, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।
- ୨ୟ ପରିଚୟ ସାହିତ୍ୟ ଉତ୍ସବ, ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପୂର୍ବାହ୍ନ ୧୦ଟା ୩୦।
- ୨୬ତମ କଳିଙ୍ଗ ପୁସ୍ତକ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟା।
- ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ୩୭ତମ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ, କଳିଙ୍ଗ ଆର୍ଟ ଗ୍ୟାଲେରି, ଅପରାହ୍ନ ୪ଟା।
- ଝୁମୁକା ଆନୁକୂଲ୍ୟରେ ୩୭ତମ ସାମ୍ବତ୍ସରିକ ସାରସ୍ୱତ ସମାରୋହ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା ୩୦।
- ୩୪ତମ ଶିଶୁମେଳା, ଏକାମ୍ର ହାଟ, ସନ୍ଧ୍ୟା ୬ଟା।
- ସମ୍ଭାବନା ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ୨୬ତମ ବାର୍ଷିକ ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନର ପ୍ରସଙ୍ଗ ଭରତଙ୍କ ଚିତ୍ରକୂଟ ଗମନ, ଶ୍ରୀ ନିକୁଞ୍ଜବିହାରୀ ମନ୍ଦିର ପରିସର, ରାତି ୭ଟା।

# ବଡ଼ଦାଣ୍ଡରେ ରାତି ବିତାଉଛନ୍ତି ଭକ୍ତ

**ରହିବାକୁ ନାହିଁ ପର୍ଯ୍ୟାପ୍ତ ସୁବିଧା**

- ଭାଙ୍ଗିଦିଆଯାଇଛି ମଠ, ଧର୍ମଶାଳା
- ପ୍ରଶାସନ ପକ୍ଷରୁ କରାଯାଉନି ବ୍ୟବସ୍ଥା



ପୁରୀ, ୧୭।୧୧(ଅଜିତ୍ ମହାନ୍ତି)

ସନାତନ ହିନ୍ଦୁ ଧର୍ମର ଶ୍ରେଷ୍ଠ ଚାରିଧାମ ମଧ୍ୟରୁ ଶ୍ରୀକ୍ଷେତ୍ର ଅନ୍ୟତମ। ସେହିପରି ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ପୁରୀର ସ୍ଥାନ ସ୍ୱତନ୍ତ୍ର। ମହାପ୍ରଭୁଙ୍କ ଦର୍ଶନ କରିବା ଏବଂ ବେଳାଭୂମିରେ ବୁଲିବା ନିମନ୍ତେ ଦେଶ ବିଦେଶରୁ ଅନେକ ଭକ୍ତ ଓ ପର୍ଯ୍ୟଟକ ଏଠାକୁ ଛୁଟି ଆସନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଗୋଟିଏ ଦିନରେ ବୁଲାବୁଲି ସାରି ଶ୍ରୀକ୍ଷେତ୍ରରୁ ବାହୁଡ଼ି ଯାଉଥିବାବେଳେ ଦୂରଦୂରାନ୍ତରୁ ଆସୁଥିବା ଅନେକ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ସହ ଶ୍ରୀକ୍ଷେତ୍ରରେ କିଛିଦିନ ଅବସ୍ଥାନ କରିବାର ଇଚ୍ଛା ରଖିଥାନ୍ତି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଭକ୍ତ ସ୍ୱଳ୍ପ ମୂଲ୍ୟ ଦେଇ ଶ୍ରୀକ୍ଷେତ୍ରରେ ରହିବା ପାଇଁ ଚାହିଁଥାନ୍ତି। ତେବେ ପ୍ରଶାସନ ପକ୍ଷରୁ ସେପରି କିଛି ବିଶେଷ ସୁବିଧା ନ ଥିବାରୁ ସେମାନେ ବାଧ ହୋଇ ଶୀତ କାକରରେ ବଡ଼ଦାଣ୍ଡରେ ରାତି ବିତାଇଥାନ୍ତି। ଏହା ସେମାନଙ୍କ ପାଇଁ ତିକ୍ତ ଅନୁଭୂତି ଆଣିଥାଏ।

ସୂଚନା ଅନୁଯାୟୀ, ଅତୀତରେ ଶ୍ରୀମନ୍ଦିର ଚାରିପଟେ ବହୁ ମଠ ମନ୍ଦିର ଓ ଧର୍ମଶାଳା ରହିଥିଲା। ଗରିବ ତଥା ମଧ୍ୟବିତ୍ତ ଶ୍ରେଣୀର ଭକ୍ତମାନେ ସ୍ୱଳ୍ପ ମୂଲ୍ୟ ଦେଇ ମଠ ମନ୍ଦିର, ଧର୍ମଶାଳାଗୁଡ଼ିକରେ କିଛିଦିନ ଅବସ୍ଥାନ କରି ମହାପ୍ରଭୁଙ୍କ ସାନ୍ନିଧ୍ୟ ଲାଭ କରୁଥିଲେ। ମାତ୍ର ପରିକ୍ରମା ପ୍ରକଳ୍ପ ନିମନ୍ତେ ପ୍ରଶାସନ ପକ୍ଷରୁ ୧୮ଟି ମଠକୁ ଉଚ୍ଛେଦ କରିଦିଆଯାଇଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଗରିବ ଭକ୍ତମାନେ ରାତ୍ରିଯାପନ ପାଇଁ ଆଶ୍ରୟ ପାଇବାରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରରେ ପ୍ରବଳ ଭିଡ଼ ହେଉଛି। ପ୍ରଶାସନର ଦୂରଦୃଷ୍ଟି ଅଭାବ କାରଣରୁ ଭକ୍ତମାନେ ସମସ୍ୟା ଭୋଗୁଛନ୍ତି। ଅନେକ ଭକ୍ତ ରାତିରେ ନିଜ ଘରକୁ ଫେରି ନ ପାରି ଶ୍ରୀମନ୍ଦିର ଚାରିପାଖେ ଆଶ୍ରୟ ନେଉଛନ୍ତି। ଶୀତ କାକରରେ ପରିବାର ସହ ସେମାନଙ୍କର ରାତି କଟୁଛି। ପ୍ରଶାସନ ପକ୍ଷରୁ କରାଯାଇଥିବା ଶେଡ୍ ତଳେ କେହି ରାତିରେ ଶୋଉଛନ୍ତି, ତ ଆଉ କିଏ ବଡ଼ଦାଣ୍ଡରେ ଥିବା ଦୋକାନ ବାରଣ୍ଡାରେ ଆଶ୍ରୟ ନେଉଛନ୍ତି। ମଶା, ଡାଆଁଶ ସହ ଶୀତର ପ୍ରକୋପ ଭକ୍ତଙ୍କୁ ଅତିଷ୍ଠ କରୁଥିଲେ ମଧ୍ୟ ସେସବୁକୁ ସେମାନେ ସହିବାକୁ ବାଧ ହେଉଛନ୍ତି। ଜଣେ ଭକ୍ତଙ୍କ କହିବା ଅନୁଯାୟୀ, ସେ ପୁରୀ ଆସିଲେ ଶ୍ରୀମନ୍ଦିର ନିକଟରେ ଥିବା ମଠ କିମ୍ବା ଧର୍ମଶାଳାରେ କମ୍ ଟଙ୍କା ଦେଇ ରହନ୍ତି। ତେବେ ମଠଗୁଡ଼ିକ ଭଙ୍ଗାଯିବା ପରେ ରାତ୍ରିଯାପନ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେଉଁ ହୋଟେଲ ବା ଲଜ୍ ଅଛି, ସେଠାରେ ଏତେ ଟଙ୍କା ଦେଇ ରହିବା ସମ୍ଭବପର ନୁହେଁ। ତେଣୁ ଯେଉଁଦିନ ପୁରୀ ଆସନ୍ତି ସେହିଦିନ ତୁରନ୍ତ ମହାପ୍ରଭୁଙ୍କ ଦର୍ଶନକରି ପୁଣି ଫେରିଯାଇଥାନ୍ତି। ପ୍ରଶାସନ ପକ୍ଷରୁ ରହିବା ପାଇଁ ବ୍ୟବସ୍ଥା କରାଗଲେ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଉପକୃତ ହୁଅନ୍ତେ। ଅନ୍ୟପକ୍ଷରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପ୍ରାୟ ୫ହଜାର ଭକ୍ତଙ୍କ ରହଣି ପାଇଁ ବାସେଳିସାହିଠାରେ ଧର୍ମଶାଳା ନିର୍ମାଣ କରାଯାଉଛି। ସ୍ୱଳ୍ପ ମୂଲ୍ୟ ଦେଇ ଭକ୍ତମାନେ ସେଠାରେ ରହିପାରିବେ। ଓବିସିସି ଏହି ନିର୍ମାଣ କାର୍ଯ୍ୟ କରୁଛି। ଦ୍ରୁତଗତିରେ କାର୍ଯ୍ୟ ଆଗେଇ ଚାଲିଥିବାରୁ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ ହେବ ବୋଲି ଆଶା ରହିଛି। ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ରଞ୍ଜନ କୁମାର ଦାସ କହିଛନ୍ତି, ପ୍ରାୟ ୨୦ଟି ମଠର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ମେ' ମାସ ସୁଦ୍ଧା କାର୍ଯ୍ୟ ସରିଯିବ ବୋଲି ଆଶା ରହିଛି। ଓବିସିସିକୁ ଅନୁମୋଦନ ଦିଆଯାଇଛି। ବ୍ଲୁ ପ୍ରିଣ୍ଟ ଅନୁଯାୟୀ ସେହି ଡିଜାଇନରେ କାର୍ଯ୍ୟ କରାଯାଉଛି ବୋଲି ଦାସ ପ୍ରକାଶ କରିଛନ୍ତି।

# ରାଜ୍ୟ ଗ୍ରନ୍ଥାଗାରରେ ବକୁଳ ବୁକ୍ ବାଇକ୍




ବକୁଳ ବୁକ ବାଇକକୁ ସ୍ୱାଗତ କରିବା ଅବସରରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୭।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟ ଗ୍ରନ୍ଥାଗାରରେ ଜାତୀୟ ଗ୍ରନ୍ଥାଗାର ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ବକୁଳ ଫାଉଣ୍ଡେଶନ ପକ୍ଷରୁ ବକୁଳ ବୁକ୍ ବାଇକକୁ ଗ୍ରନ୍ଥାଗାର ପରିସରରେ ସ୍ୱାଗତ କରାଯାଇଛି। ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅତସୀ ଦାସ ପ୍ରମୁଖ ଉପସ୍ଥିତ ରହି ବୁକ୍ ବାଇକ୍ ସମ୍ପର୍କରେ କହିଥିଲେ। ଶିଶୁଙ୍କ ମଧ୍ୟରେ ପୁସ୍ତକ ପଠନକୁ ଉତ୍ସାହିତ କରିବା ପାଇଁ ଫାଉଣ୍ଡେଶନର ଏହି ପଦକ୍ଷେପକୁ ରାଉତରାୟ ପ୍ରଶଂସା କରିବା ସହ ଏହାକୁ ଜାତୀୟ ଗ୍ରନ୍ଥାଗାର ସପ୍ତାହର ଶେଷ ପର୍ଯ୍ୟନ୍ତ ରଖିବା ପାଇଁ ପରାମର୍ଶ ଦେଇଥିଲେ। ପାଠାଗାରକୁ ଆସୁଥିବା ସମସ୍ତ ପାଠିକାପାଠକ ବକୁଳ ବୁକ୍ ବାଇକ୍ ସହ ଫଟୋ ଉଠାଇ ଉତ୍ସାହିତ ହେଉଥିବା ଦେଖିବାକୁ ମିଳିଥିଲା। ଏହାକୁ ଦେଖିବାକୁ ଓ ଗ୍ରନ୍ଥାଗାର ପରିଦର୍ଶନ କରିବା ପାଇଁ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟକୁ ନିମନ୍ତ୍ରଣ କରାଯାଇଛି। ରାଜା ରାମ ମୋହନ ରାୟ ଲାଇବ୍ରେରି ଫାଉଣ୍ଡେଶନ କୋଲକାତାର କ୍ଷେତ୍ର ପରିଦର୍ଶକ ରାଜୀବ ରଞ୍ଜନ କୁମାର ଏଜୋ ଗ୍ରନ୍ଥାଗାର ପରିଦର୍ଶନ ସମୟରେ ବକୁଳ ବୁକ୍ ବାଇକର ଭୂୟସୀ ପ୍ରଶଂସା କରିଥିଲେ। ଏହାକୁ ରାଜ୍ୟ ସାରା ବୁଲାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ବୁକ୍ ବାଇକରେ ଶିଶୁ ଉପଯୋଗୀ ବହୁ ପୁସ୍ତକ ଥିବାରୁ ଶିଶୁମାନେ ଆସି ପଢିବାର ମଜା ନେଉଛନ୍ତି। ଗ୍ରନ୍ଥାଧ୍ୟକ୍ଷ ସଂଘମିତ୍ରା ସାହୁ, ରୁଦ୍ର ପ୍ରସାଦ ବେହେରା, ବିଦ୍ୟାଧର ପଣ୍ଡା, ପଦ୍ମନାଭ ଜେନା ଓ ସଳିତା ପାତ୍ର ଶିଶୁମାନଙ୍କୁ ବିଭିନ୍ନ ସୂଚନା ଦେଇ ଗ୍ରନ୍ଥାଗାରର ବିଭିନ୍ନ ବିଭାଗ ବିଷୟରେ ଅବଗତ କରାଇଥିଲେ।

# ଶୈଳଭାମାଙ୍କୁ ସଙ୍ଗୀତ, ରାଜ୍ୟବର୍ଦ୍ଧନଙ୍କୁ ଅକ୍ଷୟ ସାହିତ୍ୟ ସମ୍ମାନ

**ଅକ୍ଷୟ ସାହିତ୍ୟ ଓ ସଙ୍ଗୀତ ଉତ୍ସବ**

ଭୁବନେଶ୍ୱର, ୧୭।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶୁକ୍ରବାର ସଂସ୍କୃତି ଓ ସଂସ୍କୃତି ଅନୁଷ୍ଠାନ, ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ ଏବଂ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଅକ୍ଷୟ ସାହିତ୍ୟ ଓ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଲେଖିକା ଡ. ଇତି ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ସଭାପତି ପ୍ରଦୋଷ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଦିଲୀପ ହାଲି ବିବରଣୀ ପାଠ କରିଥିଲେ। ଏହି ଅବସରରେ ସାହିତ୍ୟିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କୁ 'ଅକ୍ଷୟ ସାହିତ୍ୟ ସମ୍ମାନ' ଓ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ରଙ୍କୁ 'ଅକ୍ଷୟ ସଙ୍ଗୀତ ସମ୍ମାନ' ପ୍ରଦାନ କରାଯାଇଥିଲା। ଆଦ୍ୟାଶା ଦାସ, ପ୍ରୀତିନନ୍ଦା ରାଉତରାୟ, ସଞ୍ଜୟ ମିଶ୍ର, ୟସ୍ ମହାନ୍ତି ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଯୋଜକ ଲୁଟୁ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବିପିନ ବିହାରୀ ମିଶ୍ର ପାଇବେ କାନ୍ତକବି ପୁରସ୍କାର



**କଟକ,୧୭।୧୧ (କାର୍ତ୍ତିକ ସାହୁ):** କଟକସ୍ଥିତ ହାସ୍ୟ ବିକାଶ କେନ୍ଦ୍ର ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତିରେ ପ୍ରଦତ୍ତ କାନ୍ତକବି ପୁରସ୍କାର ଚଳିତବର୍ଷ ବିଶିଷ୍ଟ ହାସ୍ୟ ଲେଖକ ବିପିନ ବିହାରୀ ମିଶ୍ରଙ୍କୁ ପ୍ରଦାନ କରାଯିବ। ମିଶ୍ର ଶତାଧିକ ହାସ୍ୟ ଗଳ୍ପ ରଚନା କରିବା ସହ ତୀର୍ଯ୍ୟକ ଦୃଷ୍ଟି, ଦାରୋଗା ସାହିତ୍ୟିକ, ହସର ଗୋଧୂଳି ପ୍ରଭୃତି ହାସ୍ୟ ପୁସ୍ତକ ରଚନା କରି ସ୍ମରଣୀୟ ହୋଇଛନ୍ତି। ଏଯାବତ୍ ତାଙ୍କର ୪୮ ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଛି। ଭାରତୀୟ ପୋଲିସ୍ ସେବାରେ ରହି ନିରନ୍ତର ସାହିତ୍ୟ ସାଧନା କରିବା ତାଙ୍କ ପ୍ରତିଭାର ସ୍ୱାତନ୍ତ୍ର୍ୟ। ପୂର୍ବରୁ ଗୋପାଳ ଛୋଟରାୟ, ମନୋଜ ଦାସ, ମହାପାତ୍ର ନୀଳମଣି ସାହୁ, ଚନ୍ଦ୍ରଭାନୁ ଶତପଥୀଙ୍କ ଭଳି ବହୁ ବିଶିଷ୍ଟ ହାସ୍ୟ ଲେଖକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଆସନ୍ତା ୨୦ ତାରିଖ ସନ୍ଧ୍ୟାରେ କଟକ ଶତାବ୍ଦୀ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ମିଶ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରିବେ ବୋଲି ହାସ୍ୟବିକାଶ କେନ୍ଦ୍ରର ସମ୍ପାଦକ ପ୍ରଫେସର ବିଜୟାନନ୍ଦ ସିଂହ ଜଣାଇଛନ୍ତି।

# ଦୁଇ ଅଭିଯୁକ୍ତଙ୍କୁ ୨ ବର୍ଷ ୧୧ ମାସ ଜେଲଦଣ୍ଡ

**ସୁନାଚେନ୍ ଲୁଟ୍ ମାମଲା**

ଭୁବନେଶ୍ୱର,୧୭।୧୧ (ସତ୍ୟଜିତ୍ ରାଉତ)

କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ମହିଳାଙ୍କଠାରୁ ସୁନା ଚେନ୍ ଲୁଟ୍ ମାମଲାରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଶୁକ୍ରବାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ଚନ୍ଦନ ନାଏକ ଓ ଅଲ୍ଲି ଅଜମ୍ ମଲ୍ଲିକ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଉଭୟଙ୍କୁ ୨ ବର୍ଷ ୧୧ ମାସ ଜେଲଦଣ୍ଡାଦେଶ ସହ ୫ ହଜାର ଲେଖାଏ ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଦୋଷୀଦ୍ୱୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ଶିଶିର କୁମାର ସାହୁ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବାପୁଜିନଗରରେ ରହୁଥିବା ସୌଦାମିନୀ ପଣ୍ଡା ୨୦୨୩ ମାର୍ଚ୍ଚ ୧୨ ସନ୍ଧ୍ୟା ପ୍ରାୟ ୭ଟା ୪୫ରେ ସ୍ୱାମୀଙ୍କ ସହ ସ୍କୁଟିରେ ବସି ଶିଶୁଭବନ ଛକରୁ ରାଜମହଲ ଆଡ଼େ ଯାଉଥିବାବେଳେ ଅଭିଯୁକ୍ତଦ୍ୱୟ ଏକ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଯାଇଥିଲେ। ସୌଦାମିନୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୬୦/୨୦୨୩) ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ତେବେ ମାମଲାର ଶୁଣାଣି ବେଳେ ୭ଜଣଙ୍କ ସାକ୍ଷ୍ୟ ଓ ୬ ଦସ୍ତାବିଜ୍‌କୁ ଆଧାର କରି କୋର୍ଟ ରାୟ ପ୍ରକାଶ କରିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ଓକିଲ ରାକେଶ କୁମାର ପୋଥାଳ ଓ ଅନ୍ୱର ଅଲ୍ଲି ପରିଚାଳନା କରୁଥିଲେ।

# ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୀବନ ସାମାଜିକ ନ୍ୟାୟ ପାଇଁ ସମର୍ପିତ

ଭୁବନେଶ୍ୱର, ୧୭।୧୧(ଶର୍ମିଷ୍ଠା ପାଣିଗ୍ରାହୀ)



ବରିଷ୍ଠ ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ରଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରୁଛନ୍ତି।

ସମାଜ ସେବା ପାଇଁ ଆବଶ୍ୟକ ସାମାଜିକ ଆଦର୍ଶ ଓ ପ୍ରତିବଦ୍ଧତା। ସମାଜର ପ୍ରତି ବର୍ଗଙ୍କ ଉତ୍ଥାନରେ ହିଁ ଅଛି ସାମାଜିକ ନ୍ୟାୟ ପ୍ରତିଷ୍ଠାର ସ୍ୱପ୍ନ ଓ ଆଭିମୁଖ୍ୟ। ଏହାକୁ ସାକାର କରିବା ପାଇଁ ବିଭିନ୍ନ ମାଧ୍ୟମ ରହିଛି। ସ୍ୱର୍ଗତ ହରିଶ୍ଚନ୍ଦ୍ର ବକ୍ସିପାତ୍ର ନିଜ ଚେତନା ଓ କର୍ମରେ ଏଥିପାଇଁ ଜୀବନବ୍ୟାପୀ କାର୍ଯ୍ୟ କରିଥିଲେ ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି। ଶୁକ୍ରବାର ସୂଚନା ଭବନରେ ଆୟୋଜିତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୦ତମ ଜୟନ୍ତୀ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ଦାସ କହିଲେ, ଶିକ୍ଷା ହିଁ ପ୍ରଗତିର ମୂଳମନ୍ତ୍ର। ଶିକ୍ଷା ମାଧ୍ୟମରେ ସାମାଜିକ ପରିବର୍ତ୍ତନ ସମ୍ଭବ। ଏହାର ସକାରାତ୍ମକ ଉପଯୋଗକରି ଲୋକଙ୍କୁ ସଶକ୍ତ କରିବାର ଅନନ୍ୟ ପ୍ରୟୋଗ ସ୍ୱର୍ଗତ ବକ୍ସିପାତ୍ର କରିଥିଲେ। ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା 'ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମୃତି କମିଟି'ର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ସ୍ମୃତିଚାରଣ କରିଥିଲେ। ପୂର୍ବତନ ପ୍ରଶାସକ ସଞ୍ଜୀବଚନ୍ଦ୍ର ହୋତା ସ୍ୱର୍ଗତ ବକ୍ସିପାତ୍ରଙ୍କ ସହିତ ନିଜର ଅନୁଭୂତି ଅବତାରଣା କରିଥିଲେ। ସ୍ମୃତି କମିଟିର ସାଧାରଣ ସମ୍ପାଦକ ଲୋପାମୁଦ୍ରା ବକ୍ସିପାତ୍ର କମିଟିର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପାକ୍ଷିକ ପତ୍ରିକା 'ଲୋକନୀତି'ର ବିଶେଷ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ରଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ବୈଦେଶିକ ସଚିବ ତଥା କୂଟନୀତିଜ୍ଞ ଶ୍ୟାମ ସରନ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ବାମନ



@ ଅର୍ଜୁନ



@ ଆଦିତ୍ୟ



@ ବ୍ରଜ



@ ଶିବୁନା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ରେଡିଓଲୋଜିଷ୍ଟ ଗିରଫ, ୩୪ ହଜାର ଜବତ

**ଘରୋଇ ହସ୍ପିଟାଲର ୩୧ ଲକ୍ଷ ହଡ଼ପ ଘଟଣା**

ଭୁବନେଶ୍ୱର,୧୭।୧୧ (ସୂର୍ଯ୍ୟକାନ୍ତ ବେହେରା)



ରୋଗୀଙ୍କଠାରୁ ଚିକିତ୍ସା ବାବଦ ବିଲ୍ ଆଦାୟ କରି ହସ୍ପିଟାଲ ଆକାଉଣ୍ଟରେ ଜମା ନ କରି ୩୧ ଲକ୍ଷ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଫେରାର ଥିବା ଜଣେ ରେଡିଓଲୋଜିଷ୍ଟଙ୍କୁ ୬ ମାସ ପରେ ଗିରଫ କରି ଶୁକ୍ରବାର କୋର୍ଟ ଚାଲଣ କରିଛି। ଅଭିଯୁକ୍ତ ହେଲେ କଟକ ବୟାଳିଶି ମୌଜା ଥାନା ଶିଶୁଆ ଗ୍ରାମର ନାରାୟଣ ବେହେରା। ହସ୍ପିଟାଲ କର୍ତ୍ତୃପକ୍ଷ ୩୧ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ କରିଥିବାବେଳେ ନାରାୟଣ ୧୦ ଲକ୍ଷ ଟଙ୍କା ଆତ୍ମସାତ କରିଥିବା କହୁଛି ବୋଲି ପୋଲିସ କହିଛି। ତେବେ ପୋଲିସ ତାଙ୍କଠାରୁ ମାତ୍ର ୩୪ ହଜାର ଟଙ୍କା ଜବତ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ନାରାୟଣକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ନାରାୟଣ ଭରତପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ୨୦୧୯ ରୁ ୨୩ ମସିହା ପର୍ଯ୍ୟନ୍ତ ରେଡିଓଲୋଜିଷ୍ଟ ଭାବେ କାମ କରୁଥିଲେ। ଏହି ସମୟରେ ରୋଗୀଙ୍କ ଠାରୁ ବିଭିନ୍ନ ସମୟରେ ଚିକିତ୍ସା ବାବଦକୁ ଟଙ୍କା ଆଦାୟ କରୁଥିଲେ। ହେଲେ ଆଦାୟ ଟଙ୍କା ହସ୍ପିଟାଲ ଆକାଉଣ୍ଟରେ ଜମା ନ କରି ନିଜେ ଆତ୍ମସାତ୍ କରି ଦେଉଥିଲେ। ଚିକିତ୍ସାଧୀନ ରୋଗୀମାନେ ହସ୍ପିଟାଲ ଛାଡିବା ସମୟରେ ସେମାନେ ଦେଇଥିବା ଟଙ୍କାର ହିସାବ ଦିଆଯାଉ ନ ଥିଲା। ତେଣୁ ବିଭିନ୍ନ ସମୟରେ ରୋଗୀମାନେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ। ଅଭିଯୋଗ ସଂଖ୍ୟା ବଢ଼ିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ଖୋଳତାଡ଼ ଆରମ୍ଭ କରିବାରୁ ଅଭିଯୁକ୍ତ ରେଡିଓଲୋଜିଷ୍ଟ ହସ୍ପିଟାଲ ଛାଡ଼ି ଫେରାର ହୋଇଯାଇଥିଲେ। ଏନେଇ ଭରତପୁର ଥାନାରେ ହସ୍ପିଟାଲ ପକ୍ଷରୁ ଏକ ଲିଖିତ ଅଭିଯୋଗ କରାଯାଇଥିଲା।

# ଦୀର୍ଘତମ ହାତତିଆରି ୱିଗ୍

ଅବୁଜା

ନାଇଜେରିଆର ଜଣେ ୱିଗ୍ ମେକର ୧ହଜାର ୧୫୨ ଫୁଟ ୫ ଇଞ୍ଚ ଲମ୍ବର ଦୀର୍ଘତମ ହାତତିଆରି ୱିଗ୍ ପ୍ରସ୍ତୁତ କରି ଏକ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି, ଯାହା ୩ଟି ଫୁଟ୍‌ବଲ ପଡ଼ିଆଠାରୁ ବି ଲମ୍ବା। ଲାଗୋସ ବାସିନ୍ଦା ହେଲେନ୍ ୱିଲିୟମ୍‌ସଙ୍କୁ ଏଡି ୱିଗ୍ ତିଆରି ପାଇଁ ୧୧ ଦିନ ସମୟ ଲାଗିଥିଲା। ହେଲେନ୍ ପ୍ରଥମେ ସାଇକେଲ ହେଲମେଟରେ ଲାଗିଥିବା ୱିଗ୍ କ୍ୟାପ୍ ଏବଂ କଳା କପଡ଼ା ବ୍ୟବହାର କରି ଏକ ଅଣ୍ଡରଲାଇନ ନିର୍ମାଣ କରିଥିଲେ। ଏହାପରେ ୧ ହଜାର ବଣ୍ଡଲ କେଶ, ୧୨ କ୍ୟାନ୍ ହେୟାରପ୍ରେ, ୩୫ ଟ୍ୟୁବ୍ ହେୟାର ଗ୍ଲୁ ଏବଂ ୬ ହଜାର ୨୫୦ ହେୟାର କ୍ଲିପ୍ ବ୍ୟବହାର କରି ୱିଗ୍ ପ୍ରସ୍ତୁତ କରିଥିଲେ। ଏପରି ଲମ୍ବା ୱିଗ୍ ପାଇଁ ସାମଗ୍ରୀ ସଂଗ୍ରହ କରିବା ସହଜ କାମ ନୁହେଁ ବୋଲି ହେଲେନ୍ କହିଛନ୍ତି। ୮ ବର୍ଷ ଧରି ତାଙ୍କର ଏହି କାର୍ଯ୍ୟ ଉପରେ ଦକ୍ଷତା ଥିଲେ ମଧ୍ୟ ଏହା ତାଙ୍କ ପାଇଁ ସେତେ ସହଜ ନ ଥିଲା ବୋଲି ସେ କହିଛନ୍ତି। ବ୍ୟାପକ ଅଭିଜ୍ଞତା ସତ୍ତ୍ୱେ ସେ ଏହି ୱିଗ୍ ପ୍ରସ୍ତୁତି ସମୟରେ କ୍ଳାନ୍ତ ଅନୁଭବ କରୁଥିଲେ। କିନ୍ତୁ ତାଙ୍କ ପରିବାର ଓ ପ୍ରିୟଜନଙ୍କ ଉତ୍ସାହ ଯୋଗୁ ସେ ପୁଣି କାମରେ ଲାଗିପଡ଼ିଥିଲେ, ଯାହାର ଫଳସ୍ୱରୂପ ସେ ଏହି ଦୀର୍ଘତମ ୱିଗ୍ ନିର୍ମାଣ କରିବାରେ ସଫଳ ହୋଇଥିଲେ। ତେବେ ସେ ସପ୍ତାହକୁ ୫୦ରୁ ୩ ଶହ ହେୟାରପେସ ହାରରେ ହଜାରେ ୱିଗ୍ ଉତ୍ପାଦନ କରିଥା'ନ୍ତି।






## ଗୀତ ଶୁଟ୍ ପାଇଁ ୨ ଦିନ ପାଣି ପିଇ ନ ଥିଲେ

ମୁମ୍ବାଇ

ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ୩ ଦଶନ୍ଧିର ଫିଲ୍ମ କ୍ୟାରିୟରରେ ଚଳଚ୍ଚିତ୍ର 'ପଠାନ୍' ଏବଂ 'ଜୱାନ୍' ତାଙ୍କୁ ଅନେକ ସଫଳତା ଦେଇଛି। ନିକଟରେ ନିର୍ଦ୍ଦେଶକ-କୋରିଓଗ୍ରାଫର ଫର୍‌ହାନ ଖାନ୍ ଶାହରୁଖ୍‌ଙ୍କ କଠିନ ପରିଶ୍ରମ ବାବଦରେ କହିଛନ୍ତି। ୧୯୯୨ ମସିହାରେ ସେ ଫିଲ୍ମ 'ଦିୱାନା' ଜରିଆରେ ପ୍ରଥମ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ସେ ପ୍ରଥମ ଦିନରୁ ହିଁ ଅଭିନୟ ପ୍ରତି ତାଙ୍କ ଉତ୍ସୁକତାକୁ ଦର୍ଶାଇଛନ୍ତି। ତେବେ ଫିଲ୍ମ 'ଓମ୍ ଶାନ୍ତି ଓମ୍'ର ଗୀତ 'ଦର୍ଦ୍ଦ-ଇ-ଡିସ୍କୋ' ଶୁଟ୍ ସମୟରେ ସେ ୨ ଦିନ ପର୍ଯ୍ୟନ୍ତ ପାଣି ପିଇ ନ ଥିବା ନିର୍ଦ୍ଦେଶକ ଫର୍‌ହାନ କହିଛନ୍ତି। ଫର୍‌ହାନ କହିଛନ୍ତି, 'ମେଁ ହୁଁ ନା' ପାଇଁ ସେ ଏକ ଖାଲି ଦେହର ଶୁଟ୍ ଚାହୁଁଥିଲେ। ନିର୍ଦ୍ଦେଶକ ଭାବେ ଫର୍‌ହାନଙ୍କ ଏହା ଡେବ୍ୟୁ ଫିଲ୍ମ ଥିଲା। ସେତେବେଳେ ଶାହରୁଖ ତାହା କରିପାରି ନ ଥିଲେ। କାରଣ ସେତେବେଳେ ତାଙ୍କ ପିଠିରେ ଆଘାତ ଲାଗିଥିଲା। କିନ୍ତୁ ଶାହରୁଖ୍ ପରେ ଏପରି ଏକ ଶୁଟ୍ କରିବେ ବୋଲି ଫର୍‌ହାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଗୀତର ଉପଯୁକ୍ତ ଶୁଟ୍ ପାଇଁ ସେ ୨ ଦିନ ଧରି ପାଣି ପିଇ ନ ଥିବା ନିର୍ଦ୍ଦେଶକ କହିଛନ୍ତି।

**E- AUCTION NOTICE**
**(DAMAGED WATER AFFECTED MATERIAL )**
E- Auction forms are invited from interested buyers for disposal, strictly on "As Is Where Is" basis, for damaged salvage of **"Damaged Water Affected Biaxially Oriented Polyester Film"** on **"Weighment BASIS"** belonging to M/s Jindal Poly Films Limited lying at M/s Chakadola Polymers Pvt. Ltd., at-Madanmohan Pur, Po-Haladiapadar, Berhampur, Ganjam, Odisha. (Case Handled By M/s Riskalyze Insurance Surveyors Pvt. Ltd, 9999600599) Salvage of the above materials can be inspected between 18/11/2023 to 27/11/2023, after taking prior appointment from D.K. Nayak Ph: 7735635806. E-Auction to be held on 27/11/2023 at 03:00 PM. For E-Auction forms, **Contact Mr. Akshat Kaushik Mob:- 8882070495** of **Salvage Auction Private Limited (Auctioneers)** or download from website: www.salvageauction.co.in. Last date for submission of E-auction form is 27/11/2023 before 12:30 PM.

# ମିସ୍ ୟୁନିଭର୍ସରେ ଭାରତର ପ୍ରତିନିଧିତ୍ୱ କରିବେ ଶ୍ୱେତା




ନୂଆଦିଲ୍ଲୀ

ଚଳିତ ବର୍ଷ ୭୨ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତା ଶନିବାର ସାନ ସାଲଭାଡର୍‌ର ଜୋସ୍ ଆଡୋଲ୍ଫୋ ପିନେଡା ଏରିନାରେ ଆୟୋଜିତ ହେଉଛି। ଏହି ପ୍ରତିଯୋଗିତାରେ ଭାରତ ପକ୍ଷରୁ ଚଣ୍ଡିଗଡ଼ର ଶ୍ୱେତା ଶାରଦା ପ୍ରତିନିଧିତ୍ୱ କରିବେ, ଯିଏ ଜଣେ ପ୍ରତିଭାଶାଳୀ ମଡେଲ, ଡ୍ୟାନ୍ସର ଏବଂ କୋରିଓଗ୍ରାଫର ଅଟନ୍ତି। ଚଳିତ ବର୍ଷ ପ୍ରତିଯୋଗିତାରେ ୮୪ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ତେବେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଶ୍ୱେତା ପ୍ରଥମରୁ କେତେଗୁଡ଼ିଏ ଡ୍ୟାନ୍ସ ରିଆଲିଟି ଶୋ'ରେ ଅଂଶଗ୍ରହଣ କରିଥିଲେ। ସେ ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ ସିଜନ-୬, ଡ୍ୟାନ୍ସ ଦିୱାନେ, ଡ୍ୟାନ୍ସ ପ୍ଲସ୍ ସିଜନ-୬ରେ ଭାଗ ନେଇଥିଲେ। ଏଥିସହ ସେ ଝଲକ୍ ଦିଖ୍ ଲାଜା ସିଜନ-୧୦ରେ କୋରିଓଗ୍ରାଫର ଭାବେ ମଧ୍ୟ କାମ କରିଥିଲେ। ଶ୍ୱେତା ମ୍ୟୁଜିକ୍ ଭିଡିଓ 'ମସ୍ତ ଆଖେଁ'ରେ ଲୋକପ୍ରିୟ ଅଭିନେତା ତଥା ଡ୍ୟାନ୍ସରଙ୍କ ସହିତ ସ୍କ୍ରିନ୍ ଶେୟାର କରିଛନ୍ତି। ଅଗଷ୍ଟ ୨୦୨୩ରେ ମିସ୍ ଦିଭା ୟୁନିଭର୍ସ ପ୍ରତିଯୋଗିତା ପାଇଁ ୧୬ ପ୍ରତିଯୋଗୀଙ୍କ ମଧ୍ୟରୁ ସେ ବଛାଯାଇଥିଲେ। ପ୍ରତିଯୋଗିତାରେ ଶ୍ୱେତା ମିସ୍ ଦିଭା ୟୁନିଭର୍ସ-୨୦୨୩ର ବିଜେତା ହୋଇଥିଲେ। ଏଥିସହ ସେ ମିସ୍ ଟ୍ୟାଲେଣ୍ଟେଡ୍, ମିସ୍ ବଡି ବ୍ୟୁଟିଫୁଲ, ଟପ୍ ୫ ମିସ୍ ଫଟୋଜେନିକ୍ ଏବଂ ଟପ୍ ୬ ମିସ୍ ର୍ୟାମ୍ପ ୱାକ୍ ଭାବେ ମଧ୍ୟ ଟ୍ରଫି ଜିତିଥିଲେ। ଶ୍ୱେତାଙ୍କୁ ନିଜ କ୍ୟାରିୟର ପାଇଁ ୧୬ ବର୍ଷ ବୟସରେ ଘର ଛାଡ଼ିବାକୁ ପଡ଼ିଥିଲା।

कार्यपालक अभियन्ता का कार्यालय,
ग्रामीण कार्य विभाग, कार्य प्रमण्डल, हजारीबाग
ई–निविदा आमंत्रण सूचना

ई–निविदा सं0 :– 07/2023-24/RWD/EE/HAZARIBAG दिनांक :– 16.11.2023

कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है ।

1. कार्य की विवरणी :–

| क्र0 सं0 | आईडेन्टी फिकेषन संख्या/पैकेज संख्या | प्रखण्ड | कार्य का नाम | प्राक्कलित राषि (रुपया में) अंक में | अक्षर में | कार्य समाप्ति की अवधि |
|---|---|---|---|---|---|---|
| 1 | RWD/HAZ/STPKG/09/2023-24 | बड़कागाँव | एन0टी0पी0सी0 पथ चेपाखुर्द से चेपाकला तक पथ का सुदृढ़ीकरण कार्य (लं0–4.150 कि0मी0) | 15,23,93,600/- | पन्द्रह करोड़ तेईस लाख तिरान्बे हजार छ: सौ रुपये मात्र | 9 (नौ) माह |
| | | बड़कागाँव | जुबला से चानो तक पथ का सुदृढ़ीकरण कार्य (लं0–5.900 कि0मी0) | | | |
| | | बड़कागाँव | हरली षिव मन्दिर से नापोकला पथ होते हुए सतबहिनी पुल तक पथ का सुदृढ़ीकरण कार्य (लं0–5.140 कि0मी0) | | | |
| | | बड़कागाँव | लुरुगां से इन्दरा तक पथ का सुदृढ़ीकरण कार्य (लं0–6.550 कि0मी0) | | | |
| | | बड़कागाँव | महुदी मध्य विद्यालय से घुम्बागढ़ा तक पथ का सुदृढ़ीकरण कार्य (लं0–3.600 कि0मी0) | | | |
| | | बड़कागाँव | बड़कागाँव सूर्य मन्दिर से आराहरा तक पथ का सुदृढ़ीकरण कार्य (लं0–4.100 कि0मी0) | | | |
| | | बड़कागाँव | डोकाटांड से बरबनिया होते हुए मलडीह तक पथ का सुदृढ़ीकरण कार्य (लं0–4.000 कि0मी0) | | | |
| 2 | RWD/HAZ/STPKG/10/2023-24 | चुरचू | फुसरी से कजरी तक पथ का सुदृढ़ीकरण कार्य (लं0–2.900 कि0मी0) | 17,81,93,200/- | सतरह करोड़ एकासी लाख तेरान्बे हजार दो सौ रुपये मात्र | 9 (नौ) माह |
| | | चुरचू | जोरदाग गाँव से डूमर (चुरचू मुख्य पथ) भाया कोवारी तक पथ का सुदृढ़ीकरण कार्य (लं0–2.990 कि0मी0) | | | |
| | | दारु | इरगा से बरवार तक पथ का सुदृढ़ीकरण कार्य (लं0–4.460 कि0मी0) | | | |
| | | दारु | बेलवा मोड से आँगो तक पथ का सुदृढ़ीकरण कार्य (लं0–5.220 कि0मी0) | | | |
| | | दारु | आँगो से रहमदगा तक पथ का सुदृढ़ीकरण कार्य (लं0–4.500 कि0मी0) | | | |
| | | डाड़ी | खपिया से कोल्हुवाटांड तक पथ का सुदृढ़ीकरण कार्य (लं0–1.000 कि0मी0) | | | |
| | | केरेडारी | बलेदेवारी से तेलिया बेंगवारी तक पथ का सुदृढ़ीकरण कार्य (लं0–3.450 कि0मी0) | | | |
| | | केरेडारी | गर्रीखुर्द से बरियातु तक पथ का सुदृढ़ीकरण कार्य (लं0–2.300 कि0मी0) | | | |
| | | बड़कागाँव | आँगो आर0ई0ओ0 रोड से करमटांड, बघपंजा भाया कोयलंग, सरना, बगाही तक पथ का सुदृढ़ीकरण कार्य (लं0–4.255 कि0मी0) | | | |
| | | बड़कागाँव | काण्डतरी से बुढवा महादेव तक पथ का सुदृढ़ीकरण कार्य (लं0–2.400 कि0मी0) | | | |
| | | बड़कागाँव | लुरुगा मुख्य पथ से आदिवासी टोला भाया लेटवाटांड, चानो तक पथ का सुदृढ़ीकरण कार्य (लं0–3.400 कि0मी0) | | | |
| | | बड़कागाँव | नपोखुर्द से असनाटांड तक पथ का सुदृढ़ीकरण कार्य (लं0–2.750 कि0मी0) | | | |
| 3 | RWD/HAZ/STPKG/11/2023-24 | केरेडारी | तरवां से हेन्देगीर होते हुए पताल तक पथ सुदृढ़ीकरण कार्य (लं0–19.825 कि0मी0) | 18,71,02,200/- | अठारह करोड़ एकहत्तर लाख दो हजार दो सौ रुपये मात्र | 9 (नौ) माह |

2. वेबसाईट में निविदा प्रकाशन की तिथि :– 24.11.2023
3. ई–निविदा प्राप्ति की अंतिम तिथि एवं समय :–05.12.2023 अपराह्न 5.00 बजे तक ।
4. निविदा खोलने की, तिथि, एवं समय–06.12.2023 पूर्वाह्न 3.30 बजे।
5. निविदा आमंत्रित करने वाले पदाधिकारी का पदनाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग ।
6. ई–निविदा प्रकोष्ठ का दूरभाष सं0–06546–265286 ।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है ।

कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग

PR 311556 Rural Work Department(23-24)D

# ମନୋରଞ୍ଜନ ଥିଲେ ନବନାଟ୍ୟ ଆନ୍ଦୋଳନର କର୍ଣ୍ଣଧାର

## ଜନ୍ମ ଶତବାର୍ଷିକୀ ସମାରୋହ

ଭୁବନେଶ୍ୱର,୧୭।୧୧
(ଶର୍ମିଷ୍ଠା ପାଣିଗ୍ରାହୀ)

ମନୋରଞ୍ଜନ ଦାସ ଥିଲେ ଓଡ଼ିଆ ନବନାଟ୍ୟ ଆନ୍ଦୋଳନର କର୍ଣ୍ଣଧାର। ଭାରତୀୟ ନାଟ୍ୟ ବିବର୍ତ୍ତନରେ ତାଙ୍କ ଯୋଗଦାନ ଥିଲା ଏକ ଯୁଗାନ୍ତକାରୀ ସଂଯୋଗ। ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କୁ ଅନୁସରଣ କଲେ ଓଡ଼ିଆ ନାଟକର ପ୍ରଭୂତ ଉନ୍ନତି ସାଧିତ ହୋଇପାରିବ ବୋଲି ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ କହିଛନ୍ତି। ଶୁକ୍ରବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ଜନ୍ମଶତବାର୍ଷିକୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଉତରାଏ ଏହା ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ କହିଲେ, ମନୋରଞ୍ଜନ ଓଡ଼ିଆ ନାଟ୍ୟଧାରାର ଏକ ବିରଳ ରୂପକାର। ନିମନ୍ତ୍ରିତ ଅତିଥି ଭାବେ ମନୋରଞ୍ଜନଙ୍କ ସୁପୁତ୍ରୀ ତଥା ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସିକତା ଦାସ 'ମୁଁ ମୋ ବାପାଙ୍କୁ ଯେପରି ଜାଣେ' ଶୀର୍ଷକରେ ହୃଦୟସ୍ପର୍ଶୀ ଅନୁଭୂତି ବ୍ୟକ୍ତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପିତ ଡ. ହୃଷୀକେଶ ମଲ୍ଲିକ ସମାରୋହର ପୌରୋହିତ୍ୟ କରି କହିଲେ, ମନୋରଞ୍ଜନ ଦାସ ଓଡ଼ିଆ ନାଟକରେ ନୂଆ ଗତି ଓ ସ୍ପନ୍ଦନ ଦେଇଥିଲେ। ସେ ଥିଲେ ତାଙ୍କ ସମକାଳୀନ ନାଟ୍ୟ ବିବର୍ତ୍ତନରେ ଏକ ଯୁଗାନ୍ତକାରୀ ସଂଯୋଗ। ଏକାଡେମୀ ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ପରେ ମନୋରଞ୍ଜନ ଦାସଙ୍କ ନାଟକ ସମ୍ପର୍କରେ ୨ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନର ବିଷୟବସ୍ତୁ 'ନବନାଟ୍ୟ ଆନ୍ଦୋଳନ ଓ ମନୋରଞ୍ଜନ ଦାସ' ଓ ଦ୍ୱିତୀୟ ଅଧିବେଶନରେ 'ସଂଳାପ-ସଂରଚନା, ବିଷୟ-ବୈଚିତ୍ର୍ୟ ଓ ମନୋରଞ୍ଜନ ଦାସ' ଶୀର୍ଷକରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ବିଜୟ ମଲ୍ଲ। ଧନ୍ୟବାଦ ଅର୍ପଣ କରିଥିଲେ ଏକାଡେମୀର ପ୍ରଯୋଜନା ଅଧିକାରୀ ସଞ୍ଜୟ କୁମାର ଛୁଆଲସିଂହ।




ମନୋରଞ୍ଜନ ଦାସଙ୍କ ଜନ୍ମଶତବାର୍ଷିକୀ ସମାରୋହରେ ମଞ୍ଚାସୀନ ଅତିଥି।

## ଦୁଇ ଲକ୍ଷ ଲୁଟି ନେଲେ ଦୁର୍ବୃତ୍ତ

କଣ୍ଟାବାଞ୍ଜି, ୧୭।୧୧
(ଗୁରୁଦୟାଲ ହଂସ)

ବଲାଙ୍ଗିର ଜିଲା କଣ୍ଟାବାଞ୍ଜିରେ ଶୁକ୍ରବାର ୨ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କଣ୍ଟାବାଞ୍ଜି ଶାଖାକୁ କଣ୍ଟାବାଞ୍ଜି ଥାନା ବୁରୋମାଲ ପଞ୍ଚାୟତ ଡଙ୍ଗାମରା ଗାଁର ଭିକାରୀ ପନିକା ଟଙ୍କା ଉଠାଇବା ପାଇଁ ଆସିଥିଲେ। ଦିନ ପ୍ରାୟ ୧ଟା ୩୦ରେ ସେ ଏକ ଲକ୍ଷ ଅନେଶତ ହଜାର ଟଙ୍କା ବାହାର କରି ଆସିବା ମଧ୍ୟରେ ମୁଖା ପିନ୍ଧା ଦୁଇ ଜଣ ବାଇକ୍ ଆରୋହୀ ଝାମ୍ପି ନେଇ ଫେରାର୍ ହୋଇଯାଇଥିଲେ। ଏନେଇ ଭିକାରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଛି। ହେଲେ ଦୁର୍ବୃତ୍ତମାନଙ୍କ ପତ୍ତା ମିଳିନାହିଁ। ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ ଧରାଯିବ ବୋଲି କଣ୍ଟାବାଞ୍ଜି ପୋଲିସ କହିଛି। କଣ୍ଟାବାଞ୍ଜିରେ କିଛି ଦିନ ହେବ ମୁଖପିନ୍ଧା ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି।

# ୨୬ରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କ ମହାଧାରଣା

ଭୁବନେଶ୍ୱର, ୧୭।୧୧
(ବନ୍ଦନା ସେଠୀ)

ନିଖିଳ ଓଡ଼ିଶା ଏନ୍‌ଆର୍‌ଇଜିଏ ଶ୍ରମିକ ସଂଘ ରାଜ୍ୟ କମିଟି ବୈଠକ ଶୁକ୍ରବାର ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଶ୍ରମିକଙ୍କ ଉପରେ ହେଉଥିବା ବିଭିନ୍ନ ଅତ୍ୟାଚାରର ବିରୋଧ କରାଯିବା ସହ ସେମାନଙ୍କ ଅଧିକାରକୁ ନେଇ ଆଲୋଚନା ହୋଇଥିଲା। ଏଥିସହ ଶ୍ରମିକ ଶୋଷଣ ଉପରେ ଲଗାମ ଲଗାଇବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜବ୍ କାର୍ଡଧାରୀ ଶ୍ରମିକଙ୍କୁ ବାର୍ଷିକ ୨୪୦ଦିନ କାମର ଗ୍ୟାରେଣ୍ଟି, ନଚେତ୍ ବେରୋଜଗାରି ଭତ୍ତା ପ୍ରଦାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କୁ ଦୈନିକ ୨୨୬ ଟଙ୍କା ପରିବର୍ତ୍ତେ ୭୫୦ ଟଙ୍କା ସର୍ବନିମ୍ନ ମଜୁରୀ ପ୍ରଦାନ, ସାମାଜିକ ନିରାପତ୍ତା, ଶ୍ରମିକ ପରିବାରର ଚିକିତ୍ସା, ଛାତ୍ର ବୃତ୍ତି, ଶ୍ରମିକ କନ୍ୟା ବିବାହ ସହାୟତା ରାଶି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ଗୃହ ନିର୍ମାଣ, ବାର୍ଦ୍ଧକ୍ୟରେ ମାସିକ ଭତ୍ତା ପ୍ରଦାନ ଆଦି ଦାବିକୁ ନେଇ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱରଠାରେ ଆସନ୍ତା ୨୬, ୨୭ ଓ ୨୮ରେ ମହାଧାରଣା ଦିଆଯିବ। ଏଥିରେ ସମସ୍ତ ଜିଲାରୁ ଶ୍ରମିକମାନେ ଯୋଗଦେବେ। ସେହିଭଳି ରାଜ୍ୟର ସମସ୍ତ ବନ୍ଦ କଳକାରଖାନା ଖୋଲିବା ଦାବିରେ ଡିସେମ୍ବର ୧୬ରେ ଧାରଣା ଦିଆଯିବ। ପରେ ଗ୍ରାମପଞ୍ଚାୟତ, ବ୍ଲକ, ଜିଲା ଓ ରାଜ୍ୟସ୍ତରରେ ପର୍ଯ୍ୟାୟ କ୍ରମେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ଆନ୍ଦୋଳନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ସଂଘ ସାଧାରଣ ସମ୍ପାଦକ ସୋମନାଥ ଗିରି ବିବରଣୀ ଉପସ୍ଥାପନ କରିଥିଲେ। ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ କମ୍ରେଡ ବିଜୟ ଜେନା, ବିଦ୍ୟାଧର ମହାନ୍ତ, ସୁର ଜେନା, ସେକ୍ ଅମଜାଦ ଅଲ୍ଲୀ, ଉତ୍ତମ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ।




ବୈଠକରେ ଉପସ୍ଥିତ ନିଖିଳ ଓଡ଼ିଶା ଏନ୍‌ଆର୍‌ଇଜିଏ ଶ୍ରମିକ ସଂଘର କର୍ମକର୍ତ୍ତା।

कार्यपालक अभियंता का कार्यालय
ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
अति अल्पकालीन ई–निविदा आमंत्रण सूचना
ई– निविदा सूचना संख्या – **RDD/SD/CHAIBASA/60/2023-24**

1. कार्य की विस्तृत विवरणी:

| क्र०सं० | ग्रुप संख्या | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1 | 1 | बन्दगाँव | मौजा–तोमरोम, थाना संख्या–307, खाता संख्या–01, प्लॉट संख्या–404 / अंश(पुरानी परती) में आँगनबाड़ी केन्द्र, तोमरोम(कोड–203680102212) का भवन निर्माण। | 7036200.00 | 141000.00 | 10000.00 | 06 माह |
| 2 | | बन्दगाँव | मौजा–कोटागड़ा, थाना संख्या–406, खाता संख्या–01, प्लॉट संख्या–405 / अंश(पुरानी परती काबिल आबाद) के आँगनबाड़ी केन्द्र, कोटागड़ा(कोड–20368010261) का भवन निर्माण। | | | | |
| 3 | | बन्दगाँव | मौजा–उसराम, थाना संख्या–274, खाता संख या–01, प्लॉट संख्या–789 / अंश(पुरानी परती ) के आँगनबाड़ी उसराम (कोड–20368010136) का भवन निर्माण। | | | | |
| 4 | | बन्दगाँव | मौजा–गंजना, थाना संख्या–264, खाता संख्या–02, प्लॉट संख्या–154 / अंश(पुरानी परती ) के आँगनबाड़ी केन्द्र केन्दुदा(कोड–20368010142) का भवन निर्माण। | | | | |
| 5 | | बन्दगाँव | मौजा–गंजना, थाना संख्या–264, खाता संख्या–02, प्लॉट संख्या–1075 / अंश(पुरानी परती काबिल आबाद) में आँगनबाड़ी केन्द्र गंजना (कोड–20368010130) का भवन निर्माण। | | | | |
| 6 | | बन्दगाँव | मौजा–सोगा, थाना संख्या–279, खाता संख्या–02, प्लॉट संख्या–693 /अंश(पुरानी परती काबिल आबाद) में आँगनबाड़ी केन्द्र सोगा (कोड– 20368010134) का भवन निर्माण। | | | | |

2. वेबसाइट में निविदा प्रकाशन की तिथि – 22.11.2023
3. ई–निविदा प्राप्ति की तिथि एवं समय – दिनांक 22.11.2023 से दिनांक 28.11.2023 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –30.11.2023 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा।
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. सरकार के संयुक्त सचिव ग्रामीण कार्य विभाग झारखण्ड सरकार राँची के पत्रांक 02(नि०नि०–17)–251 / 23 ग्रामीण कार्य विभाग 3130(अनु०), राँची, दिनांक 09.10.2023 द्वारा दिये गये निदेश के अनुपालन में निविदा शुल्क एवं अग्रधन की राशि केवल **Online Mode** द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
11. ग्रामीण विकास विभाग (ग्रामीण कार्य मामले) झारखण्ड, पथ निर्माण विभाग एवं भवन निर्माण विभाग झारखण्ड, के अन्तर्गत पंजीकृत समुचित श्रेणी के संवेदक भाग ले सकेगें ।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह०/–
कार्यपालक अभियंता
ग्रामीण विकास विशेष प्रमंडल, पश्चिमी सिंहभूम, चाईबासा

**PR.NO.311586 West Singhbhum(23-24):D**

## ଫିଲିପାଇନ୍ସରେ ଭୂକମ୍ପ

ଦକ୍ଷିଣ ଫିଲିପାଇନ୍ସରେ ଶୁକ୍ରବାର ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର ତୀବ୍ରତା ୬.୭ ଥିଲା ଓ ଏହାର କେନ୍ଦ୍ରସ୍ଥଳ ଫିଲିପାଇନ୍ସର ଦକ୍ଷିଣରେ ଥିବା ବୁରିଆସ୍‌ଠାରୁ ୨୬ କି.ମି. ଦୂରରେ ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା କହିଛି। ଅନ୍ୟପକ୍ଷରେ ଭୂକମ୍ପର ତୀବ୍ରତା ୭.୨ ବୋଲି ଫିଲିପାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭଲ୍‌କାନୋଲୋଜି ଆଣ୍ଡ ସିସ୍‌ମୋଲୋଜି ପକ୍ଷରୁ ଆକଳନ କରାଯାଇଛି। ତେବେ ସୁନାମି ସତର୍କ ସୂଚନା ଦିଆଯାଇ ନାହିଁ।

# ଏନ୍‌କାଉଣ୍ଟରରେ ୬ ଆତଙ୍କବାଦୀ ନିହତ

ଶ୍ରୀନଗର/ରାଜୌରୀ, ୧୭।୧୧(ପି.ଟି.)

ଜମ୍ମୁ-କଶ୍ମୀରର କୁଲଗାମ ଜିଲାରେ ଗୁରୁବାର ରାତିରୁ ସୁରକ୍ଷା ବଳ ସହ ଲାଗିରହିଥିବା ଏନ୍‌କାଉଣ୍ଟରରେ ଲଶ୍କର-ଇ-ତୋଇବାର ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତ୍ୟୁ ସହ ଦୀର୍ଘ ୧୮ ଘଣ୍ଟାର ଏନ୍‌କାଉଣ୍ଟରର ପରିସମାପ୍ତି ଘଟିଥିବା କଶ୍ମୀର ଜୋନ୍‌ର ପୋଲିସ ଆଇଜି ଭି.କେ. ବିର୍ଡି କହିଛନ୍ତି। ଡ୍ରୋନ୍ ସହାୟତାରେ ନିହତ ଆତଙ୍କବାଦୀମାନଙ୍କ ମୃତଦେହଗୁଡ଼ିକୁ ଚିହ୍ନଟ କରାଯାଇଛି। କୁଲଗାମର ନେହାମା ଗ୍ରାମ ନିକଟରେ ଆତଙ୍କବାଦୀମାନେ ଆତ୍ମଗୋପନ କରିଥିବାର ଗୋଇନ୍ଦା ସୂଚନା ପାଇବା ପରେ ସୁରକ୍ଷା ବଳ ଗୁରୁବାରଠାରୁ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରି ତଲାସି ଅଭିଯାନ ଚଳାଇଥିଲା। ଜମ୍ମୁ-କଶ୍ମୀରର ରାଜୌରୀରେ ଶୁକ୍ରବାର ଅନ୍ୟ ଏକ ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ଏନ୍‌କାଉଣ୍ଟର ସ୍ଥଳରୁ ଗୋଟିଏ ଏକେ-୪୭ ରାଇଫଲ, ୩ ମାଗାଜିନ୍, ୩ ଗ୍ରେନେଡ୍ ଓ ଗୋଟିଏ ପାଉଚ୍ ଜବତ ହୋଇଛି।

# ଡିପ୍‌ଫେକ୍‌ରେ ଏଆଇ ବ୍ୟବହାର ଚିନ୍ତାଜନକ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୭।୧୧(ପି.ଟି.)

ଡିପ୍‌ଫେକ୍ (ଫଟୋ ବା ଭିଡିଓ ଜାଲିଆତି)ରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାରକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏହା ଏକ ବଡ଼ ସଙ୍କଟ ସୃଷ୍ଟି କରିପାରେ ବୋଲି ସେ ସତର୍କ କରାଇବା ସହ ଏହାର ଅପବ୍ୟବହାର ଏବଂ ପ୍ରଭାବ ସମ୍ପର୍କରେ ଗଣମାଧ୍ୟମ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ନିବେଦନ କରିଛନ୍ତି।

ଭାଜପା ମୁଖ୍ୟାଳୟରେ ଦଳର ଦିୱାଲି ମିଳନ କାର୍ଯ୍ୟକ୍ରମ ଅବସରରେ ଗଣମାଧ୍ୟମକୁ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ନିକଟରେ ଏକ ଗରବା ଉତ୍ସବରେ ସେ ଗୀତ ଗାଉଥିବାର ଭିଡିଓ ଭାଇରାଲ ହୋଇଥିବା ଦେଖିଥିଲେ। ସେ ସ୍କୁଲ୍ ସମୟରୁ ମଧ୍ୟ କେବେ ଗୀତ ଗାଇନାହାନ୍ତି, ଭାଇରାଲ ଭିଡିଓ ଡିପ୍‌ଫେକ୍ ଥିଲା। ତାଙ୍କୁ ଭଲ ପାଉଥିବା ଲୋକେ ଉକ୍ତ ଭିଡିଓକୁ ଫରୱାର୍ଡ ମଧ୍ୟ କରିଥିଲେ ବୋଲି ମୋଦି ଏକ ଖୁସି ମିଜାଜରେ କହିଛନ୍ତି। ଆମର ବିବିଧତାପୂର୍ଣ୍ଣ ସମାଜରେ ଡିପ୍‌ଫେକ୍ ବଡ଼ ସମସ୍ୟା ସୃଷ୍ଟି କରିପାରେ, ଏପରିକି ଜନସାଧାରଣ ସହଜରେ ମିଡିଆକୁ ବିଶ୍ୱାସ କରିଯାଉଥିବାରୁ ଏଭଳି ଘଟଣା ସମାଜରେ ଘୃଣାର ନିଆଁ ଲଗାଇଦେଇପାରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଆଇ ମାଧ୍ୟମରେ ସୃଷ୍ଟି କରାଯାଉଥିବା ଡିପ୍‌ଫେକ୍ ନୂଆ ସଙ୍କଟ ଭାବେ ଉଭାହୋଇଛି। ସମାଜର ଅଧିକାଂଶ ଲୋକଙ୍କ ପାଖରେ ସମାନ୍ତରାଳ ଯାଞ୍ଚ ବ୍ୟବସ୍ଥା ନ ଥିବାରୁ ସେମାନେ ଏହାକୁ ସହଜରେ ବିଶ୍ୱାସ କରିଯାଇପାରନ୍ତି ବୋଲି ମୋଦି ସତର୍କ କରାଇଛନ୍ତି। ଡିପ୍‌ଫେକ୍ ଭିଡିଓ ହେଉଛି ଏକ କୃତ୍ରିମ ମିଡିଆ, ଯେଉଁଥିରେ ଜଣେ ବ୍ୟକ୍ତିଙ୍କ ଚେହେରା କିମ୍ବା ଭିଡିଓକୁ ତାଙ୍କ ଭଳି ଅନ୍ୟ ଜଣକ ଚେହେରାରେ ବଦଳାଇ ଦିଆଯାଇଥାଏ।

## ସଂକ୍ଷେପରେ

### ମାସିକ ନ୍ୟୁଜ୍ ଲେଟର ଆରମ୍ଭ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୧୧(ପି.ଟି.): ସର୍ବୋଚ୍ଚ ଅଦାଲତରେ ଚାଲିଥିବା କାର୍ଯ୍ୟ ଓ ସଫଳତାର ପ୍ରଦର୍ଶନ ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ଏକ ମାସିକ ନ୍ୟୁଜ୍ ଲେଟର ଶୁଭାରମ୍ଭ କରିଛନ୍ତି। ଏହାର ଉଦ୍‌ଘାଟନୀ ସଂସ୍କରଣର ପ୍ରକାଶନ ସମ୍ପର୍କରେ ଘୋଷଣା କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, ସୁପ୍ରିମକୋର୍ଟ କ୍ରୋନିକ୍ଲରେ ଅଦାଲତ କାହାଣୀର ଇତିହାସ, ଐତିହାସିକ ରାୟଗୁଡ଼ିକର ସମୀକ୍ଷା ଏବଂ ଶୀର୍ଷ ଅଦାଲତର ପ୍ରତିଶ୍ରୁତିକୁ ବାସ୍ତବ ରୂପ ଦେବା ପାଇଁ ପୂର୍ବରୁ କାର୍ଯ୍ୟ କରିଥିବା ଓ ଏବେ କାର୍ଯ୍ୟରେ ନିୟୋଜିତ ଥିବା ଉଲ୍ଲେଖନୀୟ ବ୍ୟକ୍ତିବିଶେଷଙ୍କ ବିଷୟରେ ଜଣେ ଦେଖିପାରିବେ। ଏହି କ୍ରୋନିକ୍ଲ ସୁପ୍ରିମକୋର୍ଟରେ କାର୍ଯ୍ୟାବଳୀ ସୂଚନାର ଏକ ମୁଖ୍ୟ ଉତ୍ସ ହୋଇପାରିବ ବୋଲି ବିଶ୍ୱାସ ରହିଥିବା ସିଜେଆଇ କହିଛନ୍ତି।

### ଖାତକୁ ଭ୍ୟାନ୍ ଖସି ୮ ମୃତ

ନୈନିତାଲ, ୧୭।୧୧: ଉତ୍ତରାଖଣ୍ଡର ନୈନିତାଲ ଜିଲା ଅନ୍ତର୍ଗତ ଚେଦାଖାନ୍-ମିଦାର ରାସ୍ତାରୁ ଶୁକ୍ରବାର ସକାଳେ ଏକ ପିକ୍‌ଅପ୍ ଭ୍ୟାନ୍ ଖାତକୁ ଖସିପଡ଼ିବାରୁ ୮ ଜଣଙ୍କ ମୃତ୍ୟୁ ଘଟିଛି। ପିକ୍‌ଅପ୍‌ଟି ପାଟଲୋଟ୍‌ରୁ ଆମ୍‌ଜାଦ ଗ୍ରାମକୁ ଯାଉଥିଲାବେଳେ ବିପରୀତ ଦିଗରୁ ଆସୁଥିବା ଏକ ମୋଟରସାଇକେଲ୍‌କୁ ବଞ୍ଚାଇବାକୁ ଯାଇ ଖାତ ମଧ୍ୟକୁ ଖସିପଡ଼ିଥିଲା। ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ହସ୍ପିଟାଲରେ ଅନ୍ୟ ୨ ଜଣ ଆଖି ବୁଜିଥିଲେ। ମୃତକଙ୍କ ମଧ୍ୟରେ ଏକ ଦମ୍ପତି ଓ ସେମାନଙ୍କର ଏକ ପୁଅ ରହିଛି। ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟ ୩ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ମସ୍‌ଜିଦ ନିକଟରେ ପଥର ମାଡ଼: ୮ ମହିଳା ଆହତ

ନୁହ (ହରିୟାଣା), ୧୭।୧୧: ହରିୟାଣାର ନୁହ ସହରରେ ଥିବା ଏକ ମସ୍‌ଜିଦ ନିକଟରେ ଗୁରୁବାର ରାତିରେ ଅଜଣା ଲୋକେ ଟେକାପଥର ମାଡ଼ କରିବାରୁ ୮ ଜଣ ମହିଳା ଆହତ ହୋଇଛନ୍ତି। ମହିଳାମାନେ ପୂଜା କରିବାକୁ ଯାଉଥିବାବେଳେ ହଠାତ୍ ମସ୍‌ଜିଦ ନିକଟରୁ ଟେକାମାଡ଼ ହୋଇଥିଲା ବୋଲି ପୋଲିସ କହିଛି। ନୁହ ଏସ୍‌ପିଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ସେଠାରେ ପହଞ୍ଚି ସ୍ଥିତିକୁ ଆୟତ୍ତ କରିଥିଲେ। ମହିଳାମାନେ ପୂଜା ପାଇଁ ଯାଉଥିବାବେଳେ ମଦ୍ରାସାର କେତେଜଣ ପିଲା ଟେକା ଫିଙ୍ଗିଥିଲେ ବୋଲି ଅଭିଯୋଗ ହୋଇଛି। ପୋଲିସ ୩ ଜଣଙ୍କୁ ହାଜତକୁ ନେଇ ପଚରାଉଚରା କରୁଛି। ଉତ୍ତେଜନା ଲାଗିରହିଥିବାରୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ନୁହ ସହରର ମୁଖ୍ୟ ବଜାର ଓ ମସ୍‌ଜିଦ ନିକଟରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।



ଗାଜା ଷ୍ଟ୍ରିପ୍‌ର ରାଫାହ ସହର ଭଗ୍ନାବଶେଷ ନିକଟରେ ଉଦ୍ଧାର କାର୍ଯ୍ୟ ଚାଲିଛି।

# ଆତ୍ମୀୟଙ୍କ ସନ୍ଧାନରେ ନୟାନ୍ତ

ଗାଜା ସିଟି/ଜେରୁଜେଲମ୍, ୧୭।୧୧

ଇସ୍ରାଏଲର ହମାସ୍ ବିରୋଧୀ ଯୁଦ୍ଧକୁ ୫ ସପ୍ତାହରୁ ଅଧିକ ସମୟ ବିତିଯାଇଥିବାବେଳେ ରାସ୍ତାଘାଟ, ହସ୍ପିଟାଲ ସବୁକିଛି ପାଲଟିଯାଇଛି ଶ୍ମଶାନ। ଇସ୍ରାଏଲର ମିଶାଇଲ ମାଡ଼ରେ ନିହତ ହୋଇଥିବା ଅନେକ ହଜାର ପାଲେଷ୍ଟିନୀୟଙ୍କ ମୃତଦେହ ପୋତି ହୋଇରହିଛି। ଗାଜା ଷ୍ଟ୍ରିପ୍‌ର ବିସ୍ତୃତ ଭଗ୍ନାବଶେଷ ତଳେ ଲୋକେ ନିଜ ପିଲାଛୁଆ, ମା'ବାପା, ପଡ଼ୋଶୀଙ୍କ ମୃତଦେହ ଖୋଜୁଛନ୍ତି। ଯେଉଁଠୁ ଦୁର୍ଗନ୍ଧ ଛୁଟୁଛି, ସେଇଠି ଚାଲିଛି ଆତ୍ମୀୟଙ୍କ ଶବ ସନ୍ଧାନ। କିନ୍ତୁ ଉପକରଣ, ମାନବସମ୍ବଳ ଓ ଇନ୍ଧନ ଅଭାବରୁ ଏହା ସମ୍ଭବ ହୋଇପାରୁନାହିଁ। ତେଣୁ ଲୋକେ ବିକଳ ହୋଇ ହାତରେ ବି ଖୋଳି ପକାଉଛନ୍ତି।

ଅକ୍ଟୋବର ୭ରୁ ଅଦ୍ୟାବଧି ଗାଜାରେ ଅନ୍ୟୂନ ୧୧,୪୭୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। କିନ୍ତୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ିଯାଇଥିବାରୁ ଡେଟା ସଂଗ୍ରହ ହୋଇ ନ ପାରିବାରୁ ବର୍ଦ୍ଧିତ ମୃତ୍ୟୁସଂଖ୍ୟା ଅପ୍‌ଡେଟ୍ କରାଯାଇନାହିଁ। ଇତିମଧ୍ୟରେ ଅଲ୍ ଶିଫା ପରିସରରେ ୭,୦୦୦ ରୋଗୀ, ଡାକ୍ତର, ନର୍ସ ଓ ନାଗରିକ ଫସିରହିଥିବା ଉକ୍ତ ହସ୍ପିଟାଲର ଡାଇରେକ୍ଟର ଅବୁ ସଲମିୟା କହିଛନ୍ତି। ଅନ୍ୟପକ୍ଷେ ହମାସ୍ ଆକ୍ରମଣରେ ଇସ୍ରାଏଲୀଙ୍କ ମୃତ୍ୟୁସଂଖ୍ୟା ୧,୨୦୦ ରହିଛି।

### ୱେଷ୍ଟ ବ୍ୟାଙ୍କରେ ବର୍ବରତା

ୱେଷ୍ଟ ବ୍ୟାଙ୍କର ଜେନିନ୍‌ରେ ଇସ୍ରାଏଲୀ ଡ୍ରୋନ୍ ଆକ୍ରମଣରେ ୩ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଇସ୍ରାଏଲୀ ବଳ ୨ ପାରାମେଡିକ୍ସଙ୍କୁ ଗିରଫ କରିବା ସହ ଆଇବନ୍ ସିନା ହସ୍ପିଟାଲ ଛାଡ଼ି ଚାଲିଯିବା ପାଇଁ ରୋଗୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବେଥେଲ୍‌ହାମ୍‌ର ଏକ ଚେକ୍‌ପଏଣ୍ଟରେ ଇସ୍ରାଏଲ ପୋଲିସ ଗୁଳିକରି ୩ ପାଲେଷ୍ଟିନୀୟଙ୍କୁ ହତ୍ୟା କରିଛି।



ଗାଜାରେ ଆଇଡିଏଫ୍ ସୈନ୍ୟଙ୍କ ଏକ ଅପରେଶନ୍ ବେଳର ଦୃଶ୍ୟ।

## ୪୨ ଦିନରେ ଇସ୍ରାଏଲ-ହମାସ୍ ଯୁଦ୍ଧ

➡ ସିରିଆ ଏୟାର ଡିଫେନ୍ସ ରାଜଧାନୀ ଡାମାସ୍କସ୍ ନିକଟରେ ଇସ୍ରାଏଲୀ ମିଶାଇଲଗୁଡ଼ିକୁ ଖସାଇଦେଇଥିବା ସିରିଆ ସେନା ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି।

➡ ଗାଜାରେ ତତ୍କାଳ ଅନାହାର ଦେଖାଦେବ ବୋଲି ଜାତିସଂଘ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି) ସତର୍କ କରାଇଛି। ଯୁଦ୍ଧ ପ୍ରଭାବିତ ଅଞ୍ଚଳକୁ ମାତ୍ର ୧୦% ଖାଦ୍ୟ ଯୋଗାଣ କରାଯାଇପାରୁଛି। ଦକ୍ଷିଣ ଗାଜାର ବେକେରି ଓ ଅଟାକଳଗୁଡ଼ିକ ଉପରେ ଇସ୍ରାଏଲର ଆକ୍ରମଣ ଯୋଗୁ କେବଳ ଗୋଟିଏ କମ୍ପାନୀ ଅଟା ଉତ୍ପାଦନ କରିପାରୁଛି। ବାକି ସବୁ ବନ୍ଦ ହୋଇଗଲାଣି।

➡ ଗାଜାର ଅଧିକାଂଶ ଅଞ୍ଚଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ବ୍ୟାଘାତ ହୋଇଛି। ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଆକ୍ରମଣ ଫଳରେ କ୍ଷତିଗ୍ରସ୍ତ ଅଞ୍ଚଳ ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଇପାରୁନାହିଁ।

➡ ଇସ୍ରାଏଲ ଆକ୍ରମଣରେ ଗାଜାର ଜବାଲିଆ ଶରଣାର୍ଥୀ ଶିବିରରେ ୧୮ ଜଣ ନିହତ ହୋଇଥିବା ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ଗାଜା ହସ୍ପିଟାଲ ସ୍ଥିତି

ଗାଜାରେ ଥିବା ହସ୍ପିଟାଲଗୁଡ଼ିକର ସ୍ଥିତି ଆହୁରି ଖରାପ ହେବାରେ ଲାଗିଛି। ସର୍ବବୃହତ୍ ମେଡିକାଲ ଫାସିଲିଟି ଅଲ୍ ଶିଫା ହସ୍ପିଟାଲରେ ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ସୈନ୍ୟ ତୃତୀୟ ଦିନ ଧରି ଅଭିଯାନ ଜାରି ରଖିଛନ୍ତି। ସେଠାରେ ରୋଗୀଙ୍କ ପାଇଁ ଶଯ୍ୟା ନ ଥିବାରୁ ଅନେକେ ବାରଣ୍ଡା ଉପରେ ଚିକିତ୍ସିତ ହେଉଛନ୍ତି। ମାଲେସିଆ ପକ୍ଷରୁ ଗାଜାରେ ନିର୍ମିତ ଏକ ହସ୍ପିଟାଲ ଇସ୍ରାଏଲ ବୋମାମାଡ଼ରେ ବିଧ୍ୱସ୍ତ ହୋଇଯାଇଛି।

### କୂଟନୀତି

➡ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଆଣ୍ଟୋନି ଅଲ୍‌ବାନେସ୍‌ଙ୍କ ସହ ସାମ୍ପ୍ରତିକ ସ୍ଥିତି ଉପରେ ଆଲୋଚନା କରିଥିବା ବିଷୟ 'ଏକ୍ସ'ରେ ଘୋଷଣା କରିଛନ୍ତି। ଉଭୟେ ଅସ୍ତ୍ରବିରତି ପାଇଁ ଆହ୍ୱାନ ଦେଇଛନ୍ତି।

➡ ଗାଜାସ୍ଥିତ ଜୋର୍ଡାନ୍‌ର ଏକ ସାମରିକ ହସ୍ପିଟାଲରେ ଇସ୍ରାଏଲ ଆକ୍ରମଣ କରିବାରୁ ୭ ଆହତ ହୋଇଥିବା ଆମେରିକା ପରରାଷ୍ଟ୍ର ବିଭାଗ ଏକ ବିବୃତିରେ କହିଛି। ତେବେ ଆକ୍ରମଣକୁ ୱାଶିଂଟନ୍ ନିନ୍ଦା କରିନାହିଁ।

➡ ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ୱେଷ୍ଟ ବ୍ୟାଙ୍କରେ ଉତ୍ତେଜନା ହ୍ରାସ ପାଇଁ ଇସ୍ରାଏଲର ଯୁଦ୍ଧ କ୍ୟାବିନେଟ୍ ମନ୍ତ୍ରୀ ବେନି ଗାଣ୍ଟଜଙ୍କ ସହ ଆଲୋଚନା କରିଛନ୍ତି। ବ୍ଲିଙ୍କେନ୍ ଗାଜାକୁ ମାନବୀୟ ସହାୟତା ବୃଦ୍ଧି ସମ୍ପର୍କରେ ମଧ୍ୟ ଇଜିପ୍ଟ ବହିର୍ବ୍ୟାପାର ମନ୍ତ୍ରୀ ସାମେହ ଶୋଉକ୍ରିଙ୍କ ସହ ଆଲୋଚନା କରିଛନ୍ତି।

➡ ପୂର୍ବତନ ବିଶ୍ୱନେତାମାନଙ୍କ ଗୋଷ୍ଠୀ 'ଦି ଏଲ୍‌ଡର୍ସ' ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଏକ ଖୋଲାଚିଠି ପଠାଇଛି। ଗାଜାରେ ଇସ୍ରାଏଲର ଧ୍ୱଂସଲୀଳା ଓ ଗଣହତ୍ୟା ଆମେରିକାର ବିଶ୍ୱସନୀୟତା ଉପରେ ପ୍ରଶ୍ନଚିହ୍ନ ଲଗାଇଥିବା ଏଥିରେ ଉଲ୍ଲେଖ କରାଯାଇଛି।



ନୋଆ ମାର୍ସିଆନୋ

ହମାସ୍ ପଣବନ୍ଦୀ ରଖିଥିବା ଇସ୍ରାଏଲ ସେନାର ୧୯ ବର୍ଷୀୟା ମହିଳା ସୈନ୍ୟ ନୋଆ ମାର୍ସିଆନୋଙ୍କ ମୃତଦେହ ଠାବହୋଇଛି। ଅନ୍ୟ ଜଣେ ପଣବନ୍ଦୀ ୟେହୁଡିଟ୍‌ଙ୍କ ମଧ୍ୟ ମୃତଦେହ ମିଳିଥିବା ଇସ୍ରାଏଲୀ ସେନା କହିଛି।

### ଯୁଦ୍ଧରେ ସାଧାରଣ ଲୋକଙ୍କ ମୃତ୍ୟୁକୁ ଦୃଢ଼ ନିନ୍ଦା କଲା ଭାରତ

ନୂଆଦିଲ୍ଲୀ, ୧୭।୧୧(ପି.ଟି.)

ହମାସ୍-ଇସ୍ରାଏଲ୍ ଯୁଦ୍ଧରେ ବହୁସଂଖ୍ୟାରେ ନିରୀହ ଲୋକଙ୍କ ମୃତ୍ୟୁ ଘଟୁଥିବାରୁ ଭାରତ ଏହାର ଦୃଢ଼ ନିନ୍ଦା କରିଛି। ପଶ୍ଚିମ ଏସିଆରେ ଏହି ଯୁଦ୍ଧ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେଣୁ ଏକ ବୈଶ୍ୱିକ ମହତ୍ତ୍ୱ ଉଦ୍ଦେଶ୍ୟ ଲାଗି ଗ୍ଲୋବାଲ ସାଉଥ୍‌ର ଦେଶଗୁଡ଼ିକ ଏକାଠି ସ୍ୱର ଉତ୍ତୋଳନ କରିବା ସମୟ ଆସିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କହିଛନ୍ତି। ଭାରତ ଦ୍ୱାରା ଭର୍ଚୁଆଲ୍‌ରେ ଆୟୋଜିତ 'ଭଏସ୍ ଅଫ୍ ଗ୍ଲୋବାଲ ସାଉଥ୍ ସମିଟ୍'ର ଦ୍ୱିତୀୟ ସଂସ୍କରଣକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ପଶ୍ଚିମ ଏସିଆରେ ଦେଖାଦେଇଥିବା ସ୍ଥିତିର ସମାଧାନ ପାଇଁ ନୂଆଦିଲ୍ଲୀ ସଂଯମତାର ସହ ଆଲୋଚନା ଏକ କୂଟନୀତି ଉପରେ ଗୁରୁତ୍ୱ ଦେଉଛି। ବୈଶ୍ୱିକ ସମୃଦ୍ଧି ପାଇଁ ସବ୍‌କା ସାଥ୍ ସବ୍‌କା ବିକାଶ (ସମସ୍ତଙ୍କ ସହିତ ସମସ୍ତଙ୍କର ବିକାଶ) ଜରୁରୀ। ତେବେ ନୂଆ ଚ୍ୟାଲେଞ୍ଜକୁ ଆମେ ପଶ୍ଚିମ ଏସିଆର ଚ୍ୟାଲେଞ୍ଜ ଭାବେ ଦେଖୁଛେ। ଅକ୍ଟୋବର ୭ରେ ଇସ୍ରାଏଲ୍ ଉପରେ ହମାସ୍ ଆତଙ୍କବାଦୀଙ୍କ ଆକ୍ରମଣକୁ ଭାରତ ନିନ୍ଦା କରୁଛି। ଏଥିସହିତ ଆମକୁ ସଂଯମତାର ସହ ଆଲୋଚନା ଓ କୂଟନୀତି ଜରିଆରେ ଏହାର ସମାଧାନ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଗତ ମାସରେ ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମହମ୍ମଦ ଆବାସଙ୍କ ସହ କଥା ହେବା ପରେ ଗାଜା ଲୋକମାନଙ୍କ ପାଇଁ ମାନବୀୟ ସହାୟତା ଭାରତ ପଠାଇଥିଲା।

### ମୃତ୍ୟୁଦଣ୍ଡ ବିରୋଧରେ କେରଳ ନର୍ସଙ୍କ ଅପିଲ୍ ୟେମେନ୍ କୋର୍ଟରେ ଖାରଜ

ନୂଆଦିଲ୍ଲୀ, ୧୭।୧୧



ନିମିଶା ପ୍ରିୟା

ଜଣେ ୟେମେନ୍ ନାଗରିକ ହତ୍ୟା ମାମଲାରେ ୨୦୧୭ରୁ ଜେଲରେ ଥିବା କେରଳର ନର୍ସ ନିମିଶା ପ୍ରିୟା ମୃତ୍ୟୁଦଣ୍ଡାଦେଶ ବିରୋଧରେ କରିଥିବା ଅପିଲ୍‌କୁ ୟେମେନ୍ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ତଲାଲ୍ ଅବ୍‌ଦୋ ମହଦିଙ୍କ ପାଖରେ ଥିବା ପାସ୍‌ପୋର୍ଟ ହାତେଇବା ପାଇଁ ପ୍ରିୟା ତାଙ୍କୁ ନିଶା ଇଞ୍ଜେକ୍ସନ ଦେଇଦେବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପ୍ରିୟା ଦୋଷୀସାବ୍ୟସ୍ତ ହେବା ପରେ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା। ପ୍ରିୟାଙ୍କ ମାଆ ୟେମେନ୍ ଯିବା ପାଇଁ ଆବେଦନ କରିଥିବାରୁ ଏହା ଉପରେ ସପ୍ତାହେ ମଧ୍ୟରେ ନିଷ୍ପତ୍ତି ନେବାକୁ ଗୁରୁବାର ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରିୟାଙ୍କ ମାଆ ୟେମେନ୍ ଯାଇ ସେଠାରେ ମେହଦିଙ୍କ ପରିବାରକୁ କ୍ଷତିପୂରଣ ଦେଇ ପ୍ରିୟାଙ୍କ ମୁକ୍ତ କରିବାକୁ ଚାହୁଁଛନ୍ତି।

# ଛତିଶଗଡ଼ରେ ୭୦.୫୯, ଏମ୍‌ପିରେ ୭୩.୭୨% ମତଦାନ

ନୂଆଦିଲ୍ଲୀ, ୧୭।୧୧(ପି.ଟି.)

ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ କାଁଭାଁ ହିଂସାକାଣ୍ଡ ମଧ୍ୟରେ ମତଦାନ ଶୁକ୍ରବାର ସନ୍ଧ୍ୟାରେ ଶେଷ ହୋଇଛି। ଛତିଶଗଡ଼ରେ ୭୦.୫୯ ପ୍ରତିଶତ ମତଦାନ ହୋଇଥିବାବେଳେ ମଧ୍ୟପ୍ରଦେଶରେ ୭୩.୭୨% ଭୋଟ ଗ୍ରହଣ କରାଯାଇଥିବା ନିର୍ବାଚନ କମିଶନ (ଇସି) କହିଛନ୍ତି। ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ବୁଥ୍ ସମେତ ସମସ୍ତ ଭୋଟ କେନ୍ଦ୍ରରୁ ସବିଶେଷ ରିପୋର୍ଟ ମିଳିବା ପରେ ମତଦାନ ହାର ବଢ଼ିବ ବୋଲି ଇସି ପକ୍ଷରୁ କୁହାଯାଇଛି। ବୁଥ୍‌ରେ ଶେଷ ମୁହୂର୍ତ୍ତରେ ପହଞ୍ଚିଥିବା ଭୋଟରମାନଙ୍କୁ ମଧ୍ୟ ମତଦାନ ସୁଯୋଗ ଦିଆଯାଇଥିଲା। ଛତିଶଗଡ଼ରେ ଦ୍ୱିତୀୟ ପର୍ଯ୍ୟାୟରେ ୭୦ ଆସନ ଏବଂ ମଧ୍ୟପ୍ରଦେଶର ୨୩୦ ଆସନ ପାଇଁ ଶୁକ୍ରବାର ଭୋଟ ନିଆଯାଇଥିଲା।



ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ତାଙ୍କ ସ୍ତ୍ରୀ ସାଧନା ସିଂ ଭୋଟ ଦେବା ପରେ ନିଜ ଅଙ୍ଗୁଳିର ଅଲିଭା କାଳି ଦେଖାଉଛନ୍ତି।

ମଧ୍ୟପ୍ରଦେଶର ରାଜନଗର ନିର୍ବାଚନ ମଣ୍ଡଳୀରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷରୁ ଜଣେ କଂଗ୍ରେସ ପ୍ରାର୍ଥୀଙ୍କ ଜଣେ ସହଯୋଗୀଙ୍କ ମୃତ୍ୟୁ ଘଟିଛି। ଭୋଟଗ୍ରହଣ ଚାଲିଥିବାବେଳେ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଗଣ୍ଡଗୋଳ ଘଟିଥିବା ଖବର ମିଳିଛି। ଇନ୍ଦୋର ଜିଲାର ଏକ ସ୍ଥାନରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷରୁ ୫ ଜଣ ଆହତ ହୋଇଛନ୍ତି। ସେହିପରି ମୋରେନା ଜିଲାର ଦିମାନି ନିର୍ବାଚନ ମଣ୍ଡଳୀରେ ସଂଘର୍ଷରେ ୨ ଜଣ ଆହତ ହୋଇଥିବା ଖବର ମିଳିଛି। ଗୁରୁବାର ରାତିରେ ଝାବୁଆ ନିର୍ବାଚନ ମଣ୍ଡଳୀରେ ଟେକାମାଡ଼ରେ କଂଗ୍ରେସ ପ୍ରାର୍ଥୀ ବିକ୍ରାନ୍ତ ଭୁରିଆଙ୍କ ଜଣେ ସୁରକ୍ଷା କର୍ମୀ ଆହତ ହୋଇଥିଲେ।

# ଧୂମପାନଜନିତ କ୍ୟାନ୍‌ସରରେ ବର୍ଷକୁ ୧୩ ଲକ୍ଷ ଜୀବନ ଯାଉଛି

ନୂଆଦିଲ୍ଲୀ, ୧୭।୧୧(ପି.ଟି.)

## ଭାରତ ସମେତ ୭ ଦେଶରେ ଲାନ୍‌ସେଟ୍ ଅଧ୍ୟୟନ

ଭାରତ ସମେତ ୭ ଦେଶରେ ଧୂମପାନଜନିତ କ୍ୟାନ୍‌ସରରେ ବର୍ଷକୁ ୧୩ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଯାଉଛି। ଲାନ୍‌ସେଟ୍‌ର ଇ-କ୍ଲିନିକାଲ ମେଡିସିନ୍ ପତ୍ରିକାରେ ଏହି ଅଧ୍ୟୟନ ପ୍ରକାଶ ପାଇଛି। ଅନ୍ୟ ଦେଶଗୁଡ଼ିକ ହେଲେ ଚାଇନା, ବ୍ରିଟେନ୍, ବ୍ରାଜିଲ, ରୁଷିଆ, ଆମେରିକା ଏବଂ ଦକ୍ଷିଣ ଆଫ୍ରିକା। ବିଶ୍ୱରେ ପ୍ରତିବର୍ଷ କ୍ୟାନ୍‌ସରରେ ଯେତିକି ମୃତ୍ୟୁ ଘଟୁଛି, ତାହାର ଅଧାରୁ ଅଧିକ ଉପରୋକ୍ତ ୭ ଦେଶରେ ହେଉଛି। ଧୂମପାନ ସହିତ ମଦ୍ୟପାନ, ମେଦବହୁଳତା, ହ୍ୟୁମାନ୍ ପାପିଲୋମା ଭାଇରସ୍(ଏଚ୍‌ପିଭି) ସଂକ୍ରମଣ ଯୋଗୁ ମୋଟ ୨୦ ଲକ୍ଷ ଲୋକ ପ୍ରତିବର୍ଷ ପ୍ରାଣ ହରାଉଛନ୍ତି। ଅନ୍ତର୍ଜାତୀୟ କ୍ୟାନ୍‌ସର ଗବେଷଣା ସଂସ୍ଥା (ଆଇଏଆର୍‌ସି), ଲଣ୍ଡନର କୁଇନ୍ ମେରି ବିଶ୍ୱବିଦ୍ୟାଳୟ ଏବଂ କିଙ୍ଗସ୍ କଲେଜ ଲଣ୍ଡନର ଗବେଷକମାନେ ଏହି ଅଧ୍ୟୟନ କରିଛନ୍ତି। କର୍କଟ ରୋଗ ଯୋଗୁ ଆୟୁଷ କମୁଥିବା ଉପରେ ମଧ୍ୟ ସେମାନେ ଅଧ୍ୟୟନ କରିଥିଲେ। ଉପରୋକ୍ତ ୪ଟି ପ୍ରତିକାରାତ୍ମକ ରିସ୍କ ଫ୍ୟାକ୍ଟର ଯୋଗୁ ପ୍ରତିବର୍ଷ ୩୦ ନିୟୁତରୁ ଊର୍ଦ୍ଧ୍ୱ ବର୍ଷ ବୟସ କ୍ଷୟ ହେଉଛି। ଆୟୁଷ ହ୍ରାସ ପାଇବାରେ ସବୁଠୁ ବଡ଼ ପ୍ରଭାବ ଧୂମପାନର ରହିଛି। ଏଥିପାଇଁ ଜୀବନର ୨୦.୮ ନିୟୁତ ବର୍ଷ ହ୍ରାସ ପାଉଥିବା ଗବେଷଣାରେ କୁହାଯାଇଛି।



ସାରା ବିଶ୍ୱରେ ପ୍ରତି ୨ ମିନିଟ୍‌ରେ ସର୍ଭିକାଲ କ୍ୟାନ୍‌ସରରେ ଜଣେ ବ୍ୟକ୍ତି ପ୍ରାଣ ହରାଉଛନ୍ତି। ଏହି ମୃତ୍ୟୁର ପ୍ରାୟ ୯୦ ପ୍ରତିଶତ ନିମ୍ନ ଏବଂ ମଧ୍ୟମ ଆୟକାରୀ ଦେଶରେ ଘଟୁଛି। ବିସ୍ତୃତ ଯାଞ୍ଚ ଏବଂ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମ ଦ୍ୱାରା ଏହାକୁ ଯଥେଷ୍ଟ କମାଇ ଦିଆଯାଇପାରିବ ବୋଲି କୁଇନ୍ ମେରି ୟୁନିଭର୍ସିଟିର ବରିଷ୍ଠ ଅଧ୍ୟାପକ ଜୁଡିଥ୍ ଅଫ୍‌ମାନ କହିଛନ୍ତି। ଭାରତରେ ମସ୍ତିଷ୍କ ଓ ଗଳା କର୍କଟ ଯୋଗୁ ସମୟ ପୂର୍ବରୁ ଅଧିକ ପୁରୁଷଙ୍କ ମୃତ୍ୟୁ ହେଉଥିଲାବେଳେ ଜିନାକୋଲୋଜିକାଲ କ୍ୟାନ୍‌ସରରେ ଅଧିକ ମହିଳା କମ୍ ବୟସରେ ପ୍ରାଣ ହରାଉଛନ୍ତି। ଧୂମପାନ ଯୋଗୁ ଫୁସ୍‌ଫୁସ୍ କ୍ୟାନ୍‌ସରରେ ଜୀବନର ଅଧିକାଂଶ ବୟସ ହରାଇବାକୁ ପଡୁଛି। ସାଧାରଣତଃ ଧୂମପାନ ଓ ମଦ୍ୟପାନ ଜନିତ କ୍ୟାନ୍‌ସରରେ ଅଧିକ ସଂଖ୍ୟାରେ ପୁରୁଷଙ୍କର ଆୟୁଷ ପୂର୍ବରୁ ମୃତ୍ୟୁ ଘଟୁଛି। ଭାରତ, ଚାଇନା, ରୁଷିଆରେ ଏଭଳି ସମୟ ପୂର୍ବରୁ ମୃତ୍ୟୁ ମହିଳାଙ୍କ ତୁଳନାରେ ପୁରୁଷମାନଙ୍କ କ୍ଷେତ୍ରରେ ୯ ଗୁଣ ଅଧିକ। ଅନ୍ୟପକ୍ଷରେ ମେଦବହୁଳତା ଓ ଏଚ୍‌ପିଭି ସଂକ୍ରମଣଜନିତ କ୍ୟାନ୍‌ସରରେ ପୁରୁଷଙ୍କ ତୁଳନାରେ ଅଧିକ ମହିଳାଙ୍କ ମୃତ୍ୟୁ ହେଉଛି।

# ଟାଇମ୍ ୧୦୦ କ୍ଲାଇମେଟ୍ ତାଲିକାରେ ୮ ଭାରତୀୟ

**ନ୍ୟୁୟର୍କ,୧୭।୧୧(ପି.ଟି.)**

ବ୍ୟବସାୟରୁ ଆରମ୍ଭ କରି ଜଳବାୟୁ ପରିବର୍ତ୍ତନର ମୁକାବିଲାରେ ଉଲ୍ଲେଖନୀୟ ପଦକ୍ଷେପ ନେଇଥିବା ବିଶ୍ୱର ସର୍ବାଧିକ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ନେଇ ଟାଇମ୍ ମାଗାଜିନ୍‌ରେ ପ୍ରଥମ ଥର ପାଇଁ ପ୍ରକାଶିତ ତାଲିକାରେ ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବାଙ୍ଗା ଏବଂ ଓଲା ଇଲେକ୍ଟ୍ରିକ୍‌ର ସହପ୍ରତିଷ୍ଠାତା ଭବିଶ ଅଗ୍ରୱାଲଙ୍କ ସମେତ ୮ ଭାରତୀୟ ତଥା ଭାରତୀୟ ବଂଶୋଦ୍ଭବ ସ୍ଥାନ ପାଇଛନ୍ତି। 'ଟାଇମ୍ ୧୦୦ କ୍ଲାଇମେଟ୍' ତାଲିକାରେ ବିଶ୍ୱର ବିଭିନ୍ନ ସଂସ୍ଥାର ସିଇଓ, ପ୍ରତିଷ୍ଠାତା, ମାନବ ହିତୈଶୀ, ସଙ୍ଗୀକାର, ନୀତି ନିର୍ଦ୍ଧାରକ ଓ ସରକାରୀ ଅଧିକାରୀମାନେ ରହିଛନ୍ତି।



ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବଙ୍ଗା

ନଭେମ୍ବର ୩୦ରେ ଜାତିସଂଘର ୨୦୨୩ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ହେବା ପୂର୍ବରୁ ଏହି ତାଲିକା ପ୍ରକାଶ ପାଇଛି। ବଙ୍ଗା ଓ ଭବିଶଙ୍କ ସହ ଉକ୍ତ ଲିଷ୍ଟରେ ରକ୍‌ଇଫେଲର ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ରାଜୀବ ଜେ. ଶାହ, ବୋଷ୍ଟନ୍ କମନ୍ ଆସେଟ୍ ମ୍ୟାନେଜମେଣ୍ଟର ପ୍ରତିଷ୍ଠାତା ଅଧ୍ୟକ୍ଷା ଗୀତା ଆୟାର, ଆମେରିକା ଶକ୍ତି ବିଭାଗ ଲୋନ୍ ପ୍ରୋଗ୍ରାମ ଅଫିସ୍‌ର ନିର୍ଦ୍ଦେଶକ ଜିଗର ଶାହ, ହସ୍କ ପାୱାର ସିଷ୍ଟମ୍ସର ସିଇଓ ତଥା ସହପ୍ରତିଷ୍ଠାତା ମନୋଜ ସିହ୍ନା, ଏନ୍‌ଭାଇରନ୍‌ମେଣ୍ଟାଲ ଷ୍ଟିୱାର୍ଡଶିପ୍ ଫର୍ କାଇସର ପର୍ମାନେଣ୍ଟେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସୀମା ୱାଧ୍‌ୱା ଏବଂ ମହିନ୍ଦ୍ରା ଲାଇଫସ୍ପେସେସ୍ ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଅମିତ କୁମାର ସିହ୍ନାଙ୍କୁ ମଧ୍ୟ ତାଲିକାରେ ସ୍ଥାନିତ କରାଯାଇଛି। ଉକ୍ତ ମାଗାଜିନ୍ ଡିସେମ୍ବର ୪ରେ ପ୍ରକାଶ ପାଇବ।




ୟୁଏଇର ଶିଳ୍ପ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତି ମନ୍ତ୍ରୀ ଡ. ସୁଲ୍‌ତାନ ଅଲ୍ ଜାବେରଙ୍କୁ ମଧ୍ୟ ଏହି ଆମେରିକୀୟ ମାଗାଜିନ୍ କ୍ଲାଇମେଟ୍ ୧୦୦ ଲିଡର୍ସ ସେକ୍ସନରେ ସ୍ଥାନ ଦେଇଛି। ଦୁବାଇ ଶାସକ ତଥା ଭାଇସ୍ ପ୍ରେସିଡେଣ୍ଟ ଶେଖ୍ ମହମ୍ମଦ ବିନ୍ ରସିଦ ତାଙ୍କୁ ପ୍ରଶଂସା କରିଛନ୍ତି।

# ତୃତୀୟ ପ୍ରାର୍ଥୀଙ୍କ ଆବିର୍ଭାବ ସମ୍ଭାବନା

## ଆମେରିକା ରାଷ୍ଟ୍ରପତି ନିର୍ବାଚନ

## ବାଇଡେନ୍, ଟ୍ରମ୍ପଙ୍କ ଲୋକପ୍ରିୟତା କମୁଛି

**ୱାଶିଂଟନ୍,୧୭।୧୧**

୨୦୨୪ ନଭେମ୍ବରରେ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରମୁଖ ଦାବିଦାର ଡେମୋକ୍ରାଟ୍ ଜୋ ବାଇଡେନ୍ ଓ ତାଙ୍କ ରିପବ୍ଲିକାନ୍ ପ୍ରତିଦ୍ୱନ୍ଦ୍ୱୀ ଡୋନାଲ୍ଡ ଟ୍ରମ୍ପଙ୍କ ଲୋକପ୍ରିୟତା ହ୍ରାସ ପାଇବାରେ ଲାଗିଛି। ଏଥିଯୋଗୁ ଆମେରିକୀୟମାନେ ଜଣେ ଯୁବନେତାଙ୍କୁ ନିର୍ବାଚନୀ ମଇଦାନରେ ଦେଖିବା ପାଇଁ ଉତ୍କଣ୍ଠିତ ଥିବା ଜଣାପଡ଼ିଛି। ୧୯୯୦ ଦଶକରୁ କୌଣସି ତୃତୀୟ ଦଳ ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ଉଜ୍ଜ୍ୱଳ ହୋଇ ନ ଥିବାବେଳେ ଏବେ ପରିବର୍ତ୍ତିତ ରାଜନୀତିରେ ଏଭଳି ସମୀକରଣ ସମ୍ଭାବନାକୁ ଅସ୍ୱୀକାର କରାଯାଇ ନ ପାରେ। କାରଣ ବର୍ତ୍ତମାନ ଆର୍ଥିକ ଚିନ୍ତା ବୃଦ୍ଧି, ରାଜନୈତିକ ବିଭାଜନ ଏବଂ ଗାଜା ଉପରେ ଇସ୍ରାଏଲୀ ଆକ୍ରମଣକୁ ଆମେରିକାର ବିବାଦୀୟ ସମର୍ଥନ ଭଳି ପ୍ରସଙ୍ଗ ନୂଆ ପିଢ଼ିର ଜଣେ ନେତାଙ୍କ ହାତରେ ଦେଶର ନେତୃତ୍ୱ ଦେବା ଆହ୍ୱାନକୁ ଦୃଢ଼ କରିଛି।

ଆମେରିକୀୟମାନଙ୍କ ଉଚିତ ପ୍ରତିନିଧିତ୍ୱରେ ଉଭୟ ରିପବ୍ଲିକାନ୍ ଓ ଡେମୋକ୍ରାଟିକ୍ ପାର୍ଟିର ପ୍ରଦର୍ଶନ ଦୁର୍ବଳ ବୋଲି ପ୍ରାୟ ୬୩% ଭୋଟର ମତ ଦେଇଛନ୍ତି, ଯାହାକି ଗତବର୍ଷ ତୁଳନାରେ ୭% ଅଧିକ। ସେମାନଙ୍କ ମତରେ ଏକ ତୃତୀୟ ବଡ଼ ଦଳର ଆବଶ୍ୟକତା ରହିଥିବା ଗେଲ୍‌ଅପ୍ ପକ୍ଷରୁ ନିକଟରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି। ୨୦୦୩ରୁ ଗେଲ୍‌ଅପ୍ ଏଭଳି ପୋଲ୍ କରାଇଆସୁଅଛି।




୪୬ତମ ରାଷ୍ଟ୍ରପତି ବାଇଡେନ୍(୮୦) ନିଜ ବୟସ ଯୋଗୁ ଓ ୭୭ ବର୍ଷୀୟ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ ଆପରାଧିକ ମାମଲା ପାଇଁ ବିବାଦୀୟ ହୋଇଥିଲେ ମଧ୍ୟ ଦୁହେଁ ନିଜ ନିଜ ଦଳରୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ଏହାସତ୍ତ୍ୱେ ଶେଷରେ ଦୁହେଁ ଦଳୀୟ ପ୍ରାର୍ଥୀ ହେବା ଏକପ୍ରକାର ନିଶ୍ଚିତ ବୋଲି ଆଶା କରାଯାଉଛି। ଅତୀତରେ ତୃତୀୟ ପ୍ରାର୍ଥୀମାନେ ଦୁଇ ବୃହତ୍ ଦଳରୁ ଭୋଟ ଛଡ଼ାଇବାରେ ସକ୍ଷମ ହୋଇଥିଲେ ହେଁ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇପାରିନାହାନ୍ତି। ୧୯୯୨ରେ ବିଲିୟନେୟାର ବିଜ୍‌ନେସ୍‌ମ୍ୟାନ୍ ରୋସ୍ ପେରୋଟ୍ ୧୯% ଭୋଟ ପାଇଥିଲେ। ଫଳରେ ତତ୍କାଳୀନ ରାଷ୍ଟ୍ରପତି ଏଚ୍.ଡବ୍ଲ୍ୟୁ. ବୁଶ୍‌ଙ୍କଠାରୁ ଡେମୋକ୍ରାଟ୍ ବିଲ୍ କ୍ଲିଣ୍ଟନ୍ କ୍ଷମତା ଛଡ଼ାଇନେଇ ହ୍ୱାଇଟ୍ ହାଉସ୍‌ରେ ପହଞ୍ଚିପାରିଥିଲେ।

ରଏଟର୍ସ/ଇପ୍‌ସୋସ୍ ପକ୍ଷରୁ କରାଯାଇଥିବା ଏକ ପୋଲ୍‌ରେ ଆଣ୍ଟି-ଭାକ୍ସିନ୍ କନ୍‌ସ୍ପିରେସି ଥିଓରିଷ୍ଟ ତଥା ସ୍ୱାଧୀନ ପ୍ରାର୍ଥୀ ରବର୍ଟ ଏଫ୍. କେନେଡି ଜୁନିୟରଙ୍କୁ ୨୦% ଭୋଟ ମିଳିପାରେ।

# ପ୍ରଚଣ୍ଡ ଶବ୍ଦ ପରେ ସୁଡ଼ଙ୍ଗରେ ଅଟକିଲା ଉଦ୍ଧାର କାର୍ଯ୍ୟ

**ଉତ୍ତରକାଶୀ,୧୭।୧୧**

ଉତ୍ତରାଖଣ୍ଡର ଉତ୍ତରକାଶୀରେ ସିଲ୍‌କ୍ୟାରା ସୁଡ଼ଙ୍ଗ ଭୁଶୁଡ଼ିବା ଘଟଣାକୁ ୬ ଦିନ ବିତିଥିବାବେଳେ ସେଥିରେ ଫସିଥିବା ୪୦ ଶ୍ରମିକଙ୍କୁ ଉଦ୍ଧାର କରାଯାଇପାରି ନାହିଁ। ଶ୍ରମିକମାନେ ୬୦ ମିଟର ତଳେ ରହିଥିବା କୁହାଯାଉଥିବାବେଳେ ମାତ୍ର ୨୪ ମିଟର ପର୍ଯ୍ୟନ୍ତ ୯୦୦ ମିଲିମିଟର ଓସାରର ପାଇପ୍ ଯାଇଥିବା ଉଦ୍ଧାରକାରୀ କର୍ମଚାରୀମାନେ କହିଛନ୍ତି। ତେବେ ଅପରାହ୍ନ ୨ଟା ୪୫ ସମୟରେ ପ୍ରଚଣ୍ଡ ଶବ୍ଦ ହେବାରୁ ଭିତରେ ଫସିଥିବା ଶ୍ରମିକ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ଭୟଭୀତ ହୋଇଯାଇଥିଲେ। ପୁଣି ଟନେଲ ଭୁଶୁଡ଼ିବା ଆଶଙ୍କା ପ୍ରକାଶ ପାଇବାରୁ ଡ୍ରିଲିଂକୁ ସ୍ଥଗିତ ରଖାଯାଇଛି। ଆଉ ଡ୍ରିଲିଂ କରାଯିବ କି ନାହିଁ ସେନେଇ ବିଶେଷଜ୍ଞମାନଙ୍କ ବୈଠକ ଡକାଯାଇଛି। ବିଶାଳ ଡ୍ରିଲିଂ ମେଶିନ୍‌ରେ ଖୋଳାଯାଇ ଗୋଟିଏ ପରେ ଗୋଟିଏ ପାଇପ୍ ସେଥିରେ ଭର୍ତ୍ତି କରାଯାଉଥିଲା। ଉକ୍ତ ପାଇପ୍ ଦେଇ ଶ୍ରମିକମାନଙ୍କୁ ବାହାରକୁ ଆଣିବା ଯୋଜନା ହୋଇଥିଲା। ଉଦ୍ଧାର କାର୍ଯ୍ୟ ପାଇଁ ଇନ୍ଦୋରରୁ ଡେରାଡୁନ୍‌କୁ ୨୨ ଟନ୍ ଓଜନର ଏକ ମେଶିନ୍ ବାୟୁସେନାର ସି-୧୭ ପରିବହନ ବିମାନ ଯୋଗେ ନିଆଯାଇଛି।



କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ହାଇଦ୍ରାବାଦରେ ଦଳର ତେଲଙ୍ଗାନା ସଭାପତି ଏ.ରେଭାନ୍ଥ ରେଡ୍ଡୀ ଏବଂ ଏଆଇସିସି ପ୍ରଭାରୀ ମାଣିକରାଓ ଠାକରେଙ୍କ ସହ ବିଧାନସଭା ନିର୍ବାଚନ ପୂର୍ବରୁ ଇସ୍ତାହାର ଉନ୍ମୋଚନ କରୁଛନ୍ତି।

# କର୍ଣ୍ଣାଟକରେ ନୂଆ ବିରୋଧୀ ଦଳ ନେତା

**ବେଙ୍ଗାଲୁରୁ,୧୭।୧୧**



ଆର୍. ଅଶୋକା

ଭାଜପା ଶୁକ୍ରବାର ଆର୍. ଅଶୋକାଙ୍କୁ କର୍ଣ୍ଣାଟକ ବିଧାନସଭାର ବିରୋଧୀ ଦଳ ନେତା ନିଯୁକ୍ତ କରିଛି। ଭାଜପା ବିଧାୟକ ଦଳ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଥିଲା। ବିରୋଧୀ ଦଳ ନେତା ପଦ ପାଇଁ ସୁନୀଲ କୁମାର, ଅଶ୍ୱଥ ନାରାୟଣ ଏବଂ ଅରଗା ଜ୍ଞାନେନ୍ଦ୍ରଙ୍କ ନାଁ ଚର୍ଚ୍ଚା ହେଉଥିବାବେଳେ ସମସ୍ତଙ୍କୁ ପଛରେ ପକାଇ ଅଶୋକା ଏହି ପଦରେ ନିଯୁକ୍ତ ହୋଇଛନ୍ତି।

# ଜାନୁୟାରୀ ୨୩ରେ ବଂଶଧାରା ଶୁଣାଣି

**ନୂଆଦିଲ୍ଲୀ,୧୭।୧୧**

ବଂଶଧାରା ବିବାଦ ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଆସନ୍ତା ବର୍ଷ ଜାନୁୟାରୀ ୨୩ରେ ହେବ। ବଂଶଧାରା ନଦୀ ଉପରେ ନେରଡ଼ି ବ୍ୟାରେଜ ନିର୍ମାଣ ଲାଗି ବଂଶଧାରା ଜଳବିବାଦ ଟ୍ରିବ୍ୟୁନାଲ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ଅନୁମତି ଦେଇଥିବାବେଳେ ଉକ୍ତ ରାୟକୁ ଚ୍ୟାଲେଞ୍ଜ କରି ଓଡ଼ିଶା ସରକାର ସର୍ବୋଚ୍ଚ ଅଦାଲତରେ ଏକାଧିକ ପିଟିଶନ ଦାଏର କରିଥିଲେ। ନଦୀଜଳ ବଣ୍ଟନକୁ ନେଇ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ବିବାଦ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ଟ୍ରିବ୍ୟୁନାଲ ଓ ଅଦାଲତରେ ପଡ଼ିରହିଛି। ଚଳିତ ବର୍ଷ ଅଗଷ୍ଟ ଏବଂ ନଭେମ୍ବରରେ ଏହାର ଶୁଣାଣି ହୋଇଥିଲା। ତେବେ ସମୟର ସ୍ୱଳ୍ପତା ଦୃଷ୍ଟିରୁ ଜାନୁୟାରୀ ୨୩ରେ ପରବର୍ତ୍ତୀ ଶୁଣାଣି ପାଇଁ ଅଦାଲତ ସମୟ ଧାର୍ଯ୍ୟ କରିଛନ୍ତି। ୨୦୨୧ ଜୁନ୍‌ରେ ବଂଶଧାରା ଟ୍ରିବ୍ୟୁନାଲ ନେରଡ଼ି ବ୍ୟାରେଜ୍ ନିର୍ମାଣ ଲାଗି ଆନ୍ଧ୍ର ସରକାରଙ୍କୁ ଅନୁମତି ଦେଇଥିଲେ। ଉକ୍ତ ରାୟକୁ ଚ୍ୟାଲେଞ୍ଜ କରି ଓଡ଼ିଶା ସରକାର ସର୍ବୋଚ୍ଚ ଅଦାଲତରେ ୩ଟି ପିଟିଶନ ଦାଏର କରିଛନ୍ତି। ଏଥିସହିତ ନେରଡ଼ି ବ୍ୟାରେଜ୍‌ର ମିଳିତ ସର୍ଭେ ପାଇଁ ଟ୍ରିବ୍ୟୁନାଲର ନିର୍ଦ୍ଦେଶକୁ ଓଡ଼ିଶା ବିରୋଧ କରିଥିଲା।

# ହରିୟାଣା: ଘରୋଇ ସେକ୍ଟରରେ ୭୫% କୋଟା ଖାରଜ




## ହାଇକୋର୍ଟ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ଖଟ୍ଟର ସରକାର

**ଚଣ୍ଡିଗଡ଼,୧୭।୧୧**

ହରିୟାଣାର ଘରୋଇ ସେକ୍ଟରଗୁଡ଼ିକରେ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ପ୍ରାର୍ଥୀମାନଙ୍କ ପାଇଁ ୭୫ ପ୍ରତିଶତ ସ୍ଥାନ ସଂରକ୍ଷଣ ରଖିବାକୁ ରାଜ୍ୟ ସରକାର ଆଣିଥିବା ବିବାଦୀୟ ଆଇନକୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଭଳି ସଂରକ୍ଷଣ ଅସାମ୍ବିଧାନିକ ବୋଲି ଅଦାଲତ କହିଛନ୍ତି। ସ୍ଥାନୀୟ ପ୍ରାର୍ଥୀଙ୍କ ନିଯୁକ୍ତି ପାଇଁ ହରିୟାଣା ରାଜ୍ୟ ନିୟୋଜନ ବିଲ୍ ଏକାଧିକ ସଂଶୋଧନ ପରେ ୨୦୨୦ରେ ଗୃହୀତ ହୋଇଥିଲା। ଘରୋଇ ସଂସ୍ଥାଗୁଡ଼ିକରେ ୭୫ ପ୍ରତିଶତ ନିଯୁକ୍ତି ରାଜ୍ୟର ଯୁବତୀଯୁବକଙ୍କ ପାଇଁ ସଂରକ୍ଷିତ ରଖିବାକୁ ଏଥିରେ ବ୍ୟବସ୍ଥା ରହିଛି। ଭୋଟ ପାଇବା ଲକ୍ଷ୍ୟରେ ମନୋହରଲାଲ୍ ଖଟ୍ଟର ସରକାର ଏହି ଆଇନ ଆଣିଥିଲେ। ହାଇକୋର୍ଟଙ୍କ ରାୟକୁ ଖଟ୍ଟର ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିପାରନ୍ତି ବୋଲି କୁହାଯାଉଛି।


**GOVERNMENT OF ODISHA**
**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR**
Letter No. 35715, Dated 15.11.23, Email i.d.: crew_bbsr@yahoo.com
**"e" Procurement Notice for bridge works in Odisha (Online-10 (Bridge) / 2023-24 dt. 15.11.2023)**

**No.O-1549:**1. Name of the work : Construction of bridge work. 2. Total No. of works : 01 (One) no. 3.Estimated cost : Rs 4995.00 lakh. 4.Class of contractor: Special Class & Super Class. 5. Period of completion : 30 (Thirty) Calendar months. 6. Other details :

| Procurement Officer | Bid Identification No. | No. of Bridge Works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha,Bhubaneswar | Online-10 (Bridge)/ 2023-24 | 01 (One) No. | 21.11.2023 at 11.00 A.M. | 05.12.2023 Upto 5.00 P.M. |

Other details can be seen in the bidding documents, which will be available in website **www.tendersorissa.gov.in.**

**Sd./- Chief Engineer (Buildings & Bridges) Rural Works, Odisha, Bhubaneswar**
OIPR-25123/11/0033/2324

**GOVT. OF ODISHA**
**OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR**
**'e' Procurement Notice No.CEMKS 12 of 2023-24**

**No.A-852:**1.Name of the Work:Cement Concrete Lining of Distributary No.13 of Machhagaon Canal under CLSRP, 2. Amount put to Tender: Rs.9,29,94,499.00, 3. Bid Document Cost: Rs.10,000.00 (Online), 4. E.M.D.: Rs.9,30,000.00, 5. Class of Contractor: "A" Class & Special Class, 6. Period of Completion: 12 Calendar Months, 7. Other details are as follows.

| Procurement Officer | Bid Identification No. | Availability of tender online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS JSP 02 of 2023-24 | 20.11.2023 10.00 hours | 05.12.2023 17.00 hrs. | 06.12.2023 11.00 Hrs. |

8. e-mail id: celmbbbsr@yahoo.co.in.
Further detail conditions can be seen from the Govt. website www.tendersodisha.gov.in.
The Corrigendum/ Cancellation of Tender, if any, will be uploaded and can be seen from the above website only.

**Sd./- Chief Engineer & Basin Manager Mahanadi Kathajodi System, Bhubaneswar**
OIPR-32252/11/0015/2324

**GOVERNMENT OF ODISHA** No.O-1550:
**OFFICE OF THE CHIEF CONSTRUCTION ENGINEER,CENTRAL RURAL WORKS CIRCLE, BHUBANESWAR**
No.6012/ Date 17.11.2023
**"e" Procurement Notice for PMGSY Missing Link Bridges for the year 2022-23**

| | | | |
|---|---|---|---|
| 1 | Name of the Work | : | Construction of Bridge including five year Maintenance under PMGSY-III, Batch-I of 2022-23 |
| 2 | Total No. of works: | : | 01 No. |
| 3 | Approximate Estimated Cost of the package | : | Rs.579.89 Lakhs |
| 4 | Class of Contractor | : | |
| | a)Estimated cost more than Rs. 1.00 Crores up to Rs. 20.00 Crores | | A Class (of Odisha PWD) or relevant class of other licensing authorities |
| 5 | Period of completion | : | 12 (Twelve) Months |
| 6 | Offered rates by bidder | : | The offered rate by the contractor shall be excluding GST. |
| 7 | Other details | : | |

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & Time of submission of original financial instrument alongwith affidavit regarding correctness of information | Date & Time of Opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.47 of 2023 | 21.11.2023 at 11.00 AM | 05.12.2023 upto 5.00 P.M. | 04.12.2023 upto 5.00 PM | 06.12.2023 to 08.12.2023 Upto 5.00 PM (During office hour) | 11.12.2023 at 11.00 AM | To be intimated lateron |

Further details can be seen from the website:- www.pmgsytenders.gov.in
**Sd./- Chief Construction Engineer Central Rural Works Circle, Bhubaneswar**
OIPR-25082/11/0037/2324

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER PHULBANI (R&B) CIRCLE, PHULBANI**
Phone:- 06842 254004, Email:sernbphulbani@gmail.com
**INVITATION FOR BIDS (IFB)**
Bid Identification No.CCE_R and B_PLB_18 of 2023-24
No.B-1285 No.2625, Dated:17.11.2023

| | | | |
|---|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Bridge & Building works as detailed in the table below from eligible contractors. | | |
| 2 | Nature of Work | :- | Bridge & Building Works |
| 3 | No. of Tenders | :- | Four Nos. |
| 4 | Tender Cost | :- | Rs.10,000/- (through online) only |
| 5 | Class of Contractor | :- | A & Special Class |
| 6 | Date & Time of sale & receipt of Bids | :- | 10.00 AM of 02.12.2023 to 5.00 PM of 16.12.2023 |
| 7 | Date of Opening of Bid | :- | 11.00 AM of 17.12.2023 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

**Sd./- Chief Construction Engineer Phulbani (R&B) Circle, Phulbani**
OIPR-34129/11/0019/2324

**DIRECTORATE OF HORTICULTURE ODISHA, BHUBANESWAR**
**GOVT. OF ODISHA**
KRUSHI BHAWAN, GOPABANDHU MARG, BHUBANESWAR-751001
Phone:0674-2391831, email: supportdho.od@nic.in
**EXPRESSION OF INTEREST**
**No. 12060/Hort.,** **Dated 15.11.2023**

**No.L-153:**Expression of Interest (EoI) in sealed covers are invited for empanelment of Agencies/ manufacturers/suppliers/ System Integrator of National repute for installation/ supply/ erection/ establishment of different units/ structures under Protected Cultivation and Post-Harvest Management components in farmers'/ beneficiaries field under MIDH and all other schemes implemented by Directorate of Horticulture, Odisha. The detailed criteria, terms and conditions for empanelment can be downloaded from https://www.odihort.nic.in and https://www.tendersodisha.gov.in. The cost of the EOI document is Rs.11,800.00 (Cost + GST) which is non-refundable. The applications/ documents duly filled in the appropriate format along with the Demand Draft for Rs.11,800.00 drawn in favour of the Director of Horticulture-cum-Secretary, OHDS and payable at any Nationalized Bank in Bhubaneswar should reach the Office of the undersigned on or before 5.00 PM of 11.12.2023.
Pre-empanelment meeting for the Expression of interest will be held on 30.11.2023 at 11.30AM through virtual mode. The meeting link will be sent to the respective e-mail IDs of the applicant whose queries has been received by 29.11.2023.
The EOI documents will be opened on 12.12.2023 at 11.00AM and on 13.12.2023 at 11.00AM for different units/ structures in presence of the applicant or their authorized representative as per the details mentioned in the Notice for EOI.

**Sd./- Director of Horticulture-cum- Secretary, OHDS Krushi Bhawan, Gopabandhu Marg, Bhubaneswar, Odisha, PIN-751001, Email Id:supportdho.od@nic.in**
OIPR-01038/11/0005/2324

**Govt. OF ODISHA**
**"e"- PROCUREMENT NOTICE**
**Bid Identification No. S.E. PKL (R&B)- 26/2023-24**
E-mail address- eepwd.pkl@rediffmail.com
**No.B-1283:** **Tender Call Notice**

1. Name of the work : Building work
2. Numbers of work : 1 (One)
3. Estimated cost : Rs.43.00 Lakh (Approx)
4. Period of completion : 3 (Three) Calendar Months
5. Date & Time of availability of bid document in the portal : From 11.00 A.M. of dt.18.11.2023 to 05.00 P.M. of dt.05.12.2023
6. Last Date/ Time for receipt of bids in the portal : 05.00 P.M. of dt.05.12.2023
7. Date of opening of Bid : 11.30 A.M. of dt.06.12.2023
8. Name and address of the officer inviting Bid : Superintending Engineer, Panikoili (R&B) Division, Panikoili

Further details can be seen from the e-procurement portal https://tendersodisha.gov.in

**Sd./- Superintending Engineer Panikoili (R&B) Division**
OIPR-34067/11/0024/2324

**OFFICE OF THE SUPERINTENDING ENGINEER** No.O-1548
**RURAL WORKS DIVISION-I, GANJAM, BERHAMPUR**
Phone- 0680-2291405; E-Mail: eerw_gm1@yahoo.co.in
**Government of Odisha e-Procurement Notice**
**Bid Identification No. Online Tender // 06 // SERWDG-I // 2023-24**
Letter No. 4369/RWDG-I//BAM/Date:17.11.2023

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.66.84 |
| 3 | Period of Completion | : | 06 (Six) Calendar Months as shown in Column No. 06 of Annexure. |
| 4 | Date & Time of Availability of Bid Documents in the Portal | : | From 22.11.2023 at 11.30 AM to 30.11.2023 up to 6.00 PM. |
| 5 | Last Date/Time for Receipt of Bids in the Portal | : | 30.11.2023 up to 6.00 PM |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website **https://www.tendersodisha.gov.in**

**Sd./- Superintending Engineer, R.W. Division-I, Ganjam, Berhampur**
OIPR-25085/11/0009/2324

**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
AT-MATIAGARH CHHAKA, PO-K. JASHIPUR, DIST-MAYURBHANJ, ODISHA-757091
Tel: - 06797-295030, Email-dfo.similipalnorthwl@odisha.gov.in/ ddsimilipalnorth@gmail.com
**TENDER CALL NOTICE**
No.91, Date:17.11.2023

**No.MM-275:**The **DEPUTY DIRECTOR, SIMILIPAL NORTH WL DIVISION, JASHIPUR** on behalf of Governor of Odisha invites **Percentage Rate bids** to be received in offline mode for the following works from the eligible experienced contractors in similar nature of work, registered with State Govt. & Contractor of equivalent Grade / Class registered with Central Govt. / Railways.

| | | | |
|---|---|---|---|
| 1. | Nature of Work | : | Construction of Forest Guard Quarter Complex |
| 2. | No. of Work | : | 01 Building |
| 3. | Period of Completion | : | 03 (Three) Months |
| 4. | Cost of Tender | : | Rs.10000/- (Ten Thousand) only |
| 5. | Estimated Cost | : | Rs.72,24,000/- |
| 6. | Class of Contractor | : | "B" Class |
| 7. | Date & Time of availability of tender document | : | Tender Documents for construction of Forest Guard Quarter as stated above will be available in the O/o the Deputy Director, Similipal North Wildlife Division, Jashipur, on payment of cost of Tender Document as mentioned above. The Tender Document cost which is non-refundable, should be deposited in shape of Demand Draft from any Nationalized Bank drawn in favour of the Deputy Director, Similipal North Wildlife Division, Jashipur, Mayurbhanj payable at Jashipur from 10.00 AM of 20. 11 .2023 to 05.30 PM of 29. 11. 2023 |
| 8. | Receipt of Bid documents | : | Through Direct Deposit by hand / Registered post/ Speed post/ Courier service to the Deputy Director, O/o the Deputy Director, Similipal North (WL) Division, At-Matiagarh Chhaka, P.O.- K. Jashipur, Dist.- Mayurbhanj, Pin-757091 on or before 30.11 .2023 by 1 1 .00 A.M. |
| 9. | Receipt of Bid cost, Bid Security, documents | : | Earnest Money Deposit (EMD) of Rs. 72.240/- (Rupees Seventy Two Thousand Two Hundred Forty) Only shall be submitted along with Tender, EMD will be in the form of demand draft in favour of Deputy Director, Similipal North (WL) Division, Jashipur payable at Jashipur. The EMD will be refunded to the unsuccessful bidder. The EMD for the successful bidder will be released only after completion and handover the Quarter |
| 10. | Date & Time of opening of technical bid | : | Dt.30.11.2023 at 12.00 hours onwards |
| 11. | Other documents | : | (As mentioned in DTCN) |
| 12. | The undersigned reserves the right to accept/reject any or all Tender without assigning any reason thereof. | | |

**Sd./-Deputy Director Similipal (North) WL Division, Jashipur**
OIPR-08133/11/0003/2324

## ମୁଖ୍ୟମନ୍ତ୍ରୀ ଦୌଡ଼ରେ ମୁଁ ନାହିଁ: ଜ୍ୟୋତିରାଦିତ୍ୟ

ଭୋପାଳ: ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଶୁକ୍ରବାର ମତଦାନ ହୋଇଛି। କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଧ୍ୟ ଗ୍ୱାଲିଅରରେ ଭୋଟ ଦେଇଛନ୍ତି। ଏହି ସମୟରେ ସେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ପଦ ପାଇଁ ଦୌଡ଼ରେ ନାହିଁ କି କେବେବି ନ ଥିଲି କିମ୍ବା ଆଜି ମଧ୍ୟ ନୁହେଁ। ମୋତେ ତିନିଥର, ୨୦୧୩ରେ, ୨୦୧୮ ଏବଂ ଆଜି ମଧ୍ୟ ଏକଥର ପଚରାଗଲା। ତିନିଥର ଯାକ କହିଛି ଯେ, ମୁଁ ମୁଖ୍ୟମନ୍ତ୍ରୀ ପଦ ଦୌଡରେ ନାହିଁ। ଏଥିସହ ଜ୍ୟୋତିରାଦିତ୍ୟ ଆହୁରି କହିଛନ୍ତି ଯେ, ଏହା ଚେୟାର ପାଇଁ ରେସ ନୁହେଁ। ଏହି ରେସ ବିକାଶ, ପ୍ରଗତି ଏବଂ ଜନସାଧାରଣଙ୍କ ବିଶ୍ୱାସକୁ ସୁନିଶ୍ଚିତ କରିବା ପାଇଁ। ଅପରପକ୍ଷେ କଂଗ୍ରେସ ଦଳକୁ ଟାର୍ଗେଟ କରି ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ପଦ ପାଇଁ ଦୌଡ କଂଗ୍ରେସ ଦଳରେ ହୋଇଥାଏ।

## ଜନ୍ମଦିନର ଶୁଭେଚ୍ଛା



ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................

ବବ୍‌ଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଓଡ଼ିଶାର ପଛୁଆବର୍ଗ କମିଶନ ଦେଇଥିବା ରିପୋର୍ଟ ସାର୍ବଜନୀନ ହେଉ: ଶ୍ରୀକାନ୍ତ

**ଭୁବନେଶ୍ୱର, ୧୭।୧୧(ସୁନିତ୍ ମିଶ୍ର)**

ଓଡ଼ିଶାର ପଛୁଆବର୍ଗ କମିଶନ ରାଜ୍ୟର ପଛୁଆବର୍ଗଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ତାଙ୍କର ରିପୋର୍ଟ ସରକାରଙ୍କୁ ଦେଇଛନ୍ତି। ରିପୋର୍ଟ ଅନୁଯାୟୀ ଏହି ବର୍ଗର 'ସ୍ଥିତି ସବୁ କ୍ଷେତ୍ରରେ ଅତ୍ୟନ୍ତ ଦୟନୀୟ'। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କମିଶନ ଏ ସର୍ଭେ କାର୍ଯ୍ୟକୁ ହାତକୁ ନେଇ ତାଙ୍କର ରିପୋର୍ଟ ଦେବାପରେ କାହିଁକି ସରକାର 'ଚୁପ୍ ରହିଛନ୍ତି' ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରଶ୍ନ କରିଛନ୍ତି।

ଶ୍ରୀକାନ୍ତ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖି କହିଛନ୍ତି, ଉକ୍ତ ରିପୋର୍ଟ ଅନୁଯାୟୀ ପଛୁଆ ବର୍ଗଙ୍କ ମଧ୍ୟରୁ ୧ କୋଟି ୯୫ ଲକ୍ଷ ଲୋକ କମିଶନଙ୍କୁ ତାଙ୍କର ମତାମତ ଜଣାଇଛନ୍ତି। ଆହୁରି ଅନେକେ ଆସିପାରିନାହାନ୍ତି। ଆସି ନ ପାରିଥିବା ଲୋକଙ୍କ ସଂଖ୍ୟା ୫୦ ଲକ୍ଷରୁ ଅଧିକ ହେବ। ଶିକ୍ଷା କ୍ଷେତ୍ରରେ ରିପୋର୍ଟ ଅନୁଯାୟୀ ଏହି ବର୍ଗଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ। ସରକାରୀ ଚାକିରିରେ ପଛୁଆବର୍ଗଙ୍କ ସଂଖ୍ୟା ମାତ୍ର ୨.୮ ପ୍ରତିଶତ ହେବ। ଏହି ବର୍ଗର ଆର୍ଥିକ ସ୍ଥିତି ଅତ୍ୟନ୍ତ ଭୟଙ୍କର। ମାତ୍ର ୧୯% କୃଷି କାର୍ଯ୍ୟରେ ଅଛନ୍ତି। ଅନ୍ୟମାନେ ଦିନ ମଜୁରିଆ ଓ ଅଧିକାଂଶ ଦାଦନ ଶ୍ରମିକ। ଏହି ବର୍ଗର ଅଧିକାଂଶ ପରିବାର ଗରିବୀ ସୀମାରେଖାର ତଳେ। ପଛୁଆବର୍ଗଙ୍କର ସ୍ଥିତି ବ୍ୟତୀତ ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କ ସମସ୍ୟା ଆହୁରି ଚିନ୍ତାଜନକ। କମିଶନଙ୍କ ରିପୋର୍ଟ ସର୍ବସାଧାରଣ ହେଲେ ଏସବୁ ବିକାଶର ପ୍ରକୃତ ଚିତ୍ର ଜଣାପଡ଼ିଯିବ ବୋଲି ସେ କହିଛନ୍ତି।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha

**GNM**
Duration : 3 Year, Eligibility : +2 Pass (Any Stream) 40% Mark

**ANM**
Duration : 2 Year, Eligibility : +2 Pass (Any Stream)

**DMRT**
**DMLT**
Duration : 2 Year, Eligibility : +2 Science

**CBCA**
Certified Blood Collection Assistant
Duration : 6 months, Eligibility : 10+

Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313


# ମନେ ପଡ଼ନ୍ତି



### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ମଞ୍ଜୁଳା ବେହେରା**
ଶ୍ରୀବିହାର, ପଟିଆ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୭।୧୯୫୪
ତିରୋଧାନ: ୦୮।୧୧।୨୦୨୩
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଏବଂ ତ୍ୟାଗ ଆମେ କେବେ ଭୁଲି ପାରିବୁ ନାହିଁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା ଭଗବତୀ ଠାକୁରାଣୀଙ୍କ ନିକଟରେ ଭକ୍ତିପୂତ ନିବେଦନ ଓ ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ: ସ୍ୱାମୀ: ଶ୍ରୀଚରଣ, ପୁତ୍ର: ବିଭୁ, ବିଷ୍ଣୁ, ପୁତ୍ରବଧୂ: ବିସ୍ମିତା, ସ୍ମୃତିରେଖା, ଝିଅ: ଅନୁପମା, ଜ୍ୱାଇଁ: ବିଶ୍ୱରଞ୍ଜନ, ନାତି/ନାତୁଣୀ: ଅଙ୍କିତା, ନିକିତା, ଭୂମିକା, ଅର୍ଣ୍ଣଭ, ଜ୍ୟୋତିଗଣେଶ୍ୱର ଓ ଆତ୍ମୀୟସ୍ୱଜନ।
ଧ-୧୮୧୩

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ରେଣୁବାଳା ପଣ୍ଡା**
ଗୁଣ୍ଡିଚା ବିହାର, ପୁରୀ
ଆବିର୍ଭାବ: ୧୨।୦୯।୧୯୫୨
ତିରୋଧାନ: ୦୪।୧୧।୨୦୦୮
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:** ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୬୯୦୯୭

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଅନ୍ନପୂର୍ଣ୍ଣା ରଥ**
ଆବିର୍ଭାବ- ୨୭।୧୧।୧୯୫୨
ତିରୋଧାନ- ୨୫।୧୦।୨୦୧୭
ଆପଣଙ୍କ ଆଦର୍ଶ, ସ୍ନେହ, ତ୍ୟାଗ, ପରକୁ ଆପଣାର କରିବା ମନୋବୃତ୍ତି ଆମକୁ ସର୍ବଦା ପ୍ରେରଣା ଦେଉଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ:** ନାତି-ନାତୁଣୀ, ପୁତ୍ର-ପୁତ୍ରବଧୂ, କନ୍ୟା-ଜାମାତା, ଭ୍ରାତା-ଭଗିନୀ ଓ ଆତ୍ମୀୟସ୍ୱଜନ।
ଧ-୧୮୧୬

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ଭୋଳାନାଥ ସ୍ୱାଇଁ**
ଦିଗିତାରୀ, ଜଗତ୍‌ସିଂହପୁର
ତିରୋଧାନ: ୦୮।୧୧।୨୦୨୩
ତୁମର ଅବର୍ତ୍ତମାନରେ ଆମ ପ୍ରତି ସବୁବେଳେ ତୁମ ଆଶୀର୍ବାଦ ରହିଥାଉ। ତୁମର ଆତ୍ମା ମାଶାରଳାଙ୍କ କୃପାରୁ ଅମରତ୍ୱ ଲାଭ କରୁ, ଏତିକି କାମନା।
**ଶୋକସନ୍ତପ୍ତ:** ହତଭାଗ୍ୟ ପୁତ୍ର: ଅମର, ଜୁମର, ବାବୁନା, ପୁତ୍ରବଧୂ: ପମା, ଶଶି, ଝିଅ: ଝୁମା, ଗୁଲୁ, ନାତି: କାହ୍ନା, ମୁନା, ସିଲୁ, ଲିଜୁ, ନାତୁଣୀ: ବୁଢ଼ି, ସୁଇଟି, ମାଧୁ, ଟୁଇଁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୮୨୦

# Classified Everyday
**0674-2580101, 2549949**



**AUTOMOBILE**

**HIRE**

Wanted running condition Tata AC Vehicle or running Jeep and one running concrete Mixture Machine with Crane. 7809525452. D-75058



**REAL ESTATE**

**SALE**

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - **9658562429.** D-75270

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

ସୁନ୍ଦରପଦା, କୁହା **Petrol Pump**ରୁ **800 mtr.** ଦୂରତାରେ **30ft. road,** ଘରବାରି ପ୍ଲଟ୍ ମିଳୁଅଛି। **7978676652.** D-75266

ପିପିଲିରୁ ଜଟଣୀରୋଡ୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290. D-75267

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - **9437205314, 9937513595.** D-75265

ଭୁବନେଶ୍ୱର ରବିଟକିଜ୍ ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-1758

**Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357.** D-75264

Duplex sale Retang Railway Station, C.V Raman, Infocity-2, Bhubaneswar. 9777433701. D-75263

ଭୁବନେଶ୍ୱର ଉପକଣ୍ଠ ବାଳକାଟି, ମଞ୍ଜରୀଦେବୀ କଲେଜ, **100 ft.** ପିଚୁ ରାସ୍ତାକୁ ଲାଗି **Commercial / residential** ଘରବାରି **Boundary** ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ **9937335716.** D-75262

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479.** D-75248

Ready to move 3BHK flat Sundarpada, Urchid Residency, 65 Lakhs, negotiable, Mob. 9437331956. D-1755

30ft. ପିଚୁରୋଡ୍ ସମସ୍ତପ୍ରକାର menities ଥାଇ, Gated Society ସହ ହଂସପାଳଠାରୁ 4 K.M ଦୂରରେ ବାଲିଅନ୍ତାଠାରେ, ଘରବାଡି ପ୍ଲଟ୍ ମିଳୁଛି, 8984483230. D-75269

**ଘରବାରି ସ୍ଥିତିବାନ ଜାଗା ଭୁବନେଶ୍ୱର ଅଟଳାରେ 30ft. ରାସ୍ତା ଥାଇ ସଙ୍ଗେ ସଙ୍ଗେ ଘର କଲାଭଳି Plot 24,60,000/-ରେ Bank Loan ସୁବିଧା ଥାଇ ବିକ୍ରିହେବ - 6370469894.** D-75260

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656



**CONSTRUCTION**

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank estimate. Contact the Engineering Pvt. Ltd. 9439856856.** D-1789




**Newly benefited healthcare SPA experience therapist in Bhubaneswar. Contact: 9938843929.** D-75167

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75057

## LOST

ପ୍ରାଚୀ ରିସୋର୍ଟସ ପ୍ରାଇଭେଟ୍ ଲିମିଟେଡ୍, ଖଣ୍ଡଗିରି, ଭୁବନେଶ୍ୱର ସର୍ବସାଧାରଣଙ୍କ ଅବଗତି ପାଇଁ ଜଣାଉଛି ଯେ ଆମର ନିମ୍ନଲିଖିତ ଜମିର ମୂଳ କବଲା ଉଇ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେଇଛି। କବଲା ସଂଖ୍ୟା- 147, ତାରିଖ- 19.11.1987, ପ୍ଲଟ୍ ନଂ.- 1-5 ଏବଂ ରାଜସ୍ୱ ପ୍ଲଟ୍ ନଂ.- 209/2002, ଖାତା ନଂ.- 1134, କ୍ଷେତ୍ର- 4.175 ଏକର, ଚିତ୍ରାଙ୍କନ ନଂ.- ସି. 7684, ମୌଜା- ଜାଗମରା, ୟୁନିଟ୍-20, ଭୁବନେଶ୍ୱର- 751030. D-1817

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit before Executive Magistrate, Cuttack, I Banabihari Behera, Gatiroutpatna, Cuttack do hereby declare that in Aadhaar Card my name is Trilochan Behera. Banabihari Behera and Trilochan Behera is one and same person. D-14586

An affidavit before Executive Magistrate, Dhenkanal, I Chania Naik solemnly declared that my surname has changed from Naik to Behera. Henceforth I shall be known as Chania Behera, S/o. Late Sapani Naik, Vill- Chaulia Khamar, PO- Chaulia, PS-Sadar, Dist.- Dhenkanal for all purposes. D-75406

By an affidavit before the Notary Public, Sambalpur, I, Subashchandra Sahoo, R/o. Badakuda, PO. Badabahal, Dist. Sambalpur declare that my actual and correct name is Subashchandra Sahoo. But in Reliance Life Insurance policy bearing No.18117093 in which my name has been mentioned as Shubas Chandra Sahoo instead of Subashchandra Sahoo. That both the names belongs to one and same person. D-1821

I, Jayakrishna Khuntia, S/o- Late Kirtan Khuntia, resident of At- Sastrinagar, New Rajabati Lane, P.O/P.S/ Dist.- Nayagarh, PIN- 752069, Odisha declare by this affidavit No.- 706, dated 14.11.2023 that now onwards I shall be known as Jayakrushna Khuntia for all future purposes. D-1815

## LEGAL NOTICE

Letter No.-2629/ dt. 13.11.23

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ- ୪ ସ୍ଥାନ ସରକାରୀ ଅଫିସ, ୟୁନିଟ୍ - ୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ- ୯୮୦/୨୦୨୨

ସୁଜନ ମହାନ୍ତି .......ବାଦୀ
ବନାମ
ପୂର୍ଣ୍ଣ ଚନ୍ଦ୍ର ସାମନ୍ତରା ଏବଂ ଅନ୍ୟମାନେ ...... ପ୍ରତିବାଦୀ

ନୋଟିସ ସି.ପି. ସି. ଅର୍ଡର - ୫ ରୁଲ- ୨୦ ମୁତାବକ

୧। ପୂର୍ଣ୍ଣ ଚନ୍ଦ୍ର ସାମନ୍ତରା, ପିତା- ବ୍ରଜବନ୍ଧୁ ସାମନ୍ତରା, ସା/ପୋଷ୍ଟ/ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୨। ଅରକ୍ଷିତ ଦାସ, ପିତା- ନାରୁ ଦାସ, ସା- ପଥର ଗାଡିଆ, ପୋଷ୍ଟ - ଦାରୁଠେଙ୍ଗ, ଥାନା - ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୩। ବ୍ରଜବନ୍ଧୁ ସାମନ୍ତରା, ପିତା- ନଟବର ସାମନ୍ତରା, ୪। ଈଶ୍ୱର ମଙ୍ଗରାଜ, ପିତା- ଭାଗବତ ମଙ୍ଗରାଜ ଉଭୟଙ୍କର ସା/ପୋଷ୍ଟ/ଥାନା - ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୫। କାଳିଆ ଦାସ, ୬। କିରତନ ଦାସ, ଉଭୟଙ୍କର ପିତା- ଧରମୁ ଦାସ, ସା- ଜଗନ୍ନାଥ ପ୍ରସାଦ, ପୋଷ୍ଟ/ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୭। ଉପେନ୍ଦ୍ର ପ୍ରସାଦ ସାହୁ, ପିତା- ପ୍ରଫୁଲ କୁମାର ସାହୁ, ସା- ସିଆରିଆ, ପୋଷ୍ଟ/ଥାନା- କାନପୁର, ଜିଲ୍ଲା- କଟକ, ୮। ବିଷ୍ଣୁ ଚରଣ ପ୍ରଧାନ, ପିତା- ଶ୍ୟାମ ସୁନ୍ଦର ପ୍ରଧାନ, ସା- ବାହାରଣା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୪। ଶଶଧର ମହାପାତ୍ର, ପିତା- ବାଞ୍ଛାନିଧି ମହାପାତ୍ର, ୧୫। ଭାରତୀ ମହାପାତ୍ର, ସ୍ୱାମୀ ଯୋଗେନ୍ଦ୍ର ନାଥ ନାୟକ ଉଭୟଙ୍କର ସା- ହାଉସିଂ କଲୋନୀ ଭୁବନେଶ୍ୱର, ପୋଷ୍ଟ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୧୬। ମଳୟ କେତନ ସେନାପତି, ପିତା ବସନ୍ତ କୁମାର ସେନାପତି, ସା/ପୋଷ୍ଟ- ଧୁଳେଶ୍ୱର, ବେଣ୍ଟକାର, ଜିଲ୍ଲା- କଟକ, ୨୦। ନିତ୍ୟାନନ୍ଦ ସାମଲ, ପିତା- ଭାସ୍କର ସାମଲ, ସା- ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୨୨। ରବୀନ୍ଦ୍ର କୁମାର ମହାନ୍ତି, ପିତା- ବଟ କିଶୋର ମହାନ୍ତି, ସା- କଣିଆ, ପୋଷ୍ଟ / ଥାନା- ବାଲିକୁଦା, ଜିଲ୍ଲା- ଜଗତ୍‌ସିଂହପୁର, ୨୫। ପ୍ରିୟଦର୍ଶିନୀ ଜେନା, ପିତା- ପ୍ରଫୁଲ କୁମାର ଜେନା, ସା/ପୋଷ୍ଟ- ବାହାରଣା, ଥାନା- ଗୋବିନ୍ଦପୁର, ଜିଲ୍ଲା- କଟକ, ୨୬। ଗୀତାଞ୍ଜଳି ଦାସ, ସ୍ୱାମୀ- ପ୍ରଫୁଲ୍ଲ କୁମାର ଦାସ, ସା - ପଙ୍କପାଳ, ଥାନା- କୁଜଙ୍ଗ, ଜିଲ୍ଲା- କଟକ, ୨୮। ବିଦ୍ୟୁତପ୍ରଭା ପ୍ରଧାନ, ସ୍ୱାମୀ- ବସନ୍ତ କୁମାର ପ୍ରଧାନ, ସା- ପଏଦା, ଥାନା- ଏରସମା, ଜିଲ୍ଲା- କଟକ, ୩୨। ପ୍ରଶାନ୍ତ କୁମାର ମହାପାତ୍ର, ପିତା- ପ୍ରସନ୍ନ କୁମାର ମହାପାତ୍ର, ସା- ଏମ୍.ଆଇ. ଜି-୧/୧୭, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୩୩। ସନ୍ତୋଷ କୁମାର ସରଙ୍ଗି, ପିତା- ରଘୁନାଥ ସରଙ୍ଗି, ସା- ବିଦ୍ୟାପୁରୀ, ଥାନା- ଲାଲବାଗ, ଜିଲ୍ଲା- କଟକ, ୩୪। କାଶୀନାଥ ଯାଦବ, ପିତା- ସୁରଜଦେବ ଯାଦବ, ସା- ଜୟଚପର, ଥାନା- ଦୋକୀଟ, ଜିଲ୍ଲା- ବାଲିଆ ଉତ୍ତର ପ୍ରଦେଶ।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ. ୨, ୩ ଏବଂ ୨୦ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୧,୪,୫,୬, ୭,୮,୧୪,୧୫,୧୬,୨୨, ୨୫, ୨୬,୨୮,୩୨, ୩୩, ଏବଂ ୩୪ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି। ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅଦାଲତ ନଂ. ୪ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୦୫।୦୧।୨୦୨୪ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲ ଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ସୁନ୍ଦରପୁର, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ସାବକ ଖାତା ନଂ- ୧୦୬, ସାବକ ପ୍ଲଟ୍ ନଂ- ୭୩୫, ସବ- ପ୍ଲଟ୍ ନଂ-୫୭, ଏରିଆ ଏ.୦.୦୬୦ଡି.। ହାଲ୍ ଖାତା ନଂ- ୫୨୧, ହାଲ୍ ପ୍ଲଟ୍ ନଂ- ୩୮୬, ଏରିଆ ଏ.୦.୦୬୫ଡି.। ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର, ଅଦାଲତ ନଂ.୪ଙ୍କ ଆଦେଶ କ୍ରମେ
ସ୍ୱା./-(କୋର୍ଟ ଅଧିକାରୀ)
ଧ-୧୮୦୭

### ସପ୍ତମ ଜନ୍ମଦିନ ଶୁଭେଚ୍ଛା



**ଶିବାଂଶି ମହାରଣା (ବବ୍‌ଲି)**
୭ମ ଜନ୍ମବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ ସର୍ବଦା କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଜେଜେମା, ଅଜା, ଆଈ, ବାବା, ମାମା, ଦାଦା, ଖୁଡ଼ୀ, ମାମୁ, ମାଈଁ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୭୭୧

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ରାଜ୍ୟ କ୍ରୀଡ଼ା ଦୃଶ୍ୟପଟରେ ପରିବର୍ତ୍ତନ, ଆଥ୍‌ଲେଟିକ୍ସ ସଶକ୍ତୀକରଣ

ଭୁବନେଶ୍ୱର, ୧୭।୧୧
(ବିଜୟ ରଣା)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା କ୍ରୀଡ଼ା ଭିତ୍ତିଭୂମି ଦିନକୁ ଦିନ ସୁଦୃଢ଼ ହେବାରେ ଲାଗିଛି। ରାଜ୍ୟ କ୍ରୀଡ଼ା ବଜେଟରେ ୧୩୦୦ କୋଟି ଟଙ୍କାର ବ୍ୟୟବରାଦ ରହିଛି। ଦେଶର କୌଣସି ରାଜ୍ୟ ତୁଳନାରେ ଏହା ସର୍ବାଧିକ। ଆଥ୍‌ଲେଟିକ୍ସ ସଶକ୍ତୀକରଣ ସାଙ୍ଗକୁ ରାଜ୍ୟ କ୍ରୀଡ଼ା ଦୃଶ୍ୟପଟରେ ଅନେକ ପରିବର୍ତ୍ତନ ଘଟିଛି। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ ଏବଂ ଭୁବନେଶ୍ୱରରେ ରହିଥିବା କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ବର୍ତ୍ତମାନ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ଉଭୟ ସ୍ଥାନରେ ନୂତନ ପ୍ରତିଭାମାନ ସୃଷ୍ଟି ହେଉଛନ୍ତି, ଯେଉଁଠାରେ କି ଆଥ୍‌ଲେଟମାନଙ୍କ ଲାଗି ବିଶ୍ୱଶ୍ରେଣୀର ସୁବିଧା ସୁଯୋଗ ଉପଲବ୍ଧ ରହିଛି। କଳିଙ୍ଗ ଷ୍ଟାଡିୟମ ପରିସରରେ ଖୁବ୍ ଶୀଘ୍ର ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟର ଉଦ୍‌ଘାଟିତ ହେବାକୁ ଯାଉଛି। ଦକ୍ଷିଣ ଏସିଆର ଏହା ସର୍ବବୃହତ୍ ଇନ୍‌ଡୋର ଆଥ୍‌ଲେଟିକ୍ ଷ୍ଟାଡିୟମ ରୂପେ ପରିଗଣିତ ହେବ। ଏଥିରେ ୨,୦୦୦ ଦର୍ଶକ ଆସନ ବିଶିଷ୍ଟ ଗ୍ୟାଲେରି ସହ ୨୦୦ମିଟର ଆଥ୍‌ଲେଟିକ୍ସ ଟ୍ରାକ୍ ରହିଛି। ଏଥିରେ ଆହୁରି ମଧ୍ୟ ୮୦ ମିଟର ପ୍ଲସ୍ ୨୦ମିଟର ରନିଂ ଟ୍ରାକ୍ ରହିଛି। ପୋଲ୍‌ଭଲ୍ଟ, ଶଟପୁଟ୍, ଲଙ୍ଗ ଓ ହାଇଜମ୍ପ, ୱେଟ୍ ଟ୍ରେନିଂ ସେଣ୍ଟର, ଖେଳାଳିଙ୍କ ରହଣି ବ୍ୟବସ୍ଥା, ୬୦ ଟୁଇନ୍ ଶେୟାରିଂ ରୁମ୍ ଏବଂ ଲାଉଞ୍ଜ ରହିଛି, ଯାହାକୁ କୌଣସି ପ୍ରତିଯୋଗିତା ବେଳେ ବ୍ୟବହାର କରାଯାଇପାରିବ। କୌଣସି ପ୍ରକାର ବାହ୍ୟ ସମସ୍ୟା ଦେଖାଦେଲେ ଇନ୍‌ଡୋର ଆଥ୍‌ଲେଟିକ୍ ଷ୍ଟାଡିୟମରେ ଆଥ୍‌ଲେଟମାନଙ୍କୁ ବର୍ଷସାରା ସହାୟତା ଯୋଗାଇ ଦିଆଯାଇ ପାରିବ। ପୁନଶ୍ଚ ୧୦୦ରୁ ଅଧିକ ଆଥ୍‌ଲେଟଙ୍କ ଲାଗି ରହଣି ଏବଂ ଫୁଲ୍ ଟାଇମ୍ କୋଚିଂ ସୁବିଧା ରହିଛି। କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ରହିଥିବା ୧୦୦୦ ଆସନ କ୍ଷମତା ବିଶିଷ୍ଟ ଇନ୍‌ଡୋର ଆକ୍ୱାଟିକ୍ କମ୍ପ୍ଲେକ୍ସରେ ୫୦ମିଟର ଅଲିମ୍ପିକ ସାଇଜ୍ ସୁଇମିଂ ପୁଲ୍, ୨୫ ମିଟର ଅଲିମ୍ପିକ ସାଇଜ୍ ପୁଲ୍, ଫିଟ୍‌ନେସ ସେଣ୍ଟର, ସ୍ପୋର୍ଟ୍ସ ରିକଭରି ଫ୍ୟାସିଲିଟିଜ ଏବଂ ୨୬ ଟୁଇନ୍ ଶେୟାରିଂ ରୁମ୍ ସହ ରହଣି ସୁବିଧା ରହିଛି। ଆଗାମୀ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର ଭାରତର ସର୍ବବୃହତ୍ ଭାବେ ପରିଗଣିତ ହେବ। ଅନ୍ୟପକ୍ଷରେ କିମ୍ବଦନ୍ତୀ କୋଚ୍ ପୁଲେଲା ଗୋପୀଚାନ୍ଦଙ୍କ ତତ୍ତ୍ୱାବଧାନରେ ବ୍ୟାଡ୍‌ମିଣ୍ଟନ ଭିତ୍ତିଭୂମି ତିଆରି ଚାଲିଛି। ଏଥିରେ ୫୦୦ ଦର୍ଶକ କ୍ଷମତା ସହ ୮ ବ୍ୟାଡ୍‌ମିଣ୍ଟନ କୋର୍ଟ ରହିବ। କାଫେଟେରିଆ, ଗେଷ୍ଟ ରୁମ୍ ଓ ଜିମ୍ନାସିୟମ ରହିବ। ଆଇଟିଏଫ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଟେନିସ ସେଣ୍ଟର ରହିଛି, ଯେଉଁଠାରେ ସିନ୍ଥେଟିକ୍ ମ୍ୟାଟ୍ କୋର୍ଟ ବ୍ୟତୀତ ୧୫୦୦ ଦର୍ଶକଙ୍କ ଲାଗି ଆସନ ବ୍ୟବସ୍ଥା ରହିଛି। ଫିଟ୍‌ନେସ ସେଣ୍ଟର ବ୍ୟତୀତ ୧୮୦ ଆସନ ବିଶିଷ୍ଟ ଏକ ଅଡିଟୋରିୟମ୍ ରହିଛି। ସେହିପରି ଜିମ୍ନାଷ୍ଟିକ୍ ସେଣ୍ଟରରେ ୨୫୦ ଦର୍ଶକମାନଙ୍କ ଲାଗି ବ୍ୟବସ୍ଥା ରହିଛି। ଦେଶର ଏହା ଅନ୍ୟତମ ଶ୍ରେଷ୍ଠ ସେଣ୍ଟର ବୋଲି କୁହାଯାଉଛି। ଅନ୍ୟ ସୁବିଧା ସୁଯୋଗ ମଧ୍ୟରେ ୨୦ ଟାର୍ଗେଟ ସହ ୧୦ମିଟର ବିଶିଷ୍ଟ ଶୁଟିଂ ରେଞ୍ଜ ରହିଛି। କଳିଙ୍ଗ ହକି ଷ୍ଟାଡିୟମରେ ଦୁଇଟି ପିଚ୍ ରହିଛି। ସେହିପରି ୱେଟଲିଫ୍ଟିଂ ହଲ୍, ଫୁଟ୍‌ବଲ କମ୍ ଆଥ୍‌ଲେଟିକ୍ସ ଷ୍ଟାଡିୟମ, ଖେଲୋ ଇଣ୍ଡିଆ ଷ୍ଟେଟ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ ଏବଂ ସ୍ପୋର୍ଟ୍ସ କ୍ଲାଇମ୍ବିଂ ୱାଲ୍ ରହିଛି।


କଳିଙ୍ଗ ଷ୍ଟାଡିୟମ୍‌ରେ ନବନିର୍ମିତ ଇନ୍‌ଡୋର ଆଥ୍‌ଲେଟିକ୍ ସେଣ୍ଟର।


ସ୍ପୋର୍ଟ ସାଇନ୍ସ ସେଣ୍ଟର। (ଫଟୋ: ବିକାଶ ନାୟକ)

## ଓଡ଼ିଶା ସ୍ପୋର୍ଟ ସାଇନ୍ସ ସେଣ୍ଟର

କଳିଙ୍ଗ ଷ୍ଟାଡିୟମରେ ସ୍ପୋର୍ଟ ସାଇନ୍ସ ସେଣ୍ଟର ମଧ୍ୟ ଏବେ ଉପଲବ୍ଧ ହେବ। ଏଥିରେ ନୂଆ ପ୍ରତିଭାଧର ଖେଳାଳିଙ୍କୁ ଟ୍ରେନିଂ ପାଇଁ ଉପଯୁକ୍ତ ମାର୍ଗଦର୍ଶନ ମିଳିପାରିବ। ଏହା ବ୍ୟତୀତ ରିହାବିଲିଟେଶନ, ଇଞ୍ଜୁରି ମ୍ୟାନେଜମେଣ୍ଟ, ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ ଏବଂ ମାନସିକ ସହନଶକ୍ତି ଆଦି କ୍ଷେତ୍ରରେ ଏହା ସହାୟକ ହୋଇପାରିବ। ଏଥିରେ ଫିଜିଓଥେରାପିଷ୍ଟ, ବାୟୋ-ମେକାନିଷ୍ଟିସ୍, ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ, ସ୍ପୋର୍ଟ ସାଇନ୍ସ, ସ୍ପୋର୍ଟ ମେଡିସିନ ଡାକ୍ତର, ଡାଟା ଆନାଲିଷ୍ଟ, ନ୍ୟୁଟ୍ରିଶନିଷ୍ଟ, ସ୍ପୋର୍ଟ ସାଇକୋଲୋଜିଷ୍ଟ, ଏକ୍ସରସାଇଜ୍ ଫିଜିଓଲୋଜିଷ୍ଟ ଓ ସ୍ପୋର୍ଟ ମାସେଜ ଥେରାପିଷ୍ଟଙ୍କୁ ନେଇ ଏକ ବିଶେଷଜ୍ଞ ଟିମ୍ କାର୍ଯ୍ୟ କରିବ। ଏହି ସେଣ୍ଟରରେ ସ୍ପେଶାଲାଇଜ୍‌ଡ ଲାବ୍, ପୋଷ୍ଚୁରାଲ ଲାବ୍, ଗେଟ୍ ଲାବ୍, ରିହାବିଲିଟେଶନ ଲାବ୍, ମାଇଣ୍ଡ ଲାବ୍, ପାରା-ଆଥଲେଟ୍ ପରଫର୍ମାନ୍ସ ଲାବ୍ ଆଦି ମଧ୍ୟ ଉପଲବ୍ଧ ହେବ।

# ଓଡ଼ିଶାରୁ ଭାଗନେବେ ୭୯ ପ୍ରତିଯୋଗୀ


ଜାତୀୟ ସବ୍‌ଜୁନିୟର କରାଟେ ପାଇଁ ମନୋନୀତ ଓଡ଼ିଶା ଦଳ।

**ଜାତୀୟ ସବ୍‌ଜୁନିୟର କରାଟେ**

ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)

କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ଆନୁକୂଲ୍ୟରେ ଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମରେ ୧୮ ଓ ୧୯ ତାରିଖ ଦୁଇଦିନଧରି ଜାତୀୟ ସବ୍‌ଜୁନିୟର କରାଟେ ଚାମ୍ପିୟନଶିପ୍ ଆୟୋଜନ ହେବାକୁ ଯାଉଛି। ଏଥିପାଇଁ ମନୋନୀତ ୭୯ ଜଣିଆ ଓଡ଼ିଶା ଦଳ ଶୁକ୍ରବାର ଦିଲ୍ଲୀ ଯାତ୍ରା କରିଛି। ଏହା ମଧ୍ୟରେ ୩୪ ମହିଳା, ୩୬ ପୁରୁଷ କରାଟେକା ଏବଂ ୯ ଅଫିସିଆଲ ସାମିଲ। ଅଫିସିଆଲଙ୍କ ମଧ୍ୟରେ ରାଜୀବ କୁମାର ସିଂ ରେଫରି, ଅବିନାଶ ପୁନ୍ଦିର ମ୍ୟାନେଜର, ଦୀପକ କୁମାର ସାମନ୍ତରା, କଳିଯୁଗ ଗୋପାଳ କୃଷ୍ଣ ପ୍ରତିହାରୀ, ରାଜେନ୍ଦ୍ର ସାମଲ, ଭାଲେନା ଭାଲେଣ୍ଟିନା, କୃଷ୍ଣ ଚନ୍ଦ୍ର ମହାରଣା, କୃଷ୍ଣ ଚନ୍ଦ୍ର ନାୟକ ଓ ଅମିୟ ସାହୁ କୋଚ୍ ଦାୟିତ୍ୱ ତୁଲାଇବେ। ଓଡ଼ିଶା ରାଜ୍ୟ କରାଟେ ସଂଘ ସମ୍ପାଦକ ଗୌରୀ ମହାନ୍ତି ଓ ସଭାପତି ହରିପ୍ରସାଦ ପଟ୍ଟନାୟକଙ୍କ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## ଜୁନିୟର ବାଳିକା ହ୍ୟାଣ୍ଡବଲ ଚାମ୍ପିୟନଶିପ ଆରମ୍ଭ

କେନ୍ଦୁଝର, ୧୭।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହ୍ୟାଣ୍ଡବଲ ସଂଘ ଆନୁକୂଲ୍ୟରେ କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମଠାରେ ୨୮ତମ ଜୁନିୟର ବାଳିକା ଚାମ୍ପିୟନଶିପ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ୨ ଦିନ ଧରି ଚାଲିବାକୁ ଥିବା ବେଳେ ରାଜ୍ୟର ୧୩ ଜିଲା ଭାଗ ନେଇଛନ୍ତି। ପ୍ରଥମ ଦିନ ଯାଜପୁର ୫-୦ ଗୋଲରେ ପୁରୀକୁ, କେନ୍ଦୁଝର ୬-୩ରେ ଯାଜପୁରକୁ, ଗଞ୍ଜାମ ୭-୪ରେ ଜଗତ୍‌ସିଂହପୁରକୁ, ବଲାଙ୍ଗୀର ୪-୩ ଗୋଲରେ ଦେବଗଡ଼କୁ, ଜଗତସିଂହପୁର ୧୧-୦ ଗୋଲରେ ବଲାଙ୍ଗୀରକୁ ପରାସ୍ତ କରିଛି। ଖେଳକୁ ମାନସ ସାହୁ, ସନ୍ଦୀପ ପାତ୍ର, ଦୀପକ ମହାନ୍ତି, ତାପସ ସାହୁ, ବିଶ୍ୱରଞ୍ଜନ ପାତ୍ର, ଚନ୍ଦନ ପତ୍ରି, ରଶ୍ମି ରଞ୍ଜନ ଓଝା, ପ୍ରଦୋଷ ପ୍ରଧାନ, ସସ୍ମିତା ବିଶାଳ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅତିଥିଭାବେ ପୂର୍ବତନ ଏମ୍‌ପି ତଥା ଅନୁସୂଚିତ ଜନଜାତି କମିଶନ ସଦସ୍ୟ ଅନନ୍ତ ନାଏକ, ସମ୍ମାନିତ ଅତିଥିଭାବେ କେନ୍ଦୁଝରଗଡ଼ ମ୍ୟୁନିସିପାଲିଟି ଚେୟାରମ୍ୟାନ ନିକୁ ସାହୁ, ରାଜ୍ୟ ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଲବ ଚୌଧୁରୀ ଓ ସମ୍ପାଦକ ମାନସ ସିଂ ଯୋଗଦେଇଥିଲେ। ଜିଲା ସଂଘର ସଭାପତି ଇଂ ବସନ୍ତ କୁମାର ଦାନି ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ଋତ୍ୱିକ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଖେଳରେ ଭାଗ ନେଇଥିବା ପ୍ରତ୍ୟେକ ଟିମ୍‌ରେ ୧୬ ଜଣ ଖେଳାଳି ଓ ୨ ଜଣ ଟିମ୍ ଅଫିସିଆଲ ଅଛନ୍ତି। ସମସ୍ତ ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରି ଲିଗ୍ ମ୍ୟାଚ ଖେଳାଯାଇଛି। ପ୍ରତ୍ୟେକ ଗ୍ରୁପରୁ ଗୋଟିଏ ଲେଖାଏ ଟିମ୍ ସେମି ଫାଇନାଲକୁ ଉନ୍ନୀତ ହେବେ।

# ଅଭିନାଂଶୁ, ରିତବ୍ରତ-ଓବେରିଅନ ଚାମ୍ପିୟନ

**ଏଆଇଟିଏ-ଓଟିଏ ପୁରୁଷ ଟେନିସ**

ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)

ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ ଏଆଇଟିଏ-ଓଟିଏ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ଉଦ୍‌ଯାପିତ ହୋଇଛି। ଏହାର ସିଙ୍ଗଲ୍ସରେ ପଶ୍ଚିମବଙ୍ଗର ଅଭିନାଂଶୁ ବୋର୍ଥାକୁର ଏବଂ ଡବଲ୍ସରେ ରିତବ୍ରତ ସରକାର ଓ ୱାଟ ଓବେରିଅନ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ ଅଭିନାଂଶୁ ୬-୩, ୬-୪ ସେଟ୍‌ରେ ନିଜ ରାଜ୍ୟର ରିତବ୍ରତ ସରକାରଙ୍କୁ ପରାସ୍ତ କରିଛନ୍ତି। ସେହିପରି ପୁରୁଷ ଡବଲ୍ସ ଫାଇନାଲରେ ରିତବ୍ରତ-ଓବେରିଅନ ଯୋଡ଼ି ଓଡ଼ିଶାର ଚିନ୍ମୟ ପ୍ରଧାନ-ଆଦିତ୍ୟ ମହାପାତ୍ରଙ୍କୁ ୭-୫, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି।


ଏଆଇଟିଏ-ଓଟିଏ ଟେନିସ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

# ସର୍ବଭାରତୀୟ କୁଚ୍‌ବିହାର ଟ୍ରଫି ଆରମ୍ଭ

ସମ୍ବଲପୁର, ୧୭।୧୧ (ବି.ଶଙ୍କର)

୧୯ ବର୍ଷରୁ କମ କୁଚ୍‌ବିହାର ଟ୍ରଫି ଓଡିଶା ବନାମ ପଣ୍ଡିଚେରୀ କ୍ରିକେଟ ମ୍ୟାଚ ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଶୁକ୍ରବାର ଆରମ୍ଭ ହୋଇଛି। ଟସ୍ ଜିଣି ପଣ୍ଡିଚେରୀ ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୮୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୨୫ ରନ କରିଥିଲା। ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଖୁସୱାନ୍ତ ସିଲୋରା ୧୬୩ ବଲର ସମ୍ମୁଖୀନ ହୋଇ ୮୧ ରନ କରି ଅପରାଜିତ ରହିଥିଲେ। ଅନ୍ୟତମ ବ୍ୟାଟ୍ସମ୍ୟାନ ଯଶୱାନ୍ତ ଶ୍ରୀରାମ ୫୨ ବଲରେ ୩୨ ରନ କରିଥିଲେ। ଓଡିଶା ବୋଲର ସୟଦ ଟି ଅହମ୍ମଦ ୨୫ ଓଭରରେ ୬୪ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ଶ୍ରୀରାଜ ପଟ୍ଟନାୟକ ୧୪.୩ ଓଭରରେ ୪୦ ରନ ଦେଇ ୩ ଉଇକେଟ ନେଇଥିଲେ। ଦଳର ଅନ୍ୟତମ ବୋଲର ମହମ୍ମଦ ସୋହେଲ ଖାନ ୧୨ ଓଭରରେ ୩୮ ରନ ବ୍ୟୟ କରି ୨ଟି ଏବଂ ସାର୍ଥକ ପଣ୍ଡା ୧୨ ଓଭରରେ ୩୬ ରନ ଦେଇ ଗୋଟିଏ ଉଇକେଟ ପାଇଥିଲେ। ଏହାପରେ ଓଡିଶା ଦଳ ବ୍ୟାଟିଂ କରିବାକୁ କ୍ରିଜ୍‌କୁ ଓହ୍ଲାଇଥିଲା। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଘରୋଇ ଓଡ଼ିଶା ଦଳ କୌଣସି ଉଇକେଟ ନ ହରାଇ ୬ ଓଭରରେ ୮ରନ ସଂଗ୍ରହ କରିଛି। ଅମ୍ପାୟାର କ୍ରିଷ୍ଣେନ୍ଦୁ ପାଲ ଓ ଅମିତ ରଣା ମ୍ୟାଚ ପରିଚାଳନା କରିଥିଲେ। ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ପିଏସ୍‌ପିବି ଆନ୍ତଃ ୟୁନିଟ ଚେସ୍ ଆରମ୍ଭ

ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)

ଭାରତର ପ୍ରମୁଖ ଚେସ୍ ତାରକାଙ୍କ ସମାଗମ ଏବେ ଓଡ଼ିଶାରେ। କାରଣ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ଏଚ୍‌ପିସିଏଲ୍) ଦ୍ୱାରା ୩୩ତମ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ଆନ୍ତଃ ୟୁନିଟ ଚେସ୍ ଟୁର୍ନାମେଣ୍ଟ ଶୁକ୍ରବାର ଲେମନ ଟ୍ରି ପ୍ରିମିୟର ପରିସରରେ ଆରମ୍ଭ ହୋଇଛି। ୨୧ ତାରିଖ ପର୍ଯ୍ୟନ୍ତ ଉଭୟ ଦଳଗତ ଏବଂ ର୍‌ୟାପିଡ୍ ବର୍ଗରେ ପ୍ରତିଯୋଗିତା ହେବ। ଦଳଗତ ବିଭାଗରେ ରାଉଣ୍ଡ ରବିନରେ ୭ ରାଉଣ୍ଡ ଏବଂ ର୍‌ୟାପିଡ୍‌ରେ ୯ ରାଉଣ୍ଡ ଖେଳ ଅନୁଷ୍ଠିତ ହେବ। ୧୪ଟି ଅନୁଷ୍ଠାନ (ଦଳ)ରୁ ଦେଶର ପ୍ରମୁଖ ୧୫ ଗ୍ରାଣ୍ଡମାଷ୍ଟର, ୪ ଅନ୍ତର୍ଜାତୀୟ ମାଷ୍ଟର ଓ ଜଣେ ମହିଳା ଗ୍ରାଣ୍ଡମାଷ୍ଟରଙ୍କ ସମେତ ମୋଟ ୬୫ ଖେଳାଳି ଏଥିରେ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଖ୍ୟାତି ସମ୍ପନ୍ନ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ, କେ. ଶଶିକିରଣ, ବିଦିତ ସନ୍ତୋଷ ଗୁଜୁରାଟୀ, ସୂର୍ଯ୍ୟଶେଖର ଗାଙ୍ଗୁଲି, କୋନେରୁ ହମ୍ପି ଏବଂ ଅନ୍ତର୍ଜାତୀୟ ମାଷ୍ଟର ସୌମ୍ୟା ସ୍ୱାମୀନାଥନ ଓ ପଦ୍ମିନୀ ରାଉତଙ୍କ ପରି ଖେଳାଳି।

ପ୍ରଥମ ଦିବସରେ ଦଳଗତ ରାଉଣ୍ଡ ରବିନ ବର୍ଗରେ ୩ ରାଉଣ୍ଡ ଖେଳ ହୋଇଥିଲା। ତୃତୀୟ ରାଉଣ୍ଡରେ ପୁଲ୍-୧ ବିଭାଗରେ ଇଣ୍ଡିଆନ ଅଏଲ ୪-୦ରେ ଅଏଲ୍ ଇଣ୍ଡିଆକୁ, ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ୪-୦ରେ ଏନ୍‌ଆରଏଲକୁ ଏବଂ ଇଞ୍ଜିନିୟର୍ସ ଇଣ୍ଡିଆ ୪-୦ରେ ଇନ୍ଦ୍ରପ୍ରସ୍ଥ ଗ୍ୟାସ ଲିମିଟେଡକୁ ପରାସ୍ତ କରିଛି। ପୁଲ୍-୨ରେ ଓଏନ୍‌ଜିସି ୪-୦ରେ ଏମ୍‌ଆରପିଏଲ୍‌କୁ ଏବଂ ଓଆର୍‌ଏଲ୍ (ବି) ୩-୧ରେ ପେଟ୍ରୋନେଟ୍ ଏଲଏନ୍‌ଜିକୁ ପରାସ୍ତ କରିଛି। ଏଚ୍‌ଏମ୍‌ଇଏଲ୍ ଓ ଏଚ୍‌ପିସିଏଲ୍ (ବି) ମଧ୍ୟରେ ମ୍ୟାଚ ଡ୍ର ରହିଥିଲା। ଉଦ୍‌ଘାଟନୀ ଉତ୍ସବରେ ଅଡିଟ ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏସ୍. ବାଲଚନ୍ଦ୍ରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସି.ଆର. ବିଜୟ କୁମାର ଓ ଲଳିତ ୱାଟ୍ସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ କୁମାର ମହାପାତ୍ର, ଜ୍ୟୋତି ଶଙ୍କର ନନ୍ଦ ଏବଂ ପିଙ୍କି ମହାପାତ୍ର ପ୍ରମୁଖ ପରିଚାଳନା କରୁଛନ୍ତି।

# ନ୍ୟାଶନାଲ ଓମେନ୍ସ ହଲ୍ ଅଫ୍ ଫେମ୍‌ରେ ସେରେନା ୱିଲିୟମ୍ସ

ନ୍ୟୁୟର୍କ, ୧୭।୧୧ (ଏପି)

ଆସନ୍ତାବର୍ଷର ନ୍ୟାଶନାଲ ହଲ୍ ଅଫ୍ ଫେମ୍ ତାଲିକାରେ ମହାନ୍ ଟେନିସ ଖେଳାଳି ସେରେନା ୱିଲିୟମ୍ସ ଏବଂ ନାଗରିକ ଅଧିକାର ଆଇକନ ରୁବି ବ୍ରିଜ୍‌ଙ୍କ ନାମ ସ୍ଥାନ ପାଇଛି। ଆସନ୍ତାବର୍ଷ ମାର୍ଚ୍ଚରେ 'ଓମେନ୍ସ ହିଷ୍ଟ୍ରି ମନ୍ଥ୍' ଉତ୍ସବ ଅବସରରେ ଉଭୟଙ୍କୁ ସମ୍ମାନିତ କରାଯିବ। ସମ୍ମାନିତ ହେବାକୁଥିବା ଅନ୍ୟ ୮ଜଣଙ୍କ ନାମ ପରେ ଘୋଷଣା କରାଯିବ। କାର୍ଯ୍ୟକ୍ରମର ସ୍ଥାନ ଓ ତାରିଖ ଘୋଷଣା ପରେ ୱିଲିୟମ୍ସ ଓ ବ୍ରିଜେସ ଉପଲବ୍ଧ ହେବେ ବୋଲି ଜଣାଇଛନ୍ତି। ୪୨ ବର୍ଷୀୟ ୱିଲିୟମ୍ସ ୨୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ। ଦୀର୍ଘଦିନ ଧରି ନମ୍ବର ୱାନ ର୍‌ୟାଙ୍କିଂରେ ରହିବା ରେକର୍ଡ ତାଙ୍କ ନାମରେ ରହିଛି। ସେ ଗତବର୍ଷ ଟେନିସରୁ ଅବସର ନେଇଛନ୍ତି। ଚଳିତ ମାସରେ ସେ ପ୍ରଥମ ଆଥ୍‌ଲେଟ ଭାବେ ଆମେରିକାର କାଉନ୍‌ସିଲ ଅଫ୍ ଫେଶନ ଡିଜାଇନର୍ସ ଦ୍ୱାରା ଫେଶନ ଆଇକନ୍ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି। ୬୯ ବର୍ଷୀୟ ରୁବି ହେଉଛନ୍ତି ଜଣେ କୃଷ୍ଣକାୟ ମହିଳା। ୨୪ ବର୍ଷ ପୂର୍ବେ ସେ ରୁବି ବ୍ରିଜେସ ଫାଉଣ୍ଡେଶନ ପ୍ରତିଷ୍ଠା କରିଥିଲେ, ଯାହାକି ଶିକ୍ଷା ମାଧ୍ୟମରେ ସହନଶୀଳତା ଏବଂ ପରିବର୍ତ୍ତନକୁ ଉତ୍ସାହିତ କରିଥାଏ।



କଟକର ସତ୍ୟବ୍ରତ ଷ୍ଟାଡିୟମରେ ଶୁକ୍ରବାର ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ ଓ ସିପକ୍ ଟାକ୍ର ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ବିଭିନ୍ନ ଦଳର ପ୍ରତିଯୋଗୀ। (ଫଟୋ: ରାଜକିଶୋର ମହାନ୍ତି)



# ଅଷ୍ଟ୍ରେଲିଆ ବିପକ୍ଷରୁ ଅଭିଯାନ ଆରମ୍ଭ ଓ ଶେଷ

୨୦୨୩ ବିଶ୍ୱକପ୍‌ରେ ଭାରତ ଅକ୍ଟୋବର ୮ରେ ଅଷ୍ଟ୍ରେଲିଆ ବିପକ୍ଷରୁ ହିଁ ଅଭିଯାନ ଆରମ୍ଭ କରିଥିଲା। ଘଟଣା କ୍ରମରେ ଉଭୟ ଦଳ ମଧ୍ୟରେ ଫାଇନାଲରେ ଭାରତ ପୁଣି ଅଷ୍ଟ୍ରେଲିଆକୁ ଭେଟିବାକୁ ଯାଉଛି। ଅର୍ଥାତ୍ ଭାରତର ଅଭିଯାନ ଏଥର ଅଷ୍ଟ୍ରେଲିଆ ବିପକ୍ଷରୁ ଆରମ୍ଭ ଓ ଶେଷ ହେବାକୁ ଯାଉଛି। ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍ ମ୍ୟାଚରେ ଭାରତ ୬ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ଘରୋଇ ବୋଲରଙ୍କ ଚମତ୍କାର ବୋଲିଂର ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ୪୯.୩ ଓଭରରେ ମାତ୍ର ୧୯୯ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଷ୍ଟିଭେନ ସ୍ମିଥ୍ ସର୍ବାଧିକ ୪୬ ଓ ଡେଭିଡ ୱାର୍ନର ୪୧ ରନ କରି ପାରିଥିଲେ। ଭାରତର ୬ ଜଣ ଯାକ ବୋଲର ଉଇକେଟ ପାଇଥିଲେ। ସେମାନଙ୍କ ମଧ୍ୟରୁ ରବୀନ୍ଦ୍ର ଜାଡେଜା ୩ଟି ଏବଂ ଯଶପ୍ରୀତ୍ ବୁମ୍‌ରା ଓ କୁଲଦୀପ ଯାଦବ ୨ଟି ଲେଖାଏ ଉଇକେଟ ପାଇଥିଲେ। ୨୦୦ ରନ ବିଜୟ ଲକ୍ଷ୍ୟରେ ଭାରତ ୪୧.୨ ଓଭରରେ ୪ ଉଇକେଟ ହରାଇ ୨୦୧ ରନ ସଂଗ୍ରହ କରି ନେଇଥିଲା। ଲୋକେଶ ରାହୁଲ ୯୭ ରନ କରି ଅପରାଜିତ ରହିଥିବାବେଳେ ତାରକା ବ୍ୟାଟର ବିରାଟ କୋହଲି ସ୍କୋର କରିଥିଲେ ୮୫ ରନ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ କେବଳ ଜୋଶ୍ ହାଜେଲଉଡ୍ (୩/୩୮)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବୋଲର ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଉପରେ ସେପରି ପ୍ରଭାବ ପକାଇପାରି ନ ଥିଲେ।



ଅହମଦାବାଦ ପିଚ୍ ନିରୀକ୍ଷଣ କରୁଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା।

## ୨୦୦୩ ଫାଇନାଲରେ ଭାରତକୁ ହରାଇଥିଲା ଅଷ୍ଟ୍ରେଲିଆ

ଦିନିକିଆ କ୍ରିକେଟ ବିଶ୍ୱକପ୍ ଇତିହାସରେ ଭାରତ ଓ ଅଷ୍ଟ୍ରେଲିଆ ଏହା ପୂର୍ବରୁ ଥରେ ପରସ୍ପରକୁ ଫାଇନାଲରେ ଭେଟିଛନ୍ତି। ୨୦୦୩ ମାର୍ଚ୍ଚ ୨୩ରେ ଜୋହାନ୍ସବର୍ଗରେ ହୋଇଥିଲା ଏହି ହାଇ ପ୍ରୋଫାଇଲ ମ୍ୟାଚ। ମାତ୍ର ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ଆସିଥିବା ଭାରତକୁ ଫାଇନାଲରେ ଭାଗ୍ୟ ସାଥ୍ ଦେଇ ନ ଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଅଧିନାୟକ ରିକି ପଣ୍ଟିଂଙ୍କ ଦ୍ରୁତ ଅପରାଜିତ ଶତକ (୧୨୧ ବଲ୍‌ରୁ ୧୪୦ ରନ, ୪ ଚୌକା, ୮ ଛକା) ଓ ଡାମିଏନ ମାର୍ଟିନଙ୍କ ଅପରାଜିତ ୮୮ ରନ ବଳରେ ୫୦ ଓଭରରେ ମାତ୍ର ୨ ଉଇକେଟ ହରାଇ ୩୫୯ ରନର ବିଶାଳ ସ୍କୋର ଛିଡ଼ା କରିଥିଲା। ଆଡାମ ଗିଲକ୍ରିଷ୍ଟ ୫୭ ରନ କରିଥିଲେ। ୩୬୦ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ପକ୍ଷରୁ କେବଳ ବୀରେନ୍ଦ୍ର ସେହ୍ୱାଗ ଲଢ଼େଇ କରି ସର୍ବାଧିକ ୮୨ ରନ ସ୍କୋର କରିଥିଲେ। ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଭାରତ ୩୯.୨ ଓଭରରେ ୨୩୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଗ୍ଲେନ ମ୍ୟାକଗ୍ରା, ବ୍ରେଟ୍ ଲୀ ଓ ଆଣ୍ଡ୍ର୍ୟୁ ସାଇମଣ୍ଡ୍ସ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଘରୋଇ ପରିବେଶ ଏବଂ ବର୍ତ୍ତମାନର ଫର୍ମକୁ ପାଥେୟ କରି ଭାରତ ପୂର୍ବ ପରାଜୟର ପ୍ରତିଶୋଧ ନେବା ସମୟ ଆସିଛି। ଏହା ହୋଇପାରିଲେ ତୃତୀୟ ଥର ପାଇଁ ବିଶ୍ୱ ବିଜୟୀ ହୋଇପାରିବ ଟିମ୍ ଇଣ୍ଡିଆ।

## ଅଷ୍ଟ୍ରେଲିଆ ୮, ଭାରତ ୫

ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ମେଗା ଫାଇନାଲ ରବିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ହେବ। ବିଶ୍ୱକପ୍‌ରେ ଉଭୟ ଦଳ ମଧ୍ୟରେ ମୋଟ ୧୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ୮ଟି ମ୍ୟାଚ ଜିତିଛି ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ଅଷ୍ଟ୍ରେଲିଆ। ଭାରତ ଅବଶିଷ୍ଟ ୫ ମ୍ୟାଚରେ ବିଜୟୀ ହୋଇଛି। ଚଳିତ ବିଶ୍ୱକପ୍‌ରେ ଭାରତ କିନ୍ତୁ ଚମତ୍କାର ଫର୍ମରେ ରହିଛି। ଲିଗ୍ ପର୍ଯ୍ୟାୟରେ ୯ଟି ଏବଂ ସେମିଫାଇନାଲକୁ ମିଶାଇ ୧୦ଟି ମ୍ୟାଚ ଜିତିସାରିଛି ଟିମ୍ ଇଣ୍ଡିଆ। ଏକମାତ୍ର ଦଳଭାବେ ଅପରାଜେୟ ରହିଥିବା ରୋହିତ ଶର୍ମାଙ୍କ ଦଳ ଫାଇନାଲରେ ମଧ୍ୟ ଅଷ୍ଟ୍ରେଲିଆକୁ ହରାଇବା ଲକ୍ଷ୍ୟରେ ରହିଛି।

### ଭାରତ-ଅଷ୍ଟ୍ରେଲିଆ ବିଶ୍ୱକପ୍ ରେକର୍ଡ

| ତାରିଖ | ବିଜେତା | ବ୍ୟବଧାନ |
|---|---|---|
| ୧୯୮୩ ଜୁନ୍ ୧୩ | ଅଷ୍ଟ୍ରେଲିଆ | ୧୬୨ ରନ |
| ୧୯୮୩ ଜୁନ୍ ୨୦ | ଭାରତ | ୧୧୮ ରନ |
| ୧୯୮୭ ଅକ୍ଟୋବର ୯ | ଅଷ୍ଟ୍ରେଲିଆ | ୧ ରନ |
| ୧୯୮୭ ଅକ୍ଟୋବର ୨୨ | ଭାରତ | ୫୬ ରନ |
| ୧୯୯୨ ମାର୍ଚ୍ଚ ୧ | ଅଷ୍ଟ୍ରେଲିଆ | ୧ ରନ |
| ୧୯୯୬ ଫେବୃୟାରୀ ୨୭ | ଅଷ୍ଟ୍ରେଲିଆ | ୧୬ ରନ |
| ୧୯୯୯ ଜୁନ ୪ | ଅଷ୍ଟ୍ରେଲିଆ | ୭୭ ରନ |
| ୨୦୦୩ ଫେବୃୟାରୀ ୧୫ | ଅଷ୍ଟ୍ରେଲିଆ | ୯ ଉଇକେଟ |
| ୨୦୦୩ ମାର୍ଚ୍ଚ ୨୩ | ଅଷ୍ଟ୍ରେଲିଆ | ୧୨୫ ରନ |
| ୨୦୧୧ ମାର୍ଚ୍ଚ ୨୪ | ଭାରତ | ୫ ଉଇକେଟ |
| ୨୦୧୫ ମାର୍ଚ୍ଚ ୨୬ | ଅଷ୍ଟ୍ରେଲିଆ | ୯୫ ରନ |
| ୨୦୧୯ ଜୁନ୍ ୯ | ଭାରତ | ୩୬ ରନ |
| ୨୦୨୩ ଅକ୍ଟୋବର ୮ | ଭାରତ | ୬ ଉଇକେଟ |



ବିଶ୍ୱକପ ଫାଇନାଲ ପୂର୍ବରୁ ଶୁକ୍ରବାର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଇଣ୍ଡିଆନ ଏୟାର ଫୋର୍ସ ସୂର୍ଯ୍ୟକିରଣ ଏରୋବେଟିକ୍ ଟିମ୍‌ର ରିହର୍ସାଲ।



ଗ୍ରାଉଣ୍ଡସ୍‌ମ୍ୟାନ୍‌ମାନେ ପିଚ୍ ପ୍ରସ୍ତୁତିରେ ନିୟୋଜିତ।

## ଇଲିଂୱର୍ଥ, କେଟେଲବରୋ ଅମ୍ପାୟର

ଅହମ୍ମଦାବାଦ, ୧୭।୧୧ (ପି.ଟି.)

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବାକୁଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ଇଂଲଣ୍ଡର ରିଚାର୍ଡ ଇଲିଂୱର୍ଥ ଓ ରିଚାର୍ଡ କେଟେଲବରୋ ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ। କେଟେଲବରୋ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍‌ର ଫାଇନାଲରେ ଅମ୍ପାୟରିଂ କରିବାକୁ ଯାଉଛନ୍ତି। ପୂର୍ବରୁ ସେ ୨୦୧୫ ବିଶ୍ୱକପ୍ ଫାଇନାଲରେ କୁମାର ଧର୍ମସେନାଙ୍କ ସହ ଅମ୍ପାୟରିଂ କରିଥିଲେ। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ୯୩,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ ୨୦୧୫ ଫାଇନାଲ ଉପଭୋଗ କରିଥିଲେ। ମାତ୍ର ଅହମଦାବାଦରେ ହେବାକୁଥିବା ଫାଇନାଲରେ ଦର୍ଶକ ସଂଖ୍ୟା ୧ ଲକ୍ଷ ଟପିବା ଆଶା କରାଯାଉଛି। ଘରୋଇ ପରିବେଶରେ ଭାରତ ଟାଇଟଲ ଜିତିବା ଆଶାରେ ରହିଛି। ଇଲିଂୱର୍ଥଙ୍କ ପାଇଁ ମଧ୍ୟ ଏହା ହେବ ଦ୍ୱିତୀୟ ବିଶ୍ୱକପ୍ ଅନୁଭୂତି। ସେ ୧୯୯୨ ବିଶ୍ୱକପ୍ ଫାଇନାଲରେ ଜଣେ ଖେଳାଳିଭାବେ ପଡ଼ିଆକୁ ଓହ୍ଲାଇଥିଲେ।



ରିଚାର୍ଡ ଇଲିଂୱର୍ଥ ଓ ରିଚାର୍ଡ କେଟେଲବରୋ।

ଗ୍ରାଣ୍ଡ ଫାଇନାଲରେ ଅନ୍ୟ ଅଫିସିଆଲଙ୍କ ମଧ୍ୟରେ ତ୍ରିନିଦାଦ ଆଣ୍ଡ ଟବାଗୋର ଜୋଏଲ ୱିଲସନ ତୃତୀୟ ଅମ୍ପାୟର, ନ୍ୟୁଜିଲାଣ୍ଡର କ୍ରିସ୍ ଗାଫାନି ୪ର୍ଥ ଅମ୍ପାୟର ଓ ଜିମ୍ବାୱେର ଆଣ୍ଡି ପେକ୍ରଫ୍ଟ ମ୍ୟାଚ ରେଫରି ଦାୟିତ୍ୱରେ ରହିବେ। ଏମାନେ ସମସ୍ତେ ସେମିଫାଇନାଲ ୨ଟିରେ ମଧ୍ୟ ଅଫିସିଆଲ ଦାୟିତ୍ୱରେ ରହିଥିଲେ। ୨୦୦୯ ନଭେମ୍ବରରେ ଉଭୟ ଇଲିଂୱର୍ଥ ଓ କେଟେଲବରୋ ଆଇସିସିର ଅନ୍ତର୍ଜାତୀୟ ଅମ୍ପାୟର ଭାବେ ପ୍ରମୋଶନ ପାଇଥିଲେ। ଭାରତ-ନ୍ୟୁଜିଲାଣ୍ଡ ସେମିଫାଇନାଲରେ ଇଲିଂୱର୍ଥ ଓ ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ କେଟେଲବରୋ ଫିଲ୍ଡ ଅମ୍ପାୟର ଥିଲେ। ଉଭୟ ଅମ୍ପାୟର ଆଇସିସିର ଅମ୍ପାୟର ଅଫ୍ ଦି ଇୟର ପୁରସ୍କାର ଭାବେ ଡେଭିଡ ଶେଫର୍ଡ ଟ୍ରଫି ଜିତି ସାରିଛନ୍ତି।




ବିଶ୍ୱକପ୍ କ୍ରିକେଟ ଫାଇନାଲରେ ଭାରତର ସଫଳତା କାମନା କରି ଶୁକ୍ରବାର ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

### ଫାଇନାଲ ପଥରେ

**ଭାରତ**
- ଅଷ୍ଟ୍ରେଲିଆକୁ ୬ ଉଇକେଟରେ ହରାଇଲା
- ଆଫଗାନିସ୍ତାନ ବିପକ୍ଷରେ ୮ ଉଇକେଟରେ ବିଜୟୀ
- ପାକିସ୍ତାନକୁ ୭ ଉଇକେଟରେ ହରାଇଲା
- ବାଂଲାଦେଶକୁ ୭ ଉଇକେଟରେ ହରାଇଲା
- ନ୍ୟୁଜିଲାଣ୍ଡ ବିପକ୍ଷରେ ୪ ଉଇକେଟରେ ବିଜୟୀ
- ଇଂଲଣ୍ଡ ବିପକ୍ଷରେ ୧୦୦ ରନରେ ବିଜୟୀ
- ଶ୍ରୀଲଙ୍କାକୁ ୩୦୨ ରନରେ ହରାଇଲା
- ଦକ୍ଷିଣ ଆଫ୍ରିକାକୁ ୨୪୩ ରନରେ ହରାଇଲା
- ନେଦରଲାଣ୍ଡ୍ସ ବିପକ୍ଷରେ ୧୬୦ ରନରେ ବିଜୟୀ
- ନ୍ୟୁଜିଲାଣ୍ଡ ବିପକ୍ଷରେ ୭୦ ରନରେ ବିଜୟୀ

**(ପ୍ରଥମ ସେମିଫାଇନାଲ)**

**ଅଷ୍ଟ୍ରେଲିଆ**
- ଭାରତଠାରୁ ୬ ଉଇକେଟରେ ପରାସ୍ତ
- ଦକ୍ଷିଣ ଆଫ୍ରିକାଠାରୁ ୧୩୪ ରନରେ ପରାସ୍ତ
- ଶ୍ରୀଲଙ୍କା ବିପକ୍ଷରେ ୫ ଉଇକେଟରେ ବିଜୟୀ
- ପାକିସ୍ତାନ ବିପକ୍ଷରେ ୬୨ ରନରେ ବିଜୟୀ
- ନେଦରଲାଣ୍ଡକୁ ୩୦୯ ରନରେ ହରାଇଲା
- ନ୍ୟୁଜିଲାଣ୍ଡକୁ ୫ ରନରେ ହରାଇଲା
- ଇଂଲଣ୍ଡ ବିପକ୍ଷରେ ୩୩ ରନରେ ବିଜୟୀ
- ଆଫଗାନିସ୍ତାନ ବିପକ୍ଷରେ ୩ ଉଇକେଟରେ ବିଜୟୀ
- ବାଂଲାଦେଶ ବିପକ୍ଷରେ ୮ ଉଇକେଟରେ ବିଜୟୀ
- ଦକ୍ଷିଣ ଆଫ୍ରିକାକୁ ୩ ଉଇକେଟରେ ହରାଇଲା

**(ଦ୍ୱିତୀୟ ସେମିଫାଇନାଲ)**

## ଫାଇନାଲ ପାଇଁ ପ୍ରସ୍ତୁତି

ଅମହମ୍ମଦାବାଦ, ୧୭।୧୧ (ପି.ଟି.)

କପିଳ ଦେବଙ୍କ ଦଳ ୧୯୮୩ରେ ବିଶ୍ୱ କପ୍ ଜିତିଲା ସେତେବେଳେ ଭାରତରେ କ୍ରିକେଟ ଏକ ଅନ୍ୟତମ ଖେଳ ରହିଥିଲା। ଏହି ସଫଳତା ପାଇଁ ସେମାନଙ୍କୁ ଉପଯୁକ୍ତ ପୁରସ୍କାର ମିଳି ନ ଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ଲତା ମଙ୍ଗେସ୍କର କ୍ରିକେଟର ଜଣେ ବଡ଼ ସମର୍ଥକ ଭାବେ ଜଣାଶୁଣା ଥିଲେ। ସେ ଏକ କନସର୍ଟ ପାର୍ଟିର ଆୟୋଜନ କରିଥିଲେ, ଯଦ୍ୱାରାକି ଭାରତୀୟ କ୍ରିକେଟ ଦଳର ପ୍ରତ୍ୟେକ ସଦସ୍ୟ ଜଣକା ୧ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ପାଇପାରିଥିଲେ। ୨୦୧୧ରେ ମହେନ୍ଦ୍ର ସିଂ ଧୋନୀଙ୍କ ଦଳ ବିଶ୍ୱକପ୍ ଜିତିଲା ସେତେବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏକ ଧନଶାଳୀ କ୍ରିକେଟ ବୋର୍ଡରେ ପରିଣତ ହୋଇ ସାରିଥିଲା। ୨୦୮୩ ରୁ ୨୦୧୧ ମଧ୍ୟରେ ୨୮ବର୍ଷରେ କ୍ରିକେଟ ଏକ ଶିଳ୍ପରେ ପରିଣତ ହୋଇଯାଇଥିଲା। ଏହାର ୧୨ବର୍ଷ ପରେ ରୋହିତ ଶର୍ମା ଏବଂ ତାଙ୍କ ଦଳ ତୃତୀୟ ଥର ଦେଶ ପାଇଁ କପ୍ ଜିତିବା ଲକ୍ଷ୍ୟରେ ରହିଛନ୍ତି। ଭାରତ-ଅଷ୍ଟ୍ରେଲିଆ ଫାଇନାଲ ମ୍ୟାଚ ରବିବାର ଖେଳାଯିବ। ବର୍ତ୍ତମାନ କ୍ରିକେଟ ଦେଶ ପାଇଁ 'ସଫ୍ଟ ପାୱାର'ର ଏକ ମାଧ୍ୟମ ପାଲଟିଯାଇଛି। କୌଣସି ଦେଶ ଖେଳ ଏବଂ ସଂସ୍କୃତିକୁ ଉପଯୋଗ କରି ଜିଓ ପଲିଟିକାଲ ପ୍ରଭାବ ବିସ୍ତାର କରିବାରେ ଉପଯୋଗ କଲେ ସେ କ୍ଷେତ୍ରରେ 'ସଫ୍ଟ ପାୱାର' ଶବ୍ଦ ବ୍ୟବହାର କରାଯାଇଥାଏ। ରବିବାର ଫାଇନାଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତି, ଭାରତୀୟ ବିମାନ ବାହିନୀ ଦ୍ୱାରା ଗ୍ରାଣ୍ଡ ଏୟାର ଶୋ' କାର୍ଯ୍ୟକ୍ରମ, ଷ୍ଟାଣ୍ଡରୁ ଦୁଇ ପୂର୍ବତନ ଅଧିନାୟକ କପିଳ ଦେବ ଓ ଧୋନୀଙ୍କ ମ୍ୟାଚ ଦେଖା, ରାଜନେତା ଓ ନାମି ନାମି କଳାକାର ଓ ଅଭିନେତା ଅଭିନେତ୍ରୀଙ୍କ ଉପସ୍ଥିତି ଷ୍ଟାଡିୟମକୁ ଉତ୍ସବ ମୁଖରିତ କରିବ। ଟସ୍ ପଡ଼ିବା ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ସାମିଲ ହେବେ ବଲିଉଡ୍ ସଙ୍ଗୀତ ନିର୍ଦ୍ଦେଶକ ପ୍ରୀତମ, କଣ୍ଠଶିଳ୍ପୀ ଜୋନିତା ଗାନ୍ଧୀ ଏବଂ ବର୍ତ୍ତମାନର କୋକ୍ ଷ୍ଟୁଡିଓର 'ଗୋଟିଲୋ' ଗୀତ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଗୁଜରାଟୀ ସେନସେଶନ ଆଦିତ୍ୟ ଗାଦାଭି। ଇନିଂସ ବ୍ରେକ୍ ସମୟରେ ୫୦୦ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ଏକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ଷ୍ଟାଡିୟମରେ ଅତି କମ୍‌ରେ ୧.୩୦ ଲକ୍ଷ ଲୋକ ଖେଳ ଦେଖିବେ। ବିଶ୍ୱବ୍ୟାପୀ ଅନ୍ୟ ୧.୩୯ ବିଲିୟନ ଲୋକ ଘରେ ବସି ମ୍ୟାଚ ଉପଭୋଗ କରିବେ। ବିସିସିଆଇ ଆହୁରି ମଧ୍ୟ ୧୯୭୫ ଠାରୁ ୨୦୧୯ ପର୍ଯ୍ୟନ୍ତ ସମସ୍ତ ବିଶ୍ୱକପ୍ ବିଜୟୀ ଅଧିନାୟକଙ୍କୁ ସ୍ୱତନ୍ତ୍ର ବ୍ଲେଜର ପ୍ରଦାନ କରିବ। ଚଳିତ ବିଶ୍ୱକପ୍‌ରେ ପ୍ରତିଟି ଭାରତ ମ୍ୟାଚରେ ଷ୍ଟାଡିୟମର ଷ୍ଟାଣ୍ଡଠାରୁ ଆରମ୍ଭ କରି ଗଳିକନ୍ଦି ସର୍ବତ୍ର ନୀଳ ରଙ୍ଗ ଦେଖିବାକୁ ମିଳିବ। ଗଳିକନ୍ଦିରେ ବିରାଟ କୋହଲିଙ୍କ ୧୮ ନମ୍ବର ଓ ରୋହିତ ଶର୍ମାଙ୍କ ୪୫ ନମ୍ବର ଜର୍ସିର ଅଧିକ ଚାହିଦା ରହିବ। ଏହା ଏକ ସ୍ମରଣୀୟ ରାତି ହେବ ବୋଲି ଆଶା କରାଯାଉଛି। ତେବେ ଏହା ରୋହିତଙ୍କ ଦଳର ପ୍ରଦର୍ଶନ ଉପରେ ସବୁକିଛି ନିର୍ଭର କରୁଛି।



ନୂଆ ରୂପରେ ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମ।

# ବସନ୍ତ ଋତୁ

ଗଳ୍ପ

ପ୍ରତାପ ବିଶ୍ୱାଳ

ମୁଁ ଶୀତଦିନ ଛୁଟିରେ ହଷ୍ଟେଲରୁ ଆସି ଦେଖେ ତ ଆମ ବାଡ଼ି ପୋଖରୀ ବନ୍ଧରେ ଥିବା ଅଶ୍ୱତ୍ଥ ଗଛରେ ଗୋଟିଏ ବୋଲି ପତ୍ର ନାହିଁ। ପୂରା ଥୁଣ୍ଟା। ଭାବିନେଲି ଗଛଟା ବୋଧେ ମରିଯାଇଛି। ସବୁଆଡ଼କୁ ଚାହିଁଲି। ମା' ନେଉଳ କି ତା' ଛୁଆଙ୍କର ବି ଦେଖାନାହିଁ। କୁଆଡ଼େ ଗଲେ ସେମାନେ? କିଏ କାହିଁ ବା ମାରିଲା ଗଛଟାକୁ। ଗଛଟା ବା କାହାର କ'ଣ କ୍ଷତି କରୁଥିଲା?

ବୋଉକୁ ପଚାରିଲି। ସେ କିଛି କହିଲା ନାହିଁ। ବାପା ଖଳାରେ ଅମଳ ଧାନକୁ ଗୌଣିରେ ମାପି ବସ୍ତାରେ ପୂରାଉଥିଲେ। ସେ ବି କିଛି ଉତ୍ତର ଦେଲେନାହିଁ। ମନଟା ବିଷମୟ ହୋଇଗଲା। ତା' ପରଦିନ ପୁଣି ଗଲି ସେ ଗଛପାଖକୁ ନେଉଳ କାଳେ ଆସିଥିବାର ଭାବି। ମୋର ଗୋଟାଏ ଧାରଣା ଥିଲା ନେଉଳ ଦେଖିଲେ ଶୁଭ ହୁଏ। ସେଥିପାଇଁ ଘରେ ଥିଲାବେଳେ ମୁଁ ବିଛଣାରୁ ଉଠିଲାମାତ୍ରେ ଆଗ ଧାଏଁ ସେ ଗଛ ମୂଳ ପାଖକୁ। ଯେଉଁଦିନ ନେଉଳ ଦେଖେନାହିଁ ସେଦିନ ଭାବେ ଆଜି ଦିନରେ ସ୍କୁଲରେ ସାର୍‌ଙ୍କଠାରୁ ମାଡ଼ ଖାଇବି ନଚେତ୍ ବାପା କି ବୋଉ ପାଖରୁ ଗାଳି। ଅନେକ ଥର ବାପାଙ୍କୁ କହିଛି ନେଉଳ ଛୁଆରୁ ଗୋଟିଏ ଆଣି ପାଳିବାକୁ। ବାପା ବିରକ୍ତ ହୁଅନ୍ତି। କୁହନ୍ତି: ତୁ ପାଠ ପଢ଼ିବୁ ନା ନେଉଳ ସାଙ୍ଗରେ ଖେଳିବୁ?

ମୋର ଏବେ ଅଷ୍ଟମ ଶ୍ରେଣୀ। ଘର ଛାଡ଼ି ରୁହେ ସ୍କୁଲ ହଷ୍ଟେଲରେ। ସ୍କୁଲରେ ଥିଲେ ବି କୌଣସି ଦିନ ସକାଳୁ ମୁଁ ସେ ନେଉଳ କଥା ନ ଭାବିଛି ନୁହେଁ। ଆଜି ନେଉଳ ନ ଦେଖି ଭାବିଲି ଗଛଟା ମରିଗଲା ପରେ ଆଉ ବୋଧେ ନେଉଳମାନେ ଆସୁନାହାନ୍ତି। ମୋ' ଭିତରେ ଦୁଃଖଟିଏ ସମୁଦ୍ରେଇଗଲା।

ତା'ପରଦିନ ବୋଉକୁ ପୁଣି ପଚାରିଲି: ଗଛଟାକୁ ମାରିଲା କିଏ? ବୋଉ କହିଲା: ଗଛଟା ମରିନାହିଁ। ପତ୍ରଝଡ଼ା ଦେଇଛି। ବସନ୍ତ ପଡ଼ିଲେ ପୁଣି ପତ୍ର କଅଁଳିବ। ମୋର ମୋତେ ବିଶ୍ୱାସ ହେଉ ନ ଥିଲା ବୋଉ କଥାକୁ। ମୁଁ ପଢ଼ିଥିଲି ଗଛ ତା' ପତ୍ରରେ ରୋଷେଇ କରି ଖାଏ। ଯଦି ପତ୍ର ନାହିଁ ସେ ଖାଇବ କେମିତି। ବଞ୍ଚିବ ବା କେମିତି?

ମୋର ଶୀତଦିନିଆ ସ୍କୁଲ ଛୁଟିରୁ ଆଠଦିନ ପାର ହୋଇ ଯାଇଥିଲେ ବି ମୁଁ ଆଉ ପ୍ରତିଦିନ ପରି ସକାଳୁ ସେ ପତ୍ରଝଡ଼ା ଗଛ ପାଖକୁ ଯାଉ ନ ଥିଲି କି ସେ ନେଉଳକୁ ଖୋଜୁ ନ ଥିଲି। କିନ୍ତୁ ନେଉଳଙ୍କୁ ନ ଦେଖି ମନଦୁଃଖରେ ପ୍ରତିଦିନ ଦାଣ୍ଡପିଣ୍ଡାରେ ବସି ତାଙ୍କ କଥା ଭାବୁଥିଲି।

ସେଦିନ ଗାଁ ଭିତରେ ବୁଲୁବୁଲୁ ଦେଖା ହୋଇଗଲା ଡଲି ଅପା। ସେ ମୋ'ଠାରୁ ଛ, ସାତ ବର୍ଷ ବଡ଼ ହେଲେ ବି ଆଗରୁ ଆମେ ସାଙ୍ଗ ହୋଇ ଖେଳୁଥିଲୁ। କେତେଥର ସାଙ୍ଗ ହୋଇ ପୋଖରୀରୁ ବନିଶିରେ ମାଛ ଧରିଛୁ। ସେଇ ଅଶ୍ୱତ୍ଥ ଗଛମୂଳେ ତାଙ୍କ ବାରିରୁ କମଳା ଆଣି ଲୁଣ ଲଙ୍କା ଦଳି କଦଳୀ ପତ୍ରରେ ଚାଟିଚାଟି ଖାଇଛୁ। ଆଜି ତାକୁ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ଏଇ ଆଠଟା ମାସରେ ସେ କେତେ ବଦଳି ଗଲାଣି! ଫ୍ରକ୍ ଛାଡ଼ି ଶାଢ଼ି ପିନ୍ଧିଲାଣି। ଟିକିଏ ମୋଟା ଡଉଲଡାଉଲ ଚେହେରା ହୋଇଯାଇଛି। ଆଗଠାରୁ ସୁନ୍ଦର ଦିଶୁଛି। ସେ ଡଗଡଗ ଚାଲି ନାହିଁ। ଚାଲିରେ ଗୋଟାଏ ଛନ୍ଦ ଥିଲାପରି ଲାଗୁଛି।

ମୋତେ ଦେଖି ସେ କଥା ନ କହି ଚାଲିଗଲାବେଳେ ମୁଁ ଡାକିଲି: ଡଲି ଅପା କୁଆଡ଼େ ଯାଉଛୁ?

ସେ ମୋ' ଆଡ଼କୁ ଚାହିଁଲା। ଟିକିଏ ରହିଯାଇ କହିଲା: ମୋ' ପାଖରେ କିଛି କାମ ଥିଲା କି ତୁମର?

ମୁଁ କ'ଣ କହିବି କିଛି ଭାବିପାରିଲି ନାହିଁ। ମନକୁ ଆସିଲା ଏଇ ସେଇ ଡଲି ଅପାଟି! ତୁ ରୁ ତୁମେ ହୋଇଗଲି ଏତେ ଶୀଘ୍ର କେମିତି ମୁଁ।

ସେ ନ ରହି ଚାଲିଗଲା। ତା' ମୁହଁରେ ଲାଜ ଦିଶୁଥିଲା ପାଟଳ ରଙ୍ଗର। କଥା ଲାଗୁଥିଲା ପକ୍ଷୀଙ୍କ ଗୁଞ୍ଜନ। ଚାଲିରେ ଥିଲା ଏକ ଛନ୍ଦମୟ କବିତା। ସବୁ ଭିତରେ ମୋର କାହିଁକି ମନେହେଲା ସିଏ ଏକ ଗୁମ୍‌ସୁମ୍ ଏକାକୀ ଜହ୍ନ ରାତିଟିଏ।

କାହିଁକି ଏମିତି ହୁଏ ଯେ! ମଣିଷ ବଡ଼ ହେଲେ ସମ୍ପର୍କ ଗୁମ୍‌ସୁମ୍ ହୋଇଯାଆନ୍ତି। ଋତୁସବୁ ଚୁପ୍ ହୋଇ ଆନମନା କରିଦିଅନ୍ତି।

ସେଦିନ ରାତିରେ ମୁଁ ଏକ ଅଜବ ସ୍ୱପ୍ନ ଦେଖିଲି। ଦେଖିଲି ସେ ଅଶ୍ୱତ୍ଥ ଗଛରେ ପତ୍ର କଅଁଳିଛି। ସେଠି ଡଲି ଅପା ସହ ଆଉ ଜଣେ ପୁରୁଷ ଲୋକ ବସି କମଳା ଚକଟି ଖାଉଛନ୍ତି। ପିଲା ଦୁଇଟା ତାଙ୍କ ପାଖରେ ସେ ଗଛମୂଳେ ଖେଳୁଛନ୍ତି।

ତା' ପରଦିନ ସକାଳୁ ଉଠି ସେ ଅଶ୍ୱତ୍ଥ ଗଛ ପାଖକୁ ଯାଇ ଦେଖେ ତ ସତକୁ ସତ ସେ ଗଛଡାଳର ଅଗ୍ରଭାଗ ସବୁ ପାଟଳ ରଙ୍ଗ ଧାରଣ କରିବାକୁ ଲାଗିଲେଣି। ଗୋଟିଏ ଡାଳରେ ନୂଆ ପତ୍ର ମଞ୍ଜିରୁ ଗଜା ବାହାରିଲା ପରି ବାହାରି ଆସିବାକୁ ଆଖି ଖୋଲୁଛି। ବଡ଼ ନେଉଳ ଓ ତା'ର ଛୁଆ ଦୁଇଟି ସେ ଗଛମୂଳେ ଶାମୁକାଟାକୁ ଭାଙ୍ଗି ଖାଉଛନ୍ତି। ମୁଁ ଟିକିଏ ଛିଡ଼ା ହୋଇ ଉଠୁଥିବା ସୂର୍ଯ୍ୟଙ୍କୁ ଚାହିଁଲି। ଆଉ କିଛି ସମୟ ପରେ ସୂର୍ଯ୍ୟ ମଧ୍ୟାହ୍ନ ଆଡ଼କୁ ଢଳିବେ। ଘରକୁ ଫେରି ଆସିଲା ବେଳେ ଭାବିଲି ନିଜକୁ ନିଜେ ଟିକେ ଆଇନାରେ ଦେଖିବାକୁ। ଆଇନା ଆଗରେ ଛିଡ଼ା ହୋଇ ନିଜକୁ ଚାହେଁ ତ ଦେଖେ ମୁହଁର ନାକ ତଳକୁ ଗଜୁରି ଆସିଲାଣି ନୂଆ ପତ୍ର ପରି ନିଶ। ଦାନ୍ତ ନ ଫିଟା ହସଟା ଦରଫୁଟା କଢ଼ିପରି ଲାଗୁଛି ମୋ' ମୁହଁରେ। ମନକୁ ଆସିଲା କେତେବେଳେ ବସନ୍ତ ଋତୁ ଆସିଗଲାଣି ତାହେଲେ...।

ମୋ: ୯୪୩୭୭୪୫୯୮୩



## ପୁସ୍ତକ ପରିଚୟ

### ଅମଡ଼ା ପଥର ଯାତ୍ରୀ




**ଲେଖକ:** ନାରାୟଣ ସାହୁ
**ପ୍ରକାଶକ:** ପେନ୍ ଇନ୍ ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୩୪୯/-

ପ୍ରଚ୍ଛଦଲେଖରେ କୁହାଯାଇଛି- "ସଂଘର୍ଷରୁ ସଫଳତା ଓ ସାଧନାରୁ ସିଦ୍ଧିଯାଏଁ ଲେଖକଙ୍କ ଅବିରତ ପଦପାତର କିଛି ତିକ୍ତ-ମଧୁର ଅନୁଭୂତିକୁ ନେଇ ରଚିତ ଏ ପୁସ୍ତକ।" ପଢ଼ିଲେ ମନେହୁଏ ଏହା ନିଛକ ଆତ୍ମଜୀବନୀ ନୁହେଁ, ବରଂ ଜୀବନାନୁଭୂତିର ସୃଜନଶୀଳ ସ୍ମୃତିଲିପି। ବହିରେ ଗୋଟିଏ 'ପ୍ରବେଶକ' ଅଛି, ଯାହାକୁ ଲେଖିଛନ୍ତି ଜର୍ମାନ୍‌ରୁ ରାଜେନ୍ଦ୍ର ନାରାୟଣ ଦାସ। ସେ କହିଛନ୍ତି: "ଆତ୍ମଜୀବନୀର ଭାଷା ସରଳ, ପ୍ରାଞ୍ଜଳ ଓ ଆଟୋପହୀନ। ଏହାର ପ୍ରତ୍ୟେକ ପୃଷ୍ଠା ସଂଳାପମୟ।" କେନ୍ଦ୍ରାପଡ଼ା ଜିଲାର ଏକ ଅଭାବୀ ଗାଁ ଅରଡ଼ାସାହିରେ ଜନ୍ମିତ ସାହୁ ଆଲୋଚ୍ୟ ପୁସ୍ତକରେ ତାଙ୍କ ଜୀବନର ନାନା ଚଳନ୍ତି ଛବି ଠିକେଠିକେ ଦେଇଛନ୍ତି। ଏଥିରେ ୪୭ଟି ଅଧ୍ୟାୟ ଅଛି ଓ ପ୍ରତି ଅଧ୍ୟାୟରେ ଅଲଗା ଅଲଗା ବକ୍ତବ୍ୟ ରହିଛି। ବହିରେ ନାରାୟଣ ସାହୁ 'ମୁଁ' ନୁହନ୍ତି, 'ସେ'। ଏହି ବର୍ଣ୍ଣନାଟିକୁ ଦେଖନ୍ତୁ: "ଅଧ୍ୟାପକ ନାରାୟଣ ସାହୁଠାରୁ ନାଟ୍ୟକାର ନାରଣ ସାହୁର ଚେହେରା ନିଆରା। x x ଓଡ଼ିଆ ଏକାଙ୍କିକା ଓ ନାଟକ ତାଙ୍କୁ ଅନେକ କିଛି ଦେଇଛି। x x ଭଲ ହେବ ଆମେ ଏକାଙ୍କିକାରୁ ତା'ର ଜୟଯାତ୍ରା କଥା ଆରମ୍ଭ କରିବା।" ବହିଟି ସୁଖପାଠ୍ୟ। ଆଶା, ଏହା ପାଠକୀୟ ଆଦୃତି ଲାଭ କରିବ।

### ଉତ୍କଳ-ବାଣୀ-ନିରାଜକ




**ଲେଖିକା:** ସୁମିତ୍ରା ମିଶ୍ର
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୨୫/-

ଓଡ଼ିଶାର ଖ୍ୟାତନାମା କବି, ଯେଉଁମାନେ ପ୍ରୟାତ, ସେମାନଙ୍କୁ କବିତାରେ ଶ୍ରଦ୍ଧାଞ୍ଜଳି ଜଣାଇବାର ଏକ ଆଗ୍ରହରୁ ଏ ବହିରେ ଥିବା କବିତାଗୁଡ଼ିକର ସୃଷ୍ଟି। ଶୂଦ୍ରମୁନି ସାରଳା ଦାସଙ୍କଠାରୁ ନିକଟରେ ପରଲୋକ ହୋଇଥିବା ମନୋରମା ମହାପାତ୍ରଙ୍କ ଯାଏଁ ଲେଖିକା ତାଙ୍କ ଶ୍ରଦ୍ଧାସୁମନର ପାତ୍ରୀପାତ୍ର। ସାରଳା ଦାସଙ୍କ ସମ୍ପର୍କରେ ସେ ଲେଖିଛନ୍ତି: "ପ୍ରାଣ ପ୍ରତିଷ୍ଠାତା ଓଡ଼ିଆ ଭାଷାର/ ଉତ୍କଳ ଜାତୀୟ ଚେତନା ଆଧାର/ ଉତ୍କଳ ସଂସ୍କୃତି ସଚେତ ସାରଳା/ ସର୍ବଧର୍ମ ସମନ୍ୱିତ ତାଙ୍କ କଳା।" କବିଶେଖର ଚିନ୍ତାମଣି ମହାନ୍ତିଙ୍କୁ ଉଦ୍ଦେଶ୍ୟ କରି ଲେଖିଛନ୍ତି: "ତୁମ କାବ୍ୟ, ଖଣ୍ଡକାବ୍ୟ ଓ କବିତା ଉତ୍କଳଭାରତୀ ସରେ/ ରହିବ ଅମର ତୁମରି କଳ୍ପନା ସୁମନ ସୌନ୍ଦର୍ଯ୍ୟ ଭରେ।" ସୁମିତ୍ରାଙ୍କ ପ୍ରବେଶ ଉତ୍କଳ-ବାଣୀ-ବିତାନରେ ନୂଆ ନୂଆ ହୋଇଥିବାରୁ ଛନ୍ଦହୀନ କବିତା ଲେଖିବାର ଦୁଃସାହସ ନ କରି ସେ ଛନ୍ଦୋବଦ୍ଧ କବିତାରୁ ତାଙ୍କ ସାଧନା ଆରମ୍ଭ କରିଛନ୍ତି। ପଦାନ୍ତ ମେଳ ଓ ଅର୍ଥ ନିଷ୍ପନ୍ନ ଯଦିଓ ତ୍ରୁଟିମୁକ୍ତ ନୁହେଁ, ତେବେ କବିତା ପାଇଁ ତାଙ୍କ ଆନ୍ତରିକତା ଅଚିରେ ତାଙ୍କୁ ଓଡ଼ିଆ କବିତାରେ ଯେ ସଫଳ ସାବ୍ୟସ୍ତ କରିବ, ଏ ଆଶା ରଖାଯାଇପାରେ; କିନ୍ତୁ ଏଥିପାଇଁ ଲୋଡ଼ା ନିରଳସ ଅଭ୍ୟାସ।

## କାଳକାଳକୁ

"ଯେଉଁ ଶିଶୁଗଳ୍ପ ପଢ଼ି କେବଳ ଶିଶୁମାନେ ହିଁ ଖୁସି ହେବେ, ତାହା ଭଲ ଶିଶୁଗଳ୍ପ ନୁହେଁ"
- ସି.ଏସ୍. ଲିୱିସ୍



**ସି.ଏସ୍. ଲିୱିସ୍**ଙ୍କ ଜନ୍ମ ୨୯ ନଭେମ୍ବର ୧୮୯୮ରେ ଓ ପରଲୋକ ୨୨ ନଭେମ୍ବର ୧୯୬୩ରେ। ଏହି ଇଂଲିଶ୍ ଲେଖକ ୩୦ରୁ ଊର୍ଦ୍ଧ୍ୱ ଗ୍ରନ୍ଥର ପ୍ରଣେତା, ଯାହା ୩୦ରୁ ଅଧିକ ଭାଷାରେ ଅନୂଦିତ ହୋଇଛି। ତାଙ୍କର କେତୋଟି ପ୍ରମୁଖ ପୁସ୍ତକ ହେଲା- 'ମିୟର୍ ଖ୍ରୀଷ୍ଟିଆନିଟି', 'ଦ ଆଲିଗୋରୀ ଅଫ୍ ଲଭ୍', 'ଦ ଆବୋଲିସନ୍ ଅଫ୍ ମ୍ୟାନ୍' ଓ 'ଟିଲ୍ ୱଇ ହେଭ୍ ଫେସେସ୍'। ବିଜ୍ଞାନ-ଉପନ୍ୟାସ ଓ ଶିଶୁ ସାହିତ୍ୟ ପାଇଁ ପାଠିକାପାଠକଙ୍କ ମଧ୍ୟରେ ସୁପରିଚିତ। ତାଙ୍କର ପୂରା ନାମ କ୍ଲାଇଭ୍ ଷ୍ଟେପଲ୍‌ସ ଲିୱିସ୍।

# ପର୍ବତ ଉପରେ ଥିବା ରମଣୀୟ ସ୍ଥାନ

ଅନୁବାଦ ଗଳ୍ପ

ମୂଳ ରଚନା: ଫ୍ରେଞ୍ଜ୍ କାଫ୍‌କା
ଅନୁସୃଜନ: ଡ. ସୂଚନା ପାଢ଼ୀ

ଆଖିକୁ ଓ ମନକୁ ଆକୃଷ୍ଟ କରିବା ପରି ଥିଲା ସେ ରମଣୀୟ ସ୍ଥାନ। ପାହାଡ଼ ଶୀର୍ଷରେ ପହଞ୍ଚି କହିଲି- 'ମୁଁ ଜାଣିନି'।

ମୋ' କଥା ଶୁଣିବାକୁ ସେଠାରେ କେହି ନ ଥିଲେ। 'ମୁଁ ଜାଣିନି' ପ୍ରତିଧ୍ୱନିତ ହୋଇ ଫେରିଆସିଲା ମୋ' ପାଖକୁ। କିଏ ନାହାନ୍ତି କି? କିଏ ଥିଲେ ନିଶ୍ଚେ ମୋତେ ପଚାରିଥା'ନ୍ତା, ମୋ' ପାଖକୁ ଆସିଥା'ନ୍ତା।

ସତ କହୁଛି, ମୁଁ କାହାର କ୍ଷତି କରିନି, କେହି ମୋର କ୍ଷତି କରିନାହାନ୍ତି। କିନ୍ତୁ ଏ କଥା ସତ ଯେ, କେହି ମୋତେ ସାହାଯ୍ୟ କରନ୍ତି ନାହିଁ।

ଦେଖୁଥିଲି- ପର୍ବତର ଉପର ଜାଗାକୁ ଦଳେ ଭ୍ରମଣକାରୀ ଯାଉଥିଲେ। ସେମାନେ ଯେ ଯାହାର ଧନ୍ଦାରେ ବ୍ୟସ୍ତ। ମୁଁ ଆରାମରେ ପାହାଡ଼ ଉପର ରମଣୀୟ ଦୃଶ୍ୟ ଦେଖିବାରେ ମଗ୍ନ ଥିଲି। ମୋର କି ଦରକାର ସେଇ ଅପରିଚିତଙ୍କ ସାଙ୍ଗରେ କଥା ହେବାକୁ?

ସେମାନେ ବିଶୃଙ୍ଖଳ ମଣିଷ। ପରସ୍ପର ମଧ୍ୟରେ ଠେଲାପେଲା ହୋଇ ଉପରକୁ ଯାଉଥିଲେ, ପରସ୍ପରର ଦେହରେ ଦେହ, ହାତରେ ହାତ ବାଜୁଥିଲା। ଅବଶ୍ୟ ସମସ୍ତେ ସୁନ୍ଦର ପୋଷାକ ପରିଧାନ କରିଥିଲେ।

ପାହାଡ଼ ଶୀର୍ଷର ପ୍ରକୃତି, ଶୀତଳ ବାୟୁର ସ୍ପର୍ଶ ପୁଲକିତ କରୁଥିଲା। ଆଃ କି ଆନନ୍ଦ! କି ସୁନ୍ଦର ଜାଗା! ମନେମନେ କହୁଥିଲି।

କିଛି ସମୟ ପରେ ଥଣ୍ଡା ପବନ ବାଜି ମୋ' ତଣ୍ଟି ବସିଗଲା, ସ୍ୱର ଭାରି ଭାରି ଲାଗିଲା। ମୁଁ ଜଣେ ଗାୟକ, ରୋମାଣ୍ଟିକ୍ ଗୀତଟିଏ ଗାଇବାକୁ ଭାରି ଇଚ୍ଛା ହେଉଥିଲା ଯେ, ତଣ୍ଟି ତ ବସିଗଲା କି ଗୀତ ଗାଇଥା'ନ୍ତି? ମନଟା ଦୁଃଖ ହୋଇଗଲା।

ମୋ: ୯୪୩୮୬୦୪୮୬୫



## କବିତା

### ସ୍ୱୟଂସଂପୂର୍ଣ୍ଣା

ହୃଦାନଂଦ ପାଣିଗ୍ରାହୀ

କେହି ନ ଉଠୁଣୁ
ବଡ଼ିଭୋ'ରୁ ବିଛଣା ଛାଡ଼େ
ବହେ ପହଁରିଯାଏ ବାସିକାମରେ
ଠାକୁର ଘର ସଫାସଫି, ବାସନମଜା,
ଧୁଆଧୋଇରେ ଫର୍ଚ୍ଚା ହୁଏ ଆକାଶ।

ପିଲାଛୁଆଙ୍କୁ ନିଦରୁ ଉଠାଏ
ସବୁକିଛି ସଜଡ଼ା ସଜଡ଼ି କରି ରଖେ
ଠିକଣା ଜାଗାରେ
ଗାଧେଇ ପାଧେଇ ପାଣି ଟେକେ ପୂର୍ବପୁରୁଷଙ୍କୁ
ତୁଳସୀଚଉଁରା ମୂଳେ ପାଣି ଢାଳି
ଭୋଗବାଡ଼ି, ମୁଣ୍ଡିଆଟେ ମାରେ,
ଆଦର ଯତ୍ନ, ଆକଟରେ
ପିଲାମାନଙ୍କୁ ବଢ଼େଇ କୁଢ଼େଇ ବୁଢ଼ୀହୁଏ।

ସବୁବେଳେ ଧୀର ସମୀର, କଥାରେ ବାର୍ତ୍ତାରେ
ଯାହା ମହୁ ପରି ମିଠା
ମୁଣ୍ଡ ସିନ୍ଥିରେ ଦାଉଦାଉ
ସିନ୍ଦୂରର ଶିଖା
ଯାହା ଗୋଟେ ନାରୀର ସୌଭାଗ୍ୟ
ଜନ୍ମଜନ୍ମର ବାସ୍ନାମିଶା ଆଶା ଓ ଭରସା।

ସୁନାଦିହକୁ ଚୂନା କରି ସେ ଖଟେ, ରାତିଦିନ
କେବେ ବୁଝିବାକୁ ଚେଷ୍ଟା କରିନି
ଏମିତିକା ଭାଗ୍ୟଟିଏ ଆଉ କିଏ ପାଇଚି କି ନାହିଁ,
ପବନ ଉଡ଼େଇ ନିଏ ତା' ରାଗରୋଷ
ଶୀତଳ ପାଣି ମୁନ୍ଦାଏ ଧୋଇନିଏ ତା' ଅଭିମାନ
ସୁଖଭୁଞ୍ଜେ, ଦୁଃଖଭୁଞ୍ଜେ
ନିଜ ଶରଧାକୁ ଢାଳିଢୁଳି ବଞ୍ଚେ।

ସବୁ ବାଢ଼ିବୁଢ଼ି ଦେଲା ପରେ
ଯେତିକି ବି ବଳେ, ସେତିକି ପେଟକୁ ଯାଏ
କେବେ ପେଟ ନ ପୂରିଲେ ବି
ପୂର୍ଣ୍ଣ ହୋଇଗଲା ଭାବି ନିଦଯାଏ
ଆଉ କେବେ ପଣତ କାନିରେ ଲୁହ ପୋଛି
ନିଜକୁ ଭାବେ ସ୍ୱୟଂସଂପୂର୍ଣ୍ଣା
ଏତିକି ଜାଣିଚି
ଫୁଟିଥିବା ଜହ୍ନିଫୁଲଟିଏ ପରି
ସେ ଝରିଯିବ ଦିନେ,
ମେଘ, ଖରା, ଛାଇ ଆଲୁଅକୁ ପଛକରି
ଏଇଠୁ ଦିନେ ଚାଲିଯିବ, ତା' ଅନ୍ତିମ ଯାତ୍ରାରେ।

ମୋ: ୯୪୩୭୯୮୭୪୨୯

### ତନ୍ତ୍ରାଚାର

ଉମା ଶଙ୍କର ପାଳ

ସିଂହ ରାଜବଂଶର ଏକଛତ୍ର ଶାସନ
ଖଟିଖିଆ ଗଧ, ବଳଦଙ୍କୁ
ପୁରୁଷାନୁକ୍ରମିକ ଶୋଷଣ,
ପ୍ରଜାତାଡ଼ନ ବିରୁଦ୍ଧରେ ପଶୁମେଳି
ସିଂହକୁ କରି ହତ୍ୟା, ଦଖଲ କରି ଗୁମ୍ଫା
ବିପ୍ଳବୀ ନେତା ହେଲେ
ସାମ୍ୟ ଶାସନର ଉପଦେଷ୍ଟା
ନବ ଶାସକଗଣ ନିଜ ଭିତରେ
ହେଇ କୋଳାକୋଳି
ସର୍ବହରାଙ୍କ ଦୁଃଖ ଗଲେ ଭୁଲି
ଯିଏ କଲା ପ୍ରତିବାଦ, ଖାଇଲା ଗୁଳି।

ଶାସକମାନଙ୍କ ମଧ୍ୟରେ ଭିଆଇ ଭେଦ
ଅନ୍ତର୍ବିବାଦର ନେଇ ସୁଯୋଗ
କଳ ବଳ କୌଶଳରେ
ସାମ୍ରାଜ୍ୟବାଦ ବିସ୍ତାରକଲା ରାଜ୍ୟ
ଲୁଟି ଚାଲିଲେ ଖଣି, ଖାଦାନ, ଧନ ସମ୍ପଦ।
କେଉଁ ମୁକ୍ତିପୁରୁଷର ଡାକରାରେ
ଯେବେ ପଶୁଜାତିର ଭାଙ୍ଗିଲା ନିଦ
ଶ୍ରୀହୀନ ହୋଇ ସାରିଥିଲା ରାଜ୍ୟ
ଗଣପଶୁତନ୍ତ୍ରର ପ୍ରତିଷ୍ଠା ନିମନ୍ତେ
ହେଲା ଆନ୍ଦୋଳନ, ଅସହଯୋଗ
ସଂଗ୍ରାମୀମାନଙ୍କୁ ଜେଲ୍,
ଫାଶୀ, କଳାପାଣି ଭୋଗ
ଗଣବିଦ୍ରୋହରେ ସାମ୍ରାଜ୍ୟବାଦର
ଦୁର୍ଗ ପତନ ପରେ ସ୍ୱାଧୀନ ଜଙ୍ଗଲରେ
ଉଡ଼ିଲା ପଶୁଜାତିର ଧ୍ୱଜା।

ଶାସନ ସଦନର ସଭ୍ୟପଦ ପାଇଁ
ସିଂହ ଶଶକ ଲଢ଼ିଲେ ନିର୍ବାଚନ
ଚତୁର ରାଜନୀତିରେ ଶୃଗାଳ
ହାସଲ କଲା ରାଜାସନ
ସମାଜବାଦକୁ ବାଣ୍ଟି ପୋକରା ଚାଉଳ
ପୁଞ୍ଜିବାଦୀମାନେ ଭରିଚାଲିଲେ ଥାଳ
ଏତେ ସବୁ ବାଦ, ତନ୍ତ୍ରର
ପରୀକ୍ଷା ନିରୀକ୍ଷା ପରେ ବି
ଦଳିତ ଗଧ ବଳଦମାନେ
ତଥାପି ଥିଲେ ଦୁର୍ବଳ।

ମୋ: ୯୫୫୬୮୮୮୭୦୮

### ପାଞ୍ଚଟି ଏକପଦୀ

ବିଷ୍ଣୁ ମୋହନ

॥ ୧ ॥
ମୁଁ ଏହି ଧରାର ଅଟଇ କୁମୁଦ
ତୁମେ ସରଗ ଚାନ୍ଦ
ଘନ ରାତ୍ରିରେ ବିଜନ ବେଳାରେ
ଦେଖିହୁଏ ଗଦଗଦ।

॥ ୨ ॥
ପାଖୁଡ଼ା ମେଲାଇ ହସୁଥାଏ ମୁହିଁ
ଜୋଛନା ପରଶ ପାଇ
ଲାଗଇ ଯେପରି ତୁମ ଆଲିଙ୍ଗନେ
ପାଗଳ ହୁଅଇ ମୁହିଁ।

॥ ୩ ॥
ରାତିସାରା ମୁହିଁ ଉଜାଗରେ ରହି
ଦେଖେ ଝଲମଲ ରୂପ
ସକାଳ ଆସିଲେ ସବୁ ସରିଯିବ
ଲିଭିବ ଜୀବନ-ଦୀପ।

॥ ୪ ॥
ଅଦ୍‌ଭୁତ ଏହି ସୃଜନ ରହସ୍ୟ
ଧନ୍ୟ ସେ ଯାଦୁଗର
ଏଡ଼ାଇବାକୁ ଏ ସୃଷ୍ଟି ନିୟମ
ଶକତି ନାହିଁ କାହାର।

॥ ୫ ॥
ଫିକାଫିକା ହେବ ରୂପଟି ମୋହର
ମରଣ କୋଳେଇ ନେବ
ନ ଦେଖିଣ ମୋତେ ତୁମ ଅନ୍ତର
ବିଷାଦରେ ଭରିଯିବ।

ମୋ: ୭୨୦୫୭୫୮୨୫୫

# ବୟସ

କ୍ଷୁଦ୍ରଗଳ୍ପ

ଦେବେନ୍ଦ୍ର କର

ସହର ମଝିରେ ରହୁଥିଲେ ଜଣେ ବୃଦ୍ଧଦମ୍ପତି, ଯାହାଙ୍କର ତିନି ତିନିଟା ପୁଅ ଏବେ ଦୂର ସହରର ସ୍ଥାୟୀ ବାସିନ୍ଦା। ବୃଦ୍ଧା ମା' ସବୁ ସମୟରେ ବିରକ୍ତି ପ୍ରକାଶ କରନ୍ତି, କାରଣ ପିଲାମାନେ ତାଙ୍କ ପାଖକୁ ଆସିବାକୁ ଆଦୌ ମଙ୍ଗୁ ନ ଥିଲେ। ଧୀରେ ଧୀରେ ଫୋନ୍‌ରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା। ଏପଟେ ବୃଦ୍ଧା ମା' ଅଧିକରୁ ଅଧିକ ଅଶାନ୍ତ ହେଉଥିଲେ। ବୃଦ୍ଧ କିନ୍ତୁ ସବୁବେଳେ ଗୋଟିଏ କଥା କୁହନ୍ତି- ଆମେ ଏକା ଆସିଥିଲେ ଏକା ଯିବା, ଏଣୁ କାହାରି ଉପରେ କେବେ ନିର୍ଭର କିମ୍ବା କାହାରିଠାରୁ କିଛି ଆଶା କରିବାନି। ତା'ପରେ ଆମକୁ ଏମିତି କେତେ ବା ବୟସ। ଆମଠାରୁ ଆହୁରି ଅଧିକ ବୟସର ଦମ୍ପତି ଏକୁଟିଆ ରହୁଛନ୍ତି। ଭଗବାନ୍ ହାତଗୋଡ଼ ଦେଇଛନ୍ତି ଆଉ ଆମେ ବି ସମ୍ପୂର୍ଣ୍ଣ ନିରୋଗୀ। ଏହାଠାରୁ ଆମ ପାଇଁ ଆଉ କ'ଣ ବଡ଼ କଥା ଅଛି। ଯେ ପର୍ଯ୍ୟନ୍ତ ପାରୁଛ ନିଜକୁ ଉପଯୋଗ କରିବା, ତେଣିକି ଯାହା ହେବ ଦେଖାଯିବ। ଦୃଢ଼ ମନୋବଳ ଆଗରେ ବୟସ ବି ହାର ମାନେ। ଜୀବନର ଶେଷ ପର୍ଯ୍ୟନ୍ତ ଆତ୍ମନିର୍ଭରଶୀଳ ହୋଇ ବଞ୍ଚିବା ହିଁ ସୌଭାଗ୍ୟର କଥା। ସବୁବେଳେ ବୃଥା ଚିନ୍ତାରେ ସମୟ କାଟିଲେ କାହାରି କିଛି ତ କ୍ଷତି ହେବନି ଓଲଟା ନିଜେ ହିଁ କଷ୍ଟ ପାଇବା। ନିଜ ମନୋବଳ ପାଖେ କିଛି ବି ଅସମ୍ଭବ ନୁହଁ। ବୃଦ୍ଧଙ୍କ ଧର୍ମପତ୍ନୀ କିନ୍ତୁ ଏସବୁ କଥାକୁ ଆଦୌ ଗ୍ରହଣ କରିପାରନ୍ତି ନାହିଁ। ମନର ରାଗ, କ୍ଷୋଭ ଦିନକୁ ଦିନ ତୀବ୍ରତର ହେଉଥାଏ। ସେଦିନ ବୃଦ୍ଧଙ୍କର ଜଣେ ବାଲ୍ୟବନ୍ଧୁ ଏ ବାବଦରେ ପରାମର୍ଶ ଦେଇ କହିଲେ, ଆପଣ ଦୁହେଁ ପ୍ରତିଦିନ ପ୍ରାତଃଭ୍ରମଣରେ ଯାଆନ୍ତୁ ମନ ଫୂର୍ତ୍ତି ରହିବ ଆଉ ସକାଳର ମୁକ୍ତ ପବନ ଦେହମନକୁ ହିତକର। ହଁ ଗୀତା, ଭାଗବତ, ପୁରାଣ ଶାସ୍ତ୍ର ପଢ଼ିବା ସହିତ ଆଖପାଖରେ ଗଛଲତା ଲଗାଇ ଯତ୍ନ ନିଅନ୍ତୁ ଦେଖିବେ ଜୀବନରେ ଏକାନ୍ତ ଅନୁଭବ ସ୍ପର୍ଶ ବି କରିବ ନାହିଁ।

ବନ୍ଧୁଙ୍କ ପରାମର୍ଶକ୍ରମେ ବୃଦ୍ଧଦମ୍ପତି ତହିଁଆରଦିନ ପ୍ରାତଃଭ୍ରମଣରେ ବାହାରିଲେ। ବୃଦ୍ଧାମା' ଘରୁ ବାହାରୁ ବାହାରୁ କହି ଉଠିଲେ କେହି ଜଣେ ବି ରାସ୍ତାରେ ନାହାନ୍ତି। ଆଖପାଖର ସମସ୍ତେ ସାଙ୍ଗ ହୋଇ ଚାଲିଲେ ସିନା ଭଲ ଲାଗିଥା'ନ୍ତା। ବୃଦ୍ଧ ବୁଝାଇବାକୁ ଯାଇ କହିଲେ- ଆମେ ଚାହୁଁଥିବା ମୁତାବକ ଯେ ସବୁକିଛି ହେବ ଏପରି ଭାବିବା ସମ୍ପୂର୍ଣ୍ଣ ବୋକାମି। ସର୍ବଦା ନିଜେ ଜଣେ ପୂର୍ଣ୍ଣ ସକ୍ଷମ ଏକଥାକୁ ମନରେ ଦୃଢ଼ ଭାବରେ କାଏମ ରଖ। ବୃଦ୍ଧା ଆଉ କିଛି ନ କହି ଆଗକୁ ପାଦ ବଢ଼େଇଲେ। ଅଳ୍ପ ବାଟ ପରେ ବୃଦ୍ଧାମା' ମନକୁମନ ଗୁଣୁଗୁଣୁ ହେବାକୁ ଲାଗିଲେ। ବୃଦ୍ଧ ନିଶ୍ଚିତ ଥିଲେ ଏସବୁ ଶବ୍ଦ କେବଳ ପୁଅବୋହୂଙ୍କ ଉଦ୍ଦେଶ୍ୟରେ। ସୂର୍ଯ୍ୟଦେବଙ୍କର ଏପର୍ଯ୍ୟନ୍ତ ଆଗମନ ହୋଇ ନ ଥାଏ। ନିରୋଳା ନିଃଶବ୍ଦ ସହରୀ ରାସ୍ତା। କିଛି ବାଟ ଚାଲବୁଲ ପରେ ଦୁହେଁ ଫେରନ୍ତା ରାସ୍ତା ଧରିଲେ। ଏଇ ସମୟରେ ପାଖ ମନ୍ଦିରରୁ ଭଜନ ସ୍ୱର ଭାସି ଆସିଲା- ଆସିଚୁ ଏକା ଯିବୁ ତୁ ଏକା, ନଯିବେ ତୋ' ସଙ୍ଗେ କେହି ଜଣେ, ଏକା ସାଥେ ଥିବ କର୍ମ ତୋହର। ଧର୍ମପତ୍ନୀଙ୍କ ମନକୁ ଆଉ ଟିକେ ହାଲୁକା କରିବାକୁ ଯାଇ ବୃଦ୍ଧ ମୁହଁ ଖୋଲିଲେ। ଭଜନର ସାରମର୍ମ ବୁଝିଲ ତ! ଆମେ ଏକା ଆସିଥିଲେ ଏକା ଯିବା ଆଉ ଗଲାବେଳେ ଆମ ସହିତ କେବଳ ଆମ କର୍ମ ସାଥୀ ହୋଇଥିବ। ଏଇଟା ହିଁ ଜୀବନର ବାସ୍ତବ ସତ୍ୟ। ଆମେ ଖାଲି ବୃଥାରେ ଖାଲି ମୋର ଏଇଟା ମୋର ସେଇଟା କହି ବାଡ଼େଇପିଟି ହେଉଚ। ସମ୍ପର୍କ ଗଢ଼ିଥିଲେ ବେଳଅବେଳରେ ସଭିଏଁ ହୋଇବେ ସାହା। ରକ୍ତର କେହି ନ ହେଲେ ନାହିଁ ଆମ ଶାଇପଡ଼ିଶା, ବନ୍ଧୁବାନ୍ଧବ ତ ଅଛନ୍ତି। ଏବେ ଭୁଲିଯାଅ ବୟସ କଥା, ଆମେ ସକ୍ଷମ ଆଉ ନୀରୋଗ। ଅନ୍ୟ ସାଧାରଣ ବ୍ୟକ୍ତିଙ୍କ ପରି ଆମେ ବି ବଞ୍ଚିବା। ଅଲଜ୍ୱେଜ୍ ବି ପଜେଟିଭ। ସବୁ ସମୟରେ କ୍ଷୋଭ ପ୍ରକାଶ କରି କେହି କେବେ ଆତ୍ମସନ୍ତୋଷ ପାଏନି ବରଂ ଦୁନିଆ ଆଗରେ ସେ ଜଣେ ଦୁର୍ବଳ ଆଉ ଅସନ୍ତୋଷ ମଣିଷର ପରିଚୟଦିଏ। ଘର ପାଖେଇ ଆସିଲା। ଧର୍ମପତ୍ନୀ ମୁହଁ ଖୋଲିଲେ, ତୁମେ ଏମିତି ସଦାବେଳେ ମୋ' ପାଖେ ଥାଇ ମତେ ସାହସ ଦେଉଥାଅ। ତୁମର ପ୍ରତିଟି ଶବ୍ଦ ହେଉ ମୋ' ମନୋବଳର ପୁଞ୍ଜି। ଉଭୟଙ୍କ ମୁଖମଣ୍ଡଳରେ ହାଲୁକା ହସଟେ ଫୁଟି ଉଠିଲା। ଯେମିତି ଦୁଃଖ ଅବସୋସର ସାମାନ୍ୟତମ ଆଭାସ ନଥିଲା, ଟିକେ ଯାହା କେବଳ କ୍ଲାନ୍ତ ଦିଶୁଥିଲେ।

ମୋ: ୯୯୩୭୯୬୩୯୧୦



# ୮୬ ବର୍ଷୀୟ ସୁବ୍ରମଣ୍ୟମ ଜିତିଲେ ୪ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୧୭।୧୧ (ପି.ଟି.)**

ଭାରତର ୮୬ବର୍ଷୀୟ କେ. ସୁବ୍ରମଣ୍ୟମ ଫିଲିପାଇନ୍ସରେ ଅନୁଷ୍ଠିତ ଏସିଆନ ମାଷ୍ଟର୍ସ ଆଥ୍‌ଲେଟିକ୍ସ ମିଟ୍‌ରେ ୪ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସୁବୁ ନାମରେ ପରିଚିତ ଏହି ଆଥ୍‌ଲେଟ ୮୫ ବର୍ଷରୁ ଉର୍ଦ୍ଧ୍ୱ କାଟେଗୋରିରେ ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ହାଇଜମ୍ପ ଓ ଜାଭେଲିନ୍ ଥ୍ରୋ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାମିଲନାଡୁର ପୋଲାଚି ନାମକ ଏକ ଛୋଟ ସହରରେ ଜନ୍ମ ଗ୍ରହଣ

## ଏସିଆନ ମାଷ୍ଟର୍ସ ଆଥ୍‌ଲେଟିକ୍ସ ମିଟ୍

କରିଥିବା ସୁବୁଙ୍କର ବାଲ୍ୟକାଳରୁ କ୍ରୀଡ଼ା ପ୍ରତି ଆଗ୍ରହ ରହି ଆସିଛି। ସେ ନିଜକୁ ଜଣେ ଆଥ୍‌ଲେଟ ଭାବେ ଗଢ଼ି ତୋଳିଛନ୍ତି। ୮୦ବର୍ଷ ଅତିକ୍ରମ କରିଯାଇଥିଲେ ସୁଦ୍ଧା ଏବେ ବି ସେ ଆଥ୍‌ଲେଟିକ୍ସକୁ ଗୁରୁତ୍ୱ ଦେଉଛନ୍ତି। ଏସିଆନ ମାଷ୍ଟର୍ସରେ ଭାଗ ନେବା ଲାଗି ଫିଲିପାଇନ୍ସ ଗସ୍ତ କରିବା ପୂର୍ବରୁ ସେ ନିଜେ ଭଲରୂପେ ଟ୍ରେନିଂ ନେଇଛନ୍ତି। ପ୍ରତିଯୋଗିତା ପାଇଁ ସେ ନିଜେ ଏକାକୀ ଯାତ୍ରା କରିଥିଲେ। ଏହା ତାଙ୍କ ଅଦମ୍ୟ ଉତ୍ସାହର ଆଉ ଏକ ପ୍ରମାଣ ଦେଉଛି। ତାମିଲନାଡୁ କ୍ରୀଡ଼ାମନ୍ତ୍ରୀ ଉଦ୍ୟାନିଧି ଷ୍ଟାଲିନ୍ ସୋସିଆଲ ମିଡିଆରେ ତାଙ୍କର ଏକ ପୋଷ୍ଟରେ ସୁବୁଙ୍କ ଉପଲବ୍ଧିକୁ ସ୍ୱୀକୃତି ଦେଇଛନ୍ତି। ଏହି ବର୍ଷିଆନ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ସରକାରଙ୍କ ତରଫରୁ ଖୁବ୍ ଶୀଘ୍ର ସମ୍ବର୍ଦ୍ଧିତ କରାଯିବ ବୋଲି ପ୍ରକାଶ କରିଛନ୍ତି। କ୍ରୀଡ଼ାରେ ବଡ଼ ସଫଳତା ହାସଲ କରିବାକୁ ବୟସ କୌଣସି ପ୍ରତିବନ୍ଧକ ନୁହେଁ ବୋଲି ସେ କହିଛନ୍ତି।



କେ. ସୁବ୍ରମଣ୍ୟମ

# ଜୟପୁରରେ ସ୍ଥାପନ ହେବ କୋହଲିଙ୍କ ମହମ ପ୍ରତିମୂର୍ତ୍ତି

**ଜୟପୁର, ୧୭।୧୧**

ସ୍ଥାନୀୟ ନହରଗଡ଼ ଦୁର୍ଗସ୍ଥିତ ୱାକ୍ସ ମ୍ୟୁଜିୟମରେ କ୍ରିକେଟ ଷ୍ଟାର ବିରାଟ କୋହଲିଙ୍କ ଏକ ମହମ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍ ସେମିଫାଇନାଲରେ ଭାରତର ବିଜୟ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ମ୍ୟାଚରେ କୋହଲି ଦିନିକିଆ କ୍ରିକେଟରେ ତାଙ୍କର ୫୦ତମ ଶତକ ହାସଲ କରିଥିଲେ। ଜୟପୁର ୱାକ୍ସ ମ୍ୟୁଜିୟମର ପ୍ରତିଷ୍ଠାତା- ନିର୍ଦ୍ଦେଶକ ଅନୁପ ଶ୍ରୀବାସ୍ତବ କହିଛନ୍ତି, ବିରାଟ କୋହଲିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପର୍ଯ୍ୟଟକମାନଙ୍କ ବହୁଦିନର ଦାବି ରହିଥିଲା। କୋହଲି ବର୍ତ୍ତମାନ ବିଶ୍ୱ କ୍ରିକେଟର ଉଚ୍ଚତମ ସ୍ତରରେ ପହଞ୍ଚିଯାଇଛନ୍ତି। ପୁନଶ୍ଚ ଭାରତ ବିଶ୍ୱ ଚାମ୍ପିୟନଶିପ୍ ଟ୍ରଫିର ନିକଟତର ହୋଇଛି। ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଏହା ହେଉଛି ଶ୍ରେଷ୍ଠ ମୁହୂର୍ତ୍ତ। ଶ୍ରୀବାସ୍ତବ କହିଛନ୍ତି ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି ନିକଟରେ କୋହଲିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ, ଯାହାଙ୍କୁ ସେ ତାଙ୍କର ଆଦର୍ଶ ବୋଲି ମନେକରିଥାନ୍ତି। ଅନୁପ ଶ୍ରୀବାସ୍ତବଙ୍କ ଅନନ୍ୟ ନିର୍ଦ୍ଦେଶନାରେ ଦୁଇ ସ୍ଥପତି ଗଣେଶ ଓ ଲକ୍ଷ୍ମୀନାରାୟଣ ପ୍ରତିମୂର୍ତ୍ତି ନିର୍ମାଣ କରୁଛନ୍ତି। ମୂର୍ତ୍ତିଟିର ପୋଷାକ ବଲିଉଡ ଡିଜାଇନର ବୋଧ ସିଂ ପ୍ରସ୍ତୁତ କରୁଛନ୍ତି। ଜୟପୁର ୱାକ୍ସ ମ୍ୟୁଜିୟମରେ କ୍ରିକେଟର 'କ୍ୟାପଟେନ କୁଲ୍' ଭାବେ ପରିଚିତ ମହେନ୍ଦ୍ର ସିଂ ଧୋନୀଙ୍କର ଏକ ମହମ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି। ଶ୍ରୀବାସ୍ତବ କହିଛନ୍ତି, ଆମେ ମହାନ୍ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାର ମୂଳ ଉଦ୍ଦେଶ୍ୟ ହେଲା ଏହା ଆଗାମୀ ପିଢ଼ିକୁ ପ୍ରେରଣା ଦେବ। ମ୍ୟୁଜିୟମରେ ମୋଟ ୪୩ଟି ପ୍ରତିମୂର୍ତ୍ତି ଇତିମଧ୍ୟରେ ସ୍ଥାପିତ ହୋଇସାରିଛି। ନିକଟରେ ସ୍ୱାମୀ ବିବେକାନନ୍ଦଙ୍କ ଏକ ମହମ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି।




# ମେସିଙ୍କ ଆର୍ଜେଣ୍ଟିନା ଦଳର ପ୍ରଥମ ପରାଜୟ

**ବୁଏନ୍ସଏୟାର୍ସ, ୧୭।୧୧(ଏପି)**

ବିଶ୍ୱକପ୍ ଟାଇଟଲ ପରେ ଆର୍ଜେଣ୍ଟିନା ଫୁଟ୍‌ବଲ ଦଳ ଏହାର ପ୍ରଥମ ପରାଜୟ ବରଣ କରିଛି। ଲା ବମ୍ବୋନେରା ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଆଗାମୀ ବିଶ୍ୱକପ୍‌ର କ୍ୱାଲିଫାଇଂ ମ୍ୟାଚରେ ଉରୁଗୁଏ ୨-୦ ଗୋଲ୍‌ରେ ଲିଓନେଲେ ମେସିଙ୍କ ଆର୍ଜେଣ୍ଟିନା ଦଳକୁ ହରାଇ ଦେଇଛି। ନୂଆ କୋଚ୍ ମାର୍ସିଲୋ ବିଲିସାଙ୍କ ଅଧୀନରେ ଉରୁଗୁଏର ଏହା ହେଉଛି ସବୁଠାରୁ ବଡ଼ ବିଜୟ। ଗତବର୍ଷ କାତାର ବିଶ୍ୱକପ୍‌ରେ ସାଉଦି ଆରବ ବିପକ୍ଷ ଗ୍ରୁପ୍ ମ୍ୟାଚ ପରାଜୟ ପରେ ଆର୍ଜେଣ୍ଟିନା ଦଳ ଏପର୍ଯ୍ୟନ୍ତ ଅପରାଜେୟ ରହିଥିଲା। କ୍ୱାଲିଫାଇଂରେ ବ୍ରାଜିଲର ଖରାପ ପ୍ରଦର୍ଶନ ଜାରି ରହିଛି। ରାଉଣ୍ଡ ରବିନ ପ୍ରତିଯୋଗିତାରେ କଲମ୍ବିଆ ଏହି ଦଳକୁ ୨-୧ ଗୋଲରେ ପରାଜିତ କରିଛି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ